# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ’ ୧୬/୨୦୨୩ (୧୮ ପୃଷ୍ଠା) | Bhubaneswar, Tuesday, May 16/2023 | Page 18 | ₹ 7.00

୪୯ଶ ଭାଗ ୧୭୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 170 ମୂଲ୍ୟ ₹୭/-



# VIKASH GROUP OF CBSE SCHOOLS

## Outshines in CBSE AISSE 10th & AISSCE 12th 2023

exampilfied academic excellence ...soaring to superiority consistently

## AISSE 10th Board Result 2023

### Vikash Residential School, Bargarh

School Topper Hemakshi 98.2%

School Topper Navneet 98.2%

Swastik 97.6%, Pratyush 97.2%, Dibyanshu 97.0%, Gopesh 96.8%, Tanmaya 96.4%, Pranit 96.2%, Satyakam 96.0%, Subhalaxmi 96.0%, Premraaj 95.8%, Shubham 95.8%, Sreyanshi 95.6%, Ashirbad 95.6%, Shobhit 95.6%, Bidisha 95.4%, Nitesh 95.2%, Naitik 95.0%

95% and above 18 Students | 90% and above 73 Students | 80% and above 172 Students | 60% and above 286 Students

100% SUCCESS RATE

### Vikash Residential School, Bhubaneswar

School Topper SANKET 98.8%

Subham 98.6%, Shivani 98.6%, Aditi 98.6%, Manisha 98.4%, Anurag 98.0%, Satyabrata 97.4%, Subhrajit 97.4%, Swayam 97.2%, Ananya 97.0%, Aratrica 96.6%, Arpita 96.6%, Subhalaxmi 96.4%, Purnyasha 96.4%, Sanjeet 96.2%, T Pranvi 96.0%, Nursingha 95.8%, Adi Arin 95.8%, Hrushikesh 95.6%, Pratyush 95.4%, UDBHAS 95.4%, RUDRA 95.2%, Sidharth 95.2%, Vanshika 95.0%, Jenamani 95.0%, SRI SAI LAASYA 95.2%, SHREYA 95.0%

95% and above 27 Students | 90% and above 61 Students | 80% and above 119 Students | 60% and above 205 Students | SUCCESS RATE 100%

### Vikash The Concept School, Sambalpur

School Topper Sindhusuta 97.6%

Aditya 97.2%, Arith 97.0%, Aishwarya 96.8%, Bikhyat 96.2%, Utkarsha 96.0%, Nihal 95.8%, Sriyam 95.8%, G D Enisha 95.6%, Somesh 95.6%, Aniket 95.4%, Piyush 95.4%, Priyanka 95.0%, Vaibhav 95.0%

95% and above 14 Students | 90% and above 30 Students | 80% and above 51 Students | 60% and above 123 Students

100% SUCCESS RATE

### Cement Nagar English Medium School, Bargarh

School Topper Rajashri 97.8% | Shushmita 96.8%

96% and above 02 Students | 90% and above 06 Students | 80% and above 14 Students | 60% and above 31 Students

100% SUCCESS RATE

### Vikash Residential School Bhawanipatna

School Topper Abhishek 97.0% | Jagadananda 95.0%

95% and above 02 Students | 90% and above 09 Students | 85% and above 27 Students | 80% and above 43 Students | 60% and above 117 Students

100% SUCCESS RATE

### Vidya Vikash Concept School, Raigarh

School Topper Prachi 95.0%

95% and above 01 Students | 90% and above 07 Students | 85% and above 19 Students | 80% and above 43 Students | 70% and above 57 Students

100% SUCCESS RATE

### Krishna's Vikash Next-Gen School, Jagdalpur

School Topper Aadi 84.2%

Total Appeared 17 Students | 80% and above 02 Students | 70% and above 04 Students | 60% and above 07 Students

100% SUCCESS RATE

### Krishna's Vikash Global School, Raipur

School Topper Anushka 95.8%

Total Appeared 12 Students | 90% and above 02 Students | 80% and above 04 Students | 70% and above 08 Students | 60% and above 11 Students

100% SUCCESS RATE

## AISSCE 12th Board Result 2023

### 12th Result Analysis Bargarh

95% and above 20 Students | 90% and above 72 Students | 80% and above 268 Students | 60% and above 523 Students

100% SUCCESS RATE

Bargarh Campus Science Topper Akshyara 97.0%

Bargarh Campus Science Topper Amlina 97.0%

Bargarh Campus Com. Topper Saini 95.8%

Bargarh Campus Humanities Topper Suhasini 95.0%

Bargarh Campus Humanities Topper Arpita 95.0%

Science: Ananya 96.8%, Rithik 96.6%, Lineysha 96.2%, Priyadarshini 96.0%, Harshit 95.8%, Laxmipriya 95.8%, Paramita 95.8%, Ashmit 95.6%, Piyushkanta 95.2%, Namrata 95.2%, Soumya 95.0%, Saswat 95.0%

Commerce: Pranjal 95.2%, Sandeep 95.2%, Abha 95.0%

Bhubaneswar Campus Science Topper SUDHRUTI 95.4%

Bhubaneswar Campus Com. Topper SARTHAK 95.0%

Sambalpur Campus Com. Topper Mithilesh 96.2%

Sambalpur Campus Science Topper Swayamjeet 94.2%

Raipur Campus Science Topper Prachi 92.6%

Jagdalpur Campus Science Topper Amartya 89.8%

### AISSCE 12th Result Analysis Bhubaneswar

95% and above 02 Students | 90% and above 25 Students | 80% and above 108 Students | 60% and above 255 Students

100% SUCCESS RATE

### AISSCE 12th Result Analysis Sambalpur

95% and above 01 Students | 90% and above 17 Students | 85% and above 39 Students | 80% and above 76 Students | 70% and above 181 Students | 60% and above 255 Students

100% SUCCESS RATE

### AISSCE 12th Result Analysis Bhawanipatna

80% and above 02 Students | 75% and above 08 Students | 70% and above 18 Students | 60% and above 61 Students | Student Strength 100 Students

61% of appeared students got FIRST CLASS | 93% SUCCESS RATE

### AISSCE 12th Result Analysis Raipur

TOTAL APPEARED 09 Students | 90% and above 01 Students | 80% and above 02 Students | 60% and above 07 Students

100% SUCCESS RATE

### AISSCE 12th Result Analysis Jagdalpur

TOTAL APPEARED 19 Students | 80% and above 02 Students | 70% and above 06 Students | 60% and above 11 Students

89% SUCCESS RATE

## Admissions Open 2023-24 (Nursery to CBSE IX & XI Sc./Com./Arts)

BARGARH: 99376 18855 / 86583 61100 / 93373 10441 / 70644 13441.
SAMBALPUR: 99379 79999 / 70644 13460. BHUBANESWAR: 82707 72444 / 63707 00761.
City Campus: 82707 72555 / 99379 75555. BHAWANIPATNA: 70779 33733 / 93486 96536.
JHARSUGUDA: 76828 53111. ROURKELA: 70778 53111. JEYPORE: 9040260371/72.
JAGDALPUR: 91240 87305/306/307 / 86583 61100. RAIGARH : 91245 35999 / 89669 96611.
RAIPUR: 77519 93222 / 98494 49985 / 86583 61100.

www.odishavikash.com, www.krishnavikash.com

Vikash Group of CBSE Schools
Vikash Edu. Network

Bargarh | Sambalpur | Bhubaneswar | Bhawanipatna
Jharsuguda | Rourkela | Jeypore | Jagdalpur | Raipur | Raigarh

**‘ମେରି ଲାଇଫ୍’ ଆପ୍ ଲଞ୍ଚ୍ କଲା କେନ୍ଦ୍ର** | ଜଳବାୟୁ ପରିବର୍ତ୍ତନର ମୁକାବିଲା ଦିଗରେ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ସୋମବାର ‘ମେରି ଲାଇଫ୍’ ନାମରେ ଏକ ମୋବାଇଲ ଆପ୍ ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମିଶନ ଲାଇଫ ଦ୍ୱାରା ଅନୁପ୍ରାଣିତ ଏହି ଆପ୍‌ର ଉଦ୍ଦେଶ୍ୟ ହେଲା ଅପବ୍ୟୟୀ ଉପଯୋଗ ପରିବର୍ତ୍ତେ ସଚେତନ ଉପଯୋଗକୁ ପ୍ରୋତ୍ସାହିତ କରିବା। ଏହି ଆପ୍ଲିକେଶନ ଜୀବନ ପାଇଁ ଦେଶବ୍ୟାପୀ ଏକ ଆନ୍ଦୋଳନ ସୃଷ୍ଟି କରିବ ଏବଂ ପରିବେଶ ସୁରକ୍ଷାରେ ନାଗରିକଙ୍କ ଶକ୍ତିକୁ ପ୍ରଦର୍ଶନ କରିବ ବୋଲି କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି।

## ସଂକ୍ଷେପରେ

### ବିଷାକ୍ତ ମଦ ପିଇ ୩ ମୃତ

**ଜାଞ୍ଜଗିରି,୧୫।୫:** ଛତିଶଗଡ଼ ଜାଞ୍ଜଗିରି-ଚମ୍ପା ଜିଲା ରୋଗଡା ଗ୍ରାମରେ ବିଷାକ୍ତ ମଦ ପିଇ ଜଣେ ସେନା ଯବାନଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପରାଶ ସାହୁ, ନନ୍ଦଲାଲ କଶ୍ୟପ ଏବଂ ସତୀଶ କଶ୍ୟପ। ମଦ ପିଇବା ପରେ ତିନିଜଣଯାକ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ କହିଛନ୍ତି।

### ଏୟାର୍ ହୋଷ୍ଟେସ୍‌ଙ୍କ ସହ ଦୁର୍ବ୍ୟବହାର: ଯାତ୍ରୀ ଗିରଫ

**ଅମୃତସର,୧୫।୫:** ଦୁବାଇରୁ ଅମୃତସର ଆସୁଥିବା ବିମାନରେ ଜଣେ ଯୁବକ ଏୟାର ହୋଷ୍ଟେସ୍‌ଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଜଲନ୍ଧରସ୍ଥିତ କୋଟଲିର ରଜିନ୍ଦର ସିଂଙ୍କର କୌଣସି କାରଣରୁ ଏୟାର ହୋଷ୍ଟେସ୍‌ଙ୍କ ସହ ଝଗଡ଼ା ହୋଇଥିଲା। କିଛି ସମୟ ଯୁକ୍ତିତର୍କ ଚାଲିବା ପରେ ରଜିନ୍ଦର ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଘଟଣା ସମୟରେ ରଜିନ୍ଦର ମଦ ପିଇଥିବା ପୋଲିସ କହିଛି। ବିମାନ ଅବତରଣ କରିବା ପରେ ବିମାନ କର୍ତ୍ତୃପକ୍ଷ ରଜିନ୍ଦରଙ୍କୁ ପୋଲିସ ଜିମା ଦେଇ ଥାନାରେ ଅଭିଯୋଗ କରିଥିଲେ।

### ଗୁରୁଦ୍ୱାରାରେ ମଦ ପିଇବାରୁ ଯୁବତୀଙ୍କୁ ହତ୍ୟା

**ପଟିଆଲା,୧୫।୫:** ଦୁଃଖ ନିବାରଣ ସାହିବ ଗୁରୁଦ୍ୱାରା ପରିସରରେ ଜଣେ ଯୁବତୀ ମଦ ପିଇବା ନେଇ ଜଣେ ଯୁବକ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ପରୱିନ୍ଦର କୌର (୩୦) ସରୋବର ନିକଟରେ ବସି ମଦ ପିଉଥିବାର ଗୁରୁଦ୍ୱାରା ସଙ୍ଗତ ଦେଖିଥିଲେ। ସେମାନେ ପୋଲିସ ସହାୟତାକ୍ରମେ ପରୱିନ୍ଦରଙ୍କୁ ଗୁରୁଦ୍ୱାରା ମ୍ୟାନେଜରଙ୍କ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ନିର୍ମଲଜିତ ସିଂ ସାଇନି ପରୱିନ୍ଦରଙ୍କ ଉପରକୁ ୫ଥର ଗୁଳି ଫୁଟାଇଥିଲେ। ପ୍ରପର୍ଟି ଡିଲର ନିର୍ମଲଜିତଙ୍କ ପାଖରେ ଲାଇସେନ୍ସପ୍ରାପ୍ତ ବନ୍ଧୁକ ଥିବା ପୋଲିସ କହିଛି। ତେବେ ପରୱିନ୍ଦରଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ନିର୍ମଲଜିତ ଏପରି କରିଥିବା କହିଛନ୍ତି। ଘଟଣାରେ ଆହତ ନିର୍ମଲଜିତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରୱିନ୍ଦର ସବୁବେଳେ ମଦ ପିଉଥିବାବେଳେ ସେ ଡିପ୍ରେସନ୍‌ରେ ଥିବା ତାଙ୍କ ଘରଲୋକେ କହିଛନ୍ତି। ରବିବାର ଏକାକୀ ବସ୍‌ରେ ସେଜିରକପୁରରୁ ଗୁରୁଦ୍ୱାରା ଆସିଥିଲେ।

### ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଆଉ ଜଣେ ଗିରଫ

**ନୂଆଦିଲ୍ଲୀ, ୧୫।୫:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ସୋମବାର ଇଣ୍ଡିଆ ଆହେଡ୍ ନ୍ୟୁଜ୍‌ର ଅରବିନ୍ଦ କୁମାର ସିଂଙ୍କୁ ଗିରଫ କରିଛି। ବେଆଇନ ଭାବେ ସଂଗୃହୀତ ୧୭ କୋଟି ଟଙ୍କାକୁ ସିଂ ହାୱାଲା ଚ୍ୟାନେଲ ଜରିଆରେ ସାଉଥ୍ ଗ୍ରୁପ୍ ପାଖକୁ ପଠାଇଥିବା ଅଭିଯୋଗ ହୋଇଥିଲା। ସିବିଆଇ ତାଙ୍କୁ ଜେରା ପାଇଁ ରିମାଣ୍ଡରେ ନେଇପାରେ। ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଛି, ଯେଉଁଥିରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଡିଆଙ୍କ ନାଁ ରହିଛି।

# ଛାଡ଼ପତ୍ର ପାଇଁ ସମାନ ଆଇନ ହେଉ

**ସୁପ୍ରିମକୋର୍ଟଙ୍କୁ ଶାମିଙ୍କ ସ୍ତ୍ରୀଙ୍କ ନିବେଦନ**


ହାସିନ ଜାହାଁ

ଛାଡ଼ପତ୍ର ପାଇଁ ଧର୍ମ, ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କ ନିମନ୍ତେ ସମାନ ଆଇନ ଓ ସମାନ ପ୍ରକ୍ରିୟା ଅବଲମ୍ବନ କରାଯାଉ ବୋଲି କ୍ରିକେଟର ମହମ୍ମଦ ଶାମିଙ୍କ ସ୍ତ୍ରୀ ହାସିନ ଜାହାଁ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ତଲାକ ଦେବାର ଏକମାତ୍ର ଅଧିକାର ମୁସଲମାନ ପୁରୁଷଙ୍କୁ ଦେଉଥିବା ତଲାକ-ଇ-ହସନ ଓ ନ୍ୟାୟ ବ୍ୟବସ୍ଥା ବାହାରେ ଅନ୍ୟାନ୍ୟ ଛାଡ଼ପତ୍ର ବ୍ୟବସ୍ଥାକୁ ରଦ୍ଦ କରାଯିବାକୁ ସେ ଅନୁରୋଧ କରିଛନ୍ତି। ସର୍ବୋଚ୍ଚ ଅଦାଲତ ଏନେଇ ସୋମବାର ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ତାଙ୍କ ଆବେଦନକୁ ଅନୁରୂପ ସାଧାରଣ ପ୍ରସଙ୍ଗ ଉଠାଉଥିବା ପିଟିଶନ ସହ ଏକାଠି ଶୁଣାଣି କରିବାକୁ ତାଲିକାଭୁକ୍ତ କରିଛନ୍ତି।

ଶାମିଙ୍କ ସ୍ତ୍ରୀଙ୍କ ପକ୍ଷରୁ ଆଇନଜୀବୀ ଦୀପକ ପ୍ରକାଶ ପିଟିଶନ ଦାଏର କରିଥିଲେ। ନ୍ୟାୟିକ ବ୍ୟବସ୍ଥା ବାହାରେ ଏକପାଖିଆ ତଲାକ ଏବଂ ତଲାକ-ଇ-ହସନ ବ୍ୟବସ୍ଥାରେ ସେ ଅତିଷ୍ଠ ବୋଲି ଆବେଦନକାରିଣୀ ପିଟିଶନରେ ଦର୍ଶାଇଛନ୍ତି। ସ୍ୱାମୀ ମହମ୍ମଦ ଶାମିଙ୍କଠାରୁ ହାସିନ ତଲାକ-ଇ-ହାସନ ବ୍ୟବସ୍ଥାରେ ୨୦୨୨ ଜୁଲାଇ ୨୩ରେ ପ୍ରଥମ ତଲାକ ନୋଟିସ ପାଇଥିଲେ। ଏହା ପରେ ଆବେଦନକାରିଣୀ ତାଙ୍କ ନିକଟ ସମ୍ପର୍କୀୟମାନଙ୍କ ସହ ଯୋଗାଯୋଗ କରିଥିଲେ। ସେମାନଙ୍କ ସ୍ୱାମୀମାନେ ମଧ୍ୟ ସେମାନଙ୍କୁ ମନଇଚ୍ଛା ଏକପାଖିଆ ଭାବେ ଛାଡ଼ପତ୍ର ଦେଇଥିବା ସେ ଜାଣିବାକୁ ପାଇଥିଲେ। ତଲାକ-ଇ-ହସନ ଏବଂ ନ୍ୟାୟ ବ୍ୟବସ୍ଥା ବାହାରେ ଅନ୍ୟାନ୍ୟ ଏକପାଖିଆ ତଲାକ, ଯାହା ଏବେ ମଧ୍ୟ ମୁସଲମାନ ପର୍ସନାଲ ଲ (ଶରିଆତ୍),୧୯୩୭ ଅନୁଯାୟୀ ବଳବତ୍ତର ରହିଆସିଛି। ଏକ ବୃହତ୍ତର ପ୍ରସଙ୍ଗ ଦୃଷ୍ଟିରୁ ଏହାର ନ୍ୟାୟିକ ନିର୍ଣ୍ଣୟ ପାଇଁ ଆବେଦନକାରିଣୀ ସର୍ବୋଚ୍ଚ ନ୍ୟାୟାଳୟକୁ ନିବେଦନ କରିଛନ୍ତି। ଶରିଆତ୍‌ରେ ଚଳିଆସୁଥିବା କଠୋର ପ୍ରଥାର ସେ ଶିକାର ହୋଇଥିବା କୋର୍ଟଙ୍କୁ ଜଣାଇଛନ୍ତି।

# ଅବସର ନେବାବେଳେ ଭାବବିହ୍ୱଳ ହେଲେ ଜଷ୍ଟିସ୍ ଶାହ


ଜଷ୍ଟିସ୍ ଏମ୍.ଆର୍. ଶାହ

ସୁପ୍ରିମକୋର୍ଟର ଚତୁର୍ଥ ସର୍ବବରିଷ୍ଠ ବିଚାରପତି ଜଷ୍ଟିସ୍ ଏମ୍.ଆର୍. ଶାହ ସୋମବାର ଅବସର ଗ୍ରହଣ କରିଛନ୍ତି। କୋର୍ଟ ରୁମ୍‌ରେ ତାଙ୍କର ଶେଷ କାର୍ଯ୍ୟଦିବସରେ ଜଷ୍ଟିସ୍ ଶାହ ଭାବବିହ୍ୱଳ ହୋଇଯାଇଥିଲେ। ସେ ଅବସର ନେବା ଲୋକ ନୁହନ୍ତି, ଜୀବନର ଏକ ନୂଆ ଇନିଂସ ଆରମ୍ଭ କରିବେ। ଏଥିପାଇଁ ଭଗବାନ ତାଙ୍କୁ ଶକ୍ତି, ସାହସ ଓ ଉତ୍ତମ ସ୍ୱାସ୍ଥ୍ୟ ଦିଅନ୍ତୁ ବୋଲି ସେ ପ୍ରାର୍ଥନା କରିଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ଉତ୍ସବରେ ଉଦ୍‌ବୋଧନ ଦେବା ଅବସରରେ ଜଷ୍ଟିସ ଶାହ ଭାଙ୍ଗିପଡ଼ିଥିଲେ ଏବଂ ଅଭିନେତା ରାଜ କପୁରଙ୍କ ଗୀତ ‘ଜିନା ୟାହାଁ, ମରନା ୟାହାଁ’ର ଏକ ଧାଡ଼ି ଆବୃତ୍ତି କରିଥିଲେ। ଜଷ୍ଟିସ୍ ଶାହ ୨୦୧୮ ନଭେମ୍ବର ୨ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କ ଅବସର ପରେ ସର୍ବୋଚ୍ଚ ଅଦାଲତର ବିଚାରପତିଙ୍କ ସଂଖ୍ୟା ୩୨କୁ ହ୍ରାସ ପାଇଛି। ଦିନକ ପୂର୍ବରୁ ଜଷ୍ଟିସ ଦିନେଶ ମାହେଶ୍ୱରୀ ଅବସର ଗ୍ରହଣ କରିଥିଲେ।

# କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ହୋଇପାରୁନି



**ନୂଆଦିଲ୍ଲୀ, ୧୫।୫**


କର୍ଣ୍ଣାଟକ କଂଗ୍ରେସ ସଭାପତି ଡି.କେ. ଶିବକୁମାରଙ୍କ ଘର ଆଗରେ ସମର୍ଥକଙ୍କ ଭିଡ଼।

■ପରାମର୍ଶ ପାଇଁ ଦିଲ୍ଲୀରେ ସିଦ୍ଧାରାମାୟା
■ଖାର୍ଗେଙ୍କୁ ଭେଟିଲେ ୩ ପର୍ଯ୍ୟବେକ୍ଷକ

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ଜିତିବା ପରେ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ସ୍ପଷ୍ଟ ହୋଇପାରୁନି। ବରିଷ୍ଠ ନେତା ସିଦ୍ଧାରାମାୟା ଏବଂ ଦଳର ରାଜ୍ୟ ସଭାପତି ଡି.କେ. ଶିବକୁମାର ମୁଖ୍ୟମନ୍ତ୍ରୀ ପଦ ଲାଗି ଦାବିଦାର ହୋଇଥିବାବେଳେ କାହାକୁ ରାଜ୍ୟ ନେତୃତ୍ୱ ଦିଆଯିବ, ତାକୁ ନେଇ କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱ ଅଡୁଆରେ ପଡ଼ିଛି। ବେଙ୍ଗାଲୁରୁରେ ନବନିର୍ବାଚିତ କଂଗ୍ରେସ ବିଧାୟକମାନଙ୍କ ସହ ଆଲୋଚନା କରିବା ପରେ ୩ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସୁଶୀଲ କୁମାର ସିନ୍ଦେ, ଜିତେନ୍ଦ୍ର ସିଂ ଏବଂ ଦୀପକ ବାବରିଆ ସୋମବାର ଦିଲ୍ଲୀ ଯାଇ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଭେଟିଛନ୍ତି। ସେମାନେ କର୍ଣ୍ଣାଟକରେ ପରବର୍ତ୍ତୀ ସରକାର ଗଠନ ନେଇ ଖାର୍ଗେଙ୍କ ସହ ବିଚାରବିମର୍ଶ କରିଥିଲେ। ସେମାନଙ୍କ ସହ ସଂଗଠନ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏବଂ କର୍ଣ୍ଣାଟକ ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେୱାଲା ମଧ୍ୟ ଉପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକମାନଙ୍କ ରିପୋର୍ଟ ଉପରେ ୬ ଶୀର୍ଷ ନେତା ଆଲୋଚନା କରିବା ସହ ନବନିର୍ବାଚିତ ବିଧାୟକମାନଙ୍କ ମତାମତକୁ ଅନୁଧ୍ୟାନ କରିଥିଲେ। ରବିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ପର୍ଯ୍ୟବେକ୍ଷକମାନେ ବିଧାୟକମାନଙ୍କ ସହ ଜଣ ଜଣକରି କଥା ହୋଇ ସେମାନଙ୍କ ମତାମତ ନେଇଥିଲେ। ସରକାର ଗଠନ ନେଇ ଅଧିକ ଆଲୋଚନା ଲାଗି କଂଗ୍ରେସ ନେତୃତ୍ୱଙ୍କ ଡାକରାରେ ସିଦ୍ଧାରାମାୟା ଦିଲ୍ଲୀରେ ପହଞ୍ଚିଥିବାବେଳେ ଶିବକୁମାର ଖୁବ୍‌ଶୀଘ୍ର କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟିବେ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ପଦବୀ ଲାଗି ଉଭୟଙ୍କ ପାଇଁ ଜୋର୍‌ଦାର ଲବି ହେଉଛି। ଏନେଇ ଦଳ ଅଧ୍ୟକ୍ଷ ଖାର୍ଗେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନବନିର୍ବାଚିତ ବିଧାୟକମାନେ ଦାୟିତ୍ୱ ଦେଇଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ରୀୟ ନେତୃତ୍ୱଙ୍କ ଡାକରା ସତ୍ତ୍ୱେ ଶିବକୁମାର ଦିଲ୍ଲୀ ନ ଯାଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସିଦ୍ଧାରାମାୟାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ତାଙ୍କ ଉପରେ ଭରସା ରହିଛି ଓ ସେ କର୍ଣ୍ଣାଟକର ନେତୃତ୍ୱ ନେବେ ବୋଲି ସୋନିଆ ଗାନ୍ଧୀ କହିଥିଲେ। ସେ କର୍ଣ୍ଣାଟକରେ ରହି ତାଙ୍କ ନିୟମିତ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ବିଜୟ ପଛର ବ୍ୟକ୍ତିଙ୍କୁ ସ୍ୱୀକୃତି ଦେବା ନିମନ୍ତେ ସେମାନଙ୍କର ସୌଜନ୍ୟ ରହିବା ଆବଶ୍ୟକ। ନିର୍ବାଚନରେ ସମସ୍ତ ୧୩୫ ବିଧାୟକଙ୍କୁ ଜିତାଇବାର ଶ୍ରେୟ ତାଙ୍କର ବୋଲି ଶିବକୁମାର ଦାବି କରିଛନ୍ତି। ଅନ୍ୟମାନଙ୍କ ସଂଖ୍ୟା ସମ୍ପର୍କରେ କହିବା କ୍ଷମତା ତାଙ୍କର ନାହିଁ। ତାଙ୍କ ସଭାପତିତ୍ୱରେ ଦଳ ନିର୍ବାଚନ ଜିତିଛି। କିଏ ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ଦଳ ହାଇକମାଣ୍ଡ ନିଷ୍ପତ୍ତି ନେବେ ବୋଲି ନବନିର୍ବାଚିତ ବିଧାୟକମାନେ ଧାଡ଼ିକିଆ ପ୍ରସ୍ତାବ ଗୃହୀତ କରାଇଥିବା ଶିବକୁମାର କହିଥିଲେ।

### ରୁଷିଆ ଉପରେ କଟକଣା ବଢ଼ାଇବାକୁ ଯୋଜନା

**ମସ୍କୋ/କିଭ୍, ୧୫।୫:** ୟୁକ୍ରେନ ଉପରେ ଦୁହାକୁ ଦୁହା ମିଶାଇଲ ବର୍ଷା କରିଚାଲିଥିବା ରୁଷିଆ ଉପରେ କଟକଣା ବଢ଼ାଇବାକୁ ଜି୭ ସମିଟ୍‌ର ସଦସ୍ୟ ଦେଶ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏ ସଂକ୍ରାନ୍ତରେ ଚଳିତ ସପ୍ତାହରେ ଜାପାନରେ ସମିଟ୍ ପକ୍ଷରୁ ବୈଠକ ଆୟୋଜନ କରାଯିବ। ଜି୭ ସମିଟ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଠକ ମେ ୧୯ ଓ ୨୧ରେ କରାଯିବ। ବର୍ତ୍ତମାନ ସୁଦ୍ଧା ବହୁ ପାଶ୍ଚାତ୍ୟ ଦେଶ ରୁଷିଆ ଉପରେ କଟକଣା ଲଗାଇଛନ୍ତି। ୟୁକ୍ରେନ୍‌କୁ ଜର୍ମାନୀ ୨.୭ ବିଲିୟନ ୟୁରୋ ମୂଲ୍ୟର ସାମରିକ ସହାୟତା ଯୋଗାଇ ଦେବା ଲାଗି ଘୋଷଣା କରିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଜର୍ମାନ୍ ଗସ୍ତରେ ଥିବାବେଳେ ଅନ୍ୟ ୟୁରୋପୀୟ ଦେଶ ମୁଖ୍ୟମାନଙ୍କୁ ଭେଟିଛନ୍ତି। ରୁଷିଆ ମିଶାଇଲ ମାଡ଼ରେ ସୋମବାର ସକାଳେ ୟୁକ୍ରେନ୍‌ର ଅଭିଭକାରେ ଏକ ହସ୍ପିଟାଲ ନଷ୍ଟ ହୋଇଯାଇଛି। ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ଡୋନେକ୍ସ ରିଜିଓନାଲ ଗଭର୍ନର ପାଭଲୋ କିରିଲେଙ୍କୋ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରୁଷିଆର ଏସ୍ୟୁ-୨୭ ଫାଇଟର ଜେଟ୍ ବାଲଟିକ୍ ସାଗର ଆକାଶରୁ ଜର୍ମାନୀ ଓ ଫ୍ରାନ୍ସର ଦୁଇଟି ଏୟାର କ୍ରାଫ୍ଟକୁ ଘଉଡ଼ାଇ ଥିବା କହିଛି। ରୁଷିଆ ଫେଡେରେଶନ୍ ଷ୍ଟେଟ୍ ସୀମାରୁ ବାହାର କରିବା ପରେ ରୁଷିଆ ଯୁଦ୍ଧବିମାନ ସୁରକ୍ଷିତ ଭାବେ ଏୟାର୍‌ବେସ୍‌ରେ ପହଞ୍ଚିଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୱାଙ୍ଖଡ଼େଙ୍କ ବିରୋଧରେ ସିବିଆଇ ଏତଲା

**ମୁମ୍ବାଇ, ୧୫।୫**


ସମୀର ୱାଙ୍ଖଡ଼େ

**ଶାହରୁଖଙ୍କ ପରିବାରଠାରୁ ୨୫ କୋଟି ଦାବି କରିଥିଲେ**

୨୫ କୋଟି ଟଙ୍କା ନ ଦେଲେ ନିଶା କାରବାର ଅଭିଯୋଗରେ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ବିରୋଧରେ ମାମଲା ଦାଏର କରାଯିବ ବୋଲି ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ପରିବାରକୁ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ପୂର୍ବତନ ଜୋନାଲ ନିର୍ଦ୍ଦେଶକ ସମୀର ୱାଙ୍ଖଡ଼େ ଧମକ ଦେଇଥିଲେ। ଏନେଇ ସିବିଆଇ ତାଙ୍କ ବିରୋଧରେ ଏତଲା ଦାଏର କରିଛି। ୨୦୨୧ ଅକ୍ଟୋବରରେ ୱାଙ୍ଖଡ଼େଙ୍କ ନେତୃତ୍ୱରେ ଏନ୍‌ସିବି ଟିମ୍ ମୁମ୍ବାଇ ଉପକୂଳରେ ରେଭ୍ ପାର୍ଟି ଚାଲିଥିବା ଏକ କ୍ରୁଜ୍ ଜାହାଜ ଉପରେ ଚଢ଼ାଉ କରି ଆର୍ଯ୍ୟନଙ୍କ ସମେତ ଅନ୍ୟମାନଙ୍କୁ ଗିରଫ କରି ଚର୍ଚ୍ଚାକୁ ଆସିଥିଲେ। ତେବେ ଆର୍ଯ୍ୟନଙ୍କ ବିରୋଧରେ ମାମଲା ରୁଜୁ ନ କରିବା ପାଇଁ ଲାଞ୍ଚ ମାଗିବା ଅଭିଯୋଗରେ ସିବିଆଇ ୱାଙ୍ଖଡେଙ୍କ ବିରୋଧରେ ଦୁର୍ନୀତି ଏବଂ ଆପରାଧିକ ଆଚରଣ ଅଭିଯୋଗରେ ମାମଲା ରୁଜୁ କରିଛି। ତତ୍କାଳୀନ ଏନ୍‌ସିବି ଜୋନାଲ ନିର୍ଦ୍ଦେଶକ ଏବଂ ଗୋଇନ୍ଦା ଅଧିକାରୀ ଆଶିଷ ରଞ୍ଜନଙ୍କ ବିରୋଧରେ ସିବିଆଇ ତଦନ୍ତରୁ ସେମାନଙ୍କ ସମ୍ପତ୍ତି ଘୋଷିତ ଆୟଠାରୁ ଯଥେଷ୍ଟ ଅଧିକ ଥିବା ଜଣାପଡ଼ିଛି। ବିଦେଶ ଭ୍ରମଣ ଓ ଏଥିରେ ବ୍ୟୟ କରିଥିବା ଅର୍ଥ ସମ୍ପର୍କରେ ୱାଙ୍ଖଡ଼େ ଠିକ୍ ଭାବେ ଉତ୍ତର ଦେଇପାରି ନ ଥିଲେ। ଏତଲାରେ ଅନ୍ୟ ଯେଉଁମାନଙ୍କ ନାମ ରହିଛି ସେମାନେ ହେଲେ ଏନ୍‌ସିବିର ତତ୍କାଳୀନ ବରିଷ୍ଠ ଅଧିକାରୀ ବିଶ୍ୱ ବିଜୟ ସିଂ ଓ ଆଶିଷ ରଞ୍ଜନ, କେ.ପି. ଗୋସାଭି ଏବଂ ତାଙ୍କ ସହଯୋଗୀ ସାନଭିଲେ ଡି'ସୌଜା। ଗୋସାଭି ଡ୍ରଗ୍ସ ମାମଲାର ସାକ୍ଷୀ ରହିଥିବାବେଳେ ଆର୍ଯ୍ୟନ ଗିରଫ ସମୟରେ ତାଙ୍କ ସହ ସେଲ୍‌ଫି ନେଇଥିଲେ। ଏନ୍‌ସିବି କର୍ମଚାରୀ ନ ହୋଇ ଗୋସାଭିଙ୍କୁ ଅଭିଯୁକ୍ତଙ୍କ ପାଖକୁ କ'ଣ ପାଇଁ ଛଡ଼ାଯାଇଥିଲା ବୋଲି ସେତେବେଳେ ପ୍ରଶ୍ନ ଉଠିଥିଲା। ଶାହରୁଖଙ୍କ ପରିବାରକୁ ୨୫ କୋଟି ଟଙ୍କା ପୈଠ କରିବାକୁ କୁହାଯାଇଥିଲା। ଶେଷରେ ୧୮ କୋଟି ଦେବା ପାଇଁ ବୁଝାମଣା ହୋଇଥିଲା। ଲାଞ୍ଚ ଅର୍ଥରୁ ୫୦ ଲକ୍ଷ ଟଙ୍କା ଗୋସାଭି ଓ ତାଙ୍କ ସହଯୋଗୀ ଡି'ସୌଜା ନେଇଥିଲେ ବୋଲି ଏତଲାରେ ଉଲ୍ଲେଖ କରାଯାଇଛି।

### ଇମ୍ରାନ୍‌ଙ୍କ ସ୍ତ୍ରୀଙ୍କୁ ଜାମିନ

**ଇସ୍‌ଲାମାବାଦ୍,୧୫।୫**


ବୁଶ୍ରା ବିବି

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସ୍ତ୍ରୀ ବୁଶ୍ରା ବିବିଙ୍କୁ ଅଲ୍-କାଦିର ଟ୍ରଷ୍ଟ ମାମଲାରେ ସୋମବାର ଲାହୋର ହାଇକୋର୍ଟ ମେ ୨୩ ପର୍ଯ୍ୟନ୍ତ ଜାମିନ ପ୍ରଦାନ କରିଛନ୍ତି। ଉକ୍ତ ମାମଲାରେ ପୂର୍ବରୁ ଇମ୍ରାନ୍ ଖାନ୍‌ଙ୍କୁ ଜାମିନ ମିଳିଥିଲା। ସୁଫିବାଦର ପ୍ରସାର ପାଇଁ ୨୦୧୯ରେ ଅଲ୍-କାଦିର ୟୁନିଭର୍ସିଟି ପ୍ରତିଷ୍ଠା ପାଇଁ ଯୋଜନା ହୋଇଥିଲା। ୫୩୦ ନିୟୁତ ପାକିସ୍ତାନୀ ଟଙ୍କା ମୂଲ୍ୟର ଉକ୍ତ ଜମିକୁ ବହରିଆ ଟାଉନ୍ ହଲ୍ ପକ୍ଷରୁ ଇମ୍ରାନ୍ ଓ ତାଙ୍କ ସ୍ତ୍ରୀ ବୁଶ୍‌ରା ବିବିଙ୍କ ଅଲ୍-କାଦିର ଟ୍ରଷ୍ଟକୁ ପ୍ରଦାନ କରାଯାଇଥିଲା। ଏ ନେଇ ପାକିସ୍ତାନ ରାଜକୋଷକୁ ୫୦ ବିଲିୟନ୍ ରୁପି କ୍ଷତି ସହିବାକୁ ପଡ଼ିଥିଲା।

# ପାକ୍ ସୁପ୍ରିମକୋର୍ଟ ଆଗରେ ଶାସକ ମେଣ୍ଟର ବିକ୍ଷୋଭ

**ଇସ୍‌ଲାମାବାଦ, ୧୫।୫**


ବିକ୍ଷୋଭରତ ପିଏମ୍‌ଏଲ୍-ଏନ୍ ନେତ୍ରୀ ମାର୍‌ୟମ ନାୱାଜ।

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଜାମିନ ପ୍ରତିବାଦରେ ଦେଶର ଶାସକ ଦଳଗୁଡ଼ିକର ମେଣ୍ଟ ପାକିସ୍ତାନ ଡେମୋକ୍ରାଟିକ୍ ମୁଭ୍‌ମେଣ୍ଟ (ପିଡିଏମ୍)ର ସମର୍ଥକମାନେ ସୋମବାର ସୁପ୍ରିମକୋର୍ଟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପିଡିଏମ୍ ପକ୍ଷରୁ ସୁପ୍ରିମକୋର୍ଟ ଆଗରେ ବିକ୍ଷୋଭ ପ୍ରଦର୍ଶନ ବୋଳେ ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ(ପିଏମ୍‌ଏଲ୍-ଏନ୍), ଜମାଏତ୍ ଉଲେମା-ଇ-ଇସ୍‌ଲାମ ଫଜଲ (ଜେୟୁଆଇ-ଏଫ୍) ଏବଂ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର କର୍ମୀମାନେ ରେଡ୍ ଜୋନ୍ ମଧ୍ୟକୁ ପ୍ରବେଶ କରିଥିଲେ। ପିଏମ୍‌ଏଲ୍-ଏନ୍‌ର ବରିଷ୍ଠ ଉପାଧ୍ୟକ୍ଷ ମାର୍‌ୟମ ନାୱାଜ ଏବଂ ଜେୟୁଆଇ-ଏଫ୍ ମୁଖ୍ୟ ମୌଲାନା ଫଜଲୁର ରେହମନ ପିଡିଏମ୍ ସହ ଏକାଠି ସୁପ୍ରିମକୋର୍ଟ ବାହାରେ ଧାରଣାରେ ବସିଥିଲେ। ଅନ୍ୟପକ୍ଷରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ନିମନ୍ତେ ପ୍ରସ୍ତୁତ ରହିବାକୁ ଇମ୍ରାନ୍ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

# ଗେହଲଟଙ୍କୁ ୧୫ ଦିନିଆ ମହଲତ ଦେଲେ ପାଇଲଟ୍

**ଜୟପୁର, ୧୫।୫**


ସଚିନ ପାଇଲଟ୍

**୫ ଦିନିଆ ଜନସଂଘର୍ଷ ଯାତ୍ରା ଶେଷ**

ରାଜସ୍ଥାନର ବରିଷ୍ଠ କଂଗ୍ରେସ ନେତା ତଥା ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ସୋମବାର ତାଙ୍କର ୫ ଦିନିଆ ଜନସଂଘର୍ଷ ଯାତ୍ରା ଉଦ୍‌ଯାପନ କରିଛନ୍ତି। ବସୁନ୍ଧରା ରାଜେଙ୍କ ସରକାର ଅମଳରେ ହୋଇଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ୧୫ ଦିନିଆ ମହଲତ ଦେଇଛନ୍ତି। ଏହି ସମୟସୀମା ମଧ୍ୟରେ ଯଦି ଗେହଲଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୁଅନ୍ତି, ତେବେ ସେ ନିଜ ଦଳର ସରକାର ବିରୋଧରେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରିବେ ବୋଲି ପାଇଲଟ ଚେତାବନୀ ଦେଇଛନ୍ତି। ଗେହଲଟ ଚଳିତ ମାସ ଶେଷ ସୁଦ୍ଧା ସେମାନଙ୍କ ଦାବି ମାନିନେବା ଲାଗି ଅସନ୍ତୁଷ୍ଟ ନେତା ପାଇଲଟ ନୋଟିସ ଦେଇଛନ୍ତି। ପଦଯାତ୍ରା ଶେଷ ଦିନରେ ପାଇଲଟଙ୍କ ସହ ୧୫ କଂଗ୍ରେସ ବିଧାୟକ ଉପସ୍ଥିତ ଥିଲେ।

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହେବା ପରେ ସିଦ୍ଧାରାମାୟା ଏବଂ ଡି.କେ. ଶିବକୁମାରଙ୍କ ମଧ୍ୟରୁ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ, ଏନେଇ ଦଳର କେନ୍ଦ୍ରୀୟ ନେତୃତ୍ୱ ଚିନ୍ତାରେ ପଡ଼ିଥିବାବେଳେ ରାଜସ୍ଥାନ କଂଗ୍ରେସରେ ଗେହଲଟ ଓ ପାଇଲଟ କ୍ଷମତା ଲଢ଼େଇ ଜୋର୍ ଧରିଛି। ଜନସଂଘର୍ଷ ଯାତ୍ରା ନାମରେ ପାଇଲଟ ଗେହଲଟଙ୍କ ଉପରେ ଚାପ ପକାଉଛନ୍ତି। ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ସହ ରାଜସ୍ଥାନ ପବ୍ଲିକ୍ ସର୍ଭିସ କମିଶନ (ଆର୍‌ପିଏସ୍‌ସି)କୁ ରଦ୍ଦ କରିବା ଏବଂ ପେପର ଲିକ୍ କାରଣରୁ ସରକାରୀ ନିଯୁକ୍ତି ପରୀକ୍ଷା ବାତିଲ ହେବାରୁ ଯେଉଁମାନେ କ୍ଷତିଗ୍ରସ୍ତ ହେଲେ ସେମାନଙ୍କୁ କ୍ଷତିପୂରଣ ଦେବା ଲାଗି ପାଇଲଟ ଦାବି କରିଛନ୍ତି। ଗତ ମାସରେ ମଧ୍ୟ ପାଇଲଟ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗୋଟିଏ ଦିନ ଅନଶନରେ ବସିଥିଲେ।

# ୧୭ ସହର ପ୍ରାକୃତିକ ବିପର୍ଯ୍ୟୟ କ୍ଷତିଗ୍ରସ୍ତ ଘୋଷିତ

**ଢାକା/ୟାଙ୍ଗୋନ, ୧୫।୫**



**ମ୍ୟାନ୍‌ମାରରେ ବାତ୍ୟା ବିପ୍ଳବ**
**ଉଜୁଡ଼ିଯାଇଛି ସବୁଠୁ ବଡ଼ ଶରଣାର୍ଥୀ ଶିବିର**

ବାତ୍ୟା ମୋଚା ପ୍ରଭାବରେ ବାଂଲାଦେଶ ଓ ମ୍ୟାନ୍‌ମାରରେ ବହୁ କ୍ଷତି ଘଟିଛି। ବର୍ଷା ଓ ଭୀଷଣ ପବନ ଯୋଗୁ ବିଭିନ୍ନ ସ୍ଥାନରେ ଶୋଚନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ୫ ଝଡ଼ର ବଳ ରଖିଥିବା ମୋଚାରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଏବେ ବାସହରା ହୋଇଛନ୍ତି। ବାଂଲାଦେଶରେ ଥିବା ବିଶ୍ୱର ସବୁଠୁ ବଡ଼ ଶରଣାର୍ଥୀ ଶିବିର ଅଧିକ ପ୍ରଭାବିତ ହୋଇଥିବାବେଳେ ୧୩୦୦ ଆଶ୍ରୟସ୍ଥଳୀ ଭାଙ୍ଗି ନଷ୍ଟ ହୋଇଯାଇଛି। ଲଗାଣ ବର୍ଷା ଯୋଗୁ ଅନେକ ସ୍ଥାନରେ ଭୂସ୍ଖଳନ ସାଙ୍ଗକୁ ବନ୍ୟାସ୍ଥିତି ଦେଖାଦେଇଛି।

ମୋଚା ପ୍ରଭାବରେ ମ୍ୟାନ୍‌ମାର ରାଖିନେ ଜିଲାର ୧୭ ସହର କ୍ଷତିଗ୍ରସ୍ତ ହୋଇଥିବା କର୍ତ୍ତୃପକ୍ଷ କହିଛନ୍ତି। ଫିଉ, ମାନାଉଙ୍ଗ, ରାମରି, ଆନ, ସିଟୱେ, ପାଉକଟ, ପୋନାଜିଅମ, ଗୱା ଆଦି ଇଲାକାକୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ପ୍ରଭାବିତ ସ୍ଥାନରେ ବହୁ ଧନ ଜୀବନ ନଷ୍ଟ ହୋଇଛି।

ବାତ୍ୟା ମୋଚା ରବିବାର ବାଂଲାଦେଶ-ମ୍ୟାନ୍‌ମାର ସୀମାରେ ଲ୍ୟାଣ୍ଡଫଲ କରିବା ପରେ ଏହି ସାମୁଦ୍ରିକ ଝଡ଼ ଉତ୍ତର ଏବଂ ଉତ୍ତର ପୂର୍ବ ଅଡ଼କୁ ଅଗ୍ରସର ହେବ। ଚାଇନା ଷ୍ଟେଟ୍ ଏବଂ ମାଗୱେ ରେଜିଅନ୍‌ରେ ଏହାର ପ୍ରଭାବ ଦେଖିବାକୁ ମିଳିବ ବୋଲି ମ୍ୟାନ୍‌ମାର ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ମାଗୱେରେ ପ୍ରବଳ ବର୍ଷା ହୋଇଥିବାବେଳେ ଏହା ଗତ ୫୫ ବର୍ଷର ରେକର୍ଡ ଭାଙ୍ଗିଛି। ବାତ୍ୟାର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ ସାମୁଦ୍ରିକ ଝଡ଼ ମୋଚା ପ୍ରଭାବରେ ଦକ୍ଷିଣ ଏସୀୟ ଅଞ୍ଚଳରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

# ଧରିତ୍ରୀ
DHARITRI






## କାନ୍ସର ରେଡ୍ କାର୍ପେଟରେ ଚାଲିବେ ଅନୁଷ୍କା

ଆସନ୍ତା ମେ' ୧୬ରୁ ଫ୍ରାନ୍ସର ଉପକୂଳବର୍ତ୍ତୀ ଫ୍ରେଞ୍ଚ ରିଭେରାଠାରେ କାନ୍ସ ଫିଲ୍ମ ଫେଷ୍ଟିଭାଲ ଆୟୋଜନ ହେଉଥିବାବେଳେ ସେଥିରେ ବଲିଉଡ୍‌ରୁ ଅନୁଷ୍କା ଶର୍ମା ଯୋଗଦେବେ।

୧୨

୧୪

## ଶୁବମନ ଗିଲ୍‌ଙ୍କ ଶତକ

ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ଶତକ ହାସଲ କରିଛନ୍ତି ଗୁଜରାଟ ଟାଇଟନ୍ସର ଶୁବମନ ଗିଲ୍।





ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ବ୍ରିଜ ଭୂଷଣ ଶରନ ସିଂଙ୍କ ବିରୋଧରେ ନୂଆଦିଲ୍ଲୀର ଯନ୍ତର ମନ୍ତରଠାରେ ଚାଲିଥିବା କୁସ୍ତିଯୋଦ୍ଧାଙ୍କ ଆନ୍ଦୋଳନରେ ସୋମବାର ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ସହ ଅନ୍ୟମାନେ।

# ଭୁବନେଶ୍ୱରରୁ ଦୁବାଇ ବିମାନ ସେବା ଆରମ୍ଭ

## ବିଶ୍ୱକୁ ସିଧାସଳଖ ଗେଟ୍‌ୱେ ଖୋଲିଲା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୫(ବ୍ୟୁରୋ)



ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶା ଓ ଦୁବାଇ ମଧ୍ୟରେ ଯୋଡ଼ିହେଲା ନୂଆ ଅଧ୍ୟାୟ। ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ଉଡ଼ିଲା ବିମାନ। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ପତାକା ଦେଖାଇ ଏହି ବିମାନ ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ସଂଯୋଗୀକରଣ ବିକାଶର ଚାବିକାଠି, ରାଜ୍ୟ ସରକାର ଏଥିପାଇଁ ସର୍ବଦା ପ୍ରୟାସରତ। ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ସେବା ଦ୍ୱାରା ଏହା ସବୁଠାରୁ ବଡ଼ ବିମାନ ଚଳାଚଳ ହବ୍ ମଧ୍ୟରୁ ଅନ୍ୟତମ ହେବ। ଦୁବାଇ ଏକ ବିଶ୍ୱସ୍ତରୀୟ ଭ୍ରମଣ ପେଣ୍ଠସ୍ଥଳୀ ହୋଇଥିବାରୁ ☞ପୃଷ୍ଠା-୨

# ଟୋକନରେ ତ୍ରୁଟି, ଧାନ ବିକ୍ରି ହୋଇପାରୁନି

*ଟୋକନ ଜରିଆରେ ପଞ୍ଜୀକୃତ ଚାଷୀଙ୍କଠାରୁ କେତେ ପରିମାଣର ଧାନ ସଂଗ୍ରହ କରାଯିବ ତାହା ପୂର୍ବରୁ ଧାର୍ଯ୍ୟ ହେଉଛି। ହେଲେ ଏହି ବ୍ୟବସ୍ଥା ତ୍ରୁଟି ଶୂନ୍ୟ ନ ହେବା କାରଣରୁ ଚାଷୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ବରଗଡ଼ ଜିଲାର ଚାଷୀମାନେ ଟୋକନ ତ୍ରୁଟି ଯୋଗୁ ଧାନ ବିକି ନ ପାରି ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।*

- ୬୫ କୁଇଣ୍ଟାଲ ପରିବର୍ତ୍ତେ ୨କୁଇଣ୍ଟାଲ ପାଇଁ ମିଳୁଛି ଟୋକନ୍
- ତ୍ରୁଟିକୁ ନେଇ ବଢ଼ୁଛି ଚାଷୀ ଅସନ୍ତୋଷ

ବରଗଡ଼ ଅଫିସ୍, ୧୫।୫

ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ମାତ୍ର ଧାନ ସଂଗ୍ରହ ଆରମ୍ଭରୁ ନାନା ଅବ୍ୟବସ୍ଥା ଯୋଗୁ ଚାଷୀମାନେ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟୋକନରେ ତ୍ରୁଟି ଏବେ ଚାଷୀଙ୍କ ପାଇଁ ପ୍ରମୁଖ ସମସ୍ୟା ପାଲଟିଛି। ରାଜ୍ୟ ସରକାର ଧାନବିକ୍ରିରେ ଟୋକନ୍‌କୁ ବାଧ୍ୟତାମୂଳକ କରିଥିବାବେଳେ ବିଭାଗୀୟ ଅଧିକାରୀମାନେ ଟୋକନ୍ ପ୍ରସ୍ତୁତ କରୁଛନ୍ତି। କିନ୍ତୁ ସେହି ଟୋକନ୍‌ରେ ତ୍ରୁଟି ଯୋଗୁ ଚାଷୀମାନେ ନିଜ ଅମଳ ଧାନ ବିକ୍ରିରୁ ବଞ୍ଚିତ ହେଉଛନ୍ତି। ଜିଲାର ଅଣଜଳସେଚିତ ଅଞ୍ଚଳର ଅନେକ ଚାଷୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ପରିଲକ୍ଷିତ ହୋଇଛି। ଏଭଳି ଅଭିଯୋଗ ନେଇ ସୋମବାର ଜିଲାର ପଥର୍ଲା, ଗୋବିନ୍ଦପୁର, ଶସ୍ତୁପାଲି ଆଦି ଅଞ୍ଚଳର ଅନେକ ଚାଷୀ ଜିଲାପାଳଙ୍କ ଅଫିସକୁ ଆସିଥିଲେ। ସେମାନେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଟୋକନ୍‌ରେ ରହିଥିବା ତ୍ରୁଟିର ତୁରନ୍ତ ସଂଶୋଧନ ସହ ସେମାନଙ୍କ ଧାନ କିଣିବାକୁ ଦାବି କରିଥିଲେ।

ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କଠାରୁ ସର୍ବାଧିକ ଅଢ଼େଇ ଏକର ଜମି ପାଇଁ ୬୫ କୁଇଣ୍ଟାଲ ଧାନ କିଣିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମାତ୍ର ପଥର୍ଲା, ଗୋବିନ୍ଦପୁର ସମେତ ବିଭିନ୍ନ ଅଣଜଳସେଚିତ ଅଞ୍ଚଳର ଚାଷୀଙ୍କୁ ମିଳିଥିବା ଟୋକନରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ୬୫ କୁଇଣ୍ଟାଲ ବଦଳରେ ୨ କୁଇଣ୍ଟାଲ, ୧୩ କୁଇଣ୍ଟାଲ, ୨୩ କୁଇଣ୍ଟାଲ, ୨୫ କୁଇଣ୍ଟାଲ ଉଲ୍ଲେଖ ରହିଛି, ଯାହାକି ବିକ୍ରିଯୋଗ୍ୟ ଧାନ ପରିମାଣରୁ ଯଥେଷ୍ଟ କମ୍। ପଥର୍ଲା ଗ୍ରାମର ଚାଷୀ ଦେବେନ୍ଦ୍ର ସାହୁଙ୍କୁ ମିଳିଥିବା ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ୨ କୁଇଣ୍ଟାଲ ୮ କିଗ୍ରା, ରାଜୁ ସାହୁଙ୍କୁ ମିଳିଥିବା ଟୋକନରେ ୨୩ କୁଇଣ୍ଟାଲ ୪୦ କିଗ୍ରା, ଝାଙ୍କରପାଲିର ସୁଜିତ ବାରିକଙ୍କୁ ମିଳିଥିବା ☞ପୃଷ୍ଠା-୨

# ଜୁଏଲେରି ଶୋ'ରୁମ୍‌ରୁ ୧୫ କୋଟିର ଗହଣା ଲୁଟ୍

## ଦିନ ଦ୍ୱିପହରରେ ଡକାୟତି

ଯାଜପୁର ଅଫିସ, ୧୫।୫

ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଦଳା ଛକ ନିକଟରେ ଥିବା ଜୁଏଲେରି ଶୋ'ରୁମ୍ 'ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ'ରୁ ସୋମବାର ଅପରାହ୍ନ ୧ଟା ୨୫ ମିନିଟ୍‌ରେ ଏକ ବଡ଼ଧରଣର ଡକାୟତି ହୋଇଛି। ୭ଜଣ ମୁଖାପିନ୍ଧା ବ୍ୟକ୍ତି ଶୋ'ରୁମ୍ ଭିତରେ କର୍ମଚାରୀମାନଙ୍କୁ ଏକ କୋଣରେ ବନ୍ଧୁକ ମୁନରେ ରଖି ପ୍ରାୟ ୪୫ ମିନିଟ୍ ମଧ୍ୟରେ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ହୀରା ଗହଣା ଲୁଟି ନେଇଛନ୍ତି। ସେମାନେ ଦୋକାନର ସିସିଟିଭିଗୁଡ଼ିକର ହାର୍ଡଡିସ୍କକୁ ମଧ୍ୟ ନେଇଯାଇଥିବାବେଳେ ପୂର୍ବଦିଗରେ ୨୦୦ ନମ୍ବର ଜାତୀୟ ରାଜପଥ ପଟକୁ ବାଇକ ଯୋଗେ ଫେରାର ହୋଇଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଜାଣିବାକୁ ମିଳିଛି।

ସୂଚନା ଅନୁଯାୟୀ, ପ୍ରଥମେ ୨ ଜଣ ବ୍ୟକ୍ତି ଗ୍ରାହକ ସାଜି ଶୋ'ରୁମ୍ ଭିତରକୁ ପଶିଥିଲେ। ସେମାନେ ସୁନା ଦେଖିବାବେଳେ ଜଣେ ବାଥ୍‌ରୁମ୍‌କୁ ଯାଇ ବାହାରେ ଥିବା ଅନ୍ୟ ସାଥୀମାନଙ୍କୁ ଫୋନ୍ ଯୋଗେ ଡାକିଥିଲେ। ଏହାପରେ ଅନ୍ୟ ୫ ଜଣ ଶୋ'ରୁମ୍ ଭିତରକୁ ପ୍ରବେଶ କରିଥିଲେ। ଏହି ସମୟରେ ଗେଟ୍‌ରେ ନିୟୋଜିତ ସୁରକ୍ଷାକର୍ମୀଙ୍କୁ ମାଡ଼ ମାରି ତାଙ୍କ ବନ୍ଧୁକକୁ ଭାଙ୍ଗି ଦେଇଥିଲେ। ସମସ୍ତ କର୍ମଚାରୀଙ୍କ ମୋବାଇଲ ଲୁଟି ନେଇ ଏକ ବ୍ୟାଗରେ ଭର୍ତ୍ତି କରି ଦେଇଥିଲେ। ପୂର୍ବରୁ ଶୋରୁମର କାଚରେ ଲାଗିଥିବା ପରଦାଗୁଡ଼ିକ ଢଙ୍କାହୋଇଥିବାରୁ ଲୁଟେରାମାନଙ୍କୁ ତାହା ସୁହାଇଥିଲା। ଲୁଟେରାମାନେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଶତ୍ରୁର ଶତ୍ରୁ**









# କ୍ଷତିପୂରକ ବନୀକରଣ ପାଇଁ ଗଠନ ହେବ ଲ୍ୟାଣ୍ଡ ବ୍ୟାଙ୍କ

## ସବୁ ଜିଲାରେ ପତିତ ଜମି ଚିହ୍ନଟ ହେବ

ଭୁବନେଶ୍ୱର, ୧୫।୫(ବ୍ୟୁରୋ)

ଶିଳ୍ପାୟନ, ସହରୀକରଣ, ଜନସଂଖ୍ୟା ବୃଦ୍ଧି ଯୋଗୁ ରାଜ୍ୟରେ ଜଙ୍ଗଲ ନଷ୍ଟହେବାରେ ଲାଗିଛି। ବିକାଶ ନାଁରେ ବ୍ୟାପକ ଗଛ କାଟି ପଦା କରାଯାଉଛି। ଅନ୍ୟପକ୍ଷରେ ନୂଆ ଜଙ୍ଗଲ ପାଇଁ ଜାଗା ନାହିଁ। ଏଥିଲାଗି ସରକାର ଲ୍ୟାଣ୍ଡ୍ ବ୍ୟାଙ୍କ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରତ୍ୟେକ ଜିଲାରେ ଲ୍ୟାଣ୍ଡ୍ ବ୍ୟାଙ୍କ ଗଠନ କରାଯିବ। ଯେଉଁ ରାଜସ୍ୱ ଜମିକୁ ଜଙ୍ଗଲ ଅଞ୍ଚଳ ଘୋଷଣା କରାଯାଇଛି, ମାତ୍ର ସେଠାରେ କାଁ ଭାଁ ଗଛ ରହିଛି, ସେଭଳି ପତିତ ଜମିକୁ ଲ୍ୟାଣ୍ଡ୍ ବ୍ୟାଙ୍କରେ ସାମିଲ କରାଯିବ। ରାଜସ୍ୱ ବିଭାଗର ଅବହେଳିତ ଜଙ୍ଗଲ ଜମିଗୁଡ଼ିକୁ ଚିହ୍ନଟ କରିବା ପାଇଁ ଜିଲାସ୍ତରରେ ଏକ କମିଟି ଗଠନ କରାଯିବ। ତେବେ ଏହି ଜମି ଅତିକମ୍‌ରେ ୨୫ ହେକ୍ଟର ହୋଇଥିବ। ଯଦି ଏହି ଜମି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କିମ୍ବା ବନ୍ୟଜନ୍ତୁ କରିଡର ହୋଇଥିବ ତେବେ ଏହାର କୌଣସି ସୀମା ନିର୍ଦ୍ଧାରଣର ଆବଶ୍ୟକତା ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଏହି ଜମିଗୁଡ଼ିକୁ କେବଳ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଆବଶ୍ୟକ ହେଉଥିବା କ୍ଷତିପୂରକ ବନୀକରଣ ପାଇଁ ବ୍ୟବହାର କରାଯିବ। ରାଜ୍ୟ ସରକାରଙ୍କୁ ଏହି ଜମି ମାଗଣାରେ ପ୍ରଦାନ କରାଯିବ। ତେବେ କେନ୍ଦ୍ର ☞ପୃଷ୍ଠା-୨

# ଖରାଠୁ ବଳିଗଲା ଗୁଳୁଗୁଳି

## ବଲାଙ୍ଗୀରରେ ୪୪ ଡିଗ୍ରୀ ଟପିଲା ପାରଦ

**ଭୁବନେଶ୍ୱର, ୧୫।୫(ବ୍ୟୁରୋ):** ସୋମବାର ସାରା ରାଜ୍ୟରେ ଅସହ୍ୟ ଖରାତାତି ସହ ପ୍ରବଳ ଗୁଳୁଗୁଳି (ହିଟ୍ ୱେଭ୍) ଅନୁଭୂତ ହୋଇଥିଲା। ସକାଳ ୯ଟାରୁ ମୁଣ୍ଡଫଟା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବାବେଳେ ପଶ୍ଚିମ ଓଡ଼ିଶାରେ ସ୍ଥିତି ସବୁଠୁ ବିଗିଡି ଯାଇଥିଲା। ଦ୍ୱୈତ ନଗରୀ କଟକ ଓ ଭୁବନେଶ୍ୱର ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ଅପେକ୍ଷାକୃତ ତାପମାତ୍ରା କମ୍ ଥିଲେ ମଧ୍ୟ ସାନ୍ଦ୍ରତା ବେଶି କାରଣରୁ ଅଧିକ ଗୁଳୁଗୁଳି ହୋଇଥିଲା। ଦିନ ବଢ଼ିବା ସହ ଗୁଳୁଗୁଳି ତାତିଠୁ ବଳିଯାଇଥିଲା। ଲୋକେ ରାତି ପର୍ଯ୍ୟନ୍ତ ଘର ଭିତରେ ମଧ ସ୍ୱାଭାବିକ ଭାବେ ରହିପାରି ନ ଥିଲେ। ଗ୍ରାମାଞ୍ଚଳ ଓ କେତେକ ସହରରେ ବାରମ୍ବାର ବିଜୁଳି କାଟ ଲୋକଙ୍କ ଯନ୍ତ୍ରଣାକୁ ଆହୁରି ବଢ଼ାଇ ଦେଇଥିଲା। ୨ରୁ ୩ ଦିନ ମଧ୍ୟରେ ରାଜ୍ୟର ତାପମାତ୍ର ୪୫° ଡିଗ୍ରୀ ଟପିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଥିବାବେଳେ ସୋମବାର ହିଁ ଏକାଧିକ ☞ପୃଷ୍ଠା-୨

# ସମୁଦ୍ରତଳେ ୭୪ ଦିନ

## ଫ୍ଲୋରିଡା ପ୍ରଫେସର କଲେ ୱାର୍ଲ୍ଡ ରେକର୍ଡ

ତାଲାହାସି, ୧୫।୫



ପ୍ରଫେସର ଜୋଶେଫ ଡିଟୁରି

ଗ୍ରହ, ନକ୍ଷତ୍ର ଓ ତାରକାପୁଞ୍ଜ ସମ୍ପର୍କରେ ତଥ୍ୟ ହାସଲ କରିବା ପାଇଁ ଜ୍ୟୋତିର୍ବିଜ୍ଞାନିମାନଙ୍କୁ ଅନେକ ମାସ ମହାକାଶରେ ରହିବାକୁ ପଡ଼େ। ସେହିପରି ସମୁଦ୍ରର ଗଭୀର ଜଳରେ ବାସ କରୁଥିବା ପ୍ରାଣୀଙ୍କ ସମ୍ବନ୍ଧରେ ଜାଣିବାକୁ ହେଲେ ସମୁଦ୍ର ବୁଡ଼ାଳିମାନଙ୍କୁ ମଧ୍ୟ ଅନେକ ଦିନ ଗଭୀର ଜଳରେ ରହିବାକୁ ପଡ଼ିଥାଏ। କିନ୍ତୁ ଏବେ ସମୁଦ୍ରର ଗଭୀର ଜଳରାଶିତଳେ ଦୁଇମାସରୁ ଊର୍ଦ୍ଧ୍ୱ ଦିନ ରହି ଫ୍ଲୋରିଡା ୟୁନିଭର୍ସିଟି ପ୍ରଫେସର ୱାର୍ଲ୍ଡ ରେକର୍ଡ କରିଛନ୍ତି। ୟୁନିକ୍ ବାୟୋଲଜି ଷ୍ଟଡି ପାଇଁ 'ପ୍ରୋଜେକ୍ଟ ନେପ୍‌ଚୁନ୍ ୧୦୦' ପ୍ରୋଜେକ୍ଟ ଜରିଆରେ ପ୍ରଫେସର ଜୋଶେଫ ଡିଟୁରି ସମୁଦ୍ର ମଧ୍ୟକୁ ଓହ୍ଲାଇଛନ୍ତି।

କି ଲାର୍ଗୋସ୍ଥିତ ଜୁଲ୍ସ ଅଣ୍ଡରସି ଲଜ୍‌ରେ ରହି ଜୋଶେଫ୍ ଏହି ଅଭିଯାନ ଚଳାଇଛନ୍ତି। ସୂଚନାନୁସାରେ, ସ୍ଥଳ ଭାଗରୁ ୩୦ ଫୁଟ ଗଭୀର ତଳେ ଏହି ଲଜ୍ ଅବସ୍ଥିତ। ସମୁଦ୍ର ତଳେ ୭୪ ଦିନ ରହି ରେକର୍ଡ କରିବା ପରେ ଜୋଶେଫ ଟୁଇଟରରେ ଏକ ପୋଷ୍ଟ ଶେୟାର କରିଛନ୍ତି। ସେ କହିଛନ୍ତି, ଅନୁସନ୍ଧାନ କରିବାର ଦୃଢ଼ ଇଚ୍ଛା ତାଙ୍କୁ ଏଠାକୁ ନେଇ ଆସିଛି। କେବଳ ଆଗାମୀ ପିଢ଼ିଙ୍କ ପାଇଁ ନୁହେଁ, ସାରା ବିଶ୍ୱର ବୈଜ୍ଞାନିକମାନଙ୍କୁ ଅଣ୍ଡରସି ସମ୍ପର୍କରେ ଅଧ୍ୟୟନ କରିବା ପାଇଁ ଏହା ପ୍ରେରଣା ଯୋଗାଇବ। ଅଭିଯାନ ଶେଷ ହେବା ଲାଗି ଆଉ ୨୩ ଦିନ ବାକି ଅଛି। ମାର୍ଚ୍ଚ ୧ରେ ଜୋଶେଫ ସମୁଦ୍ର ମଧ୍ୟକୁ ଯାଇଥିବାବେଳେ ଜୁନ୍ ୯ରେ ଏହି ଅଭିଯାନ ଶେଷ ହେବ। ଜୋଶେଫଙ୍କ ପୂର୍ବରୁ ଅନ୍ୟ ଦୁଇଜଣ ପ୍ରଫେସର ସମୁଦ୍ର ଜଳରେ ୭୩ ଦିନ ରହି ବିଶ୍ୱ ରେକର୍ଡ କରିଥିଲେ। ଅନ୍ୟପକ୍ଷେ ଜୋଶେଫଙ୍କ ଉପରେ ଏକ ଡାକ୍ତରି ଟିମ୍ ନଜର ରଖିଛି। ପ୍ରତ୍ୟେକ ଦିନ ସେ ରକ୍ତ ଓ ପରିସ୍ରା ନମୁନା ଉକ୍ତ ଟିମ୍‌କୁ ପଠାଉଛନ୍ତି। ସାଧାରଣ ବ୍ୟକ୍ତି ପାଣି ଭିତରେ ଏତେଦିନ ରହୁ ନ ଥିବାବେଳେ ଶାରୀରିକ ଯାଞ୍ଚର ଆବଶ୍ୟକତା ଥିବା ଜୋଶେଫ କହିଛନ୍ତି। ଗଭୀର ସମୁଦ୍ରତଳେ ରହିବା ତାଙ୍କୁ ପସନ୍ଦ ଏବଂ ଏହା ତାଙ୍କୁ ଭଲ ଅନୁଭୂତି ଦେଇଥିବାବେଳେ ସେଠାରେ ରହି ଜୋଶେଫ୍ ସକଳ ଶକ୍ତିର ଆଧାର ସୂର୍ଯ୍ୟକୁ ଦେଖିପାରୁ ନ ଥିବା କହିଛନ୍ତି।

## ଉଗାଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇ ହଗା, ଯାଚି ମଗା;
ଏ ଦୁଇଟା ହତଭାଗା।**

ଖାଇସାରି ଝାଡ଼ାଯିବା ସ୍ୱାସ୍ଥ୍ୟ ପାଇଁ ଅହିତକର ବା କ୍ଷତିକାରକ ହୋଇଥାଏ। ସେହିପରି ମାଗି ଯାଚି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିଙ୍କ ଜୀବନ ବଡ଼ ଦୁର୍ବିଷହ ହୋଇଥାଏ। ଏହି ଧରଣର ବ୍ୟକ୍ତି ହତଭାଗା ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଣ୍ଡିଆ ଦାନ୍ତ, ଗୁଆ ପଇତି,
ଚାଉଳ ସେରକ ଉଆ।
ଖଣ୍ଡିଆ ଦାନ୍ତିକି ବର ପଡ଼ିଛି,
ଆଉ ସାଇ ବଣଗୁଆଁ।**

ଦାନ୍ତ ମୁଖ ମଣ୍ଡଳର ଶୋଭା ବଢ଼ାଇଥାଏ। ବିବାହ ବେଳେ ଝିଅର ରୂପ ଦେଖି ପସନ୍ଦ କରାଯାଏ। ଏଠାରେ ଭଙ୍ଗା ଦାନ୍ତ ଥିବା ଝିଅ ଖଣ୍ଡିଆ ଦାନ୍ତିକୁ ବର ମିଳିଯିବାରୁ ସାଇ ପଡ଼ିଶା ଈର୍ଷା କରି ବସିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବନପାଳଙ୍କ ସମେତ ୬ ଗିରଫ

## ବଜ୍ରକାପ୍ତା କାତି ବିକ୍ରି ପାଇଁ ଡିଲ୍

**ବାରିପଦା ଅଫିସ,୧୫।୫:** ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଶିମିଳିପାଳ ଅଭୟାରଣ୍ୟର ପାଦଦେଶ ବଡ଼ଖାଡ଼ ଅଞ୍ଚଳରେ ବଜ୍ରକାପ୍ତା କାତି ବିକ୍ରି ପାଇଁ ଡିଲ୍ ସମୟରେ ପୋଲିସ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲା ନୀଳଗିରି ରେଞ୍ଜ ଅଯୋଧ୍ୟା ଅଞ୍ଚଳର ବନପାଳ ରାମଚନ୍ଦ୍ର ମାରାଣ୍ଡି ରହିଛନ୍ତି। ସେହିପରି ଦେଉଳି ଗ୍ରାମର ସନ୍ତୋଷ ସିଂ, ଭଣ୍ଡାରୀପାଳ ଗ୍ରାମର ସାହେବ ମାରାଣ୍ଡି, ଜେଏସ୍‌ପୁରଗୁଡ଼ିଆ ପଞ୍ଚାୟତର ବିଶ୍ୱେଶ୍ୱର ମାରାଣ୍ଡି, ବାରିପଦାର ଡଙ୍ଗରିସାହି ଅଞ୍ଚଳର ରମେଶ ଚନ୍ଦ୍ର ସିଂ, ବେତନଟୀ ଛୋଟାୟପୁର ଅଞ୍ଚଳର ଗଗନ ବେହେରାଙ୍କୁ ଗିରଫ କରାଯାଇ ପଚରାଉଚରା ଜାରି ରହିଛି। ସୋମବାର ସନ୍ଧ୍ୟାରେ ଥାନା ଅଧିକାରୀ ବିକ୍ରମ କେଶରୀ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଦେବଲା ପଞ୍ଚାୟତ ଶଣଦେଇ-ସମାଖୁଣ୍ଟ ରାସ୍ତାର ବଡ଼ଖାଡ଼ ଅଞ୍ଚଳରେ ବଜ୍ରକାପ୍ତା କାତି ବିକ୍ରି ପାଇଁ ଡିଲ ଚାଲିଥିବା ବେଳେ ଖବରପାଇ ଚଢ଼ାଉ କରିଥିଲା। ବନପାଳ ରାମଚନ୍ଦ୍ର ମାରାଣ୍ଡି ୫ ଲକ୍ଷ ଟଙ୍କାରେ ବିକ୍ରି ନିମନ୍ତେ ଡିଲ୍ କରୁଥିବା ବେଳେ ପୋଲିସ ତାଙ୍କୁ ମାଡ଼ି ବସିଥିଲା। ତେବେ ଅଖା ମଧ୍ୟରେ ମୃତ ବଜ୍ରକାପ୍ତାର ସମ୍ପୂର୍ଣ୍ଣ ଖୋଳପା ରହିଥିଲା। ଜବତ ଖୋଳପାରୁ ବଜ୍ରକାପ୍ତାଟି ୩ରୁ ୪ ବର୍ଷର ହୋଇଥିବା ବେଳେ ଜବତ ଖୋଳପାର ଓଜନ ୨ କିଲୋ ୧୩୫ ଗ୍ରାମ ବୋଲି ଜଣାପଡ଼ିଛି। ପୋଲିସ ଏହିଘଟଣାକୁ କପ୍ତିପଦା ବନାଞ୍ଚଳକୁ ହସ୍ତାନ୍ତର କରିଛି। ତେବେ ଏହି ବଜ୍ରକାପ୍ତା କେଉଁଠୁ ଆସିଲା ଏବଂ ଏହାକୁ ଶିକାର କରିଥିବା ସମ୍ପର୍କରେ ଖୋଳତାଡ଼ ଜାରି ରହିଛି। ଗିରଫ ବନପାଳଙ୍କ ସମେତ ଅନ୍ୟ କେଉଁ ବନ କର୍ମଚାରୀ ଏହି ଘଟଣାରେ ଜଡିତ ଥିବା ନେଇ ତଦନ୍ତ ଚାଲିଛି।

# ଅର୍କେଶଙ୍କ ବିରୋଧରେ ସ୍ତ୍ରୀ ନିର୍ଯାତନା ଅଭିଯୋଗ

- ସୋସିଆଲ ମିଡିଆରେ ନ୍ୟୁଜ୍ କ୍ଲିପ୍ ଭାଇରାଲ
- ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ନାତୁଣୀଙ୍କୁ ନିର୍ଯାତନା ନେଇ ଗଣମାଧ୍ୟମରେ ଚର୍ଚ୍ଚା
- ମିଳିପାରିଲାନି ଆଦ୍ରିଜାଙ୍କ ପ୍ରତିକ୍ରିୟା

**ବଲାଙ୍ଗୀର ଅଫିସ, ୧୫।୫**

ବଲାଙ୍ଗୀର ରାଜ ପରିବାର ସଦସ୍ୟ ତଥା ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ ବିରୋଧରେ ତାଙ୍କ ସ୍ତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭି.ପି. ସିଂଙ୍କ ନାତୁଣୀ ଆଦ୍ରିଜା ମଞ୍ଜରୀ ସିଂଦେଓ ଗୁରୁତର ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କିତ ଏକ ନ୍ୟୁଜ୍ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଡେରାଡୁନ୍‌ଠାରେ ଉତ୍ତରାଖଣ୍ଡ ଡିଜିପିଙ୍କୁ ଭେଟି ତାଙ୍କ ନିର୍ଯାତନା ସମ୍ପର୍କରେ ଆଦ୍ରିଜା ଅଭିଯୋଗ କରିଥିବା ଭାଇରାଲ ନ୍ୟୁଜ୍ କ୍ଲିପ୍‌ରେ ସୂଚନା ଦିଆଯାଇଛି। ୧.୨୧ ମିନିଟର ନ୍ୟୁଜ୍ କ୍ଲିପ୍‌ରେ ୨୦୧୭ ମସିହାରେ ଅର୍କେଶ ଓ ଆଦ୍ରିଜାଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିବା ଏବଂ ଏ ସମ୍ପର୍କରେ ପୋଲିସକୁ ସୁରକ୍ଷା ପାଇଁ ଆଦ୍ରିଜା ଲିଖିତଭାବେ ଜଣାଇଥିବା କୁହାଯାଇଛି। ସୁରକ୍ଷା ପାଇଁ ଜଣାଇବା ପରେ ମଧ୍ୟ ପୋଲିସ ସହାୟତା ନ ମିଳିବାରୁ ଆଦ୍ରିଜା ଉତ୍ତରାଖଣ୍ଡ ଡିଜିପିଙ୍କୁ ଘଟଣା ସମ୍ପର୍କରେ ଜଣାଇଛନ୍ତି। ଅଭିଯୋଗ ପରେ ଡିଜିପି ଘଟଣା ସମ୍ପର୍କରେ ସମ୍ପୃକ୍ତ ଥାନାକୁ ଜଣାଇ ଆଦ୍ରିଜାଙ୍କ ସୁରକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିବା ନ୍ୟୁଜ୍ କ୍ଲିପ୍‌ରେ କୁହାଯାଇଛି। ସ୍ୱାମୀଙ୍କ ସମ୍ମୁଖରେ ଷ୍ଟାଫ୍ ମେମ୍ବର ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଆଦ୍ରିଜା ଭାଇରାଲ ଭିଡିଓରେ କହୁଥିବା ଦେଖାଯାଉଛି। ଆଜି ସବୁ ସୀମା ଟପିଗଲା ଏବଂ ମୋ ଘର ଜଳୁଥିବା ତାଙ୍କ ଗାଡିକୁ ଘରକୁ ପଶିବାକୁ ଦେଉ ନ ଥିବା ସେ କହୁଥିବା ଦେଖାଯାଉଛି। ଏହି ନ୍ୟୁଜ୍ କ୍ଲିପ୍ ଭାଇରାଲ ହେବା ପରେ ବଲାଙ୍ଗୀରରେ ହଇଚଇ ସୃଷ୍ଟି ହୋଇଛି। କିଛିଦିନ ହେଲା ଅର୍କେଶ ଏବଂ ଆଦ୍ରିଜାଙ୍କ ମଧ୍ୟରେ ମତଭେଦ ଥିବାନେଇ ନାନା ଚର୍ଚ୍ଚା ଶୁଣିବାକୁ ମିଳୁଥିଲା। ତେବେ ଏନେଇ କେହି କିଛି ମୁହଁ ଖୋଲୁ ନ ଥିଲେ। ସୋମବାର ଭିଡିଓ କ୍ଲିପ୍ ଭାଇରାଲ ହେବା ପରେ ଘଟଣା ଲୋକଲୋଚନକୁ ଆସିଛି।



ବିଜେଡି ନେତା ଅର୍କେଶ ନାରାୟଣ ସିଂଦେଓ ଏବଂ ଆଦ୍ରିଜା ମଞ୍ଜରୀ ସିଂଦେଓଙ୍କ ଫାଇଲ ଫଟୋ।

୨୦୧୭ ମସିହାରେ ଅର୍କେଶ ଏବଂ ଆଦ୍ରିଜାଙ୍କ ବିବାହ ସମ୍ପନ୍ନ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ଅନଙ୍ଗ ଉଦୟ ସିଂଦେଓଙ୍କ ସାନପୁଅ ଅର୍କେଶ ନାରାୟଣ ସିଂଦେଓ ୨୦୧୯ ବିଧାନସଭା ନିର୍ବାଚନରେ ବିଜେଡି ଟିକେଟରେ ବଲାଙ୍ଗୀରରୁ ପ୍ରାର୍ଥୀ ହୋଇଥିଲେ। ସେହି ସମୟରେ ଆଦ୍ରିଜା ମଞ୍ଜରୀ ଓ ଅର୍କେଶ ଏକାଠି ମିଶି ନିର୍ବାଚନ ପ୍ରଚାର କରିବା ଦେଖାଯାଇଥିଲା। ତେବେ ଅର୍କେଶ ନିର୍ବାଚନରେ ପରାସ୍ତ ହୋଇଥିଲେ। ପରେ ଏହି ଦମ୍ପତି ପୌର ନିର୍ବାଚନ ବେଳେ ପୁଣି ବଲାଙ୍ଗୀର ଫେରି ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

ଏହାପରେ ଉଭୟେ ଦୀର୍ଘଦିନ ଧରି ବଲାଙ୍ଗୀରରେ ଅନୁପସ୍ଥିତ ରହିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରେ ମତଭେଦ ଦେଖାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ କେଉଁ ନିର୍ଦ୍ଦିଷ୍ଟ କାରଣରୁ ମତଭେଦ ଦେଖାଯାଇଛି ତାହା ଜଣାପଡିନାହିଁ। ସାମାଜିକ ଗଣମାଧ୍ୟମରେ ନ୍ୟୁଜ୍ କ୍ଲିପ୍ ଭାଇରାଲ ପ୍ରସଙ୍ଗରେ ଅର୍କେଶ ନାରାୟଣ ସିଂଦେଓଙ୍କୁ ପଚାରିବାରୁ ଏସବୁ ମିଥ୍ୟା ଅଭିଯୋଗ ବୋଲି କହିଥିଲେ। ଆଜିକାଲି ବାଣିଜ୍ୟ ଜୀବନରେ ଏ ପ୍ରକାର ଅଭିଯୋଗ କରି ସାଧାରଣରେ ବଦନାମ କରିବା ପାଇଁ ଚାପ ସୃଷ୍ଟି କରାଯାଉଛି। କେସ୍ ଡେରାଡୁନ୍ କୋର୍ଟରେ ଚାଲିଛି। ନ୍ୟାୟପାଳିକା ଉପରେ ମୋର ଭରସା ଅଛି, ଖୁବ୍‌ଶୀଘ୍ର ଆପଣମାନେ ସେମାନଙ୍କ ସତ୍ୟ ତ କ'ଣ ଜାଣି ପାରିବେ ବୋଲି ସେ କହିଥିଲେ। ସେହିପରି ଆଦ୍ରିଜା ମଞ୍ଜରୀଙ୍କୁ ତାଙ୍କ ଫୋନ୍ ନମ୍ବର (୯୯୯୯୨୪୧୧୧୯)ରେ ଯୋଗାଯୋଗ କରାଯାଇଥିଲା। ରିଂ ହେବାସତ୍ତ୍ୱେ ଫୋନ୍ ଉଠାଇ ନ ଥିଲେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଆଦ୍ରିଜାଙ୍କୁ ନିର୍ଯାତନା ଅଭିଯୋଗ ଅର୍କେଶଙ୍କୁ ଅଡୁଆରେ ପକାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି।

# ପ୍ରକାଶ ପାଇଲା ଓଇଏସ୍ ପରୀକ୍ଷା ଫଳ: ୧୬୦ଜଣ କୃତକାର୍ଯ୍ୟ

**କଟକ ଅଫିସ,୧୫।୫**

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ଏଜୁକେଶନ ସର୍ଭିସ (ଓଇଏସ୍) ପରୀକ୍ଷାଫଳ ପ୍ରକାଶ ପାଇଛି। ଏ ନେଇ ସୋମବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ୧୬୦ଜଣ ପରୀକ୍ଷାର୍ଥୀ ପାସ୍ ହୋଇଛନ୍ତି। ସ୍କୁଲ ଓ ଗଣ ଶିକ୍ଷା ବିଭାଗର ଓଇଏସ୍ ଗ୍ରୁପ ବି ଅଧିକାରୀ ଭାବେ କୃତୀ ପରୀକ୍ଷାର୍ଥୀମାନେ ନିଯୁକ୍ତି ପାଇବେ। ଅନ୍ୟପକ୍ଷେ ଏହି ପରୀକ୍ଷାର ସାକ୍ଷାତକାର ସମୟରେ ୨୯ଜଣ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଛନ୍ତି। ସାକ୍ଷାତକାର ଏବଂ ପ୍ରମାଣପତ୍ର ଯାଞ୍ଚ ସମୟରେ ସେମାନେ ଅନୁପସ୍ଥିତ ଥିବାରୁ ସେମାନଙ୍କୁ ଅକୃତକାର୍ଯ୍ୟ ଘୋଷଣା କରାଯାଇଥିଲା। ସେହିପରି କେତେଜଣ ପ୍ରାର୍ଥୀ ଜାତିଗତ ପ୍ରମାଣପତ୍ର ଏବଂ ଅନ୍ୟ ଶିକ୍ଷାଗତ ପ୍ରମାଣ ପତ୍ର ଦାଖଲ କରିପାରି ନ ଥିଲେ। ତେଣୁ ସେମାନଙ୍କ ଆପ୍ଲିକେଶନକୁ ବାତିଲ କରାଯାଇଥିବା ଓପିଏସ୍‌ସି ପକ୍ଷରୁ ସୂଚନା ମିଳିଛି।

## ଟୋକନରେ ତ୍ରୁଟି...

ପ୍ରଥମ ପୃଷ୍ଠାରୁ...



ଟୋକନ ତ୍ରୁଟିକୁ ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

ଟୋକନରେ ୩୯ କୁଇଣ୍ଟାଲ ୭୮ କିଗ୍ରା, କୃଷ୍ଣ ମେହେରଙ୍କୁ ମିଳିଥିବା ଟୋକନରେ ୧୩ କୁଇଣ୍ଟାଲ ରହିଛି। ଏମାନଙ୍କ ସମସ୍ତଙ୍କ ଅଢ଼େଇ ଏକରରୁ ଊର୍ଦ୍ଧ୍ୱ ଜମିରେ ଧାନ ଅମଳ ହୋଇଛି। ଟୋକନରେ କମ୍ ପରିମାଣର ଧାନ ଉଲ୍ଲେଖ ରହିଥିବାରୁ ଚାଷୀମାନେ ସେମାନଙ୍କ ଅମଳ ଧାନ ମଣ୍ଡିକୁ ବିକ୍ରି ପାଇଁ ନେଇ ପାରୁନାହାନ୍ତି। ଅନ୍ୟପଟେ ଟୋକନ ଅବଧି ସରି ଆସୁଛି। ବିଭାଗୀୟ ଅଧିକାରୀଙ୍କ ତ୍ରୁଟି ଯୋଗୁ ଚାଷୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ଦାବି କରିଛନ୍ତି। ପଥର୍ଲା ଗ୍ରାମର ଚାଷୀ ଦେବେନ୍ଦ୍ର ସାହୁ କହିଛନ୍ତି, ତାଙ୍କୁ ମିଳିଥିବା ଟୋକନରେ ବିକ୍ରିଯୋଗ୍ୟ ଧାନ ପରିମାଣ ୬୫ କୁଇଣ୍ଟାଲ ରହିବା କଥା, କିନ୍ତୁ ୨ କୁଇଣ୍ଟାଲ ୮ କିଗ୍ରା ଉଲ୍ଲେଖ ରହିଛି। ଧାନଚାଷ ପାଇଁ ବିଦ୍ୟୁତ୍ ଦେୟ ବାବଦକୁ ସେ ୭ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ଆଉ ଯଦି ୨ କୁଇଣ୍ଟାଲ ଧାନ ବିକ୍ରି କରିବେ, ସେଥିରୁ ବିଦ୍ୟୁତ୍ ଦେୟ ଖର୍ଚ୍ଚ ମଧ୍ୟ ବାହାରିବ ନାହିଁ। ଏପରି କି ୨କୁଇଣ୍ଟାଲ ଧାନକୁ ସେ ମଣ୍ଡିକୁ ବିକ୍ରି ପାଇଁ ଯଦି ଟ୍ରାକ୍ଟରରେ ନେବେ, ଟ୍ରାକ୍ଟର ଭଡ଼ା ମଧ୍ୟ ବାହାରିବ ନାହିଁ। ଫଳରେ ତୁରନ୍ତ ଟୋକନ୍‌ରେ ରହିଥିବା ତ୍ରୁଟି ସଂଶୋଧନ କରି ଧାନ କିଣାଯାଉ, ନଚେତ୍ ଜିଲାପାଳଙ୍କ ଅଫିସରେ ଧାନ ଗଦା କରିବାକୁ ବାଧ୍ୟ ହେବେ ବୋଲି ଚାଷୀମାନେ କହିଛନ୍ତି। ଏନେଇ ଏଡିଏମ୍ ମିର୍ଦ୍ଧା ଟପ୍ପୋଙ୍କୁ ପଚାରିବାରେ ସେ ଏହି ଅଭିଯୋଗର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

## କ୍ଷତିପୂରକ ବନୀକରଣ...

ସରକାରଙ୍କ ମନ୍ତ୍ରଣାଳୟ କିମ୍ବା ବିଭାଗକୁ ଜମି ଜିଲାପାଳ ଧାର୍ଯ୍ୟ କରିଥିବା ମୂଲ୍ୟ ଆଧାରରେ ପ୍ରଦାନ କରାଯିବ। ଜଙ୍ଗଲ ଆଇନ-୧୯୮୦ ଅନୁଯାୟୀ, ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିଣତ କରିବାକୁ ହେଲେ କ୍ଷତିପୂରକ ବନୀକରଣ କରିବାକୁ ବାଧ୍ୟତାମୂଳକ ସର୍ତ୍ତ ରହିଛି। ରାଜ୍ୟ ସରକାର ୧୯୯୫ରୁ ଆବାଦ ଅଯୋଗ୍ୟ ଅନାବାଦୀ ଜମିକୁ କ୍ଷତିପୂରକ ବନୀକରଣ ଲାଗି ବ୍ୟବହାର କରିବାକୁ ଜଙ୍ଗଲ ବିଭାଗକୁ ଦେବାକୁ ଜିଲାପାଳଙ୍କୁ କ୍ଷମତା ଦେଇଛନ୍ତି। ତେବେ ଏଭଳି ଜମି ଅଭାବ ହେବାରୁ ରାଜ୍ୟ ସରକାର କ୍ଷତିପୂରକ ବନୀକରଣ ସକାଶେ ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରିଛନ୍ତି।

## ଭୁବନେଶ୍ୱରରୁ ଦୁବାଇ...

ଏଥିରେ ଓଡ଼ିଶା ସଂଲଗ୍ନ ହେବାଦ୍ୱାରା ଶିଳ୍ପର ବିକାଶ ସହ ପୁଞ୍ଜି ବିନିଯୋଗ ସୁଗମ ହେବ। ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ଭାରତ ବାହାରେ ରହୁଥିବା ଓଡ଼ିଆଙ୍କ ପାଇଁ ଯୋଗାଯୋଗ ପ୍ରତିଷ୍ଠାରେ ଏହା ସହାୟକ ହୋଇପାରିବ। ଦୁବାଇ ମିଡିଲ ଇଷ୍ଟର ଏକ ପ୍ରମୁଖ ଭ୍ରମଣ ତଥା ପର୍ଯ୍ୟଟନ ସ୍ଥାନ, ଯାହାକି ଏହା ୟୁରୋପୀୟ ଓ ଆମେରିକା ବଜାରକୁ ପ୍ରବେଶ ଦ୍ୱାର ଭଳି କାମ କରିଥାଏ। ତେଣୁ ଏହି ବିମାନ ସେବା ଦ୍ୱାରା ବିଶ୍ୱକୁ ସିଧାସଳଖ ଗେଟ୍‌ୱେ ଖୋଲିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିନା ଷ୍ଟପେଜରେ ବିମାନ କର୍ମଚାରୀଙ୍କ ସମେତ ୧୭୦ଜଣଙ୍କୁ ନେଇ ସନ୍ଧ୍ୟା ୬ଟା ୩୦ରେ ଇଣ୍ଡିଗୋ ବିମାନ ଦୁବାଇ ଅଭିମୁଖେ ଯାତ୍ରାରମ୍ଭ କରିଥିଲା। ଏହି ଯାତ୍ରୀଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ୭୦ଜଣିଆ ସ୍ୱତନ୍ତ୍ର ପ୍ରତିନିଧି ମଣ୍ଡଳୀ ଦୁବାଇ ଯାତ୍ରା କରିଛନ୍ତି। ଏମାନଙ୍କ ମଧ୍ୟରେ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ସମେତ ମନ୍ତ୍ରୀ, ବିଜେଡି ବିଧାୟକ ପ୍ରମୁଖ ରହିଛନ୍ତି। ଏଥିସହ ମିଶନ ଶକ୍ତି ସଦସ୍ୟା, ବିଶ୍ୱ ଦକ୍ଷତା କେନ୍ଦ୍ରର ସ୍ୱତନ୍ତ୍ର ଅତିଥି, ପଞ୍ଚାୟତିରାଜ ପ୍ରତିନିଧି, ସ୍ୱତନ୍ତ୍ର ବିକାଶ ପରିଷଦ, କଳାକାର, ଛାତ୍ରୀଛାତ୍ର ଓ କ୍ରୀଡାବିତ୍ ମଧ୍ୟ ପ୍ରଥମ ବିମାନରେ ଯାଇଛନ୍ତି। ତେବେ ଯାତ୍ରା ପୂର୍ବରୁ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନବୀନ ନିବାସରେ ସମ୍ମାନିତ କରାଯାଇଥିଲା। ଏଥିସହ ବିମାନବନ୍ଦରରେ ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କୁ ଉତ୍ତରୀୟ ସହିତ ଓଡ଼ିଶା ଟୁରିଜମ୍‌ର କିଟ୍ ବ୍ୟାଗ ଦେଇ ସମ୍ମାନିତ କରାଯାଇଥିଲା। ପ୍ରସ୍ଥାନ ଟର୍ମିନାଲରେ ମିଠା ଓ ଫୁଲ ପ୍ରଦାନ କରାଯାଇଥିଲା। ଅପରପକ୍ଷେ ପ୍ରଥମେ ଦୁବାଇରୁ ଏକ ବିମାନ ୧୭୦ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା। ସମସ୍ତଙ୍କୁ ଫୁଲ, ଚନ୍ଦନ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପରିବହନ ମନ୍ତ୍ରୀ ଟୁକୁନି ସାହୁ ଉପସ୍ଥିତ ଥିଲେ। ସପ୍ତାହରେ ୩ଦିନ ଯଥା ସୋମବାର, ବୁଧବାର ଏବଂ ଶୁକ୍ରବାର ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଚଳାଚଳ କରିବ।

ସୂଚନାଯୋଗ୍ୟ, ଦୁବାଇକୁ ଯାତ୍ରା ସହଜ କରିବା ପାଇଁ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭ ହେବ ବୋଲି ଦୁବାଇରେ ଅନୁଷ୍ଠିତ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିବେଶକ ସମ୍ପ୍ରଦାୟ, ଓଡ଼ିଶା ଏବଂ ଦେଶବାସୀଙ୍କୁ ଆଶ୍ୱାସନା ଦେଇଥିଲେ। ଗତ ଏପ୍ରିଲ ୧ ଓଡ଼ିଶା ଦିବସରେ ମୁଖ୍ୟମନ୍ତ୍ରୀ ଅନ୍‌ଲାଇନ୍ ଟିକେଟ ବୁକିଂର ଶୁଭାରମ୍ଭ କରିଥିଲେ। ସେହିପରି ଜୁନ୍‌ରୁ ସିଙ୍ଗାପୁର ଏବଂ ବ୍ୟାଙ୍କକ୍‌କୁ ମଧ୍ୟ ସିଧାସଳଖ ବିମାନ ସେବା ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି।

## ଜୁଏଲେରି ଶୋ'ରୁମ୍‌ର...




ମହିଳା ଓ ପୁରୁଷ କର୍ମଚାରୀମାନଙ୍କୁ ଗୋଟିଏ ସ୍ଥାନରେ ବସାଇ ହାତ ବାନ୍ଧିଦେଇଥିଲେ। କେତେକ କର୍ମଚାରୀଙ୍କୁ ସେମାନେ ମାଡ଼ ମାରିଥିଲେ। ଫଳରେ ୨ କର୍ମଚାରୀ ପ୍ରଣତି ପରିଡ଼ା ଓ ତ୍ରିନୟନ ମିଶ୍ର ଅଚେତ ହୋଇପଡ଼ିଥିଲେ। ସେହିପରି ଶୋ'ରୁମ୍ ମ୍ୟାନେଜର ପ୍ରଣବ ସାହୁଙ୍କୁ ଘୋଷାଡ଼ି ନେଇ ମାଡ଼ ମାରିଥିଲେ। ଏହି ସମୟରେ ବୟସ୍କ ଦମ୍ପତି ସୁନା କିଣିବାକୁ ଶୋ'ରୁମ୍ ଭିତରକୁ ଯିବାବେଳେ ଲୁଟେରାମାନେ ସେମାନଙ୍କୁ ଭିତରକୁ ଟାଣି ନେଇଥିଲେ। ସେମାନଙ୍କ ମୋବାଇଲ ଫୋନ୍‌କୁ ଲୁଟି ନେଇ ଏକ କୋଣରେ ବସାଇ ରଖିଥିଲେ। କିନ୍ତୁ ସେମାନେ ପିନ୍ଧିଥିବା ସୁନା ଅଳଙ୍କାରକୁ ନେଇ ନ ଥିଲେ। ତୁମେ ସୁରକ୍ଷିତ, ଚୁପ୍‌ଚାପ ବସିରୁହ ବୋଲି ସେମାନଙ୍କୁ ଲୁଟେରାମାନେ କହିଥିବା ଜଣାପଡ଼ିଛି। ଉକ୍ତ ଦମ୍ପତି ହେଲେ ଭୁବନେଶ୍ୱରର ବିଜୟ କୁମାର ସ୍ୱାଇଁ ଏବଂ ମାନସ ନଳନୀ ସ୍ୱାଇଁ। ସେମାନେ ଉକ୍ତ ଶୋ'ରୁମ୍ ନିକଟ ଷ୍ଟେଟ୍‌ବ୍ୟାଙ୍କକୁ କୌଣସି କାମରେ ଆସିଥିଲେ। ଲୁଟେରାମାନେ ପ୍ରାୟ ୧୨ କେଜିରୁ ଊର୍ଦ୍ଧ୍ୱ ସୁନା ଗହଣା ସମେତ ହୀରା ଅଳଙ୍କାରକୁ ୩ଟି ବ୍ୟାଗରେ ଭର୍ତ୍ତି କରି ନେଇଯାଇଥିଲେ। କିନ୍ତୁ ରୁପା ଅଳଙ୍କାରଗୁଡ଼ିକୁ ଛାଡ଼ିଯାଇଥିଲେ। ସେମାନଙ୍କ ହାତରେ ବନ୍ଧୁକ ରହିଥିଲା। ସେମାନେ ୨୫ରୁ ୩୦ ବର୍ଷ ବୟସର ବୋଲି ଅନୁମାନ କରାଯାଉଥିବାବେଳେ ସମସ୍ତଙ୍କ ଉଚ୍ଚତା ପ୍ରାୟ ୬ଫୁଟ ହେବ। ସେମାନେ ହିନ୍ଦୀ ଭାଷାରେ କଥାବାର୍ତ୍ତା ହେଉଥିଲେ। ୨ ଜଣ ସହଯୋଗୀ ବାହାରେ ବାଇକରେ ଅପେକ୍ଷା କରିଥିଲେ ବୋଲି ଜଣାପଡ଼ିଛି। ଲୁଟେରାମାନେ ଶୋ'ରୁମ୍ ବାହାରୁ ଶଟର ପକାଇ ସୁନା ଅଳଙ୍କାର ସହ ଫେରାର ହୋଇଯାଇଥିଲେ। ଯିବାବେଳେ କର୍ମଚାରୀମାନଙ୍କ ମୋବାଇଲଗୁଡ଼ିକୁ ସେଠାରେ ଥିବା ଏକ ଗଣେଶ ମୂର୍ତ୍ତି ନିକଟରେ ରଖି ଦେଇଥିଲେ। ଏହାପରେ କର୍ମଚାରୀମାନେ ଭିତର ପଟୁ କାଚରେ ହାତ ମାରି ଲୋକଙ୍କୁ ଡାକିଥିଲେ। ଆଖପାଖ ଲୋକେ ଯାଜପୁର ରୋଡ୍ ପୋଲିସକୁ ଏନେଇ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ ଶଟର ଖୋଲି ଶୋ'ରୁମ୍ ଭିତରକୁ ଯାଇଥିଲେ। ଲୁଟେରାମାନଙ୍କ ମାଡ଼ରେ ଆହତ ହୋଇଥିବା ଶୋ'ରୁମ୍‌ର ୨ କର୍ମଚାରୀ ପ୍ରଣତି ଏବଂ ତ୍ରିୟନଙ୍କୁ ପୋଲିସ ଡାକ୍ତରଖାନା ପଠାଇଥିଲା। ଘଟଣାସ୍ଥଳରେ ଯାଜପୁର ଏସ୍‌ପି ବିନିତ୍ ଅଗ୍ରୱାଲ, ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ ଏବଂ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ପହଞ୍ଚି ଡକାୟତି ସମ୍ପର୍କରେ ତଦନ୍ତ ଜାରି ରଖିଛନ୍ତି। ସାଇଣ୍ଟିଫିକ୍ ଟିମ୍ ସନ୍ଧ୍ୟାରେ ତଦନ୍ତ କରିଛି। ଲୁଟେରାମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ଏସ୍‌ପି ଅଗ୍ରୱାଲ କହିଛନ୍ତି। ଜିଲା ଏବଂ ଜାତୀୟ ରାଜପଥ ନିକଟ ସମସ୍ତ ଥାନାକୁ ଘଟଣା ସମ୍ପର୍କରେ ସୂଚିତ କରାଯିବା ସହ ବିଭିନ୍ନ ରାସ୍ତାରେ ପୋଲିସ କଡ଼ାକଡ଼ି ଯାଞ୍ଚ ଚଳାଇଛି।

ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ପ୍ରବକ୍ତା କହିଛନ୍ତି ଯେ, 'ଆମେ ପୋଲିସ ଅଧିକାରୀ ଓ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ରହିଛୁ। ଦୋଷୀମାନଙ୍କୁ ଶୀଘ୍ର ଆଇନ ପରିସରକୁ ଅଣାଯିବ ବୋଲି ଆମର ବିଶ୍ୱାସ ରହିଛି। ଆମ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଆମ କର୍ମଚାରୀମାନେ ସୁରକ୍ଷିତ ଅଛନ୍ତି ଏବଂ ଆମେ ସେମାନଙ୍କ ସାହସକୁ ପ୍ରଶଂସା କରୁଛୁ। ସୂଚନାଯୋଗ୍ୟ ଯେ, ଗତ ୧୦ ବର୍ଷ ମଧ୍ୟରେ ଯାଜପୁର ରୋଡ୍‌ର ସୁନା ଦୋକାନରେ ଏଭଳି ଡକାୟତି ତୃତୀୟ ଥର ପାଇଁ ଘଟିଛି। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଶୋ'ରୁମ୍‌ର ପ୍ରାୟ ୩୦ ମିଟର ଦୂରରେ ଥିବା କ୍ରିଷ୍ଣା ଜୁଏଲେରିରୁ ୨ ଥର ଡକାୟତି ହୋଇଛି। ଉକ୍ତ ଘଟଣାରେ ସମସ୍ତ ଡକାୟତ ଏଯାଏ ଗିରଫ ହୋଇନାହାନ୍ତି।

## ଖରାଠୁ ବଳିଗଲା...

ସ୍ଥାନରେ ପାରଦ ୪୪° ଡିଗ୍ରୀ ଅତିକ୍ରମ କରିଥିଲା। ୪୪.୪ ଡିଗ୍ରୀ ସହ ବଲାଙ୍ଗୀର ସବୁଠାରୁ ଉତ୍ତପ୍ତ ଜିଲା ପାଲଟିଥିବାବେଳେ ଟିଟିଲାଗଡ଼ର ତାପମାତ୍ରା ୪୪ ଡିଗ୍ରୀ ରହିଥିଲା। ଏହା ପଛକୁ ଝାରସୁଗୁଡା ୪୩.୬ ଡିଗ୍ରୀ, ଭବାନୀପାଟଣା ୪୩.୫ ଡିଗ୍ରୀ, ସମ୍ବଲପୁର, ସୋନପୁର ଓ ମାଲକାନଗିରି ୪୨.୮ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଏହାକୁ ମିଶାଇ ମୋଟ ୧୧ଟି ଷ୍ଟେଶନରେ ତାପମାତ୍ରା ୪୨ ଡିଗ୍ରୀ ବା ତାହାଠାରୁ ଅଧିକ ରହିଥିଲା। ତେବେ ଭୁବନେଶ୍ୱରରେ ତାପମାତ୍ରା ୩୮.୪ ଡିଗ୍ରୀ ଓ କଟକରେ ୩୭.୬ ଡିଗ୍ରୀ ରେକର୍ଡ କରାଯାଇଥିଲା।

ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାଶଙ୍କ ସୂଚନାନୁସାରେ, ଉପକୂଳବର୍ତ୍ତୀ ଜିଲାରେ ତାପମାତ୍ରା ଅଧିକ ରହିଥିଲେ ମଧ୍ୟ ସାନ୍ଦ୍ରତା କମ୍ ରହୁଥିବାରୁ ଖରା ପରିମାଣ ଅପେକ୍ଷାକୃତ କମ୍ ଅନୁଭୂତ ହୋଇଥିଲା। ମାତ୍ର ଆଭ୍ୟନ୍ତର ଓଡ଼ିଶାରେ ସାନ୍ଦ୍ରତା ଅଧିକ ରହୁଥିବାରୁ ଅଧିକ ଗୁଳୁଗୁଳି ହୋଇଛି। ସାନ୍ଦ୍ରତା ପରିମାଣ ବଢ଼ିଲେ ବାସ୍ତବ ତାପମାତ୍ରା ତୁଳନାରେ ପ୍ରାୟ ୧୦ରୁ ୧୧ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ଅଧିକ ତାପମାତ୍ରା ଅନୁଭୂତ ହୋଇଥାଏ। ତେଣୁ ରାଜଧାନୀ ଭୁବନେଶ୍ୱରରେ ଦିନବେଳା ୩୮.୪ ଡିଗ୍ରୀ ତାପମାତ୍ରା ରହିଥିଲେ ମଧ୍ୟ ଲୋକଙ୍କୁ ତାପମାତ୍ରା ପ୍ରାୟ ୪୫/୫୦ ଡିଗ୍ରୀ ସେଲ୍‌ସିୟସ ଭଳି ଲାଗିଥିଲା। ସାଧାରଣ ଲୋକଙ୍କ ପକ୍ଷେ ଏହା ଯେତିକି ହାନିକାରକ ବିଶେଷକରି ଶିଶୁ, ବୟସ୍କ ଓ ରୋଗୀଙ୍କ ପାଇଁ ଏହି ଗୁଳୁଗୁଳି ସହ୍ୟ କରିବା ବିଶେଷ କଷ୍ଟକର ବୋଲି ବିଶେଷଜ୍ଞ ଦାଶ କହିଛନ୍ତି।

ଅନ୍ୟପଟେ ପାଣିପାଗ ବିଶେଷଜ୍ଞ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି, ରାଜ୍ୟରେ ହିଟ୍ ୱେଭ୍ ନେଇ ୧୭ତାରିଖ ଯାଏ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ମଙ୍ଗଳବାର ୧୬ ତାରିଖରେ ହିଟ୍ ୱେଭ୍ ନେଇ ଝାରସୁଗୁଡ଼ା, ସୋନପୁର, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ରାଉରକେଲା, ଅନୁଗୋଳ, ବୌଦ୍ଧ, ଟିଟିଲାଗଡ଼, ବଲାଙ୍ଗୀର ଓ ସୋନପୁର ଜିଲାରେ ଦିନ ତାପମାତ୍ରା ୪୫ ଡିଗ୍ରୀ ଛୁଇଁପାରେ ବୋଲି ସତର୍କ କରାଯାଇଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ଅଗ୍ନିବର୍ଷା ହେବ। ଦିନ ତାପମାତ୍ରା ୩ରୁ ୫ଡିଗ୍ରୀ ଯାଏ ବୃଦ୍ଧି ପାଇବ। ପୂର୍ବାହ୍ନ ୧୧ରୁ ୩ଟା ଯାଏ ଘରେ ରହିବାକୁ କୁହାଯାଇଛି। ଆଖୁ, ମକା, ଡାଲି ଓ ଅନ୍ୟାନ୍ୟ ଫସଲ ଏବଂ ପନିପରିବାରେ ଜଳସେଚନ କାର୍ଯ୍ୟ ଜାରି ରଖିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ଅତି ଜରୁରୀ ନ ଥିଲେ ଘରୁ ନ ବାହାରିବାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ କରିଛି।

## ୮ ଜିଲାପାଳଙ୍କୁ ସତର୍କ କଲେ ଏସ୍‌ଆର୍‌ସି

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଆକଳନକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଖରା ଓ ଗୁଳୁଗୁଳି ନେଇ ସତର୍କ ସୂଚନା ଜାରି କରାଯାଇଛି। ଅନୁଗୋଳ, ବଲାଙ୍ଗୀର, ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼ରେ ଆଗାମୀ ୪ଦିନ ହିଟ୍ ୱେଭ୍ ଜାରି ରହିବ। ଏଣୁ ସଂପୃକ୍ତ ଜିଲାର ଜିଲାପାଳଙ୍କୁ ଏସ୍‌ଆର୍‌ସି ସଜାଗ ରହିବା ପାଇ ନିର୍ଦ୍ଦେଶ ଦେଇଛନ୍ତି। ଜରୁରିକାଳୀନ ପରିସ୍ଥିତିର ସଫଳ ମୁକାବିଲା କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏନେଇ ବିପର୍ଯ୍ୟୟ ପରିଚାଳନା ବିଭାଗ, କୃଷି ବିଭାଗ, ଜଳସମ୍ପଦ ବିଭାଗ ଓ ଓସ୍‌ଡମାକୁ ମଧ୍ୟ ଅବଗତ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବ୍ୟୟାଧିକ୍ୟ ସାଙ୍ଗକୁ ବିବାଦୀୟ ସ୍ଥିତି କିମ୍ବା ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଆକସ୍ମିକ ପ୍ରତିବନ୍ଧକଜନିତ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମାନ୍ୟ ବାଧାପ୍ରାପ୍ତ ହୋଇପାରେ। କର୍ମାରମ୍ଭ ସକାଶେ ମନ ବଳାଇ ସଫଳତା ହାସଲ କରିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ଶନି କ୍ରମୋନ୍ନତି କରିବେ, କିନ୍ତୁ ପରିବାର ସ୍ଥାନକୁ ପ୍ରତ୍ୟକ୍ଷ ଦୃଷ୍ଟି ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ଅତୀତର ବିବାଦୀୟ ଘଟଣାରେ ମନସ୍ତାପ କରିବାକୁ ପଡ଼ିପାରେ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେଇପାରନ୍ତି। ବନ୍ଧୁଙ୍କ ଆସିବା ବାଟକୁ ଚାହିଁ ଚାହିଁ ବିରକ୍ତି ପ୍ରକାଶ କରିପାରନ୍ତି।

**ମିଥୁନ** ଶୁକ୍ରଙ୍କ ସୁପ୍ରଭାବରୁ ମାନସିକ ପ୍ରଫୁଲ୍ଲତା ସାଙ୍ଗକୁ କଳା, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ବାଧ ହେବେ। ଭ୍ରମଣ, ରାଜନୀତି, ପ୍ରଶାସନ ଓ ସଭାସମିତି କ୍ଷେତ୍ରରୁ ସଫଳତା ପାଇବେ। ବନ୍ଧୁମାନଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**କର୍କଟ** କର୍ମାଧିପ ରାଶିରେ ନୀଚସ୍ଥ ଯୋଗୁ କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। ସମ୍ପର୍କୀୟଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇ ଖୁସି ହେବେ। ଗୁରୁତ୍ୱପୂର୍ଣ୍ଣ କାମରେ ମିତ୍ରମାନଙ୍କ ପରାମର୍ଶ ନେଇ କାମ କଲେ ଉପକୃତ ହେବେ।

**ସିଂହ** ଶୁକ୍ର ଏକାଦଶସ୍ଥ ଯୋଗୁ ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ରାଜନୀତିରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ମନୋବଳ ବୃଦ୍ଧିରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ରହିବ।

**କନ୍ୟା** ଧନ ଭାଗ୍ୟାଧିପଙ୍କ ସୁପ୍ରଭାବରେ କର୍ମକ୍ଷେତ୍ରରେ ସମ୍ମାନିତ ହେବା ସହ ଆର୍ଥିକ ଅଭିବୃଦ୍ଧି ଘଟିବ। ଉଦ୍ଦେଶ୍ୟମୂଳକ ଭାବରେ କରାଯାଇଥିବା ସ୍ଥାନାନ୍ତର ସୂଚନା ପାଇ ହଡ଼ବଡ଼େଇ ଯାଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଏକ ପ୍ରକାର ହିତକର ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ କେତେକ କଥା ସମ୍ଭାଳିବାକୁ ପଡ଼ିବ।

**ତୁଳା** ଅନୁକୂଳ ଗ୍ରହ ସ୍ଥିତି ପ୍ରଭାବରୁ ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହେବ। ରାଶିରେ କେତୁ ଥିବାରୁ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କୌଣସି କାମ ହାସଲ ପାଇଁ ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବାକୁ ପଡ଼ିପାରେ। ଲେଖାପଢ଼ା ତଥା ପ୍ରକାଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପାଇବେ।

**ବିଛା** ସପ୍ତମାଧିପତି ଅଷ୍ଟମଭାବସ୍ଥ ଯୋଗୁ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା ଏବଂ ପାରିବାରିକ ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ପକାଇପାରେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। କୋଣଭାବସ୍ଥ ଚନ୍ଦ୍ର ହେତୁ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ଦ୍ୱିତୀୟଭାବ ମଙ୍ଗଳ ଦୃଷ୍ଟିରେ ଥିବାରୁ କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ସମାଲୋଚନାର ପାତ୍ର ହେବେ। ସଂଗଠନ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାରୁ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ପଡ଼ିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ।

**ମକର** ଚନ୍ଦ୍ର ଭାଗ୍ୟ ସ୍ଥାନକୁ ଦେଖୁଥିବାରୁ ସବୁ ସମୟରେ ପାଖରେ ରହୁଥବା ବ୍ୟକ୍ତି ଦ୍ୱାରା କାମ ହାସଲ କରିବେ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ଥିବା ସମସ୍ୟା ବନ୍ଧୁଙ୍କ ଜରିଆରେ ସମାଧାନ ହେବ। ନିର୍ମାଣ କାର୍ଯ୍ୟରେ କେତେକ ପ୍ରତିବନ୍ଧକ ଦେଖାଦେବ। ସହଯୋଗ ପାଇଁ ବନ୍ଧୁଙ୍କ ଆଗରେ ପ୍ରକାଶକରି ନ ପାରି ପରେ ଅନୁତାପ କରିପାରନ୍ତି।

**କୁମ୍ଭ** ରାହୁ ନକ୍ଷତ୍ରସ୍ଥ ରାଶ୍ୟାଧିପ କାରଣରୁ ବିଭିନ୍ନ ସମସ୍ୟାମୂଳକ କାମରେ ପ୍ରବେଶକରି ବ୍ୟସ୍ତ ହେବେ। ଚନ୍ଦ୍ରଙ୍କ ସ୍ଥିତି ହେତୁ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ କାରଣରୁ କିମ୍ବା ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ସହକର୍ମୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ** ଶୁକ୍ର ଚତୁର୍ଥ କେନ୍ଦ୍ରସ୍ଥ ଯୋଗୁ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପାରସ୍ପରିକ ଆଲୋଚନାକ୍ରମେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ଭାବପ୍ରବଣବଶତଃ ବନ୍ଧୁଙ୍କ ସମ୍ମୁଖରେ କୌଣସି ଅପ୍ରକାଶ୍ୟ କଥା ପ୍ରକାଶକରି ଅପଦସ୍ଥ ହୋଇପାରନ୍ତି।

ଆଜି ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ ମଙ୍ଗଳବାର, ମେ ୧୬ ତାରିଖ, ରାମାନୁଜ ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ଜାତୀୟ ଡେଙ୍ଗୁ ଦିବସ, କଳିଙ୍ଗ ଭାରତୀ ପକ୍ଷରୁ କଟକରେ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ସପ୍ତାହ ଆରମ୍ଭ, ବାମଣ୍ଡା ରାଜା ବାସୁଦେବ ସୁଢ଼ଳଦେବଙ୍କ ଜୟନ୍ତୀ। ରାଶି ନକ୍ଷତ୍ର- ରେବତୀ/ମୀନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ୦୬।୫୧ ଗତେ,ଘ.୦୯।୩୩ ମଧ୍ୟେ,ଘ.୧୨।୦୯ ଗତେ,ଘ.୦୪।୩୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୨।୫୭ ଗତେ, ଘ.୦୪।୩୪ ମଧ୍ୟେ ରାହୁକାଳ।




# ଡ୍ରଇଂ ଶିଟ୍‌ରେ ୧ ଲକ୍ଷ ୧୦୮ ରାମ ନାମ

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ସୁଶ୍ରୀ

କେନ୍ଦୁଝର, ୧୫।୫(ଡି.ଏନ୍.ଏ.)

କେନ୍ଦୁଝର ପୁରୁଣା ସହରର ପ୍ରସନ୍ନ ପତିଙ୍କ କନ୍ୟା ସୁଶ୍ରୀ ସୁମନ ପତି ୨୮ ଇଞ୍ଚ ଓସାର, ୩୪ ଇଞ୍ଚ ଲମ୍ବ ବିଶିଷ୍ଟ ଏକ ଡ୍ରଇଂ ଶିଟ୍‌ରେ ୧ ଲକ୍ଷ ୧୦୮ ଥର ରାମ ନାମ ଲେଖିଛନ୍ତି। ଏହି ଲେଖା ମାଧ୍ୟମରେ ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ଚିତ୍ର ଆଙ୍କି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ଅଧିକାରିଣୀ ହୋଇପାରିଛନ୍ତି। ପେନ୍ ଓ ସ୍କେଜ୍ ସାହାଯ୍ୟରେ ନିଖୁଣ କଳା କାରିଗରି ବଳରେ ଦୀର୍ଘ ୧୪ ଦିନ ପରିଶ୍ରମ କରି ସେ ଏହା ଆଙ୍କିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଚିତ୍ର ଆଙ୍କିବା ସମୟରେ ମାର୍ଚ୍ଚ ୧୭ ତାରିଖରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପାଇଁ ଆବେଦନ କରିଥିଲେ। ତାହା ଏବେ ଘୋଷଣା ସହ ତାଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରାଯାଇଛି। ଅନନ୍ୟ ପ୍ରତିଭା ପାଇଁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି। ସୁଶ୍ରୀ ସୁମନ୍ ପେଣ୍ଟିଂ ସହ ସ୍ୟାଣ୍ଡ ଆର୍ଟ ଏବଂ ଆନିମେଶନରେ ମଧ ରୁଚି ରଖିଛନ୍ତି। ସେ ଉତ୍ତରାଖଣ୍ଡର ହରିଦ୍ୱାରଠାରେ ଥିବା ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆନିମେଶନରେ ଡିପ୍ଲୋମା କରିଛନ୍ତି। ସୁଶ୍ରୀ ଆନ୍ତର୍ଜାତିକ ସ୍ୟାଣ୍ଡ୍ ଆର୍ଟିଷ୍ଟ ଆୱାର୍ଡ ଏବଂ ଯୁବ କଳାକାର ଆୱାର୍ଡ ଆଦି ବହୁ ସମ୍ମାନର ଅଧିକାରିଣୀ ହୋଇପାରିଛନ୍ତି। ବର୍ତ୍ତମାନ ସେ କେନ୍ଦୁଝର ସହରର ପୁରୁଣାବଜାର ଏବଂ ମାଇନିଂ ରୋଡ୍‌ରେ ଗାୟତ୍ରୀ ନାମକ କଳା ଶିକ୍ଷାନୁଷ୍ଠାନ କରି ଶିଶୁମାନଙ୍କୁ ପେଣ୍ଟିଂ, ଆନିମେଶନ ଶିକ୍ଷା ଦେଉଛନ୍ତି। ସେ ନୂଆ ନୂଆ କଳା, କାରିଗରି କରି ବିଶ୍ୱସ୍ତରୀୟ ରେକର୍ଡ ପାଇଁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି।



ବାପାଙ୍କ ସହ ସୁଶ୍ରୀ ସୁମନ।

# ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ନିକଟରେ ନିଆଁ

ପୁରୀ ଅଫିସ, ୧୫।୫

ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ନିକଟ ତଥା ବଡ଼ଛତା ମଠ ପାର୍ଶ୍ୱରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ କିଛି କ୍ଷୟକ୍ଷତି ହୋଇନାହିଁ। ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ତୁରନ୍ତ ଆୟତ୍ତ କରାଯାଇପାରିଛି। ସୂଚନାଯୋଗ୍ୟ, ଅପରାହ୍ଣରେ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ନିକଟ ପିଟି ବକ୍ସ ୱେୟାରିଂ ତାରରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପରେ ତାହା ଜଳିଥିଲା। ଏହା ଦେଖି ସେଠାରେ ଉପସ୍ଥିତ ଭକ୍ତ ଏବଂ ଅନ୍ୟମାନେ ଭୟଭୀତ ହୋଇପଡ଼ିଥିଲେ। ଶ୍ରୀମନ୍ଦିର ବିଦ୍ୟୁତ କର୍ମଚାରୀ ପହଞ୍ଚି ତାରକୁ ଅଲଗା କରିବା ସହ ନିଆଁ ଲିଭାଇଥିଲେ। ସେହିପରି ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥିତି ପରଖିଥିଲେ। ତେବେ ସେତେବେଳକୁ ନିଆଁ ଲିଭିସାରିଥିଲା। ବିଦ୍ୟୁତ କର୍ମଚାରୀଙ୍କ ଯୋଗୁ ଏକ ବଡ଼ ଅଘଟଣ ଟଳିଯାଇଥିଲା। ମୂଷା କିମ୍ବା ଝିଟିପିଟି ତାର କାଟିଦେଇଥିବାରୁ ଶର୍ଟସର୍କିଟ୍ ଘଟି ନିଆଁ ଲାଗିଥିଲା ବୋଲି ଅନୁମାନ କରାଯାଉଛି।

## ଓଡ଼ିଶାରେ ବଜ୍ରପାତ

# ବାର୍ଷିକ ୪୦୦ ଜୀବନହାନି

- ଜନସଚେତନତାକୁ ପ୍ରଶାସନର ଗୁରୁତ୍ୱ
- ୧୦ ଜିଲା ପାଇଁ ୧ କୋଟି ୧୪ ଲକ୍ଷ ଟଙ୍କାର ବଜେଟ

ଯାଜପୁର ଅଫିସ, ୧୫।୫

ଭାରତର ବିପର୍ଯ୍ୟୟ ହଟ୍‌ସ୍ପଟ୍ ମଧ୍ୟରେ ଓଡ଼ିଶା ରହିଆସିଛି। ବାତ୍ୟା, ବନ୍ୟା, ମରୁଡ଼ି ଭଳି ଦୁର୍ବିପାକ ପ୍ରାୟ ପ୍ରତିବର୍ଷ ଘଟୁଛି। ଏଭଳି ବିପର୍ଯ୍ୟୟ ସହ ବଜ୍ରପାତରେ ଅଧିକ ଜୀବନହାନି ଘଟୁଛି। ୧୯୯୯ ମହାବାତ୍ୟା ପରେ ଏଯାଏ ବଜ୍ରପାତରେ ୫୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ବିଶେଷକରି ୨୦୧୫-୧୬ରୁ ବାର୍ଷିକ ହାରାହାରି ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ୨୦୧୭-୧୮ରେ ସର୍ବାଧିକ ୪୭୪ ଲୋକଙ୍କ ବଜ୍ରପାତଜନିତ ମୃତ୍ୟୁ ଘଟିଛି, ଯାହା ପୂର୍ବବର୍ଷ ତୁଳନାରେ ୧୮.୫% ଅଧିକ। ମୃତକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି କୃଷକ, ବ୍ୟବସାୟୀ, ହକର ଏବଂ ନିର୍ମାଣ ଶ୍ରମିକ, ଯେଉଁମାନେ ବର୍ଷା ଓ ଘଡ଼ଘଡ଼ି ସମୟରେ ଖୋଲା ସ୍ଥାନରେ କାମ କରୁଥିଲେ କିମ୍ବା ଗଛ ତଳେ ଆଶ୍ରୟ ନେଇଥିଲେ। ତେବେ ଏଭଳି ମୃତ୍ୟୁକୁ ରୋକିବା ପାଇଁ ଜନସଚେତନତା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଏହା ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।

ପାଣିପାଗ ସଂକ୍ରାନ୍ତରେ ପୂର୍ବାନୁମାନ ଏବଂ ବଜ୍ରପାତ ନିୟନ୍ତ୍ରଣ ଉପରେ ଆବଶ୍ୟକ ପଦକ୍ଷେପ ଅଭାବରୁ ସାଧାରଣ ଲୋକଙ୍କ ଜୀବନ ବିପଦାପନ୍ନ ହୋଇଥିବା ମତପ୍ରକାଶ ପାଇଛି। ଯାଜପୁର ରୋଡ୍‌ର ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ବଜ୍ରପାତ ବିଶେଷକରି ଗଛଲତା ଅଭାବରୁ ବୃଦ୍ଧି ହେଉଛି। ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆଳରେ ବ୍ୟାପକ ଗଛକଟା ଚାଲିଛି। ସେହି ତୁଳନାରେ ବୃକ୍ଷରୋପଣ ହୋଇ ପାରୁନାହିଁ। ଏହାସହ ସାଧାରଣ ଲୋକଙ୍କ ମଧ୍ୟରେ ସେତେଟା ସଚେତନତା ସୃଷ୍ଟି କରାଯାଇ ପାରିନାହିଁ। ଏହାସହ ସରକାରୀସ୍ତରରେ ବଜ୍ରପାତକୁ ନେଇ ଠିକ୍ ଭାବେ ପୂର୍ବାନୁମାନ କରାଯାଇ ପାରୁନାହିଁ। ବୈଷୟିକ ଜ୍ଞାନକୌଶଳର ଅଭାବ ଯୋଗୁ ଉଚିତ ସମୟରେ ବଜ୍ରପାତ ସମ୍ପର୍କରେ ସୂଚନା ମିଳୁନି। ତେଣୁ ଜିଲାସ୍ତରରେ ଆବଶ୍ୟକ ଯନ୍ତ୍ରପାତି ଖଞ୍ଜାଯାଇ ସ୍ୱତନ୍ତ୍ର କେନ୍ଦ୍ର ମାଧ୍ୟମରେ ସୂଚନା ଦିଆଯାଇ ପାରିଲେ ବଜ୍ରପାତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇପାରିବ। ବରିଷ୍ଠ ନାଗରିକ ମାୟାଧର ନାୟକ କୁହନ୍ତି, ସଚେତନତା ଅଭାବରୁ ବଜ୍ରପାତ ମନୁଷ୍ୟକୃତ ବିପଦରେ ପରିଣତ ହେଉଛି। ଜଙ୍ଗଲ ସଫା ଏବଂ କଂକ୍ରିଟ ଜଙ୍ଗଲ ସୃଷ୍ଟି ଯୋଗୁ ଜଳବାୟୁ ପରିବର୍ତ୍ତନ ହେବା ସହ ପ୍ରଦୂଷଣ ବୃଦ୍ଧି ହୋଇଛି। ଧରଣୀ ମା' ଉପରେ ଅତ୍ୟାଚାର ବଢ଼ି ଚାଲିଛି। ଏହାସହ ଲୋକଙ୍କୁ ଯେତେ ସତର୍କ କଲେ ବି ସେମାନେ ସେତେଟା ସଚେତନ ହେଉନାହାନ୍ତି। ଫଳରେ ବଜ୍ରପାତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି।



ବଜ୍ରପାତରୁ ଲୋକଙ୍କୁ ରକ୍ଷା କରିବା ନିମନ୍ତେ ୨୦୨୩-୨୪ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ ଅନୁସାରେ ଏକ ଷ୍ଟେଟ ଏକ୍‌ଜିକ୍ୟୁଟିଭ କମିଟି ଗଠନ କରାଯାଇଛି। ଗତ ୨ ତାରିଖରେ ଏହି କମିଟିର ପ୍ରଥମ ବୈଠକର ନିଷ୍ପତ୍ତି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ବଜ୍ରପାତରେ ଅଧିକ ମୃତ୍ୟୁ ହେଉଥିବା ୧୦ ଜିଲାରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିରେ ମୟୂରଭଞ୍ଜ, ଗଞ୍ଜାମ, କେନ୍ଦୁଝର, ବାଲେଶ୍ୱର, କଟକ, ସୁନ୍ଦରଗଡ଼, ନବରଙ୍ଗପୁର, ଯାଜପୁର, ବଲାଙ୍ଗୀର ଓ କୋରାପୁଟ ଜିଲା ରହିଛି। ଏଥିପାଇଁ ୧ କୋଟି ୧୪ ଲକ୍ଷ ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଛି। ଏହି ଅର୍ଥରେ ଘଡ଼ଘଡ଼ି ଓ ବଜ୍ରପାତ ସମ୍ପର୍କରେ ପୋଷ୍ଟର ତିଆରି, ଗ୍ରାମ୍ୟସ୍ତରରେ ପଥପ୍ରାନ୍ତ ନାଟକ ଓ ଲୋକନୃତ୍ୟ, ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନ, ସଚେତନତା ରଥ ପରିକ୍ରମା, ହାଟ ଆଦି ଜନଗହଳି ସ୍ଥାନରେ ସଚେତନତା କ୍ୟାମ୍ପ, ଅଡିଓ/ଭିଡିଓ ଭିଜୁଆଲ, ୱାଲ ପେଣ୍ଟିଂ, ସ୍କୁଲ ଓ କଲେଜସ୍ତରରେ ସଚେତନତା କାର୍ଯ୍ୟକ୍ରମ, ଏସ୍‌ଏଚ୍‌ଜି ସଭ୍ୟାସଭ୍ୟଙ୍କ ମଧ୍ୟରେ ସଚେତନତା ବୈଠକ, କୃଷକ ଏବଂ କୃଷି ଉତ୍ପାଦକ ସଂସ୍ଥାଗୁଡ଼ିକୁ ନେଇ ବୈଠକ ଆଦି କାର୍ଯ୍ୟକ୍ରମ କରାଯିବ। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସମୁଦାୟ ପ୍ରାକୃତିକ ବିପର୍ଯ୍ୟୟଜନିତ ମୃତ୍ୟୁ ମଧ୍ୟରୁ ବଜ୍ରପାତରେ ୨୫ ପ୍ରତିଶତରୁ ଅଧିକ ମୃତ୍ୟୁ ରହିଛି। ରାଜ୍ୟ ସରକାର ବଜ୍ରପାତ ମୃତ୍ୟୁକୁ ୨୦୧୫ରେ ଷ୍ଟେଟ ସ୍ପେଶିଫିକ୍ ଡିଜାଷ୍ଟର ଭାବେ ଘୋଷଣା କରିଛନ୍ତି। ଏହିକ୍ରମରେ କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ତେବେ ସଚେତନତା ଅଭାବରୁ ବଜ୍ରପାତ ମୃତ୍ୟୁହାର ନିୟନ୍ତ୍ରଣ ହୋଇପାରୁନି ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲା ଜରୁରିକାଳୀନ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କାଙ୍କୁ ପଚାରିବାରୁ ସେ କହିଛନ୍ତି, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଜାରି ପୂର୍ବାନୁମାନ ତଥ୍ୟକୁ ତହସିଲଦାର ଏବଂ ବିଡିଓମାନଙ୍କ ଜରିଆରେ ଗ୍ରାମାଞ୍ଚଳକୁ ପହଞ୍ଚାଇ ଦିଆଯାଉଛି। ଏହାସହ ସରକାରୀସ୍ତରରେ ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି। ବଜ୍ରପାତ ପୂର୍ବାନୁମାନ ବାତ୍ୟା ଭଳି ବହୁ ପୂର୍ବରୁ ମିଳି ପାରୁନାହିଁ। ତେଣୁ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୬ ମେ, ୨୦୨୩

ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା। –ଶ୍ରୀଅରବିନ୍ଦ



# ଶତ୍ରୁର ଶତ୍ରୁ

୨୪ ଫେବୃୟାରୀ ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିଥିଲା। ଏହି ଯୁଦ୍ଧକୁ ଏବେ ୧୫ ମାସ ଚାଲିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ସାହସ ଓ ଧୈର୍ଯ୍ୟର ସହ ରୁଷିଆ ଆକ୍ରମଣର ମୁକାବିଲା କରିଚାଲିଛନ୍ତି। ଯୁଦ୍ଧରେ ୮ ମିଲିୟନ ୟୁକ୍ରେନ୍ ଲୋକ ସ୍ଥାନାନ୍ତର ହୋଇଥିବାବେଳେ ୮ ମିଲିୟନ ଦେଶ ଛାଡ଼ି ପଳାଇଗଲେଣି। ଉଭୟ ପକ୍ଷର ୩,୫୪,୦୦୦ ସୈନ୍ୟଙ୍କ ମୃତ୍ୟୁ ଘଟିଲାଣି ବୋଲି ଆମେରିକା ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରୁ ଜଣାପଡ଼ିଛି। ଏହି ଯୁଦ୍ଧ ଦୀର୍ଘଦିନ ଜାରି ରହିବା କାରଣ ହେଉଛି ୟୁକ୍ରେନକୁ ନାଟୋ ଅସ୍ତ୍ରଶସ୍ତ୍ର ଯୋଗାଉଛି। ବିଶେଷ କରି ଏହି କ୍ଷେତ୍ରରେ ଆମେରିକା, ଜର୍ମାନୀ, ଫ୍ରାନ୍ସ, ଇଟାଲୀ ଓ ଇଂଲଣ୍ଡର ଭୂମିକା ବେଶି। ତେବେ ବର୍ତ୍ତମାନ ଜେଲେନସ୍କିଙ୍କ ଇଟାଲୀ, ଜର୍ମାନୀ, ଫ୍ରାନ୍ସ ଏବଂ ଇଂଲଣ୍ଡ ଗସ୍ତ ଯୁଦ୍ଧର ଏକ ସମ୍ଭାବ୍ୟ ଗମ୍ଭୀର ସ୍ଥିତିକୁ ସୂଚିତ କରିଛି। ଇଟାଲୀ ଗସ୍ତ ଶେଷ କରି ସେ ୧୪ ମେ'ରେ ଜର୍ମାନୀ ବାୟୁସେନାର ଲଢୁଆ ବିମାନ ସୁରକ୍ଷାବଳରେ ଜର୍ମାନୀରେ ପହଞ୍ଚି ଓଲାଫ ସ୍କଲ୍‌ଜଙ୍କ ସହ ସାକ୍ଷାତ କରିଥିଲେ। ଜର୍ମାନୀରେ ଜେଲେନସ୍କି କହିଛନ୍ତି ଯେ, ୟୁକ୍ରେନ ଓ ପାଶ୍ଚାତ୍ୟ ଦେଶ ମିଶି ଚଳିତ ବର୍ଷ ରୁଷିଆକୁ ହରାଇପାରିବେ ଏବଂ ଏହା ନିର୍ଦ୍ଧାରଣ କରିବା ହିଁ ଉପଯୁକ୍ତ ସମୟ । ଏହାସହ ୨.୭ ବିଲିୟନ ୟୁରୋ ବା ୩ ବିଲିୟନ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ଯୋଗାଇ ଦେବାକୁ ସ୍କଲ୍‌ଜ ପ୍ରତିଶ୍ରୁତି ଦେଇଛନ୍ତି। ଜେଲେନ୍‌ସ୍କି ମଧ୍ୟ ଲଢୁଆ ବିମାନ ମାଗିଛନ୍ତି। ଜର୍ମାନୀ ପରେ ଫ୍ରାନ୍ସ ଯାଇ ରାଷ୍ଟ୍ରପତି ଏମାନୁଏଲ ମାକ୍ରୋନଙ୍କୁ ଓ ପରେ ଇଂଲଣ୍ଡରେ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କୁ ସାକ୍ଷାତ କରିଛନ୍ତି। ସବୁଠି ତାଙ୍କୁ ସହଯୋଗର ପ୍ରତିଶ୍ରୁତି ମିଳିଛି। ଏଥିରୁ ସ୍ପଷ୍ଟ ଯେ, ୟୁରୋପ ସହ ଜେଲେନସ୍କିଙ୍କ ସମ୍ପର୍କ ମଜଭୁତ ହେଉଛି ଓ ରୁଷିଆ ଉପରେ ଚାପ ବଢୁଛି। ଜେଲେନସ୍କିଙ୍କ ପାଶ୍ଚାତ୍ୟ ଦେଶଗୁଡ଼ିକୁ ତୋଫାନୀ ଗସ୍ତ ରୁଷିଆ ଓ ପାଶ୍ଚାତ୍ୟ ମଧ୍ୟରେ ଅବିଶ୍ୱାସକୁ ଆହୁରି ବଢାଇଦେଇଛି। ଅନ୍ୟପକ୍ଷରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କର ଅନ୍ତିମ ଲଢେଇ ପ୍ରସ୍ତୁତି ଓ ପ୍ରକୃତ ଲଢେଇ ନାଟୋ ଲଢୁଛି ବୋଲି କହିବା ଭୁଲ୍ ହେବନି। ଏଥିସହିତ ପୁଟିନଙ୍କର ପରିସ୍ଥିତି ଦୁର୍ବଳ ହେଉଛି ବୋଲି ଆଜି ଜଣାପଡୁଛି। ସୋଭିଏଟ୍ ରୁଷ୍ ସହିତ ମିଶିକରି ଥିବା ପ୍ରାୟ ୧୫ଟି ଅଞ୍ଚଳ ସେହି ସଂଘ ଭାଙ୍ଗିବା ପରେ ଭିନ୍ନ ଦେଶ ହୋଇଯାଇଛନ୍ତି। ତନ୍ମଧ୍ୟରୁ ୯ଗୋଟି ଦେଶ ମିଶିକରି କମନୱେଲଥ ଅଫ୍ ଇଣ୍ଡିପେଣ୍ଡେଣ୍ଟ ଷ୍ଟେଟ୍ସ (ସିଆଇଏସ୍) ଭାବେ ଏକ ଗୋଷ୍ଠୀ କରିଥିଲେ, ଯାହାକି ୟୁକ୍ରେନ ଉପରେ ରୁଷିଆର ଆକ୍ରମଣକୁ ସକ୍ରିୟ ସହଯୋଗ ଆରମ୍ଭରୁ ଦେଇଆସୁଛି। ଆଜିର ଖବର ଅନୁଯାୟୀ ସେହି ୯ଟି ଦେଶ ମଧ୍ୟରୁ ମୋଲଡୋଭା ଯୁଦ୍ଧରୁ ବିରତି ନେବ ବୋଲି ଘୋଷଣା କରି ତା'ର ସୈନ୍ୟମାନଙ୍କୁ ପ୍ରତ୍ୟାହାର କରିନେବାର ନିଷ୍ପତ୍ତି ପୃଥିବୀକୁ ଜଣାଇଦେଲାଣି। ଏହା ପୁଟିନଙ୍କ ପାଇଁ ଏକ ବିରାଟ ବଡ଼ ଧକ୍କା।

ନିକଟ ଭବିଷ୍ୟତରେ ଏହି ଯୁଦ୍ଧ ଶେଷ ହେଲା ଭଳି ମନେ ହେଉନାହିଁ। ଦ୍ୱିତୀୟ ବର୍ଷରେ ପ୍ରବେଶ କରିଥିବା ରୁଷିଆ– ୟୁକ୍ରେନ ଯୁଦ୍ଧ ଦୀର୍ଘଦିନରୁ ଆଞ୍ଚଳିକ ଅସ୍ଥିରତା ସହିତ ବିଶ୍ୱବ୍ୟାପୀ ଅର୍ଥନୀତିକୁ ଦୋହଲାଇ ଦେଇଛି। ନଟୋ ତରଫରୁ ରୁଷିଆ ଉପରେ ଆର୍ଥିକ କଟକଣା ଲଗାଯାଇଛି। କିନ୍ତୁ ଏହି ସମୟରେ ଭାରତ ୟୁକ୍ରେନ ସଙ୍କଟକୁ ନେଇ ସବୁବେଳେ କୂଟନୈତିକ ଦ୍ୱନ୍ଦ୍ୱ ମଧ୍ୟରେ ରହିଆସିଛି। ରୁଷିଆ ସହ ଦୀର୍ଘଦିନର ଦ୍ୱିପାକ୍ଷିକ ସମ୍ପର୍କ ଦୃଷ୍ଟିରୁ ମାପିଚୁପି ପଦକ୍ଷେପ ନେଉଛି। କିନ୍ତୁ ଯାହା ଯେତିକି ଆଜି ପର୍ଯ୍ୟନ୍ତ ହୋଇଛି ସେଥିରେ ଭାରତର କୌଣସି ଲାଭ ହେବା ଭଳି ମନେହେଉନାହିଁ। ଉଦାହରଣସ୍ୱରୂପ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅନେକ ମାସ ତଳେ, ଘୋଷଣା କରିଥିଲେ ଯେ, ମୋଦିଙ୍କ ନେତୃତ୍ୱରେ ହୋଇଥିବା ରୁଷିଆ ସାଙ୍ଗରେ ସମ୍ପର୍କ ସ୍ଥାପନ ଫଳରେ ଭାରତକୁ କମ୍ ଦରରେ ପେଟ୍ରୋଲିୟମଜାତ ଦ୍ରବ୍ୟ ରୁଷିଆରୁ ମିଳିବ। ଯେକୌଣସି ଭାରତୀୟ ନାଗରିକ କହିପାରିବେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଡିଜେଲ ଦର ହ୍ରାସ ପାଇନାହିଁ। ଯଦି ଲାଭ ହୋଇଛି ତେବେ କେବଳ କିଛି ବେପାରୀଙ୍କ ହୋଇଥାଇପାରେ। ଏହାବ୍ୟତୀତ ବାଣିଜ୍ୟ ଦୃଷ୍ଟିରୁ ରୁଷିଆର ଅଧିକ ସମ୍ପର୍କ ଚାଇନା ସହିତ ବଢିଛି। ଏହା ଫଳରେ ରୁଷିଆ ତାହାର ଚାହିଦା ଥିବା ସାମଗ୍ରୀକୁ ଭାରତ ପରିବର୍ତ୍ତେ ଚାଇନାଠାରୁ କିଣୁଛି। ଗତ କିଛି ସପ୍ତାହ ପୂର୍ବେ ଭାରତକୁ ଆସିଥିବା ରୁଷିଆ ମନ୍ତ୍ରୀ ଲାଭରୋଭଙ୍କ କହିବା ଅନୁଯାୟୀ ତାଙ୍କ ସରକାରଙ୍କ ନିଷ୍ପତ୍ତି ଯେ, ଭାରତ ସହିତ ଭାରତୀୟ ଟଙ୍କାରେ ବ୍ୟବସାୟ କରିବ ନାହିଁ। ତାଙ୍କ କହିବା ଅନୁଯାୟୀ, ଭାରତୀୟ ବ୍ୟାଙ୍କରେ ବହୁ ଟଙ୍କା ଗଚ୍ଛିତ ରହିବା ସତ୍ତ୍ୱେ ତାକୁ ବ୍ୟବହାର କରିବା ପାଇଁ ରୁଷିଆର କୌଣସି ବାଟ ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ଭାରତରୁ ଯେକୌଣସି ସାମଗ୍ରୀ କିଣିବାକୁ ରୁଷିଆ ଅନିଚ୍ଛୁକ।

ଏଭଳି ପ୍ରଚ୍ଛଦପଟରେ ଭାରତ ସରକାରଙ୍କ ଦ୍ୱାରା ରୁଷିଆ–ୟୁକ୍ରେନ ଯୁଦ୍ଧ ସମ୍ପର୍କିତ ଯେଉଁସବୁ ନୀତି ଗ୍ରହଣ କରାଯାଇଛି ତାହାର ପାରିଣାମ ଭୟଙ୍କର ହୋଇପାରେ। ବିଶ୍ୱାସ କରାଯାଏ ଯେ, ଭାରତ ସହ ତିକ୍ତ ସମ୍ପର୍କ ରହିଥିବା ଚାଇନାକୁ ଅଧିକ ପସନ୍ଦ କରୁଛି ରୁଷିଆ। ସେହି ପରିସ୍ଥିତିରେ ଭାରତ ସରକାରଙ୍କ ରୁଷିଆ ସପକ୍ଷବାଦୀ ନୀତି ଦ୍ୱାରା ଆମେରିକା ଏବଂ ନାଟୋ ଦେଶମାନଙ୍କର ସ୍ୱାର୍ଥ ବିରୋଧରେ ଭାରତ ଛିଡ଼ା ହୋଇଥିବାର ଚିତ୍ର ସ୍ପଷ୍ଟ ହୋଇସାରିଲାଣି। ଦୀର୍ଘମିଆଦୀ କୂଟନୈତିକ ଆବଶ୍ୟକତାକୁ ଦେଖିଲେ ଭାରତ ଏବଂ ଚାଇନା ମଧ୍ୟରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେଲେ ଆମେରିକା ସାହାଯ୍ୟ ଲୋଡ଼ିବା ସମ୍ଭବପର ହୋଇ ନ ପାରେ। କୁହାଯାଏ, ଶତ୍ରୁର ଶତ୍ରୁ ହେଉଛି ମିତ୍ର। କିନ୍ତୁ ଆମ ସରକାରଙ୍କ ନୀତି ଫଳରେ ଭାରତ ମିତ୍ରହୀନ ହୋଇଯାଇପାରେ।



# ମହାନଦୀ ସମସ୍ୟାର ସମାଧାନ ଲୋଡ଼ା

ଅନିଲ ବିଶ୍ୱାଳ

ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ହେଲେ ଆଜି ଓଡ଼ିଶାରେ ମହାନଦୀ ବଡ଼ ସଙ୍କଟ ଭିତରେ ବୋହୁଛି। ମହାନଦୀ ଓ ଏହାର ଉପନଦୀଗୁଡ଼ିକ କେବଳ ବର୍ଷା ୪ ମାସକୁ ଛାଡ଼ିଦେଲେ ବାକି ସମୟରେ ଶୁଖିଲା ପଡୁଛି। ଛତିଶଗଡ଼ ସହିତ ମହାନଦୀକୁ ନେଇ ଚାଲିଥିବା ବିବାଦ ଏବେ ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ଟ୍ରିବ୍ୟୁନାଲର କ୍ଷେତ୍ର ପରିଦର୍ଶନ ମଧ୍ୟ ଚାଲିଛି। ସେମାନେ ପୂରା ପ୍ରସଙ୍ଗରେ ସମସ୍ୟା ଉପରେ ତଥ୍ୟ ସଂଗ୍ରହ କରୁଛନ୍ତି। ଗୋଟିଏ ପଟେ ଛତିଶଗଡ଼ ଉପରପଟେ ବନ୍ଧ କରି ପାଣି ଅଟକାଉଛି ଆଉ ଅନ୍ୟପକ୍ଷରେ ଓଡ଼ିଶା ମଧ୍ୟ କିଭଳି ବର୍ଷାଦିନେ ତଳ ମୁଣ୍ଡରେ ସମୁଦ୍ରକୁ ବୋହି ଯାଉଥିବା ପାଣିକୁ ସଂରକ୍ଷଣ କରାଯିବ, ସେଥିପାଇଁ ବିଶେଷ କିଛି କରିପାରି ନାହିଁ। ଏବେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ବୟାନ ଆସିଛି। ରାଜନୈତିକ ବାଦବିବାଦ ତ ଚାଲିଛି ମହାନଦୀକୁ ନେଇ, କିନ୍ତୁ ଏହି ପ୍ରସଙ୍ଗର ଗଭୀରତା ରାଜନୈତିକ ବାଦବିବାଦର ବହୁ ଊର୍ଦ୍ଧ୍ୱରେ। ତେଣୁ ମହାନଦୀକୁ ନେଇ ଚାଲିଥିବା ସାମ୍ପ୍ରତିକ ପ୍ରସଙ୍ଗରେ ଏକ ଖୋଲା ଆଲୋଚନା କରିବା ଉଚିତ୍ ମନେକରୁଛୁ।

ପ୍ରଥମତଃ ଆଜି ଓଡ଼ିଶାରେ ମହାନଦୀର ଅବବାହିକାର ଯେଉଁ ସ୍ଥିତି ପାଲଟିଛି, ତାହା କୌଣସି ପ୍ରାକୃତିକ କାରଣ ପାଇଁ ହୋଇନାହିଁ, ବରଂ ଏହା ସମ୍ପୂର୍ଣ୍ଣ ଭାବରେ ମାନବକୃତ। ଓଡ଼ିଶା ପରିପ୍ରେକ୍ଷୀରେ ଆମେ ଯଦି ମହାନଦୀ ସମସ୍ୟାକୁ ଦେଖିବା, ତା'ହେଲେ ପୂରା ପ୍ରସଙ୍ଗର ମୁଖ୍ୟତଃ ଦୁଇଟି ଦିଗ ରହୁଛି। ଗୋଟିଏ ହେଲା ମହାନଦୀର ଉପରମୁଣ୍ଡ ଅର୍ଥାତ୍ ଛତିଶଗଡ଼ ପଟେ ଥିବା ମହାନଦୀ ଓ ଅନ୍ୟଟି ହେଲା ମହାନଦୀର ତଳମୁଣ୍ଡ ଅର୍ଥାତ୍ ହୀରାକୁଦ ବନ୍ଧରୁ ନେଇ ସମୁଦ୍ର ପର୍ଯ୍ୟନ୍ତ। ଦୁଇଟିଯାକ ଦିଗରେ ସମସ୍ୟା ରହିଛି, ଯାହାର ସମାଧାନ କାଢ଼ିବା ହିଁ ଆଜିର ସମୟର ବଡ଼ ଆହ୍ୱାନ। ମହାନଦୀ ବିବାଦ ଯଦିଓ ଗଣମାଧ୍ୟମରେ ବା ରାଜନୈତିକ ମହଲରେ ୨୦୧୬ରେ ବହୁତ ବିସ୍ତୃତ ଭାବରେ ଆଲୋଚିତ ହେବା ଆରମ୍ଭ ହେଲା, କିନ୍ତୁ ମହାନଦୀରେ ଛତିଶଗଡ଼ର ପ୍ରକଳ୍ପ ନିର୍ମାଣ ଆରମ୍ଭ କରିବା ନେଇ ଓଡ଼ିଶା ସହିତ କଥାବାର୍ତ୍ତା ୨୦୦୧–୦୨ ରୁ ଆରମ୍ଭ ହୋଇଛି। ସେ ସମୟରେ ଆମ ସରକାରରେ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀମାନେ କହିଥିଲେ, ଛତିଶଗଡ଼ ୧୦୦ ବନ୍ଧ କଲେ ବି ଓଡ଼ିଶା ପ୍ରତି କିଛି ଅସୁବିଧା ହେବ ନାହିଁ। ଆଜି ଆମେ କାନ୍ଦୁଛୁ ପାଣି ପାଇଁ। ଛତିଶଗଡ଼ ପଟେ କେଲୋ, ଅରପା ଭଳି ସଂଖ୍ୟାଧିକ ବ୍ୟାରେଜ ନିର୍ମାଣ ୨୦୦୮ ରୁ ଆରମ୍ଭ ହେଲାଣି। ପରବର୍ତ୍ତୀ ସମୟରେ ୨୦୧୬ ବେଳକୁ ଯେତେବେଳେ ପାଖାପାଖି ଅନେକ ପ୍ରକଳ୍ପ ନିର୍ମାଣ କାମ ସରି ଆସୁଥିଲା, ସେତେବେଳେ ଆମେ ପ୍ରତିବାଦ କରିବା ଆରମ୍ଭ କଲୁ। ଉପରମୁଣ୍ଡର ସମସ୍ୟାକୁ ନେଇ ଆମ ପାଖରେ ଦୁଇଟି ରାସ୍ତା ଥିଲା। ଗୋଟିଏ ହେଲା ଆପୋସ ଆଲୋଚନା। ମାଧ୍ୟମରେ ଜଳ ବିବାଦର ସମାଧାନ ଓ ଅନ୍ୟଟି ହେଲା ଟ୍ରିବ୍ୟୁନାଲ। ଦେଶର ସମ୍ବିଧାନରେ ରାଜ୍ୟ ଓ କେନ୍ଦ୍ର ଭିତରେ କ୍ଷମତା ଆବଣ୍ଟନ ସମ୍ବଳିତ ସପ୍ତମ ଅନୁଚ୍ଛେଦର ଧାରା ୧୭ ଓ ଧାରା ୫୬ ଅନୁସାରେ ନଦୀ ଜଳର ବିନିଯୋଗ, ପରିଚାଳନା ହେଉଛି ସମ୍ପୂର୍ଣ୍ଣ ଭାବରେ ରାଜ୍ୟର ବ୍ୟାପାର। କେନ୍ଦ୍ର ସରକାର ଯାହା କରିବେ ରାଜ୍ୟଗୁଡ଼ିକ ସହମତିରେ କରିବେ, ବଳପ୍ରୟୋଗ ବା ଏକପାଖିଆ କିଛି କରିପାରିବେ ନାହିଁ। ଯଦି ଆପୋସ ଆଲୋଚନାରେ ସମାଧାନ ହୋଇପାରେନି, ତା'ହେଲେ ଆନ୍ତଃ ରାଜ୍ୟ ଜଳ ବିବାଦ ଆଇନ–୧୯୫୬ (୨୦୧୯ରେ ସଂଶୋଧନ) ଅନୁସାରେ ମାମଲା ଟ୍ରିବ୍ୟୁନାଲକୁ ଯିବ। ବର୍ତ୍ତମାନ ମହାନଦୀ ମାମଲା ଟ୍ରିବ୍ୟୁନାଲକୁ ଯାଇଛି। ବାସ୍ତବରେ ଟ୍ରିବ୍ୟୁନାଲକୁ ନେଇ ଯାହା ଅଭିଜ୍ଞତା ଦେଶରେ ଅଛି, ଏହାର ଚୂଡ଼ାନ୍ତ ନ୍ୟାୟ ଆସିବା ବେଳକୁ କେତେ ଦିନ ଲାଗିବ ତାହା କହିବା ଅସମ୍ଭବ। କାବେରୀ ଟ୍ରିବ୍ୟୁନାଲ ରାୟ ଆସିବାକୁ ୨୭ ବର୍ଷ ଲାଗିଲା। ଏହା ପରେ ବି ବିବାଦ ତୁଟିଲାନି, ଆଉ ଏକ ଟ୍ରିବ୍ୟୁନାଲରେ ପୁଣି ମାମଲା ଚାଲୁଛି। ତେଣୁ ଟ୍ରିବ୍ୟୁନାଲକୁ ଯିବା ଅପେକ୍ଷା ଯେହେତୁ ଆମେ ନଦୀର ତଳମୁଣ୍ଡରେ ରହୁଛେ, ତେଣୁ ଆପୋସ ଆଲୋଚନା କରି ସମାଧାନ ହୋଇପାରିଥିଲେ ଭଲ ହୋଇଥାନ୍ତା, ଯାହା କୌଣସି କାରଣ ପାଇଁ ହୋଇପାରିଲା ନାହିଁ। ମହାନଦୀ ଟ୍ରିବ୍ୟୁନାଲରେ ୫ ବର୍ଷ ଭିତରେ ୩୪ଟି ବୈଠକ ସରିଛି। କିନ୍ତୁ କେବେ ରାୟ ଆସିବ, ତାହା ଏବେଠାରୁ କହିବା ଅସମ୍ଭବ।



ଓଡ଼ିଶାରେ ମହାନଦୀର ଅବବାହିକା ହେଉଛି ୬୫,୬୨୮ ବର୍ଗ କିମି। ଅନେକ ବଡ଼ ବଡ଼ ଶାଖାନଦୀ ଓ ଉପନଦୀ ମହାନଦୀ ଅବବାହିକାରେ ବୋହୁଛନ୍ତି। ବର୍ଷା ଦିନେ ଏହି ନଦୀମାନଙ୍କରେ ଜଳସ୍ତର ଢେର ରହୁଛି ଓ ବର୍ଷାଦିନେ ମହାନଦୀ ସମେତ ଅନେକ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଯଦି ଶେଷ କିଛି ବର୍ଷର ହିସାବ ଦେଖିବା ତା'ହେଲେ ମୌସୁମୀ ସମୟରେ ୨୦୧୮, ୨୦୨୦, ୨୦୨୧, ୨୦୨୨ରେ ମହାନଦୀ ଅବବାହିକାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିଭଳି ବିଭିନ୍ନ ବାତ୍ୟା ବା ଲଘୁଚାପ ବେଳେ ମଧ୍ୟ ନଦୀଜଳ ବିପଦସଙ୍କେତ ଛୁଇଁବା କଥା ଦେଖିବାକୁ ମିଳୁଛି। ଛତିଶଗଡ଼ ପଟେ ମହାନଦୀ ଅବବାହିକାରେ ବର୍ତ୍ତମାନ ସୁଦ୍ଧା ଛୋଟ ବଡ଼ ମିଶି ୧୫୦ଟି ବନ୍ଧ ନିର୍ମାଣ ଚାଲିଛି ଓ କିଛି ସରିଗଲାଣି। ଆମେ ତଳମୁଣ୍ଡରେ କେତୋଟି କରିଛେ, ଯଦି କରିପାରିନେ ତା'ହେଲେ କାହିଁକି କରିପାରିଲେ ନାହିଁ ତାହା ଉପରେ ଚର୍ଚ୍ଚା ଆଲୋଚନା ହେବାର ଆବଶ୍ୟକତା ରହିଛି। ଏବେ ବି ମହାନଦୀର ୫୨% ପାଣି ସମୁଦ୍ରକୁ ବୋହିଯାଉଛି। ଆମେ ଗୋଟିଏ ହୀରାକୁଦ ବନ୍ଧ କରି ଅଟକିଗଲୁ। ମୁଣ୍ଡଳି ଓ ଯୋବ୍ରାରେ ଆନିକଟ ଛଡ଼ା ଆଉ ସେଭଳି କିଛି କରାଯାଇ ପାରିଲା ନାହିଁ। ତା'ଛଡା ଆନିକଟଗୁଡ଼ିକ ମଧ୍ୟ ଜଳଭଣ୍ଡାର ଭଳି ଭୂମିକା ନେଇପାରନ୍ତି ନାହିଁ। ଆମେ ଯଦି ନଦୀର ତଳମୁଣ୍ଡରେ ଆଉ ଦୁଇଟି ବଡ଼ ନଦୀବନ୍ଧ ଯୋଜନା କରିପାରିଥାନ୍ତେ, ମୁଣ୍ଡଳି ଓ ଯୋବ୍ରା ଡାଞ୍ଚାରେ ସଂଖ୍ୟାଧିକ ବ୍ୟାରେଜ ନିର୍ମାଣ କରିପାରିଥାନ୍ତେ, ତା'ହେଲେ ଆଜି ଖରାଦିନେ ନଦୀଗୁଡ଼ିକର ଯେଉଁ ଶୁଖିଲା ସ୍ଥିତି ଦେଖିବାକୁ ମିଳୁଛି ତାହା ଦେଖିବାକୁ ମିଳନ୍ତା ନାହିଁ। ନଦୀର ଜଳଧାରଣ କ୍ଷମତା ବଢ଼ନ୍ତା ଓ ବିଜୁଳି ଉତ୍ପାଦନରୁ ନେଇ ଜଳସେଚନ ସୁବିଧା ମଧ୍ୟ ମିଳିପାରନ୍ତା। ଆମେ କେବଳ ପଡ଼ୋଶୀ ରାଜ୍ୟକୁ ଦୋଷ ଦେଇ ନିଜ ରାଜ୍ୟକୁ ବିପଦମୁହଁକୁ ଠେଲିପାରିବା ନାହିଁ। ହୀରାକୁଦ ବନ୍ଧ ଆଜକୁ ୭୦ ବର୍ଷ ତଳେ ନିର୍ମାଣ ହୋଇଥିଲା। ବର୍ତ୍ତମାନ ଏହାର ଆୟୁ ମଧ୍ୟ ଧୀରେ ଧୀରେ ସରିବାକୁ ବସିଲାଣି। କିଛି ବର୍ଷ ପରେ ଏହା ଆମ ପାଇଁ ଆଉ ସମ୍ପତ୍ତି ନ ହୋଇ ବୋଝ ପାଲଟିବ। ଆମେ ଏବେଠାରୁ ଏହାର ବିକଳ୍ପ ବ୍ୟବସ୍ଥା ନ କଲେ କେବଳ ପାଣି ନୁହେଁ, ବରଂ ବିଜୁଳି, ଜଳସେଚନ, ବନ୍ୟା ସବୁ ସମସ୍ୟାକୁ ଆମେ ଧୀରେ ଧୀରେ ସାମ୍ନା କରିବା। ମହାନଦୀରେ ସମୁଦ୍ରକୁ ବୋହି ଯାଉଥିବା ପାଣିକୁ କୃଷି ଓ ଅନ୍ୟ କ୍ଷେତ୍ରରେ ବିନିଯୋଗ ପାଇଁ ୨୦୦୪ ରେ ଓଡ଼ିଶା ଜଳଯୋଜନା ନାମରେ ଏକ ବିସ୍ତୃତ ପରିକଳ୍ପନା ରାଜ୍ୟ ସରକାର କ୍ୟାବିନେଟ୍‌ରେ ପାରିତ କରାଇଥିଲେ। ୨୦୧୬ରେ ମଧ୍ୟ ସରକାର ଘୋଷଣା କରିଥିଲେ ୭ଟି ବ୍ୟାରେଜ୍ ଓ ୨୨ଟି ଅନ୍ୟ ପ୍ରକଳ୍ପ। ମହାନଦୀ ଓ ଏହାର ଉପନଦୀରେ ପ୍ରସ୍ତାବିତ ଅନେକ ପ୍ରକଳ୍ପ ଯଥା ଅଙ୍ଗ, ବୃତ୍ତଙ୍ଗ, ଅପର ଲନଥ, କୁଟୁଲିସିଙ୍ଗା, ତେଲ–ସମନ୍ୱିତ ପ୍ରକଳ୍ପ, ଖଡଗ, ଉତେଇ ରାଉଳ, ଜୀରା, ଅପର ଉଦନ୍ତୀ, ରାନଜୋର, ଲକ୍ଷ୍ମୀପଥର ନାଳ, ବ୍ରାହ୍ମଣୀପଦ, ସାଲକି ଜଳବିଦ୍ୟୁତ ଆଦି ପ୍ରସ୍ତାବିତ ପ୍ରକଳ୍ପ ସତରେ କ୍ରିୟାନ୍ୱୟନ ହୋଇପାରିଥିଲେ ଆମେ ଆଜି ତଳମୁଣ୍ଡ ନଦୀରେ ପାଣିକୁ ଆମେ ସଞ୍ଚିତ କରି ରଖିପାରିଥାନ୍ତେ।

**ହରିରାଜପୁର, ପୁରୀ**
**ମୋ: ୯୪୩୮୫୭୯୨୯୦**



# ସ୍ୱର୍ଗରେ ବି ନିୟନ୍ତ୍ରଣ

ଡ.ସତ୍ୟନାରାୟଣ ମିଶ୍ର

ବିଶ୍ୱାସ ଓ ଉପଲବ୍ଧିରୁ ସୃଷ୍ଟି ହୋଇଥାଏ ପ୍ରତ୍ୟେକ ଜାତିର ଧର୍ମ, ଯାହାର ଏକ ନୀତି ନିୟମର ଶୃଙ୍ଖଳିତ ରଜ୍ଜୁରେ ବନ୍ଧାହୋଇଥାଏ ମଣିଷ। ଜନ୍ମ ହେଲେ ମୃତ୍ୟୁ ଓ ମୃତ୍ୟୁ ହେଲେ ଜନ୍ମ ହେଉଛି ଏକ ସନ୍ତୁଳିତ ବିଧି ବ୍ୟବସ୍ଥା ଓ ଧର୍ମଶାସ୍ତ୍ରର ବିଧାନ ଅନୁଯାୟୀ ମଣିଷ ମୃତ୍ୟୁ ହେଲେ ସ୍ୱର୍ଗକୁ ଆରୋହଣ କରିଥାଏ ବା ସ୍ୱର୍ଗବାସ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। ସ୍ୱର୍ଗ ଏବଂ ନର୍କ, ପରବର୍ତ୍ତୀ ଜୀବନର ଦୁଇଟି ପରସ୍ପର ବିରୋଧୀ ଗନ୍ତବ୍ୟସ୍ଥଳ, ଯେଉଁଠାରେ ପ୍ରଥମଟି ସୁକର୍ମର ପୁରସ୍କାର ହୋଇଥିବାବେଳେ ଶେଷଟି କରୁଣ ଦଣ୍ଡ ଏବଂ ଯନ୍ତ୍ରଣାକୁ ଅନ୍ତର୍ଭୁକ୍ତ କରେ। ପୃଥିବୀରେ ବ୍ୟକ୍ତିର କାର୍ଯ୍ୟ ଏବଂ ଆଚରଣ ମୃତ୍ୟୁ ପରେ ସେମାନଙ୍କ ଆତ୍ମା ଗନ୍ତବ୍ୟସ୍ଥଳର ଭାଗ୍ୟ ନିର୍ଣ୍ଣୟ କରେ ଅର୍ଥାତ୍ ସ୍ୱର୍ଗରେ ପ୍ରବେଶ କରିବା ପାଇଁ ଜଣକୁ ନ୍ୟାୟପୂର୍ଣ୍ଣ, ନୀତିପୂର୍ଣ୍ଣ ଏବଂ ଧାର୍ମିକ ଜୀବନଯାପନ କରିବାକୁ ପଡ଼ିଥାଏ। ଅପରପକ୍ଷେ ପାପ ଓ ଭୁଲ୍‌ରେ ପରିପୂର୍ଣ୍ଣ ଏକ ମୂଲ୍ୟହୀନ ଜୀବନ ବଞ୍ଚିବା ଦ୍ୱାରା ଦଣ୍ଡ ଭାବରେ ନର୍କକୁ ଯିବା ପାଇଁ ପଡ଼ିପାରେ ବୋଲି ବିଶ୍ୱାସ କରାଯାଏ। ହିନ୍ଦୁ ବ୍ରହ୍ମାଣ୍ଡ ବିଜ୍ଞାନରେ ସ୍ୱର୍ଗ ହେଉଛି ୭ ଉଚ୍ଚ ଲୋକ ମଧ୍ୟରୁ ଏକ। ୭ ଲୋକ ହେଉଛି ଭୂଲୋକ, ଭୂଭଲୋକ, ସ୍ୱର୍ଗଲୋକ, ଇନ୍ଦ୍ରଲୋକ, ଜନଲୋକ, ତପଲୋକ, ସତ୍ୟଲୋକ। ୭ ନିମ୍ନ ଜଗତ ହେଉଛି ଅତଳ, ଭୂତଳ, ସୁତଳ, ତଳାତଳ, ମହାତଳ, ରସାତଳ ଏବଂ ପାତାଳ। ଜୀବାତ୍ମାର ମୂଳ ଲକ୍ଷ୍ୟ ହେଉଛି ମୋକ୍ଷ। ୭ଟି ନିମ୍ନ ସ୍ଥାନ ତୁଳନାରେ ସ୍ୱର୍ଗକୁ ଏକ ସର୍ବୋଚ୍ଚ ପବିତ୍ର ସ୍ଥାନ ଭାବରେ ବର୍ଣ୍ଣନା କରାଯାଏ।

ହିନ୍ଦୁ ବ୍ରହ୍ମାଣ୍ଡ ବିଜ୍ଞାନ ଅନୁଯାୟୀ ପାର୍ଥିବ ଲୋକ ଉପରେ ଅନ୍ୟାନ୍ୟ ଲୋକ ଅଛି। ଅନ୍ୟ କେତେକ ଲୋକ ହେଉଛି ସତ୍ୟଲୋକ (ବ୍ରହ୍ମଲୋକ), ତପଲୋକ, ଜନଲୋକ,ମହରଲୋକ,ସ୍ୱର୍ଗଲୋକ, ଭୁଭର୍ଲୋକ, ଭୂ–ଲୋକ ଓ ଅତଳଲୋକ। ମାତ୍ର ସ୍ୱର୍ଗ କେଉଁଠାରେ ଅଛି ଓ ସ୍ୱର୍ଗର ପ୍ରକୃତ ସ୍ଥାନ ନିର୍ଣ୍ଣୟ କରାଯାଇପାରିବ ନାହିଁ। ସ୍ୱର୍ଗାରୋହଣ ବା ସ୍ୱର୍ଗ ସମ୍ବନ୍ଧୀୟ ଆଲୋଚନା ସେତେବେଳେ ହିଁ ହୋଇଥାଏ ଯେତେବେଳେ ମଣିଷର ମୃତ୍ୟୁ ହୋଇଥାଏ ବା ମୃତ୍ୟୁ ସମ୍ବନ୍ଧୀୟ ଆଲୋଚନା ହୋଇଥାଏ। ପ୍ରତ୍ୟେକ ଧର୍ମ ଓ ସମ୍ପ୍ରଦାୟରେ ମଣିଷର ମୃତ୍ୟୁ ପରେ ମୁଖ୍ୟତଃ ଦୁଇଟି ପ୍ରକ୍ରିୟାରେ ଉକ୍ତ ସ୍ଥୂଳ ଶରୀରକୁ ସତ୍କାର କରାଯାଇଥାଏ। ପ୍ରଥମଟି ଶରୀରକୁ ଅଗ୍ନିଦ୍ୱାରା ଦାହ କରାଯାଇଥାଏ ଓ ଦ୍ୱିତୀୟଟି ଶରୀରକୁ ମାଟିରେ ଯଥାବିଧି ପୋତି ଦିଆଯାଇଥାଏ। କିନ୍ତୁ ମଣିଷର ମୃତ୍ୟୁ ପରେ ମୃତ ବ୍ୟକ୍ତିର ଆତ୍ମା ଯାହା ନଶ୍ୱର ତାହା ସ୍ୱର୍ଗକୁ ଯାଇଥାଏ ବୋଲି ସମସ୍ତେ ଆଲୋଚନା କରିଥାନ୍ତି। ସେଥିପାଇଁ ଯେକୌଣସି ବ୍ୟକ୍ତିର ମୃତ୍ୟୁ ପରେ ଉକ୍ତ ବ୍ୟକ୍ତିର ନାମର ପୂର୍ବରୁ ସ୍ୱର୍ଗତ ଦ୍ୱାରା ନାମର ଉପସ୍ଥାପନା କରାଯାଇଥାଏ। ତେବେ ଏଥିରୁ ପ୍ରତୀୟମାନ ହୋଇଥାଏ ଯେ ମନୁଷ୍ୟର ମୃତ୍ୟୁ ପରେ କ'ଣ ସମସ୍ତେ ସ୍ୱର୍ଗକୁ ଯାଇଥାନ୍ତି ? ମଣିଷର ଜୀବଦ୍ଦଶା ମଧ୍ୟରେ ଯଦି ଜଣେ ଅନ୍ୟାୟ, ଅନୀତି, ବଳାତ୍କାର, ବ୍ୟଭିଚାର, ଲୁଣ୍ଠନ, ହତ୍ୟା ଆଦି ପାପକର୍ମ କରିଥାଏ ଓ ଉକ୍ତ ବ୍ୟକ୍ତି ମୃତ୍ୟୁ ପରେ ହୋଇଥାଏ ସ୍ୱର୍ଗତ ଓ ଅନ୍ୟ ଏକ ବ୍ୟକ୍ତି ଜୀବଦ୍ଦଶା ମଧ୍ୟରେ କେବଳ ଦୟା, କରୁଣା, ନ୍ୟାୟ, ନୀତି, ନିୟମ ଓ ପୁଣ୍ୟ କର୍ମ



କରିଥାଏ ତେବେ ମୃତ୍ୟୁ ପରେ ସେ ମଧ୍ୟ ହୋଇଥାଏ ସ୍ୱର୍ଗତ। ଯଦି ସ୍ୱର୍ଗତ ସମସ୍ତେ ତେବେ ସୁକର୍ମ ଓ କୁକର୍ମର ପ୍ରତିଫଳନ କେଉଁ ସ୍ଥାନରେ ନିହିତ ରହିବ ?

ଚତୁର୍ଧାମର ଅନ୍ୟତମ ଧାମ ପୁରୀଠାରେ ମଣିଷର ମୃତ୍ୟୁ ପରେ ଶବ ସତ୍କାର ପାଇଁ ଯେଉଁ ସ୍ଥାନ ନିରୂପଣ କରାଯାଇଛି ତାହା ସ୍ୱର୍ଗଦ୍ୱାର। ବିଶ୍ୱାସ କରାଯାଏ ଯେ ମନୁଷ୍ୟ ଜୀବଦ୍ଦଶା ମଧ୍ୟରେ ଯେତେ କୁକର୍ମ ବା ସୁକର୍ମ କରିଥିଲେ ମଧ୍ୟ ଯଦି ଉକ୍ତ ସ୍ଥାନରେ ଶରୀର ସତ୍କାର ହୋଇଥାଏ, ତେବେ ଉକ୍ତ ଆତ୍ମା ସ୍ୱର୍ଗକୁ ଯାଇଥାଏ। କାରଣ ଏହା ହେଉଛି ସ୍ୱର୍ଗକୁ ଯିବା ପାଇଁ ଏକମାତ୍ର ଦ୍ୱାର। ତେବେ ପୃଥିବୀର ସମସ୍ତ ବ୍ୟକ୍ତି କର୍ମଫଳ ବିହୁନେ ଯଦି ସ୍ୱର୍ଗତ, ତା'ହେଲେ ପୃଥିବୀ ଭଳି ସ୍ୱର୍ଗରେ ମଧ୍ୟ ଭିଡ଼ ହୋଇଯିବ। ଯଦି ସମସ୍ତେ ସ୍ୱର୍ଗତ ତେବେ ନର୍କଗାମୀ କିଏ ହୋଇଥାଏ ତାହା ଏକ ଅସମାହିତ ଚିନ୍ତା। ମାତ୍ର ସ୍ୱର୍ଗରେ ଭିଡ଼ ହେବା ଯଦି ସତ୍ୟ ବା ସମସ୍ତ ମନୁଷ୍ୟ ମୃତ୍ୟୁ ପରେ ଯଦି ସ୍ୱର୍ଗତ, ତେବେ ଏହା ଭ୍ରମାତ୍ମକ ନିଷ୍ପତ୍ତି ବୋଲି ସ୍ୱୀକାର କରିବାକୁ ପଡ଼ିବ। ଆଜିର ସମାଜରେ ଅନେକ ମଣିଷ ଷଡ଼ରିପୁର ଅଧୀନ ହୋଇ ହିଂସା, ଅନ୍ୟାୟ, ଅନୀତି, ଲୁଣ୍ଠନ, ହତ୍ୟା, ବ୍ୟଭିଚାର ଆଦି କୁକର୍ମରେ ଲିପ୍ତ ରହି ଅସାଧୁ ଉପାୟରେ ଧନ ହଡ଼ପ କରି ସମାଜରେ ପ୍ରତିଷ୍ଠା ଅର୍ଜନ କରି ଯେତେବେଳେ ମୃତ୍ୟୁ ହୋଇଥାଏ, ପ୍ରତିପତ୍ତିର ଆବାହନରେ ଉକ୍ତ ବ୍ୟକ୍ତିକୁ ତୋଷାମଦକାରୀମାନେ ସ୍ୱର୍ଗତ ବୋଲି ଉଚ୍ଚାରଣ କରିଥାନ୍ତି। ଅନ୍ୟପକ୍ଷରେ ଜୀବଦ୍ଦଶା ମଧ୍ୟରେ ଅର୍ଥ, କ୍ଷମତା ଓ ପ୍ରତିପତ୍ତିର ଉଚ୍ଚାଟରେ ମଣିଷ ମଣିଷକୁ ଘୃଣା କରିଥାଏ ଓ ଭେଦଭାବର କୁତ୍ସିତ ଭ୍ରମରେ ମଣିଷ ମଣିଷକୁ ଚିହ୍ନିପାରି ନ ଥାଏ। ଦିନ ଦରିଦ୍ର ମଣିଷକୁ ଧନ କ୍ଷମତାର ଶିଖରରେ ଥିବା ମଣିଷ ଘୃଣା କରିଥାଏ। ଅନେକ କୁକର୍ମ କରି ମଧ୍ୟ ସୁରକ୍ଷା ବଳୟ ମଧ୍ୟରେ ସମାଜର ଅନ୍ୟମାନଙ୍କ ଅପେକ୍ଷା ଭିନ୍ନ ଆଡ଼ମ୍ବରପୂର୍ଣ୍ଣ ଜୀବନ ନିର୍ବାହ କରିଥାଏ, ମାତ୍ର ମୃତ୍ୟୁ ପରେ ଜଣେ ଦରିଦ୍ର, ନିଃସ୍ୱ ଗୁଣୀ ପୁଣ୍ୟାତ୍ମା ମଣିଷକୁ ଯେଉଁ ଅଗ୍ନିରେ ଓ ଯେଉଁ ସଂସ୍କାର ବିଧିରେ ଦାହ କରାଯାଇଥାଏ ଧନ ଓ ପ୍ରତିପତ୍ତିର ଶିଖରରେ ଥିବା ବ୍ୟକ୍ତିଙ୍କୁ ମଧ୍ୟ ସେହି ଅଗ୍ନି ଓ ସଂସ୍କାରରେ ଦାହ କରାଯାଇଥାଏ ବା ସମାନ ପଦ୍ଧତିରେ ମାଟିର ଆବରଣରେ ଉଭୟ ମନୁଷ୍ୟଙ୍କୁ ପୋତିଦିଆଯାଇଥାଏ, ଯାହା ପରବର୍ତ୍ତୀ ସମୟରେ ଉଭୟେ ସ୍ୱର୍ଗତ ହୋଇଥାନ୍ତି ବୋଲି ନାମିତ କରାଯାଏ। ଯେଉଁ ପୃଥିବୀରେ ମଣିଷ ମଣିଷକୁ ଧନ, କ୍ଷମତା, ପ୍ରତିପତ୍ତିର ଉଦ୍ଦାମରେ ଜଣେ ଜଣଙ୍କୁ ଚିହ୍ନିପାରି ନ ଥାଏ ଉକ୍ତ ବ୍ୟକ୍ତିମାନଙ୍କର ମୃତ୍ୟୁ ପରେ ଯେତେବେଳେ ସ୍ୱର୍ଗତ ହୋଇଥାନ୍ତି ସେଠାରେ କ'ଣ ଉକ୍ତ ଭେଦଭାବ କରିଥାନ୍ତି। ସେଠାରେ କ'ଣ ଅହଂକାର, ଆଭିଜାତ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଚଞ୍ଚକତାର ସ୍ୱାଦ ଥାଏ କିମ୍ବା ଉକ୍ତ ବ୍ୟକ୍ତି ମାନଙ୍କ ସ୍ଥାନ ଯେ ସ୍ୱର୍ଗରେ ସ୍ଥିରୀକୃତ ଏହା କେବଳ ଭ୍ରମାତ୍ମକ ଉଦ୍‌ବେଳନ। ଯଦି ସ୍ୱର୍ଗକୁ ଧନ, ପ୍ରତିପତ୍ତି, କ୍ଷମତା ଆଦି ଦ୍ୱାରା ସ୍ଥାନ ନିରୂପଣ କରାଯାଇ ପାରୁଥାନ୍ତା, ତେବେ ପୃଥିବୀର ବହୁ ଧନୀ ପ୍ରତିପତ୍ତିର ବ୍ୟକ୍ତିମାନେ ସ୍ୱର୍ଗରେ ନିଜସ୍ୱ ଅଟ୍ଟାଳିକା ନିର୍ମାଣ କରିସାରନ୍ତେଣି। ଧରା ବକ୍ଷରେ ଗର୍ବ, ଅହଂକାର, ଆତ୍ମବଡ଼ିମାର ତମସାଚ୍ଛନ୍ନ ବଳୟ ମଧ୍ୟରେ ମଣିଷର ମୃତ୍ୟୁ ପରେ ଯଦି ସ୍ୱର୍ଗାଲୋକର ଆଲୋକରେ ଆଲୋକିତ ହୁଏ, ତେବେ ସେ ସେଠାରେ କେବଳ ଦେଖିଥାଏ ମର୍ତ୍ତ୍ୟଲୋକର ନିଜ ଦ୍ୱାରା କୃତକର୍ମ ଫଳର ନ୍ୟାୟ ଅନ୍ୟାୟର ନିର୍ବିବାଦୀୟ ବିଚାର। ତେଣୁ ସ୍ୱର୍ଗରେ ଆସ୍ଥାନ କରିବାକୁ ହେଲେ ପ୍ରଥମେ ମର୍ତ୍ତ୍ୟଲୋକରେ ଉପଯୁକ୍ତ କର୍ମର ଆବଶ୍ୟକତା ରହିଛି।

**ମୋ –୯୯୩୭୩୪୫୯୦୦**

## ଏଇ ଭାରତରେ

ବିନା ମାଟିରେ ଅର୍ଥାତ୍ କେବଳ ପାଣିରେ ଚାଷକରି ନିଜେ ରୋଜଗାର କରିବା ସହ ଅନେକ ହଜାର କୃଷକଙ୍କ ଉତ୍ପାଦନ ବୃଦ୍ଧି କରିବାରେ ସକ୍ଷମ ହୋଇଛନ୍ତି କୋଏମ୍ବାଟୁରର ଗୌରବ ନାରଙ୍ଗ। ସେ ସିଟି ଗ୍ରୀନ୍ ନାମକ ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଗୌରବ ଆଇଆଇଏମ୍ କୋଲ୍‌କାତାରୁ ଡିଗ୍ରୀ ହାସଲ କରିବା ପରେ ଏହି କାର୍ଯ୍ୟ କରୁଛନ୍ତି। ସେ ପ୍ରଥମେ ଫାର୍ମା ସେକ୍ଟରରେ କାମ କରି ରୋଗୀମାନଙ୍କୁ ଘାତକ ରୋଗର ଔଷଧ ଯୋଗାଉଥିଲେ। ତା' ପରେ ସେ ହାଇଡ୍ରୋପୋନିକ ଚାଷକୁ ଗ୍ରହଣ କରିଥିଲେ। ସିଟି ଗ୍ରୀନ୍ ସ୍ଥାପନ କରି କୃଷକମାନଙ୍କୁ ଏହି ହାଇଡ୍ରୋପୋନିକ ଚାଷ ପ୍ରତି ଆକୃଷ୍ଟ କରିବାରେ ଲାଗିଲେ। ବର୍ତ୍ତମାନ ତାଙ୍କର ଅହମଦାବାଦ୍‌ରେ ୪ଟି ଫାର୍ମ ରହିଛି। ଏହାବାଦ୍ ଉତ୍ତରାଖଣ୍ଡରେ ମଧ୍ୟ ଫାର୍ମ ପ୍ରତିଷ୍ଠା କରିଛନ୍ତି, ଯାହା ଭାରତରେ ପ୍ରଥମ ସ୍ୱୟଂଚାଳିତ ହାଇଡ୍ରୋପୋନିକ୍ ଫାର୍ମ। ଗତ ଦୁଇ ବର୍ଷ ମଧ୍ୟରେ ସେ ୨୫ଟି ଫାର୍ମ ପ୍ରତିଷ୍ଠା କରି ୫,୦୦୦ ଚାଷୀଙ୍କୁ ସାହାଯ୍ୟ କରିପାରିଛନ୍ତି। ନିଜ ଫାର୍ମର କୃଷକମାନଙ୍କୁ ପ୍ରଶିକ୍ଷଣ ଦେବା ସହ ଚାଷ ପାଇଁ ସମସ୍ତ ଉପକରଣ ମଧ୍ୟ ଯୋଗାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ମେ ୧୯୯୮

- ଓଡ଼ିଶାର ୯ଟି ଜାତିକୁ କେନ୍ଦ୍ରୀୟ ପଛୁଆ ଶ୍ରେଣୀ ତାଲିକାଭୁକ୍ତ କରିବା ପାଇଁ ଜାତୀୟ ପଛୁଆଶ୍ରେଣୀ ଆୟୋଗଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ସୁପାରିସ।
- ଭାରତୀୟ ବ୍ୟାଡ୍‌ମିଣ୍ଟନ ଫେଡେରେଶନର କାର୍ଯ୍ୟନିର୍ବାହୀ ସଭାପତି ପ୍ରକାଶ ପାଦୁକୋନ ଆନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ ଫେଡେରେଶନର ପରିଚାଳନା ପରିଷଦ ସଦସ୍ୟ ଭାବେ ନିର୍ବାଚିତ।

## ଚିରନ୍ତନୀ

ଏ ବିଶ୍ୱର ଏକତମ କେନ୍ଦ୍ର ଯାହା
ଚଉପାଶେ ଯା'ର
ଘୂରିବୁଲେ କୋଟି ଗ୍ରହ ବହି କୋଟି
ଆଚାର ବିଚାର।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | 9 | | 6 | 5 | |
| 4 | | 5 | | | | 9 | | |
| | | | | | 8 | | | |
| 8 | 2 | 1 | | | | | 7 | |
| | | | | | 9 | 8 | | |
| | | | | 2 | | | | 3 |
| | 4 | 6 | | | | | | |
| | | | | | 7 | | | |
| 1 | | 9 | | 3 | 6 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 1 | 2 | 7 | 8 | 3 | 6 | 5 |
| 7 | 6 | 5 | 3 | 9 | 1 | 2 | 4 | 8 |
| 8 | 3 | 2 | 5 | 6 | 4 | 9 | 1 | 7 |
| 3 | 9 | 6 | 1 | 8 | 7 | 5 | 2 | 4 |
| 5 | 1 | 4 | 9 | 3 | 2 | 7 | 8 | 6 |
| 2 | 7 | 8 | 4 | 5 | 6 | 1 | 3 | 9 |
| 1 | 5 | 7 | 6 | 4 | 3 | 8 | 9 | 2 |
| 6 | 2 | 9 | 8 | 1 | 5 | 4 | 7 | 3 |
| 4 | 8 | 3 | 7 | 2 | 9 | 6 | 5 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆତଙ୍କବାଦର ମୁକାବିଲା ହେଉ

ମହାଶୟ,

ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦରେ ଶିକାର ହୋଇଥିବା ଶହୀଦଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ମୋଟା ଅଙ୍କରେ ଅନୁକମ୍ପା ରାଶି ପ୍ରଦାନ ଭାରତର ଆତଙ୍କବାଦୀ ସମସ୍ୟାର ପ୍ରକୃତ ସମାଧାନର ମାର୍ଗଦର୍ଶିକା ନୁହେଁ। ଦେଶର ପ୍ରତିରକ୍ଷା ଓ ନିରାପତ୍ତା ବ୍ୟବସ୍ଥାରେ କୌଣସି ପ୍ରକାର ସାଲିସ ନ କରି ଶତ୍ରୁପକ୍ଷର ଅତର୍କିତ ଆକ୍ରମଣକୁ ପ୍ରତି–ଆକ୍ରମଣରେ ଜବାବ ଦେବାରେ ସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଅତ୍ୟାଧୁନିକ ଡ୍ରୋନ ଓ ସାଟେଲାଇଟ କ୍ୟାମେରାର ବ୍ୟବହାର ଦ୍ୱାରା ଆତଙ୍କବାଦୀଙ୍କ ଗତିବିଧି, କାର୍ଯ୍ୟକଳାପ ଉପରେ ଲକ୍ଷ୍ୟ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପର୍ଯ୍ୟନ୍ତ, ଭାରତ ଏହିପରି ଭାବେ ଆତଙ୍କବାଦୀଙ୍କ ଆକ୍ରମଣ ଦ୍ୱାରା ଶିକାର ହେଉଥିବ। ଭାରତରେ ଦେଖାଦେଇଥିବା ଆତଙ୍କବାଦୀଙ୍କ ଆତଙ୍କରାଜ ଅନ୍ତରାଳରେ ରହିଛି ପାକିସ୍ତାନର ପ୍ରଚ୍ଛନ୍ନ ହାତ। ପାକିସ୍ତାନୀ ଆତଙ୍କବାଦ ସମ୍ପୂର୍ଣ୍ଣ ବିଲୋପ ଓ ସେମାନଙ୍କ ଲୁଚାଛପା ଆକ୍ରମଣରୁ ସମ୍ପୂର୍ଣ୍ଣ ସୁରକ୍ଷା ପାଇଁ ସକଳସ୍ତରରେ ଭାରତର ଗୋଇନ୍ଦା ବିଭାଗକୁ ସଚେତନାତ୍ମକ ଭାବେ ସଜାଗ ହେବା ସହିତ ଭାରତ–ପାକ୍ ସୀମାରେ ମୁତୟନ ହୋଇଥିବା ସାମରିକ ବାହିନୀ ଅଧିକ ସତର୍କତା ଅବଲମ୍ବନ କରିବା ଜରୁରୀ। ସାରା ବିଶ୍ୱରୁ ଆତଙ୍କବାଦର ବିଲୋପ ପାଇଁ ବିଶ୍ୱ ସମୁଦାୟର ସମୃଦ୍ଧ ବିତ୍ତଶାଳୀ ରାଷ୍ଟ୍ରମାନେ ଏକଜୁଟ ହେଲେ ବ୍ୟକ୍ତି ରାଷ୍ଟ୍ର ଓ ସର୍ବୋପରି ବିଶ୍ୱର ମଙ୍ଗଳ ସାଧିତ ହୋଇପାରିବ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୫।୫।୨୦୨୩

| ୫,୭୨,୭୪୭ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୩୪୪ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ)ଙ୍କ ଶ୍ରାଦ୍ଧୋତ୍ସବ, ଜୟଦେବ ବିହାର ନିକଟ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାରାଜା ସାର ବାସୁଦେବ ସୁଢଳଦେବଙ୍କ ୧୮୩ତମ ଜୟନ୍ତୀ, ଏଜିଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ବାଣୀଚିତ୍ର ସିନେ ପୁରସ୍କାର, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

ବାଲିଅନ୍ତା
- ଶ୍ରୀ ଚତୁର୍ଦ୍ଧାମୂର୍ତ୍ତି ପରମ ଦାରୁବ୍ରହ୍ମଙ୍କ ଦଶମ ବାର୍ଷିକ ଯଜ୍ଞର ପୂର୍ଣ୍ଣାହୁତି ଓ ଦୀପଦାନ, ବଇଁଚୁଆସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ଅପରାହ୍ନ ୫ଟା।

କଟକ
- ଖାନ୍‌ନଗର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର, ଖାନ୍‌ନଗର ଦୁର୍ଗା ମଣ୍ଡପ ନିକଟ, ସକାଳ ୯ଟା।

# ୟୁପିଆଇ ତଥ୍ୟ ପାଇଁ ଏନ୍‌ପିସିଆଇକୁ ଚିଠି ଲେଖିଲା ଏସ୍‌ଟିଏଫ୍

**ଓଡ଼ିଶାରୁ ପାକିସ୍ତାନର ଆଇଏସ୍‌ଆଇକୁ ଓଟିପି ଶେୟାରିଂ ଘଟଣା**


ପଠାଣିସାମନ୍ତ ଲେଙ୍କା


ସରୋଜ କୁମାର ନାୟକ


ସୌମ୍ୟ ପଟ୍ଟନାୟକ

■ ୩ ଅଭିଯୁକ୍ତଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବାକୁ ହେବ ଆବେଦନ

■ ଆଇଏସ୍‌ଆଇ ଏଜେଣ୍ଟ ଗୁଡୁ କୁମାରଙ୍କ ସହ ଲିଙ୍କ୍ ସନ୍ଦେହ

ଭୁବନେଶ୍ୱର,୧୫।୫(ବ୍ୟୁରୋ)

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଅଧିକ ତଦନ୍ତ ଜାରି ରଖିଛି। ୩ ଅଭିଯୁକ୍ତ ପଠାଣିସାମନ୍ତ ଲେଙ୍କା, ସରୋଜ କୁମାର ନାୟକ ଓ ସୌମ୍ୟ ପଟ୍ଟନାୟକ ଜେଲରେ ଥିବାବେଳେ ସେମାନଙ୍କୁ ରିମାଣ୍ଡରେ ଆଣି ଜେରା କରିବାକୁ ଯୋଜନା କରିଛି। ତେବେ ଏହା ପୂର୍ବରୁ ମାମଲାର ବିଭିନ୍ନ ଦିଗକୁ ନେଇ ସବୁଆଡୁ ଏସ୍‌ଟିଏଫ୍ ତଥ୍ୟ ହାସଲ କରୁଛି। ଓଟିପି ଶେୟାରିଂ କରି ଅଭିଯୁକ୍ତମାନେ ଗୁଗଲ୍‌ପେ, ଫୋନ୍‌ପେ, ପେଟିଏମ୍ ଆଦିରୁ ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍) ଜରିଆରେ ଆଇଏସ୍‌ଆଇ ଏଜେଣ୍ଟଙ୍କଠାରୁ ବିପୁଳ ଟଙ୍କା ପାଉଥିଲେ। ତେଣୁ ୟୁପିଆଇ ଦ୍ୱାରା ଅଭିଯୁକ୍ତମାନଙ୍କୁ କେତେଟଙ୍କା ଓ କେଉଁମାନେ ଦେଇଛନ୍ତି ତାହା ଜାଣିବାକୁ ଏନ୍‌ପିସିଆଇ (ନ୍ୟାଶନାଲ୍ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ)କୁ ଚିଠି ଲେଖିଛି ଏସ୍‌ଟିଏଫ୍। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ଏସ୍‌ଟିଏଫ୍ ସିଲିଗୁଡ଼ିରୁ ଗତବର୍ଷ ଡିସେମ୍ବରରୁ ଗିରଫ କରିଥିବା ଆଇଏସ୍‌ଆଇ ଏଜେଣ୍ଟ ଗୁଡୁ କୁମାରଙ୍କ ସହ ପଠାଣିସାମନ୍ତଙ୍କ ଲିଙ୍କ୍ ଥିବା ସନ୍ଦେହ କରି ଏସ୍‌ଟିଏଫ୍ ଏହି ଦିଗକୁ ନେଇ ମଧ୍ୟ ଅଧିକ ଖୋଳତାଡ଼ କରୁଛି। ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜ କହିଛନ୍ତି, ଏନ୍‌ପିସିଆଇଠାରୁ ୟୁପିଆଇ ସମ୍ବନ୍ଧୀୟ ତଥ୍ୟ ଆସିବା ପରେ ଟ୍ରାଞ୍ଜାକ୍ସନ୍ ନେଇ ବ୍ୟାଙ୍କଗୁଡ଼ିକୁ ତଥ୍ୟ ମଗାଯିବ। ଏଥିସହ ସେମାନେ ଶେୟାର କରୁଥିବା ଗ୍ରୁପ୍ ଆଦିର ଅଧିକ ଖୋଳତାଡ଼ କରାଯାଉଛି। ଆଇଏସ୍‌ଆଇ ଏଜେଣ୍ଟ ଗୁଡୁ କୁମାରଙ୍କ ସହ ଏମାନଙ୍କର ଲିଙ୍କ୍ ଅଛି କି ନାହିଁ ତାହାର ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ ୨ ଦିନ ଭିତରେ ଆବେଦନ କରାଯିବ। ବ୍ୟାଙ୍କ ଟ୍ରାଞ୍ଜାକ୍ସନର ମୂଳରୁ ଶେଷ ପର୍ଯ୍ୟନ୍ତ ସମସ୍ତ ତଥ୍ୟ ଦେବାକୁ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ଅନ୍ୟ ନାଁରେ ମୋବାଇଲ ସିମ୍ ଆଣି ବିଭିନ୍ନ ସୋସିଆଲ ମିଡିଆ ଗ୍ରୁପ୍ ଦ୍ୱାରା ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଓଟିପି ଶେୟାର କରି ବିପୁଳ ଟଙ୍କା ପାଉଥିଲେ। ଆଇଏସ୍‌ଆଇ ଏଜେଣ୍ଟମାନେ ଉକ୍ତ ଓଟିପିକୁ ଆଧାର କରି ହ୍ୱାଟ୍‌ସଆପ୍, ଟେଲିଗ୍ରାମ, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ, ଟୁଇଟର୍ ଆଦି ସୋସିଆଲ ମିଡିଆ, ଆମାଜନ, ଫ୍ଲିପ୍‌କାର୍ଟ ଭଳି ଶପିଂ ଆପ୍‌ରେ ଆକାଉଣ୍ଟ ଅପରେଟ୍ କରୁଛନ୍ତି। କିଛିଦିନ ତଳେ ଏଭଳି ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ର ସନ୍ଧାନ ପାଇଥିଲା ଏସ୍‌ଟିଏଫ୍। ସେଥିରେ ବହୁ ସଦସ୍ୟ ଥିବାବେଳେ ଏସ୍‌ଟିଏଫ୍ ଉପରୋକ୍ତ ୩ ଅଭିଯୁକ୍ତଙ୍କ ପରିଚୟ ପାଇଥିଲା। ନୟାଗଡ଼ ଜିଲାରୁ ପଠାଣିସାମନ୍ତ, ସରୋଜ ଓ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁରରୁ ସୌମ୍ୟଙ୍କୁ ଶନିବାର ଏସ୍‌ଟିଏଫ୍ ଗିରଫ କରିଥିଲା।



ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ଓ ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରିରେ ଯୋଗ କରିବା ଦାବି ନେଇ କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଟାଣ ଖରା ଓ ଗୁଳୁଗୁଳିରେ ଧାରଣାରେ ବସିଛନ୍ତି। (ଫଟୋ- ମନୋରଞ୍ଜନ)

## ୩ ମାସ ହେବ ଦରମା ନ ପାଇ ଅଧ୍ୟାପକ, କର୍ମଚାରୀ ହନ୍ତସନ୍ତ

**ଭୁବନେଶ୍ୱର,୧୫।୫(ବ୍ୟୁରୋ):** ପ୍ରାୟ ୩ ମାସ ହେବ ଯୁକ୍ତ ଦୁଇ ଅନୁଦାନ ପ୍ରାପ୍ତ ବେସରକାରୀ କଲେଜ ଅଧ୍ୟାପକ ଓ କର୍ମଚାରୀମାନେ ଦରମା ପାଇନାହାନ୍ତି। ହ୍ୟୁମାନ୍ ରିସୋର୍ସେସ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ(ଏଚ୍‌ଆରଏମ୍‌ଏସ୍)ବାହାନାରେ ଦରମା ଦିଆଯାଉନାହିଁ। ଦରମା ନ ପାଇ ଅଧ୍ୟାପକ ଓ କର୍ମଚାରୀମାନେ ହନ୍ତସନ୍ତ ହେଉଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗ ନୀରବଦ୍ରଷ୍ଟା ସାଜିଛି। ଦରମା ସିଧାସଳଖ କର୍ମଚାରୀଙ୍କ ଆକାଉଣ୍ଟକୁ ପଠାଇବା ପାଇଁ ଏଚ୍‌ଆରଏମ୍‌ଏସ୍ ବ୍ୟବସ୍ଥା କରିବାକୁ ବିଭାଗ ପକ୍ଷରୁ କଲେଜଗୁଡ଼ିକୁ କୁହାଯାଇଛି। ଏଚ୍‌ଆରଏମ୍‌ଏସ୍ ନ ହେବା ଯାଏ ଦରମା ରିଲିଜ କରାଯାଇ ପାରୁନି ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅନ୍ୟ ପକ୍ଷରେ ଏଚ୍‌ଆରଏମ୍‌ଏସ୍ ପାଇଁ କୌଣସି ସମୟ ଧାର୍ଯ୍ୟ କରାଯାଇ ନ ଥିବାରୁ ଦରମା ଦେବା ପ୍ରକ୍ରିୟାରେ ବିଳମ୍ବ ହେଉଛି। ଅନ୍ୟପକ୍ଷରେ ଦରମା ନ ପାଇ କର୍ମଚାରୀମାନେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ପରିବାର ଚଳାଇବା ଓ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ବଡ଼ କଷ୍ଟକର ହୋଇପଡ଼ିଛି ବୋଲି ଜଣେ ଅଧ୍ୟାପକ କହିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଅଧ୍ୟାପକ ଓ କର୍ମଚାରୀମାନେ ଦାବି କରିଛନ୍ତି।

# ସ୍ଥାୟୀ ନିଯୁକ୍ତି ଦାବିରେ ରାସ୍ତାରେ ଶିକ୍ଷୟିତ୍ରୀଶିକ୍ଷକ

**ଖରା, ଗୁଳୁଗୁଳିକୁ ଡରିଲେନି**

ଭୁବନେଶ୍ୱର,୧୫।୫(ବ୍ୟୁରୋ)

ଭୁବନେଶ୍ୱରରେ ସୋମବାର ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ହଜାର ହଜାର କନିଷ୍ଠ ଶିକ୍ଷୟିତ୍ରୀଶିକ୍ଷକ ନିଜ ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥାକୁ ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ଓ ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରିରେ ଯୋଗ କରିବା ଦାବି ନେଇ ଲୋୟର ପିଏମ୍‌ଜିଠାରେ ଧାରଣାରେ ବସିଛନ୍ତି।

ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଛି। ସଂଘ ସଭାପତି ଅକ୍ଷୟ କୁମାର ପାଢ଼ୀ କହିଛନ୍ତି, ୨୦୨୨ ଅକ୍ଟୋବର ୧୫ରେ ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ନେଇ ଘୋଷଣା କରାଯାଇଥିଲା। ଏହା ପୂର୍ବରୁ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ସହ କନିଷ୍ଠ ଶିକ୍ଷକମାନେ ମଧ୍ୟ ନିୟମିତ ହେବେ ବୋଲି ପ୍ରତିଶ୍ରୁତି ମିଳିଥିଲା। ରାଜ୍ୟର ପ୍ରାୟ ୫୭ ହଜାର ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ନିଯୁକ୍ତି ନିୟମିତ ହୋଇଥିଲେ ମଧ୍ୟ ଶିକ୍ଷକମାନେ ଏଥିରୁ ବଞ୍ଚିତ ହେବା ନୈରାଶ୍ୟଜନକ ତଥା ନିନ୍ଦନୀୟ। ସେହିଭଳି ଶିକ୍ଷକମାନେ ଆନ୍ଦୋଳନ କରିବା ପରେ ଅକ୍ଟୋବର ୨୬ରେ ମୁଖ୍ୟ ଶାସନ ସଚିବ ଓ ତତ୍କାଳୀନ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉପସ୍ଥିତିରେ ଏକ ବୈଠକ ବସିଥିଲା। ଶିକ୍ଷକଙ୍କ ଦାବିକୁ କ୍ୟାବିନେଟ୍‌ରେ ପାସ୍ କରାଯାଇ ନିୟମିତ ଘୋଷଣା କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲେ ମଧ୍ୟ ତାହା ହେଲା ନାହିଁ। ଏହା କେନ୍ଦ୍ରୀୟ ସ୍କିମ୍ କହି ରାଜ୍ୟ ସରକାର ପ୍ରତିଶ୍ରୁତିରୁ ଓହରି ଯାଇଛନ୍ତି। ତେଣୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବେ। ମଙ୍ଗଳବାର ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ସହ ସଂଘ ପକ୍ଷରୁ ଆଲୋଚନା କରାଯିବ। ଆସନ୍ତା ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘ ଉପଦେଷ୍ଟା ଶ୍ରୀକାନ୍ତ ବାରିକ, ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ, ମହାସଚିବ ଆଦିତ୍ୟ ନାରାୟଣ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ନିଖୋଜ ବୃଦ୍ଧଙ୍କ ମୃତଦେହ ଜବତ

ବାଲିଅନ୍ତା,୧୫।୫(ଡି.ଏନ୍.ଏ.)

ଭୁବନପୁର ଗ୍ରାମ ନିକଟ କୁଆଖାଇ ନଦୀ ପାଣିରୁ ଜଣେ ବୃଦ୍ଧଙ୍କ ମୃତଦେହକୁ ବାଲିଅନ୍ତା ପୋଲିସ ସୋମବାର ଜବତ କରିଛି। ମୃତକ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ପାଣ୍ଡରା ଗ୍ରାମର ଅପର୍ତ୍ତି ମହାରଣା(୭୫)। ଏନେଇ ପୋଲିସ ୧୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପର୍ତ୍ତି ପାଣ୍ଡରା ଅଞ୍ଚଳର ଜଣେ ଜଣାଶୁଣା ସଂକୀର୍ତ୍ତନ ଗାୟକ। ସେ ପନିପରିବା କିଣିବାକୁ ରବିବାର ଅପରାହ୍ନ ବାଲିଅନ୍ତା ହାଟକୁ ଆସିଥିଲେ। ସନ୍ଧ୍ୟାରେ ହାଟରୁ କୁଆଖାଇ ନଦୀ ଭିତରେ ପଶି ଘରକୁ ଫେରୁଥିବାବେଳେ ପାଣିରେ ବୁଡ଼ି ଯାଇ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।






ଭୁବନେଶ୍ୱରରୁ ଦୁବାଇକୁ ପ୍ରଥମ ବିମାନରେ ଯାତ୍ରା କରିବା ପୂର୍ବରୁ ମିଶନ ଶକ୍ତି ସଦସ୍ୟା, ଛାତ୍ରୀଛାତ୍ର, କ୍ରୀଡାବିତ୍‌ମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି। ବିମାନ କର୍ମଚାରୀ ଓ ଅନ୍ୟମାନଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିୟାନ।

# ଦୁବାଇ ଗଲେ ମିଶନ ଶକ୍ତି ଜିଲାସ୍ତରୀୟ ମହାସଂଘ ପ୍ରତିନିଧି

ଭୁବନେଶ୍ୱର,୧୫।୫(ବ୍ୟୁରୋ)

ଭୁବନେଶ୍ୱର ବିମାନବନ୍ଦରରୁ ସୋମବାର ଦୁବାଇକୁ ଆରମ୍ଭ ହୋଇଛି ସିଧାସଳଖ ବିମାନ ସେବା। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ମିଶନ ଶକ୍ତି ଏସ୍‌ଏଚ୍‌ଜି ମହାସଂଘର ୧୦ ଜଣ ପ୍ରତିନିଧି ଦୁବାଇ ଗସ୍ତ କରିଛନ୍ତି। ଦୁବାଇଠାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ସେମାନେ ଯୋଗଦେବା ସହ ସେଠାକାର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି।


ମିଶନଶକ୍ତି ଜିଲାସ୍ତରୀୟ ମହାସଂଘ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା ଅବସରରେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ମିଶନ ଶକ୍ତି ବିଭାଗର କମିଶନର ସୁଜାତା ଆର୍. କାର୍ତ୍ତିକେୟନ, ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ଓ ଗୀତାଞ୍ଜଳି ବସ୍ତିଆ।

ଏହି ଉପଲକ୍ଷେ ମିଶନ ଶକ୍ତି ବିଭାଗ ତରଫରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଯୋଗଦେଇ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ କହିଛନ୍ତି, ରାଜ୍ୟର ମିଶନ ଶକ୍ତି ସଦସ୍ୟାମାନଙ୍କ ନିମନ୍ତେ ଏହା ଏକ ଅତ୍ୟନ୍ତ ଗୌରବମୟ ଉପଲବ୍ଧି। ସେମାନେ ପ୍ରଥମଥର ଅନ୍ତର୍ଜାତୀୟ ବିମାନ ଯାତ୍ରା କରିବା ସହ ରାଜ୍ୟର ଲକ୍ଷ ଲକ୍ଷ ମହିଳାଙ୍କ ପାଇଁ ବିଦେଶ ଭୂଇଁରେ ପ୍ରତିନିଧିତ୍ୱ କରୁଛନ୍ତି। ବିଭାଗୀୟ କମିଶନର ତଥା ଶାସନ ସଚିବ ସୁଜାତା ଆର୍. କାର୍ତ୍ତିକେୟନ୍ ଏହି ଅନ୍ତର୍ଜାତୀୟ ବିମାନଯାତ୍ରାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରାଜ୍ୟର ପ୍ରଗତିରେ ମିଶନ ଶକ୍ତି ଏସ୍‌ଏଚ୍‌ଜିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କ ଅବଦାନକୁ ସମ୍ମାନ ଜଣାଇ ଏହି ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଏସ୍‌ଏଚ୍‌ଜି ପ୍ରତିନିଧିଙ୍କୁ ସାମିଲ କରିଛନ୍ତି। ଆଗାମୀ ଦିନରେ ସମଗ୍ର ବିଶ୍ୱରେ ଏସ୍‌ଏଚ୍‌ଜିଗୁଡ଼ିକ କିଭଳି ପହଞ୍ଚି ପାରିବେ ଏବଂ ସେମାନଙ୍କ ସାମଗ୍ରୀ ସବୁ ସ୍ଥାନରେ ଉପଲବ୍ଧ ହେବ ତାହାର ନକ୍ସା ପ୍ରସ୍ତୁତ କରିଛନ୍ତି। ମିଶନ ଶକ୍ତି ବିଭାଗର ଦୁଇ ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ଏବଂ ଗୀତାଞ୍ଜଳି ବସ୍ତିଆ ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି। ୧୦ ଜଣିଆ ଜିଲାସ୍ତରୀୟ ମହାସଂଘ ଲିଡରଙ୍କ ଦଳରେ ମୟୂରଭଞ୍ଜ ଜିଲାର ବିଷ୍ଣୁପ୍ରିୟା ଦାସ, କୋରାପୁଟର ଜ୍ୟୋତିରେଖା ଚେଡି, ପୁରୀର ମୀନାକ୍ଷୀ ପୃଷ୍ଟି, କେନ୍ଦ୍ରାପଡ଼ାର ପ୍ରତିଭା ସାହୁ, କଳାହାଣ୍ଡିର ବିଜୟଲକ୍ଷ୍ମୀ ପାଢ଼ୀ, ବଲାଙ୍ଗୀରର ଆରତି କର, ବାଲେଶ୍ୱରର ସୁଷମା ଦତ୍ତ, ରାୟଗଡ଼ାର କୁମାରୀ ପାଲ୍‌କା, ଯାଜପୁରର ସୁଜାତା ସାହୁ ଏବଂ ଢେଙ୍କାନାଳ ଜିଲାର ନିର୍ମଳା ସାହୁ ରହିଛନ୍ତି। ସମସ୍ତଙ୍କୁ ଉତ୍ତରୀୟ ଏବଂ ସମ୍ବଲପୁରୀ ଶାଢ଼ି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ଅପରାହ୍ନରେ ବିମାନଯାତ୍ରା ପୂର୍ବରୁ ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ନବୀନ ନିବାସରେ ସାକ୍ଷାତ୍ କରିଥିଲା।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ଅନସୂୟା


@ ହିତେଶ୍ୱର


@ ଅମ୍ଳାନ


@ ଦେବଦତ୍ତ


@ ବିଷ୍ଣୁଚରଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବଚସାରୁ ଗୁଳିମାଡ଼, ଯୁବକ ଗୁରୁତର

ଖୋର୍ଦ୍ଧା ଅଫିସ,୧୫।୫

ଗତ କିଛିଦିନର ନୀରବତା ପରେ ଖୋର୍ଦ୍ଧାରେ ପୁଣି ଫୁଟିଲା ଗୁଳି। ସୋମବାର ସନ୍ଧ୍ୟାରେ ଆଦର୍ଶ ଥାନା ଅନ୍ତର୍ଗତ ପାନବରଜ ଗ୍ରାମରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ବବୁଲ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ହସ୍ପିଟାଲ ପରେ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଗୁଳିମାଡ଼ର କାରଣ ଅସ୍ପଷ୍ଟ ରହିଛି।

ସୂଚନା ମୁତାବକ, ସନ୍ଧ୍ୟାରେ କୌଣସି କାରଣକୁ ନେଇ ବବୁଲ ଓ ଏକ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ପରେ ଜଣେ ଯୁବକ ହାଠାତ୍ ବନ୍ଧୁକ ବାହାର କରି ବବୁଲଙ୍କୁ ଗୁଳିମାଡ଼ କରିଥିଲେ। ପରେ ଉକ୍ତ ଗୋଷ୍ଠୀର ଯୁବକମାନେ ଫେରାର ହୋଇଯାଇଥିଲେ। ତେବେ ଗୁଳି କରିଥିବା ଯୁବକ ଜଣକ ଭାଲିଆବାଡ଼ିର ବୋଲି ଆଲୋଚନା ହେଉଛି। ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗୁଳିମାଡ଼ରେ ଆହତ ଯୁବକ ନିଶା ବେପାର କରି ଗିରଫ ହୋଇ ଜେଲ ଯାଇ କିଛିଦିନ ତଳେ ଜେଲରୁ ଫେରିଥିଲେ। ନିଶା କାରବାରକୁ ନେଇ ଏହି ଗୁଳିମାଡ଼ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

**ଭାଗବତ ପାରାୟଣ, ପ୍ରବଚନ ଉଦ୍‌ଯାପିତ**

**କଟକ ଅଫିସ:** ସୁବୋଧ କୃଷ୍ଣ ମିଶନ ପକ୍ଷରୁ ସପ୍ତାହବ୍ୟାପୀ ସିଡିଏ ସେକ୍ଟର-୯ସ୍ଥିତ ମା’ ଦୁର୍ଗାମଣ୍ଡପରେ ଭାଗବତ ପୂଜନ, ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ମିଶନର ପ୍ରମୁଖ ଡ. ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ ପ୍ରବଚନ ଦେଇଥିଲେ। ମିଶନର ରାଜ୍ୟ ଲୋକ ସମ୍ପର୍କ ପ୍ରମୁଖ ଉତ୍କଳ ଭୂଷଣ ରାଉତରାୟ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଭାବେ ମା’ ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର ଯୋଗଦେଇଥିଲେ। ଫକୀର ଦାସ ମହାପାତ୍ର ବ୍ୟାସ ପୁରାଣ ପାଠ କରିଥିଲେ । ଏହି ଅବସରରେ ଯଶୋବନ୍ତ ବେହେରା, ସଞ୍ଜୀବ ଶତପଥୀ, ଅଭିଶେକ ମଣ୍ଡଳ, ଜଷ୍ଟିସ ବାସୁଦେବ ପାଣିଗ୍ରାହୀ, ଲିଙ୍ଗରାଜ ଷଡଙ୍ଗୀ, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଅଜିତ ମଣ୍ଡଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



## ସଂକ୍ଷେପରେ

### ମହାନଦୀ ବନ୍ଧ ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କାମ ପାଇଁ ସର୍ଭେ ଆରମ୍ଭ

କଟକ ସଦର,୧୫।୫(ଡି.ଏନ୍.ଏ.)- କୃଷ୍ଣାଶ୍ରମଠାରୁ ବାଙ୍କଲ ପର୍ଯ୍ୟନ୍ତ ମହାନଦୀ ଡାହାଣପାର୍ଶ୍ୱ ନଦୀବନ୍ଧ ରାସ୍ତାକୁ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କ ଉଦ୍ୟମ ଯୋଗୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏହି ରାସ୍ତାକାମ ଆରମ୍ଭ ପାଇଁ ସୋମବାରଠାରୁ ସର୍ଭେ ଆରମ୍ଭ ହୋଇଛି। କଟକ ପୂର୍ତ୍ତ ବିଭାଗ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ପତି, କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସାଦ ସାମନ୍ତରାୟ ପୂର୍ବାହ୍ନରେ ଗତିରାଉତପାଟଣା, ଆୟତପୁର, ବାରଦା ପ୍ରଭୃତି ସ୍ଥାନକୁ ଯାଇ ସର୍ଭେ କରିଛନ୍ତି। ଏହି ସର୍ଭେ କାର୍ଯ୍ୟ ୩ଦିନ ଧରି ଚାଲିବ। ଏହି ରାସ୍ତାଟି ପୂର୍ଣ୍ଣାଙ୍ଗ ହେଲେ କଟକରୁ ଗାଡ଼ି ମୋଟର ସିଧାସଳଖ ତାରପୁର ପର୍ଯ୍ୟନ୍ତ ଯାଇପାରିବ। ଗତ ମହାନଦୀ ତଟୋତ୍ସବ ସମୟରେ ଏହି ନଦୀବନ୍ଧ ରାସ୍ତାକୁ ଜଳସେଚନ ବିଭାଗ ଅଧୀନରୁ ପୂର୍ତ୍ତ ବିଭାଗକୁ ଶୀଘ୍ର ହସ୍ତାନ୍ତର କରାଯିବ ବୋଲି କଟକ ସଦର ବିଧାୟକ ବେହେରା ଘୋଷଣା କରିଥିଲେ। ଏହି ସର୍ଭେରେ ବିଡିଓ ରାଜୀବ ଲୋଚନ ପରିଡ଼ା, ବିଧାୟକ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ା, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, କଟକ ଜିଲା ଉପସଭାପତି ସମର ବେହେରା, ହିମାଂଶୁ ଦାସ, ନିରଞ୍ଜନ ବେହେରା, ସରପଞ୍ଚ ସୁଶାନ୍ତ ସେଠୀ ଓ ରାକେଶ ବେହେରା ଯୋଗଦେଇଥିଲେ।

### ଜାଭିୟର ସ୍କୁଲର ସଫଳତା

କଟକ ସଦର,୧୪।୫(ଡି.ଏନ୍.ଏ.)- କେନ୍ଦ୍ରୀୟ ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶିତ ହୋଇଥିଲା। ଏଥିରେ କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରସ୍ଥିତ ଜାଭିୟର ହାଇସ୍କୁଲର ଶତ ପ୍ରତିଶତ ଛାତ୍ରୀଛାତ୍ର ଉକ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶୁଭଲକ୍ଷ୍ମୀ ଦାସ(୯୫) ଓ ଭାଗ୍ୟଲକ୍ଷ୍ମୀ ଦାସ(୯୦) ପ୍ରତିଶତ ନମ୍ବର ରଖି ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଏ ନେଇ ଅଭିଭାବକମାନେ ଉତ୍ସବ ପାଳନ କରିଥିଲେ।

### କଣ୍ଟେନର-ବାଇକ୍ ମୁହାଁମୁହିଁ ଧକ୍କା

ମଙ୍ଗୁଳି-ଜଗତପୁର,୧୫।୫(ଡି.ଏନ.ଏ)- ଟାଙ୍ଗୀ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥ ଚାତଲୋଗଡା ନିକଟ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ କଣ୍ଟେନର ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହେବା ଯୋଗୁ ବାଇକ୍ ଚାଳକ ଆହତ ହୋଇଛନ୍ତି। ଆହତ ବାଇକ ଚାଳକଙ୍କର ପରିଚୟ ମିଳି ପାରି ନ ଥିବା ବେଳେ କଣ୍ଟେନର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ସାଢେ ତିନିଟା ସମୟରେ କଣ୍ଟେନର (ନଂ.ଏଚ୍‌ଆର-୭୪ ବି ୯୭୪୮ )ଟି ଚଣ୍ଡିଖୋଲ ପଟୁ କଟକ ଅଭିମୁଖେ ଯାଉଥିଲା। ଚାତଲୋଗଡା ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ (ନଂ.ଓଡି-୦୫ ଏଡବ୍ଲ୍ୟୁ ୩୦୮୦) ସହ କୌଣସି କାରଣବଶତଃ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକଟି କଣ୍ଟେନରର ଆଗଚକାରେ ଚାପି ହୋଇ ରହି ଯିବା ସହ ବାଇକ ଚାଳକ ଜଣଙ୍କ ରାସ୍ତାପାର୍ଶ୍ୱକୁ ଛିଟିକି ପଡିଥିଲେ। ଫଳରେ ବାଇକ ଚାଳକ ଜଣଙ୍କ ଆହତ ହୋଇଥିଲେ। ଖବରପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲ ପଠାଇଛି। ଉଭୟ ବାଇକ ଏବଂ କଣ୍ଟେନର ରାସ୍ତା ମଝିରେ ରହିଯିବାରୁ ଦୀର୍ଘସମୟ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ପୋଲିସ କ୍ରେନ ସାହାଯ୍ୟରେ ବାଇକ୍ ଏବଂ କଣ୍ଟେନରକୁ ରାସ୍ତାରୁ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଉଭୟ ଗାଡିକୁ ଟାଙ୍ଗୀ ପୋଲିସ ଜବତ କରି ତଦନ୍ତ ଚଳାଇଛି।

# ପଚା ଫଳ ବିକିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

■ବ୍ଲାକ ଲିଷ୍ଟେଡ୍ ସହ କାନ୍ଥରେ ଲାଗିବ ଦୋକାନୀଙ୍କ ଫଟୋ
■ଫଳ ବ୍ୟବସାୟୀଙ୍କୁ ଚେତାଇଲେ ମେୟର

କଟକ ଅଫିସ,୧୫।୫

ସହରରେ ପଚା ଫଳ ବିକିଲେ ଏଣିକି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦୋକାନୀ ସିଧାସଳଖ ବ୍ଲାକ ଲିଷ୍ଟେଡ୍ ହେବା ସହ ସମ୍ପୃକ୍ତ ଦୋକାନୀଙ୍କ ଫଟୋ କାନ୍ଥରେ ଲାଗିବ। କେବଳ ସେତିକି ନୁହଁ ଅପରାଧୀଙ୍କୁ ଯେପରି ତଡ଼ିପାର କରାଯାଉଛି, ପଚା ଫଳ ବିକ୍ରି କରୁଥିବା ବ୍ୟବସାୟୀଙ୍କ ମଧ କଠୋରରୁ କଠୋର ଦଣ୍ଡ ଦିଆଯିବ ବୋଲି ଫଳ ବ୍ୟବସାୟୀମାନଙ୍କୁ କଟକ ମହାନଗର ନିଗମ (ସିଏମ୍‌ସି) ମେୟର ସୁବାସ ସିଂ ଚେତାଇ ଦେଇଛନ୍ତି ।

କଟକର ପ୍ରମୁଖ ଛକ ଯେପରି ବାଦାମବଡି, ଲିଙ୍କ୍ ରୋଡ୍, ମଧୁପାଟଣା, ଏସ୍‌ସିବି ମେଡିକାଲ ନିକଟରେ ଦୀର୍ଘ ବର୍ଷ ଧରି ବ୍ୟବସାୟ କରି ଆସୁଛନ୍ତି ଫଳ ବ୍ୟବସାୟୀ । ଛୋଟ ବଡ଼ ବ୍ୟବସାୟୀମାନେ ବେଶ୍ ଭଲ ଭାବରେ ବ୍ୟବସାୟ କରନ୍ତି। କିନ୍ତୁ ବିଗତ କିଛି ଦିନ ମଧ୍ୟରେ ଏହି ଫଳ ବର୍ତ୍ତମାନ ଉଚିତ୍‌ମାନର ମିଳୁ ନଥିବା ସିଧାସଳଖ ଅଭିଯୋଗ କରୁଛନ୍ତି ଲୋକେ। ଏଥିସହ ପଚା ଫଳ ହେର୍‌ଫେର୍ ଆଉ ଏକ ସମସ୍ୟା ଉପୁଜିଛି। ବାଦାମବାଡ଼ି ଥାନା ଅଞ୍ଚଳରେ ଥିବା ବସଷ୍ଟାଣ୍ଡ ନିକଟରେ ଏଭଳି ସଙ୍ଗିନ ଅଭିଯୋଗ ଆସିଥିଲା। ଲୋକେ ଉଚିତ ମୂଲ୍ୟ ଦେଇଥିଲେ ପଚା ଫଳ କିଣୁଛନ୍ତି। ଗ୍ରାହକ କିଣିଲା ବେଳେ ଭଲ ଫଳ ଥିବାବେଳେ ଦୋକାନୀ ଜରିରେ ରଖିବାବେଳେ ଫଳ ଅଦଳବଦଳ କରି ପଚା ଫଳ ଭର୍ତ୍ତିକରି ଦେଉଛନ୍ତି। ତେବେ ନକଲି କାରବାରଠାରୁ ନେଇ ପଚା ଫଳ ବ୍ୟାବାସୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଜନା ପ୍ରସ୍ତୁତ କରିଛି ସିଏମ୍‌ସି। ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଏଣିକି ସବୁ ବଡ଼ବଡ଼ ଛକଗୁଡ଼ିକରେ ପାଟ୍ରୋଲିଂ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ବି ପଚା ଫଳ ବିକ୍ରି ହେଉଥିବ ସେଠି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏବେଠୁ ସାବଧାନ ହେଇକି ଫଳ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମେୟର ସୁବାସ ସିଂ।

କଟକକୁ ହଜାର ହଜାର ବାହାର ଜିଲାରୁ ଲୋକେ ଆସୁଛନ୍ତି। ଖରାଦିନ ହୋଇଥିବାରୁ ଫଳଆଡ଼କୁ ସମସ୍ତେ ମନ ବଳାଉଛନ୍ତି। ତେବେ ଯଦି ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ଲୋକଙ୍କୁ ଠକିବା ଆରମ୍ଭ କରିବେ ତେବେ ଏହାକୁ କୌଣସି ମତେ ସହ୍ୟ କରାଯିବନି ବୋଲି ସ୍ପଷ୍ଟ କରିଛନ୍ତି ମେୟର। କିଛି ଦିନ ପୂର୍ବରୁ ପଚା ଫଳ ବିକି ଲୋକଙ୍କୁ ଠକୁଥିବା ଫଳ ବ୍ୟବସାୟୀଙ୍କ ଉପରେ ରେଡ୍ କରିଥିଲା ବାଦାମବାଡ଼ି ଥାନା ପୋଲିସ। ଏ ନେଇ ମେୟର ସିଂ କହିଛନ୍ତି, ବିଷାକ୍ତ ଖାଦ୍ୟ ବିକ୍ରି କରିବା କାହାର ଅଧିକାର ନାହିଁ। ଯାହାର ବ୍ୟବସାୟ କରିବାର ଅଛି ସେ ଦୋ ନମ୍ବରି କାରବାର ବ୍ୟବସାୟ କରିବା ଆଶା ଛାଡି ଦିଅନ୍ତୁ । ଏନେଇ ହୋଟେଲ ଠାରୁ ଆରମ୍ଭକରି ଛୋଟ ଦୋକାନ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ଚଢାଉ କରାଯିବ। ଫୁଡ ଲାଇସେନ୍ସ, ଟ୍ରେଡ ଲାଇସେନ୍ସ ନଥିବ, ଖାଦ୍ୟର ମାନ ଠିକ ନଥିବ ଏ ସବୁ କରିଲେ କଟକର ମାନ ବଢିବ ନାହିଁ। ବାଦାମବାଡି ହେଉଛି ଓଡ଼ିଶାର ପରିଚୟ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଏଠାକୁ ଲୋକ ଆସୁଛନ୍ତି। ଶୃଙ୍ଖଳା ସହ କଟକର ଗୌରବକୁ ରକ୍ଷା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ । ଦରକାର ପଡିଲେ ଦୋକନୀଙ୍କୁ ବ୍ଲାକ ଲିଷ୍ଟେଡ୍ କରାଯାଇ କାନ୍ଥରେ ଫଟୋ ଲଗାଯିବ ବୋଲି ମେୟର କହିଛନ୍ତି।



**ଆଗକୁ ଆସୁଛି ସାବିତ୍ରୀ ବ୍ରତ:** କଟକ ଛତ୍ରବଜାର ଫଳ ଗୋଦାମ ସମ୍ମୁଖରେ ବିକ୍ରି ପାଇଁ ରଖାଯାଇଥିବା ଫଳ।

# କମିଶନରଙ୍କ ବିଳମ୍ବରେ ଆଗମନ ନେଇ ଅସନ୍ତୋଷ



ସିଏମ୍‌ସି କମିଶନର ଆସିବା ନେଇ ଅପେକ୍ଷା କରିଥିବା ଅଭିଯୋଗକାରୀ।

କଟକ ଅଫିସ,୧୫।୫

କଟକ ମହାନଗର ନିଗମ(ସିଏମ୍‌ସି) ଜନ ଅଭିଯୋଗ ଶୁଣାଣି ନେଇ ସୋମବାର ଅବ୍ୟବସ୍ଥା ଦେଖାଦେଇଛି। ବିକାଶ ଭବନରେ ସୋମବାର ସିଏମ୍‌ସିର ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣି ପାଇଁ ପୂର୍ବାହ୍ନ ୧୧ଟା ସମୟ ଧାର୍ଯ୍ୟ କରାଯାଇଥିଲା। ହେଲେ ସମୟ ପୂର୍ବରୁ ଅଭିଯୋଗକାରୀମାନେ ଆସି ଉପସ୍ଥିତି ଥିଲେ ମଧ ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣ କିମ୍ବା ବିଭାଗୀୟ ଅଧିକାରୀଙ୍କ ଦେଖା ମିଳି ନଥିଲା। ଖରା ଗରମରେ ଦୀର୍ଘ ସମୟ ଅପେକ୍ଷା କରିବା ପରେ କମିଶନର ଆସିଥିଲେ। ଧାର୍ଯ୍ୟ ସମୟଠାରୁ ପ୍ରାୟ ଏକ ଘଣ୍ଟା ବିଳମ୍ବରେ କମିଶନର ଆସିବା ପରେ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଥିଲା। ତେବେ କମିଶନର ଏବଂ ବିଭାଗୀୟ ଅଧିକାରୀଙ୍କ ବିଳମ୍ବରେ ଆଗାମନକୁ ନେଇ ଉପସ୍ଥିତ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

# ୧୭ ଅଭିଯୋଗର ତ୍ୱରିତ ସମାଧାନ କଲେ ଜିଲାପାଳ

କଟକ ଅଫିସ, ୧୫।୫

**ଯୁଗ୍ମ ଜନଅଭିଯୋଗ ଶୁଣାଣି**

ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରିଥିଲେ। ଶିବିରରେ ସମୁଦାୟ ୬୫ଟି ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିଲା। ତନ୍ମଧ୍ୟରୁ ସାମୂହିକ ଅଭିଯୋଗ ୫ଟି ଏବଂ ବ୍ୟକ୍ତିଗତ ଅଭିଯୋଗ ୬୦ଟି ଥିଲା। ଜିଲାପାଳ ଚୟନୀ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ୧୭ଟି ଅଭିଯୋଗର ତ୍ୱରିତ ସମାଧାନ କରିଥିଲେ। ଏଥିସହ ଜିଲାପାଳ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଓଳକଣା ବାସିନ୍ଦା ହୃଷିକେଶ ମଲ୍ଲିକଙ୍କୁ କର୍କଟ ରୋଗ ଚିକିତ୍ସା ନିମନ୍ତେ ୫ହଜାର ଓ କଣ୍ଟାପଡା ବ୍ଲକ ଅନ୍ତର୍ଗତ ଚଉପଡା ଗୋବିନ୍ଦପୁର ବାସିନ୍ଦା ଭାଗିରଥି ଓଝାଙ୍କୁ ଚିକିତ୍ସା ନିମନ୍ତେ ୧୦ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଉକ୍ତ ଶିବିରରେ ଡିସିପି ପିନାକ ମିଶ୍ର, ଅତିରିକ୍ତ ଜିଲାପାଳ ଶିବ ଟପୋ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅମ୍ବର କୁମାର କର, ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ସୁଦାମ କୁମାର ନାୟକ, ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଅଭିମନ୍ୟୁ ସାହୁ, କଟକ ବନଖଣ୍ଡ ଏସିଏଫ ମନୋରଞ୍ଜନ ସ୍ୱାଇଁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଜିଲା ମଙ୍ଗଳ ଅଧିକାରୀ ଗିତାଂଶୁ ମୋହନ ଦାଶ, ଜିଲା ଜରୁରୀ ଅଧିକାରୀ ଏନ.ଏନ. ରାଜଲୀ ଓଝା, ସହକାରୀ ଜିଲାପାଳ ସୌମ୍ୟା ବିଶ୍ୱାଳ ଉପସ୍ଥିତ ଥିଲେ।



ଯୁଗ୍ମ ଜନଅଭିଯୋଗ ଶୁଣାଣିରେ ଉପସ୍ଥିତ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟମାନେ।

# ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର

କଟକ ଅଫିସ,୧୫।୫

ସାରସ୍ୱତ ଅନୁଷ୍ଠାନ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ କବିତା ଆସର ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆସରକୁ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଦେବାଳୟ ବିମୋଚନ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଜେନା, ମୁଖ୍ୟବକ୍ତା ଶ୍ରାବଣୀ ସାହିତ୍ୟ ସଂସଦର ସଭାପତି ଉଦୟ କେଶରୀ ବର୍ମା, ବରେଣ୍ୟ ଅତିଥି ପଲ୍ଲୀପ୍ରତିଭା ସଂସଦର ସଭାପତି ଚୈତନ୍ୟ କୁମାର ରାଉତ, ବିଶିଷ୍ଟ ଅତିଥି ପଣ୍ଡିତ ନୀଳକଣ୍ଠ ରାଉତ, ସମ୍ମାନିତ ଅତିଥି ଅଧ୍ୟାପକ ଗଣେଶ୍ୱର ସ୍ୱାଇଁ ଯୋଗଦେଇଥିଲେ। ସୁରେନ୍ଦ୍ର ଜେନା, ଛବିରାମ ସେଠୀ, ଅମୂଲ୍ୟ କୁମାର ବେହେରା, ଅରୁଣ କୁମାର ଅଗରୱାଲା, ନମିତା ମହାନ୍ତି, ସଂଯୁକ୍ତା ଦାଶ, ଉତ୍ତମ ଚରଣ ପ୍ରଧାନ, ପ୍ରଭାତୀରାଣୀ ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ସାଧାରଣ ସଂପାଦକ ମନୋରଂଜନ ପଣ୍ଡା ଓ ଡ. ବସନ୍ତ କୁମାରୀ ନନ୍ଦ ସଂଯୋଜନା କରିଥିଲେ। ଆଦିତ୍ୟ ରଂଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ସାନର ବାଇକ୍ ଜାଳି ଦେଲା ବଡ଼ଭାଇ

ମଙ୍ଗୁଳି-ଜଗତପୁର,୧୫।୫(ଡି.ଏନ୍.ଏ.)

**ପୁଅକୁ ଗିରଫ କରିବାକୁ ବାପା ଥାନାର ଦ୍ୱାରସ୍ଥ**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କରଞ୍ଜି ପଞ୍ଚାୟତ ହରିଡ଼ାପାଳ ଗ୍ରାମର ଦୀନବନ୍ଧୁ ମହାନ୍ତିଙ୍କର ବଡ଼ପୁଅ ନରେଶ କୌଣସି କାରଣକୁ ନେଇ ତା’ର ଦାଦାପୁଅ ଭାଇଙ୍କ ବାଇକ୍‌ରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଛି। ଏ ନେଇ ବାପା ଦିନବନ୍ଧୁ ଚୌଦ୍ୱାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଦିନବନ୍ଧୁଙ୍କର ଦୁଇ ପୁଅଙ୍କ ମଧ୍ୟରୁ ସାନପୁଅର ପାଞ୍ଚ ବର୍ଷ ତଳେ ମୃତ୍ୟୁ ଘଟିଛି। ସାନପୁଅର ମୃତ୍ୟୁ ପରେ ନରେଶ ଛୋଟ ଛୋଟ କଥାରେ ବାପା ଓ ମାଙ୍କୁ ପାଟିତୁଣ୍ଡ କରି ମାରପିଟ କରେ। ଦିନବନ୍ଧୁ ଏହାକୁ ପ୍ରତିବାଦ କରିବାରୁ ନରେଶ ବୃଦ୍ଧ ବାପାମାଙ୍କୁ ଛାଡି ଗାଁର ଅନ୍ୟତ୍ର ଜାଗାରେ ଘର କରି ତା’ର ସ୍ତ୍ରୀ ପିଲାଙ୍କୁ ନେଇ ରହିଲା। ବୃଦ୍ଧ ବାପା ଓ ମା ଖାଇବା ପିଇବାରୁ ଅସୁବିଧା ହେବାରୁ ସାନଭାଇର ପୁଅ ରମେଶକୁ ଘରେ ଆଣି ରଖିଥିଲେ। ରମେଶର ଘରେ ରହିବା ନରେଶ ସହ୍ୟ ନ କରିପାରି ଅଧିକାଂଶ ସମୟ ଘରକୁ ଆସି ବାପା ମାଙ୍କ ସହ ଝଗଡା କରେ। ରମେଶ ପେସାରେ ଜଣେ ଟ୍ରକ ଡ୍ରାଇଭର ହୋଇଥିବରୁ ସେ ରବିବାର ସକାଳୁ ଢେଙ୍କାନାଳ ଯାଇଥିଲା। ଅପରାହ୍ନରେ କେହି ଘରେ ନ ଥିବା ସମୟରେ ନରେଶ ବାଡ଼ି ପଛପଟୁ ଲୁଚି କରି ଆସି ରମେଶର ବାଇକରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲା। ତାଙ୍କ ମା ଦେଖି ପାଟି କରିବାରୁ ନରେଶ ଦୌଡ଼ି ପଳାଇଯାଇଥିଲା। ପଡୋଶୀ ଆସି ନିଆଁକୁ ଆୟତ୍ତ କଲା ବେଳକୁ ବାଇକ୍‌ଟି ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ନରେଶକୁ ଗାଡି ଜାଳିବାର କାରଣ ତାଙ୍କ ବାପା ପଚାରିବାରୁ ଜୀବନରୁ ମାରି ଦେବାକୁ ଧମକ ଦେଉଛି। ଏ ନେଇ ଦିନବନ୍ଧୁ ନରେଶଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ନରେଶ ଫେରାର ହୋଇଯାଇଛି।



# ଗ୍ରାମ ମୁରବିଙ୍କୁ ଶୁଣ୍ଢରେ ଟେକି କଚାଡ଼ିଲା ଦନ୍ତା

ଖୁଣ୍ଟୁଣୀ,୧୫।୫(ଡି.ଏନ୍.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଗୋବରା ପଞ୍ଚାୟତର ରାଜବଲ୍ଲବପୁର (ଯଶୋଦା) ଗ୍ରାମରେ ସୋମବାର ଭୋର ସାଢ଼େ ୫ଟା ବେଳେ ଏକ ଦନ୍ତାହାତୀ ଆକ୍ରମଣରେ ଗ୍ରାମ ମୁରବି ଡମ୍ବୁରଧର ବିନ୍ଧାଣି (୬୦) ଗୁରୁତର ହୋଇଛନ୍ତି। ଖବରପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ଘଟଣାସ୍ଥଳରେ ପହଞ୍ଚି ଆହତ ଡମ୍ବୁରଧରଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ବନାଞ୍ଚଳ ସୂତ୍ରରୁ ପ୍ରକାଶ, ଯଶୋଦା ଗ୍ରାମର ଡମ୍ବୁରଧର ସବୁଦିନ ପରି ଭୋର ସମୟରେ ଗାଧୋଇବା ପାଇଁ ନିଜ ଘର ପଛପଟ ପୋଖରୀକୁ ଯାଉଥିଲେ। ଏହି ସମୟରେ ଦୀର୍ଘଦିନ ଧରି ଦଳଛଡ଼ା ହୋଇ ଏକୁଟିଆ ବୁଲୁଥିବା ଦନ୍ତାହାତୀ ସହ ମୁହାଁମୁହିଁ ହୋଇଥିଲେ। ଦନ୍ତା ଡମ୍ବରୁଧରଙ୍କୁ ଧରି ଶୁଣ୍ଢରେ ଟେକି ଖଣ୍ଡେ ଦୂରକୁ ଫିଙ୍ଗି ଦେଇଥିଲା। ଫଳରେ ହାତୀର ଶୁଣ୍ଢ ଆଘାତରେ କିଛି ଦୂରରେ ଥିବା ଏକ ବୁଦା ମୂଳରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଡମ୍ବରୁଧର ବୁଦା ଭିତରେ ପଡିଥିବା ବେଳେ ଦନ୍ତା ତାଙ୍କୁ କିଛି ସମୟ ଖୋଜିଥିଲା। ପରେ ନପାଇ ସେଠାରୁ ଜଙ୍ଗଲକୁ ପଳାଇଥିଲା। ଡମ୍ବରୁ ଏଠାରେ ପଡିଥିବା ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କୁ ଖବର ଦେଇଥିଲେ। ରେଞ୍ଜର ସାହୁ ହାତୀ ଘଉଡାଇବା କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଗୁରୁଡ଼ିଝାଟିଆ ଫରେଷ୍ଟର ଯୁଗଳକିଶୋର ବେଉରା, ବନରଖୀ ପ୍ରମୋଦ କୁମାର ନାୟକଙ୍କୁ ଖବର ଦେଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ହାତୀ ଆକ୍ରମଣରେ ଆହତ ଡମ୍ବୁରଧରଙ୍କୁ ଚିକିତ୍ସା ପାଇଁ ବନବିଭାଗ ଗାଡ଼ିରେ ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ପରେ କଟକ ସ୍ଥାନାନ୍ତରିତ କରାଯାଇଛି।

# ଏସ୍‌ସିବି ମେଡିକାଲ ଛାତ୍ରୀନିବାସର ବାର୍ଷିକୋତ୍ସବ

କଟକ ଅଫିସ,୧୫।୫

ଏସ୍‌ସିବି ମେଡିକାଲ ଛାତ୍ରୀନିବାସର ବାର୍ଷିକ ଉତ୍ସବ ‘ଅନ୍ତରାଗ୍ନି’ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଯୋଗଦେଇ ଡାକ୍ତରୀ ଛାତ୍ରୀମାନଙ୍କୁ ବୃତ୍ତିଗତ କାର୍ଯ୍ୟରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଡା. ବନବିହାରୀ ମିଶ୍ର, ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ମନୋଜ କୁମାର ପଟ୍ଟନାୟକ, କାଉନ୍‌ସିଲ ଅଫ୍ ୱାର୍ଡେନ୍‌ର ଅଧ୍ୟକ୍ଷ ପ୍ରଫେସର ଡା. ଏସ. ଏନ୍. ରାଉତରାୟ, ଉପାଧ୍ୟକ୍ଷ ଡା. ତୃପ୍ତିରେଖା ସ୍ୱାଇଁଙ୍କ ସମେତ ଡା. ଅଶୋକ ମଲ୍ଲିକ, ଡା. ଜୟନ୍ତ ପଣ୍ଡା, ଡା. ଅରୁଣା ଆଚାର୍ଯ୍ୟ, ଡା. ଅର୍ଚ୍ଚନା ମିଶ୍ର, ପିଜି ଲେଡିଜ୍ ହଷ୍ଟେଲର ସମ୍ପାଦିକା ଲିପ୍ସା ପଡ଼ିଆରୀ, ୟୁଜି ଲେଡିଜ ହଷ୍ଟେଲର ସମ୍ପାଦିକା ଶ୍ୱେତପର୍ଣ୍ଣା ମିଶ୍ର ମଞ୍ଚାସୀନ ଥିଲେ। କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷବର୍ଷ ଛାତ୍ରୀ ନୀହାରିକା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଛାତ୍ର ସଂସଦର ଭାଇସ୍ ପ୍ରେସିଡେଣ୍ଟ ଅମ୍ରିତା ନଳିନୀ ମାନବିକତା ସ୍ୱାଗତ ଭାଷଣ ଦେଇଥିଲେ।



ଏସ୍‌ସିବି ମେଡିକାଲ ଛାତ୍ରୀନିବାସର ବାର୍ଷିକ ଉତ୍ସବ ‘ଅନ୍ତରାଗ୍ନି’ରେ ଯୋଗଦେଇଥିବା ଅତିଥିମାନେ।

# ଖରା ଛୁଟିରେ ବି ଆରମ୍ଭ ହୋଇପାରିଲାନି ସ୍କୁଲ କାମ

କଟକ ସଦର,୧୫।୫(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ପଞ୍ଚାୟତର ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ ନୂତନ ଗୃହ ନିର୍ମାଣ କାମ ଖରା ଛୁଟିରେ ଆରମ୍ଭ ହେବାର ଥିଲା। ଇତି ମଧ୍ୟରେ ଛୁଟିର ଅର୍ଦ୍ଧେକ ସମୟ ବିତି ଯାଇଥିଲେ ମଧ କାମ ଆରମ୍ଭ ହୋଇପାରି ନାହିଁ ବୋଲି ସରପଞ୍ଚ ସୁଜାତା ସେଠୀ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ବ୍ଲକ କର୍ତ୍ତୃପକ୍ଷ ସହଯୋଗ ନ କରିବା ଯୋଗୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ଉକ୍ତ ବିଦ୍ୟାଳୟରେ ପିଲା ସଂଖ୍ୟା ଅଧିକ ଥିବାରୁ ନୂଆ ଘର ପାଇଁ ୩ ଲକ୍ଷ ଟଙ୍କା ପଞ୍ଚାୟତ ପାଣ୍ଠିରୁ ମଞ୍ଜୁର କରାଯାଇଛି। ଏହି କାମ ଏପ୍ରିଲରୁ ଜୁନ ମାସ ମଧ୍ୟରେ କରିବାକୁ ସରପଞ୍ଚ ସେଠୀ ବ୍ୟବସ୍ଥା କରିଥିଲେ। କାରଣ କାମଟି ବିଭାଗୀୟ ତତ୍ତ୍ୱାବଧାନରେ ହେଉଛି। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ପଚାରିବାରୁ ସେ ଏହାକୁ ଏଡ଼ାଇ ଦେଇଥିଲେ।

# ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା

କଟକ ଅଫିସ,୧୫।୫

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସୋମବାର ମାଲଗୋଦାମ, ଦେଉଳସାହିଠାରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ତେବେ ଦେଉଳସାହିଠାରେ ଜବରଦଖଲ ଉଚ୍ଛେଦ ପାଇଁ ମାପ ବେଳେ ଉତ୍ତେଜନା ଦେଖାଯାଇଥିଲା। ଦେଉଳସାହିଠାରୁ କୃଷକ ବଜାର ପର୍ଯ୍ୟନ୍ତ ରାସ୍ତାକଡ଼ ଜବରଦଖଲ ହୋଇଥିବାରୁ ରାସ୍ତା ସଙ୍କୁଚିତ ହେଉଥିଲା। ଅଧିକାଂଶ ଲୋକ ସରକାରୀ ଜମି ଉପରେ ପାଚେରି ଏବଂ ପାହାଚ ନିର୍ମାଣ କରିଥିବା ମାପ ହେବା ପରେ ଜଣାପଡିଥିଲା। ଏନଫୋର୍ସମେଣ୍ଟ ଦଳ ତରଫରୁ ଉଚ୍ଛେଦ କରାଯିବା ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ ଘର ସମ୍ମୁଖରେ ମାପ ହେଉଥିବାରୁ ସେମାନେ ଏହି କାର୍ଯ୍ୟକୁ ବିରୋଧ କରି ସିଏମ୍‌ସି ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଥିଲେ।



ମାଲଗୋଦାମ ଅଞ୍ଚଳରେ ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ସିଏମ୍‌ସି ଏନଫୋର୍ସମେଣ୍ଟ ଅଧିକାରୀ ପଞ୍ଚାନନ ପାଲ ଏ ସଂକ୍ରାନ୍ତରେ ବିଡାନାସୀ ଥାନାକୁ ଜଣାଇଥିଲେ। ପରେ ପୋଲିସ ଉପସ୍ଥିତିରେ ମାପ କାର୍ଯ୍ୟ ହୋଇଥିଲା। ୨୦ ତାରିଖରେ ଦେଉଳସାହି ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ସେହିଭଳି ସିଏମ୍‌ସି ପକ୍ଷରୁ ସ୍ଥାନୀୟ ମାଲଗୋଦାମ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ବେଆଇନ ଭାବେ ନିର୍ମାଣ ହୋଇଥିବା କୋଠାକୁ ଭଙ୍ଗାଯାଇଥିଲା। ଏହି କୋଠାଟି ଛତ୍ରବଜାର ସହରାଞ୍ଚଳ ହାଟକୁ ଲାଗି ରହିବା ସହ ତାଳଦଣ୍ଡା କେନାଲ ରାସ୍ତାର କିଛି ଅଂଶକୁ ଜବରଦଖଲ କରାଯାଇ ତିଆରି ହୋଇଥିବାରୁ ଏହାକୁ ଉଚ୍ଛେଦ କରାଯାଇଥିଲା।

## ସଂକ୍ଷେପରେ

### ଖଣ୍ଡାରେ ହାଣି ଟଙ୍କା, ସୁନାଚେନ ନେଇଗଲେ: ଜଣେ ଗିରଫ

ବାଲିପାଟଣା,୧୫।୫(ଡି.ଏନ୍.ଏ.): ବାଲିପାଟଣା ଥାନା ଅଧୀନ ମାର୍ଥାପୁର ଗ୍ରାମର ପ୍ରଶାନ୍ତ ପାତ୍ରଙ୍କୁ ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରିବା ସହିତ ଖଣ୍ଡାରେ ହାଣି ସୁନାଚେନ ଓ ୪୦ ହଜାର ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ପ୍ରଶାନ୍ତଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ପ୍ରଶାନ୍ତଙ୍କ ସ୍ତ୍ରୀ ମିତାଲିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୬୫/୨୩) ରୁଜୁକରି ତଦନ୍ତ ଚଳାଇବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ରଞ୍ଜନ ପାତ୍ର। ତେବେ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଓମ୍ ପ୍ରକାଶ ମହାନ୍ତି କହିଛନ୍ତି। ଅଭିଯୋଗ ମୁତାବକ, ମାର୍ଥାପୁର ଗ୍ରାମର ପ୍ରଶାନ୍ତଙ୍କ ଘର କାମ ଚାଲିଥିବା ବେଳେ ପଡ଼ୋଶୀ ଘର ସହିତ ଝଗଡ଼ା ହୋଇଥିଲା। ପରେ ଜଗନ୍ନାଥ ପାତ୍ର, ରଞ୍ଜନ ପାତ୍ର, ଭାବଗ୍ରାହୀ, ବିନୋଦ, ଆନନ୍ଦ, ରିଙ୍କୁ, ବାଉରୀବନ୍ଧୁ ଓ ବାସନ୍ତି ପାତ୍ର ସେଠାରେ ପହଞ୍ଚି ପ୍ରଶାନ୍ତ ଓ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରିଥିଲେ। ପ୍ରଶାନ୍ତ ଏହାର ପ୍ରତିବାଦ କରିବାରୁ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିବା ସହ ଖଣ୍ଡାରେ ହାଣି ଟଙ୍କା, ସୁନାଚେନ ନେଇ ପଳାଇଥିଲେ ବୋଲି ମିତାଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ପୋଲିସ ପହଞ୍ଚି ପ୍ରଶାନ୍ତଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ସାମାଜିକ ନିରାପତ୍ତା, ଯୋଜନା ସମ୍ପର୍କିତ ପ୍ରଶିକ୍ଷଣ

ଭୁବନେଶ୍ୱର,୧୫।୫(ବ୍ୟୁରୋ): ଶ୍ରମିକଙ୍କ ସାମାଜିକ ନିରାପତ୍ତାକୁ ଆଗଇ ନେବା ଓ ଉଦ୍ଦିଷ୍ଟ ଯୋଜନା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରେଡ୍‌କ୍ରସ୍ ଭବନ ଠାରେ ଆକ୍ସନ୍‌ଏଡ୍ ଓ ସିସିଡବ୍ଲ୍ୟୁଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବରେ ଲମ୍ବୋଦର ରାଉତ ଯୋଗଦେଇଥିଲେ। ଅନ୍‌ଲାଇନ୍ ସେବା, ପଞ୍ଜୀକରଣ ପ୍ରକ୍ରିୟା ତଥା ଆବଶ୍ୟକୀୟ କାଗଜପତ୍ର ବାବଦରେ ବସ୍ତି ଅଞ୍ଚଳରୁ ଆସିଥିବା ଶ୍ରମିକ ଭାଇ ଓ ଭଉଣୀ ମାନଙ୍କୁ ସେ ଅବଗତ କରାଇଥିଲେ। ସିସିଡବ୍ଲ୍ୟୁଡିର ସଂପାଦକ ସଦାଶିବ ସ୍ୱାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ପ୍ରଧାନ ଓ ଅଣସଂଗଠିତ ଶ୍ରମିକ ମଞ୍ଚର ପ୍ରତିନିଧିମାନେ ଶ୍ରମିକ ମାନଙ୍କର ସମସ୍ୟା ଉପରେ ଆଲୋଚନା କରିଥିଲେ। ଭାସ୍କର ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ କୃଷ୍ଣଚନ୍ଦ୍ର ମହନ୍ତ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନବସତିରେ ହାତୀ, ଲୋକେ ଭୟଭୀତ

ବେଗୁନିଆ,୧୫।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟା ହେଲେ ଖାଦ୍ୟ ଲାଳସାରେ ହାତୀମାନେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଘର ଓ ପାଚେରି ମଧ୍ୟ ଭାଙ୍ଗୁଛନ୍ତି। ଏପରିକି ହାତୀ ହାବୁଡ଼ରେ ପଡ଼ି ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ଗତ ଦୁଇ ଦିନ ହେବ ଚନ୍ଦକା ଜଙ୍ଗଲରୁ ଏକ ହାତୀପଲ ଆସି ବେଗୁନିଆ ଓ କଟକ ଜିଲା ବାଙ୍କୀ ବ୍ଲକ ସୀମାବର୍ତ୍ତି ଅଞ୍ଚଳରେ ବୁଲୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଅନ୍ୟପଟେ ହାତୀମାନଙ୍କୁ ଘଉଡ଼ାଇବା ପାଇଁ ଦୁଇଟି ଜିଲାର ବନ ବିଭାଗ ଅଧିକାରୀ ଓ କର୍ମଚାରୀ ନାକେଦମ ହୋଇଥିବା ବେଳେ କୌଣସି ସଫଳତା ମିଳିପାରି ନାହିଁ। ହାତୀଙ୍କୁ ବିଦ୍ୟୁତ୍ ଆଘାତ ଆଶଙ୍କାରେ ବିଦ୍ୟୁତ୍ ସରାବରହ ବନ୍ଦ ରହିଛି।

ପ୍ରକାଶ ଯେ, ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ମୌଜାରେ ଥିବା ୭୦ରୁ ଊର୍ଦ୍ଧ୍ୱ ଏକର ପରିମିତ କାଜୁ ବଗିଚାରେ ସୋମବାର ହାତୀ ବୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପୂର୍ବାହ୍ନ ୧୦ଟାରେ ବେଗୁନିଆ ବନପାଳ ପ୍ରିୟଦର୍ଶିନୀ ସେଠୀ ଓ କର୍ମଚାରୀ ପହଞ୍ଚି ଅନୁସନ୍ଧାନ କରିଥିଲେ। ୪ଘଣ୍ଟା ଖୋଜାଖୋଜି କରିବା ପରେ ଗୋଟିଏ ମା'ହାତୀ ଏବଂ ତା'ର ଏକ ଛୁଆକୁ ଠାବ କରିଥିଲେ। ପରେ ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡା, ବୈଦ୍ୟେଶ୍ୱର ବନପାଳ ଗଦାଧର ବିଶ୍ୱାଳ, ପାରା ସ୍କ୍ୱାଡ୍ ତାରେଶ୍ୱର ରାଉତରାୟ ଓ ଦୁର୍ଗା ପ୍ରସାଦ ପଣ୍ଡା ପ୍ରମୁଖ ପହଞ୍ଚି ହାତୀଙ୍କ ଗତିବିଧିକୁ ଲକ୍ଷ୍ୟ ରଖିଥିଲେ। ବାଜା, ବାଣ, ଲାଇଟ୍ ଓ ସାଇରନ ବଜାଇ ହାତୀଙ୍କୁ ଘଉଡ଼ାଇବା ଉଦ୍ୟମ ଜାରି ରଖିଛନ୍ତି। ସ୍ଥାନୀୟ ଲୋକଙ୍କ ସୁରକ୍ଷା ଲାଗି ବନ ବିଭାଗ ପକ୍ଷରୁ ଆଖପାଖ ଗ୍ରାମରେ ଡାକବାଜି ଯନ୍ତ୍ରରେ ସଚେତନ କରାଯାଉଛି। ସେହିପରି ହାତୀ ବିଚରଣ କରୁଥିବା ଅଞ୍ଚଳରେ ଟଣା ଯାଇଥିବା ୧୧କେଭି ବିଦ୍ୟୁତ୍ ଆଘାତ ଆଶଙ୍କାରେ ଯୋଗାଣ ବିଚ୍ଛିନ୍ନ କରାଯାଇଛି। ଗେଡିଆପଲ୍ଲୀ ଫିଡରରୁ ଅପରାହ୍ନ ୫ଟାରୁ ଯୋଗାଣ ବିଚ୍ଛିନ୍ନ ଦ୍ୱାରା ୨୦ଟି ଗ୍ରାମର ଉପଭୋକ୍ତା ଗରମ ଓ ଗୁଳୁଗୁଳି ଯୋଗୁ ହଇରାଣ ହେଉଛନ୍ତି। ବନ ବିଭାଗ ସୂଚନା ମୁତାବକ, ହାତୀ ଦୁଇଟି ରବିବାର ବାଙ୍କୀ ବ୍ଲକ ଅନ୍ତର୍ଗତ ବରପୁଟ ନିକଟସ୍ଥ ଯୋକଲାଞ୍ଜି ଅଞ୍ଚଳରେ ବିଚରଣ କରୁଥିଲେ। ସ୍ଥାନୀୟ ଲୋକେ ଘଉଡ଼ାଇବା ଦ୍ୱାରା ପଣ୍ଡାଳମ ଗ୍ରାମ ନିକଟରେ ପାରିହୋଇ ସୋମବାର ଭୋରରୁ ନରସିଂହପୁର କାଜୁ ବଗିଚାକୁ ଚାଲି ଆସିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ରେଞ୍ଜର ଜୟକୃଷ୍ଣ ପଣ୍ଡା କୁହନ୍ତି, ବନ ବିଭାଗ ପକ୍ଷରୁ ଉଭୟ ହାତୀଙ୍କୁ ଘଉଡ଼ାଇ ଚନ୍ଦକା ଜଙ୍ଗଲମୁହାଁ ନେବାକୁ ଉଦ୍ୟମ କରାଯାଉଛି।


ଜଙ୍ଗଲରେ ବୁଲୁଥିବା ହାତୀ।


ବନ ବିଭାଗ କର୍ମଚାରୀ ହାତୀ ଘଉଡାଉଛନ୍ତି।

**ବେଗୁନିଆ ବ୍ଲକ**
- ଘଉଡ଼ାଇବା ପାଇଁ ବନବିଭାଗ ନାକେଦମ
- ବିଦ୍ୟୁତ୍ କାଟ୍, ଉପଭୋକ୍ତା ହଇରାଣ

## ଜନଶୁଣାଣି ଶିବିରରେ ୧୨୯ ଅଭିଯୋଗ

ବାଲିପାଟଣା,୧୫।୫(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ସଭାଗୃହ ପରିସରରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଖୋର୍ଦ୍ଧା ଏଡିଏମ୍ ପ୍ରତାପ ଚନ୍ଦ୍ର ବେହେରା, ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ, ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ବିଡିଓ ଆଦିକନ୍ଦ ବେହେରା, ତହସିଲଦାର ବୁଲବୁଲ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୧୨୯ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ୨ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। ବିଭିନ୍ନ ସମୟରେ ଏହି ଜନଶୁଣାଣି ହେଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅଭିଯୋଗଗୁଡ଼ିକୁ ଗୁରୁତ୍ୱ ଦିଆଯାଉନଥିବା ବରଦାପଡ଼ାର ରାଜଶ୍ରୀ ସ୍ୱାଇଁ, ପମ୍ପାଲୋ ସରପଞ୍ଚ ବାହାନ ଭୋଇ ଓ ଅନ୍ୟମାନେ ଅଭିଯୋଗ କରିଥିଲେ।





କେରଙ୍ଗଠାରେ ଅନୁଷ୍ଠିତ ୫୬ତମ ସର୍ବଧର୍ମ ଶାନ୍ତି ସମ୍ମିଳନୀର ଉଦ୍‌ଯାପନ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଜନସାଧାରଣ।

# ଶାନ୍ତିର ବାର୍ତ୍ତା, ମାନବସେବାକୁ ଗୁରୁତ୍ୱ

**୫୬ତମ ସର୍ବଧର୍ମ ଶାନ୍ତି ସମ୍ମିଳନୀ ଉଦ୍‌ଯାପିତ**

ଖୋର୍ଦ୍ଧା ଅଫିସ,୧୫।୫

ଖୋର୍ଦ୍ଧା ଅନ୍ତର୍ଗତ କେରଙ୍ଗ ଅହମ୍ମଦୀୟା ମୁସ୍‌ଲିମ ଜମାତ ପକ୍ଷରୁ ଚାଲିଥିବା ଦ୍ୱିଦିବସୀୟ ୫୬ତମ ସର୍ବଧର୍ମ ଶାନ୍ତି ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଅଖିଳ ଭାରତ ଅହମ୍ମଦୀୟା ମୁସ୍‌ଲିମ ସଙ୍ଗଠନ ଇସ୍‌ଲାହ ଓ ଇରଶାଦ ବିଭାଗର ଉପସଚିବ ମୌଲାନା ଅବ୍ଦୁଲ ଓକିଲ ନିଆଜ ପୌରୋହିତ୍ୟ କରିଥିଲେ। ସୈଫୁର ଅହମ୍ମଦ କୋରାନ ପାଠ ଆବୃତ୍ତି କରିଥିବା ବେଳେ ତାହେର ଖାଁ ଉର୍ଦ୍ଦୁ ନଜମ ପରିବେଷଣ କରିଥିଲେ। କଟକ ସହରର ମୌଲାନା ଫଜଲ ହକ ଖାଁ ମୁଖ୍ୟ ବକ୍ତାଭାବେ ଯୋଗଦେଇ ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧାଭାବ ରଖିବାକୁ ପରାମର୍ଶ ଦେଇଥିଲେ। ଈର୍ଷା, ସ୍ୱାର୍ଥକୁ ପରିତ୍ୟାଗ କରି ଅନ୍ୟକୁ ଭଲ ପାଇବାକୁ ସେ କହିଥିଲେ। ସମ୍ମାନିତ ବକ୍ତା ମୌଲାନା ମିର ଅବ୍ଦୁଲ ହଫିଜ କହିଥିଲେ, ବିଶ୍ୱବ୍ୟାପ୍ତ ଅହମ୍ମଦୀୟା ମୁସଲିମ ସଙ୍ଗଠନ ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଉଛି। ଇସ୍‌ଲାମର ପ୍ରକୃତ ଶିକ୍ଷାକୁ ପ୍ରସାରିତ କରୁଛି। ଇସ୍‌ଲାମ ନାମରେ ଯେଉଁ ସବୁ ଅମାନୁଷିକ କାର୍ଯ୍ୟ କରାଯାଉଛି, ତା'ର ବିରୋଧ କରୁଛି। ଶାନ୍ତି, ନ୍ୟାୟ ଏବଂ ମାନବ ସେବାକୁ ଗୁରୁତ୍ୱ ଦେଉଛି। ସମ୍ମାନିତ ଅତିଥି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଥିଲେ, କେରଙ୍ଗ ସର୍ବଧର୍ମ ସମ୍ମିଳନୀ ଦେଶରେ ଭାଇଚାରାକୁ ପ୍ରୋତ୍ସାହନ ଦେବ। ସେହିପରି ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଥିଲେ, ଦେଶ ପାଇଁ ଏ ଗାଁ ଗୌରବ ବହନ କରେ। କେରଙ୍ଗ ଅହମ୍ମଦୀୟା ମୁସଲିମ ସଭାପତି ଅମିରୁଦ୍ଦିନ ଖାଁ ଧନ୍ୟବାଦ ଦେଇଥିଲେ। ଅମିର ମୁହମ୍ମଦ ନୁରୁଦ୍ଦିନ ଅମିନ, ବିଜେଡି ନେତା ଅରୂପ ପଟ୍ଟନାୟକ, ବିଜେଡ ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଦଳେଇ, ଡ. ସନ୍ତୋଷ ଜେନା, ବିଜୁ ଛୋଟରାୟ, ରାମଚନ୍ଦ୍ର ସାମନ୍ତରାୟ, ସୁରଜ ପାଇକରାୟ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଏହି ସର୍ବଧର୍ମ ସମ୍ମିଳନୀରେ ପଞ୍ଜାବ, ମଧ୍ୟପ୍ରଦେଶ, ହରିୟାଣା, ରାଜସ୍ଥାନ, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରୁ ଅନେକ ଅହମ୍ମଦୀୟା ମତବାଦର ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ଠାକୁରଙ୍କ ମନ୍ଦିର ପ୍ରବେଶ ପ୍ରସ୍ତୁତି ବୈଠକ

ନିରାକାରପୁର,୧୫।୫(ଡି.ଏନ୍.ଏ.)

ନିରାକାରପୁର ପଞ୍ଚାୟତରେ ନବନିର୍ମିତ ଶ୍ରୀଜଗନ୍ନାଥ, ମହାଲକ୍ଷ୍ମୀ, ମା'ବିମଳା, ଧବଳେଶ୍ୱର ମହାଦେବ ଓ ଶ୍ରୀଗଜାନନଙ୍କ ମନ୍ଦିର ପ୍ରବେଶ ଆସନ୍ତା ଜୁନ ୧ରେ ଅନୁଷ୍ଠିତ ହେବ। ଏନେଇ ମନ୍ଦିର ଟ୍ରଷ୍ଟ ସଭାପତି ଶକ୍ତିଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ମନ୍ଦିର ମଣ୍ଡପରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ପରିଷଦର ସଂଖ୍ୟାଧିକ ସଭ୍ୟ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସଭା ଆରମ୍ଭରେ ଉପସଭାପତି ମୀନକେତନ ବେହେରାଙ୍କ ପ୍ରସ୍ତାବରେ ଅନୁଷ୍ଠାନର ସମ୍ପାଦକ ରାମକୃଷ୍ଣ ପଟ୍ଟନାୟକ ଶ୍ରୀଜଗନ୍ନାଥାଷ୍ଟକ ପାଠ କରିଥିଲେ। ଶେଷରେ ଅନୁଷ୍ଠାନର କୋଷାଧ୍ୟକ୍ଷ ସୁରେନ୍ଦ୍ର ନାଥ ସାହୁ ଧନ୍ୟବାଦ ଦେଇଥିଲେ। ତେବେ ୨୧ ତାରିଖରେ ପୁଣି ଏକ ସଭା ମନ୍ଦିର ମଣ୍ଡପରେ ହେବ ବୋଲି ସ୍ଥିର ହୋଇଛି।

## ନାବାଳିକାଙ୍କୁ ପ୍ରତାରଣା: ଯୁବକ ଗିରଫ

ବାରଙ୍ଗ,୧୫।୫(ଡି.ଏନ୍.ଏ.)

ଚନ୍ଦକା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଚନ୍ଦକା ଅଞ୍ଚଳର ପ୍ରକାଶ ଭଞ୍ଜ। ପୋଲିସ ନାବାଳିକା ଏବଂ ଯୁବକଙ୍କ ଡାକ୍ତରୀମାଇନା କରାଇବା ପରେ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ପ୍ରକାଶ ସେହି ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ତାଙ୍କୁ ପ୍ରତାରଣା କରିଥିଲେ।

## ଜବରଦଖଲ ଉଚ୍ଛେଦ ଦାବି କଲେ ଗ୍ରାମବାସୀ

ବୋଲଗଡ଼,୧୫।୫(ଡି.ଏନ୍.ଏ.)

ବୋଲଗଡ଼ ତହସିଲ ତଥା ପିତୁକୁଳି ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ନାରାୟଣୀପଡ଼ା ଗ୍ରାମରେ କେତେଜଣ ବ୍ୟକ୍ତି ଏହି ମୌଜାର ଅନାବାଦୀ ଓ ସଂରକ୍ଷିତ ସରକାରୀ ଜମିକୁ ଜବରଦଖଲ କରି ସେଥିରେ ବେଆଇନଭାବେ ନିର୍ମାଣ ଜାରି ରଖିଛନ୍ତି। ଏନେଇ ପୂର୍ବରୁ ଗ୍ରାମବାସୀ ବାରମ୍ବାର ଜିଲାପାଳ ଓ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଫଳରେ ଅନ୍ୟମାନେ ମଧ୍ୟ ଜବରଦଖଲ ପାଇଁ ଉତ୍ସାହିତ ହେଉଛନ୍ତି। ଏନେଇ ସୋମବାର ନାରାୟଣୀପଡ଼ା ଗ୍ରାମର କେତେଜଣ ବ୍ୟକ୍ତି ସ୍ଥାନୀୟ ତହସିଲଦାର ସନ୍ତୋଷିନୀ ଦାସଙ୍କୁ ସାକ୍ଷାତ୍ କରି ଜବରଦଖଲ ଉଚ୍ଛେଦ ପାଇଁ ନିବେଦନ କରିଛନ୍ତି। ଗ୍ରାମ୍ୟ କମିଟି ସଭାପତି ବିଜୟ କୁମାର ଚୌଧୁରୀ ଓ ସମ୍ପାଦକ ଆନନ୍ଦ ଚନ୍ଦ୍ର ମାର୍ଥାଙ୍କ ନେତୃତ୍ୱରେ ଭାସ୍କର ଚୌଧୁରୀ, ସତ୍ୟାନନ୍ଦ ରାଉଳ, ଧନେଶ୍ୱର ଚୌଧୁରୀ, ବିଜୟ କୁମାର ପଣ୍ଡା, ଅକ୍ଷୟ ଚୌଧୁରୀ, ଚୈତନ୍ୟ ରାଉତ, ପ୍ରଫୁଲ୍ଲ ରାଉତ ପ୍ରମୁଖ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦ ନିମନ୍ତେ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦରଖାସ୍ତ ପ୍ରଦାନ କରିଛନ୍ତି। ରାଜସ୍ୱ ନିରୀକ୍ଷକ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ତହସିଲଦାର ଦାସ ନିର୍ଦ୍ଦେଶ ଦେଇଛନ୍ତି।


ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

# ଅନ୍ତର୍ଜାତୀୟ ପରିବାର ଦିବସ

ଜଟଣୀ,୧୫।୫(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳରେ ଅନ୍ତର୍ଜାତୀୟ ପରିବାର ଦିବସ ପାଳିତ ହୋଇଯାଇଛି। ପୌରାଞ୍ଚଳ ଅନ୍ତର୍ଗତ ବିକାଶ ନଗରସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଆମରି ସତ୍ୟ ବିକାଶ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟିଆ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସୁକାନ୍ତି ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ପୂର୍ବତନ ଅଧ୍ୟକ୍ଷ ଶରତ ଚନ୍ଦ୍ର, ସମ୍ମାନିତ ଅତିଥି କବୟିତ୍ରୀ ଶକୁନ୍ତଳା ରଥ, ଆମରି ସତ୍ୟ ସାହିତ୍ୟ ପତ୍ରିକା ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ଏବଂ ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ 'ସୁସ୍ଥ ପରିବାର ଗଠନରେ ନାରୀର ଭୂମିକା'କୁ ନେଇ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପାଲା ଗାୟକ ସୁରେଶ କୁମାର ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ପଣ୍ଡିତ ରମାକାନ୍ତ ମିଶ୍ର, ବ୍ରଜବନ୍ଧୁ ନାୟକ, ପ୍ରମୋଦ କୁମାର ମହାନ୍ତି, ଜଗନ୍ନାଥ ନାୟକ, ବିଜୟ କୁମାର ବ୍ରହ୍ମା, ସମରଜିତ ପଟ୍ଟନାୟକ, ସୁଦର୍ଶନ ମହାପାତ୍ର, ବାସୁଦେବ ସାହୁ, ଆରତି ସେନ, ପଦ୍ମଲୋଚନ ସାହୁ, କାଶୀନାଥ ଦାସ, ରବୀନ୍ଦ୍ର ପ୍ରସାଦ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରି ମତବ୍ୟକ୍ତ କରିଥିଲେ। ପଦ୍ମନାଭ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅଧ୍ୟାପିକା ସୌଦାମିନୀ ବେହେରାଙ୍କ ସଂଯୋଜନାରେ ବହୁ କବି ଓ କବୟିତ୍ରୀ କବିତା ପାଠ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଇଗଲ କ୍ଲବ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୧୫।୫

ଖୋର୍ଦ୍ଧା ଇଗଲ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୯ତମ ଏକଦିବସୀୟ ଦିବାରାତ୍ର ଇଗଲ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକର ୮ଟି ଟିମ୍‌କୁ ନେଇ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ତେବେ ରବିବାର ବିଳମ୍ବିତ ରାତିରେ କଟକର ଚାର୍ଜ ଇଲେଭେନ ଓ ଇଗଲ କ୍ଲବ ସିନିୟର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଚାର୍ଜ ଇଲେଭେନ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ଇଗଲ କ୍ଲବ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ବିନିମୟରେ ୧୧୦ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମିତ୍ କୁମାର ସାହୁ ସର୍ବାଧିକ ୪୨ରନ କରିଥିଲେ। ପ୍ରତିପକ୍ଷ ଟିମର ଶୁଭମ୍ ବେହେରା ୨ଟି ଉଇକେଟ୍ ନେଇଥିଲେ। ଜବାବରେ ଚାର୍ଜ ଇଲେଭେନ ଟିମ ୬ ଓଭରରେ ୫ ଉଇକେଟ୍ ବିନିମୟରେ ୧୦୬ରନ ସଂଗ୍ରହ କରିଥିଲା। ଫଳରେ ୪ ରନରେ ଇଗଲ କ୍ଲବ ସିନିୟର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ସାନୁଜ ବିଶ୍ୱାଳ ଓ ମୁନା ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରରେ ଶିବାଶିଷ ପଟ୍ଟନାୟକ ଓ ନୂତନକ୍ରାନ୍ତି ପାଲ ସହାୟତା କରିଥିବା ବେଳେ ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗ ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟରେ ଉଦ୍‌ଘାଟକ ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ପୂର୍ବତନ ପୌରାଧ୍ୟକ୍ଷ ସଞ୍ଜୁକ୍ତା ସାହୁ, କାଉନ୍‌ସିଲର ପ୍ରବୀଣା ଜଗଦ୍ଦେବରାୟ, ଅନିଲ ରାମ, ଅମିୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂହସାମନ୍ତ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ପୁରସ୍କୃତ କରିଥିଲେ। ସେହିପରି ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଇଗଲ କ୍ଲବ ଟିମର ଅମିତ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ କ୍ଲବର ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଡେଞ୍ଜର କ୍ୱାଲିଟି ଜିତିଲା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୫।୫(ଡି.ଏନ୍.ଏ.)

ମା' ଜୟଦୁର୍ଗା କ୍ରିକେଟ ଆସୋସିଏଶନ ବାରଘରପାଟଣା, ଧଉଳିମୁହଁଠାରେ ଚାଲିଥିବା ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଡେଞ୍ଜର କ୍ୱାଲିଟି ଏବଂ ମା' ୱାରିୟର୍ସ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଡେଞ୍ଜର କ୍ୱାଲିଟି ଟିମ୍ ୮ ଓଭରରେ ୪୪ରନ ସଂଗ୍ରହ କରିଥିଲା। ଜବାବରେ ମା' ୱାରିୟର୍ସ ଟିମ୍ ୩୫ରନ ସଂଗ୍ରହ କରିଥିଲା। ଫଳରେ ୯ରନରେ ଡେଞ୍ଜର କ୍ୱାଲିଟି ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। କୈଳାସ ମାଟି ଓ ମାନସ ରଞ୍ଜନ ବରାଳ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଆସୋସିଏଶନର ସମସ୍ତ ସଭ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ଖେଳାଳିଙ୍କ ସହ ହାତ ମିଳାଉଛନ୍ତି ଅତିଥି ବାସନ୍ତୀ ମହାପାତ୍ର।

**ସଂକ୍ଷେପରେ**

## ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲା ସଂସଦୀୟ କମିଟି

ପୁରୀ ଅଫିସ, ୧୫।୫: ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟି ପୁରୀ ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। କେତେକ କ୍ଷେତ୍ରରେ ଯୋଜନାକୁ ଅଧିକ କ୍ରିୟାଶୀଳ ଓ ଲୋକାଭିମୁଖୀ କରିବାକୁ ପ୍ରସ୍ତାବ ଦେଇଥିଲେ। ଏମ୍‌ପି ଶ୍ୟାମସିଂହ ଯାଦବଙ୍କ ଅଧକ୍ଷତାରେ କମିଟିର ସଦସ୍ୟମାନେ ପିପିଲି ବ୍ଲକ ପରିଦର୍ଶନ ପରେ ପୁରୀରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ବିଭିନ୍ନ ଗ୍ରାମୀଣ ବିକାଶ ଯୋଜନା ଯଥା- ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସାମାଜିକ ସୁରକ୍ଷା, ମିଶନ ଶକ୍ତି, ଗ୍ରାମ୍ୟ ରାସ୍ତା ନିର୍ମାଣ, ଜୀବିକା ମିଶନ, ପଞ୍ଚାୟତିରାଜ ଇତ୍ୟାଦି ସମ୍ପର୍କରେ ବିଭାଗର ପ୍ରମୁଖ ସଚିବ, କମିଶନର ଓ ନିର୍ଦ୍ଦେଶକମାନେ ପାୱାର ପ୍ରେଜେଣ୍ଟେସନ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। ୟୁକୋ ବ୍ୟାଙ୍କ ପକ୍ଷରୁ ମଧ ତଥ୍ୟ ରଖାଯାଇଥିଲା। ପଞ୍ଚାୟତରାଜି ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶିଲ କୁମାର ଲୋହାନି, ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ସ୍ପେଶାଲ ପ୍ରୋଜେକ୍ଟ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଓର୍‌ମାସ୍ ସିଇଓ ଗୁହା ପୁନମ ତାପସ କୁମାର, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ, ଏସ୍‌ଆଇଆର୍‌ଡିର ନିର୍ଦ୍ଦେଶକ ଏସ୍.କେ.ମୀନା, ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ସୁଦର୍ଶନ ପରିଡା, ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ୟୁକୋ ବ୍ୟାଙ୍କ ଜିଏମ୍ ଗୌତମ ପାତ୍ର, ଏମ୍‌ଡି ତଥା ସିଇଓ ସୋମ୍ ଶଙ୍କର ପ୍ରସାଦ ପ୍ରମୁଖ ଯୋଗଦେଇଥିଲେ। ପରେ ପ୍ରତିନିଧି ମଣ୍ଡଳୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରତିନିଧିମାନଙ୍କୁ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପାଟ, ପତିତପାବନ ବାନା ଏବଂ ମହାପ୍ରଭୁଙ୍କ ଏକ ସ୍ମାରକୀ ପ୍ରଦାନ କରାଯାଇଥିଲା।

## ସ୍କୁଲପିଲାଙ୍କ ପାଇଁ ସହାୟତା ଦେଲେ ପୁରାତନ ଛାତ୍ର

ସାକ୍ଷୀଗୋପାଳ,୧୫।୫(ସ୍ୱ.ପ୍ର./ ଡି.ଏନ୍.ଏ.)- ସତ୍ୟବାଦୀ ବ୍ଲକର ରାୟଚକ୍ରଧରପୁର ଉଚ୍ଚ ବିଦ୍ୟାଳୟର ୨୦୦୭ ମସିହା ମାଟ୍ରିକ ବ୍ୟାଚ ସହପାଠୀଙ୍କ ଏକ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନସ ରଞ୍ଜନ ସ୍ୱାଇଁ, କୃଷ୍ଣଚନ୍ଦ୍ର ନାୟକଙ୍କ ସହିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ମିଶ୍ର, ପ୍ରଣବ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଆୟୋଜିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ବଉଳ, ଜିନିଆ ସହିତ ଅନେକ ଚାରା ରୋପଣ କରିଥିଲେ। ଏହା ଅବସରରେ ଆୟୋଜିତ ସଭାରେ ଗୁରୁବନ୍ଦନା ସହିତ ଶିକ୍ଷକମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ଆମର ଆମେ ଏହାର ଉର୍ନ୍ନତି ପାଇଁ ଚେଷ୍ଟା କରିବା ଲକ୍ଷ ନେଇ ପୁରାତନ ଛାତ୍ର ମାନସ ଦାଶ ବିଦ୍ୟାଳୟର ପିଲାମାନଙ୍କ ଖେଳ ଉପକରଣ ଓ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଧାନ ଶିକ୍ଷକ ମିଶ୍ରଙ୍କୁ ପ୍ରଦାନ କରିଥିଲେ।

# ଓଡ଼ିଶାର ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ

**ପିପିଲିରେ ୩୧ଜଣିଆ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି**

ପିପିଲି,୧୫।୫(ସ୍ୱ.ପ୍ର./ଡି.ଏନ୍.ଏ.)

ଓଡ଼ିଶା ଗସ୍ତରେ ଆସିଥିବା ୩୧ଜଣିଆ କେନ୍ଦ୍ରୀୟ ପାର୍ଲିଆମେଣ୍ଟ ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ସୋମବାର ପୁରୀ ଜିଲାର ପିପିଲି ବ୍ଲକ ପରିଦର୍ଶନରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ବୁଲି ଦେଖି ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ପିପିଲି ବ୍ଲକର ହାଟସାହି, ଦାଣ୍ଡମୁକୁନ୍ଦପୁର, ଦୁର୍ଗାଦାସପୁର ପ୍ରମୁଖ ୩ଟି ପଞ୍ଚାୟତ ପରିଦର୍ଶନ କରି ସରକାରୀ ଯୋଜନାର ସଫଳ ରୂପାୟନ ଦେଖିଥିଲେ। ଏବଂ ସେଠାରେ ହୋଇଥିବା ଶିକ୍ଷା, ଗମନାଗମନ ଓ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଓଡ଼ିଶାର ଉନ୍ନତିର ଅଗ୍ରଗତି ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୁରି ପ୍ରଶଂସା କରିଛନ୍ତି ଏହି ଦଳ। ଉତ୍ତରପ୍ରଦେଶ ଏମ୍‌ପି ଶ୍ୟାମ ସିଂ ଯାଦବଙ୍କ ନେତୃତ୍ୱରେ ଆସିଥିବା ଏହି ୩୧ଜଣିଆ ପ୍ରତିନିଧି ଦଳ ପ୍ରଥମେ ପିପିଲି ବ୍ଲକ ହାଟସାହି ପଞ୍ଚାୟତରେ ପହଞ୍ଚିଥିଲେ। ପରେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଆୟୋଜିତ ଏକ ସଭାରେ କମିଟିର ସଦସ୍ୟମାନେ ଯୋଗଦେଇ ଓଡ଼ିଶା ବିକାଶର ଅଗ୍ରଗତି ସମ୍ପର୍କରେ ଉପସ୍ଥିତ ଥିବା ଜନପ୍ରତିନିଧି ଓ ସାଧାରଣ ଜନତାମାନଙ୍କୁ କେନ୍ଦ୍ର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହ ନିକଟରେ ଥିବା ଅମୃତ ସରୋବର ପ୍ରକଳ୍ପ, ଗ୍ରାମୀଣ ପାର୍କ, ଲାଇବ୍ରେରୀ ଗୃହ ବୁଲି ଦେଖିଥିଲେ। ପରେ ଦାଣ୍ଡମୁକୁନ୍ଦପୁରଠାରୁ ରାଜତେଇ ଛକ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ପଞ୍ଚାୟତ ନିକଟରେ ଥିବା ଗ୍ରାମୀଣ ବ୍ୟାୟାମଶାଳା ବୁଲି ଦେଖିଥିଲେ। ଏହାପରେ କମିଟିର ସଦସ୍ୟମାନେ ଦୁର୍ଗାଦାସପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ଯୋଗଦେଇଥିଲେ। ନିକଟରେ ହୋଇଥିବା ପଞ୍ଚାୟତ କଲ୍ୟାଣ ମଣ୍ଡପ, ଗ୍ରାମୀଣ ହାଟ, ଲାଇବ୍ରେରୀ ଗୃହ ବୁଲି ସ୍ଥାନୀୟ ଜନପ୍ରତିନିଧି ଓ ଲୋକମାନଙ୍କ ସହିତ ଫଟୋ ଉଠାଇଥିଲେ। ତେବେ ଏହି କମିଟିର ସଦସ୍ୟମାନଙ୍କୁ ସବୁ ସ୍ଥାନରେ ବାଜାବାଣ, ଘୋଡ଼ାନାଚ ସହ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରତିନିଧି ଦଳ ପରିଦର୍ଶନ ସମୟରେ ଗ୍ରାମୀଣ ପାଠାଗାରର ଉନ୍ନତି ନିମନ୍ତେ ହାଟ ସାହି ଓ ଦୁର୍ଗାଦାସପୁର ପଞ୍ଚାୟତକୁ ଆର୍ଥିକ ସହାୟତା ରାଶି ଉକ୍ତ ସରପଞ୍ଚମାନଙ୍କୁ ପ୍ରଦାନ କରିଥିଲେ। ଷ୍ଟାଣ୍ଡିଂ କମିଟି ସଦସ୍ୟମାନଙ୍କର ଏଭଳି ଗସ୍ତ ଦ୍ୱାରା କାର୍ଯ୍ୟ କରିବାରେ ଉତ୍ସାହିତ କରିବ ବୋଲି ସରପଞ୍ଚ ପରେଶ ମିଶ୍ର, ବିଭୂତି ଭୂଷଣ ନାଥ କହିଛନ୍ତି। ଏହି ଗସ୍ତ ସମୟରେ ରାଜ୍ୟ ପଞ୍ଚାୟତ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରୀ ସୁଶୀଳ କୁମାର ଲୋହାନି, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରୀ ସଞ୍ଜୟ କୁମାର ସିଂ, ସେକ୍ରେଟାରୀ ଭାସ୍କର ଜ୍ୟୋତି ଶର୍ମା, ଆରଡିସି ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ଜିଲାପାଳ ପ୍ରଦୀପ ଜେନା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ପିପିଲି ବିଡିଓ ରଶ୍ମିତା ନାଥ, ତହସିଲଦାର ପୁନମ ମହାପାତ୍ର, ଏସ୍‌ଡିପିଓ ଦେବୀଦତ୍ତ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।



ପାର୍ଲିଆମେଣ୍ଟ ଷ୍ଟାଣ୍ଡିଂ କମିଟିର ସଦସ୍ୟା ସଦସ୍ୟଙ୍କ ସହ କୁନୀ କଳାକାର ଓ ଅନ୍ୟମାନେ ।

# ୩ ରଥର ଅଖ ଚଉପଟ କାମ ଜାରି

**ରଥଖଳାରୁ ...**

ପୁରୀ ଅଫିସ, ୧୫।୫:

ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ସୋମବାର ସନ୍ଧ୍ୟା ସୁଦ୍ଧା ତିନିରଥର ମୋଟ ୪୨ ଚକରୁ ୩୬ଟି ଚକ ନିର୍ମାଣ ସରିଛି। ତିନିରଥର ମୋଟ ୧୨ଟି ଲେଖାଏ ଚଉତା କାଠରୁ ୮ଟି ଲେଖାଏ ଚଉତା କାଠର ଚଉପଟ କାର୍ଯ୍ୟ ଶେଷ ହୋଇଛି। ୪ଟି ଲେଖାଏ ନିରାଡ଼ି ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ରଥ ଅମିନ ପ୍ରତି ରଥଚାଳିକୁ ୨ଟି ଲେଖାଏ ୨୦ ଫୁଟିଆ ଧଉରା କାଠ ଭୋଇସେବକଙ୍କ ମାଧ୍ୟମରେ ଯୋଗାଇଛନ୍ତି। ଏଥିସହ ତିନି ରଥର ଦୁଇଟି ଲେଖାଏ ଅଖର ଦୁଇପାର୍ଶ୍ୱ ଗୋଲେଇ କାର୍ଯ୍ୟ ସରିଛି। ମଙ୍ଗଳବାର ଭୋଇସେବକମାନେ ଯନ୍ତାଗାଡ଼ଠାରେ ତିନି ରଥର ଶେଷ ଗୋଟିଏ ଲେଖାଏ ତୁମ୍ବରେ କଣ୍ଟାବାଡ଼ିଆ ବା ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ସାରି ଯନ୍ତାଗାଡ଼ ମୁଦ ଦେବା ରହିଥିବା ସୂଚନା ମିଳିଛି। ତାଳଧ୍ୱଜ ରଥର ୧୪ ଚକରୁ ୧୨ଟି ନିର୍ମାଣ ଶେଷ ହୋଇଛି। ୧୩ ତମ ଚକର ତୁମ୍ବ ଅରରେ କଣ୍ଟା ବାଡ଼ିଆ ସରିଛି। ବଳକା ଅର ମାପ ପ୍ରକାରେ କଟାଯାଇ ସାଲ ପରେ ପାଇ ପିନ୍ଧାଯିବ। ଶେଷ ୧୪ତମ ଚକରେ ଅର ସଂଯୋଗ ପରେ ସିଙ୍ଗଡ଼ା ବାଡ଼ିଆ ବାକିଅଛି। ତାଳଧ୍ୱଜ ରଥର ମୋଟ ୧୨ଟି ଚଉତାରୁ ୮ଟି ଚଉତା କାଠର ଚଉପଟ ସରିଛି। ତାଳଧ୍ୱଜ ରଥର ମୋଟ ୭ଟି ଅଖରୁ ଦୁଇଟି ଅଖର ଦୁଇପାର୍ଶ୍ୱ ଗୋଲେଇ କାର୍ଯ୍ୟ ସରିଛି। ସେହିପରି ରଥର ମୋଟ ୪ଟି ନିରାଡ଼ି ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ରଥ ଅମିନ ୨ଟି ଲେଖାଏ ୨୦ଫୁଟିଆ ଧଉରା କାଠ ଯୋଗାଇଛନ୍ତି। ଏଥିରେ ଚଉପଟ କାର୍ଯ୍ୟ ଆରମ୍ଭ ହେବ। ଏହି ନିରାଡ଼ି ରଥ ଚାରି ପାର୍ଶ୍ୱ କୋଣଗୁଜ ଉପରେ ସଂଯୋଗ କରାଯିବ, ଫଳରେ ପୋଲ ଗୟଳକୁ ବାନ୍ଧି ରଖିବାରେ ସହାୟକ ହେବ। ଦର୍ପଦଳନ ରଥର ୧୨ଟି ଚକରୁ ୧୧ଟି ଚକର ନିର୍ମାଣ ସରିଛି। ଶେଷ ଚକ ପାଇଁ ତୁମ୍ବରେ ଅର ସଂଯୋଗ ହୋଇ ଯନ୍ତାଗାଡ଼ଠାରେ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ବାକିଅଛି। ଦର୍ପଦଳନ ରଥର ୧୨ଟି ଚଉତାରୁ ୮ଟି ଚଉତର ଚଉପଟ ସରିଛି। ରଥର ୬ଟି ଅଖରୁ ୨ଟି ଅଖର ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ନନ୍ଦିଘୋଷ ରଥର ୧୬ଟି ଚକରୁ ୧୩ଟି ଚକର ନିର୍ମାଣ ସରିଛି। ୧୪ତମ ଚକର ପଇ କଳସା ଶେଷ ହୋଇ, ପଇରେ କିଲା ବାଡ଼ିଆ ବାକି ଅଛି। ୧୫ତମ ଚକ ଅରରେ ଓଆଇ ପିନ୍ଧା ଶେଷ ହୋଇଛି, ପଇ କଳସା ବାକି ଅଛି। ଶେଷ ଚକ ତୁମ୍ବରେ ଅର ଲାଗି ଏବଂ ସିଙ୍ଗଡ଼ାବାଡ଼ିଆ ବାକି ଅଛି। ନନ୍ଦିଘୋଷ ରଥର ୧୨ଟି ଚଉତା କାଠାରୁ ୯ଟି ଚଉତା କାଠର ଚଉପଟ ସରିଛି। ରଥର ୮ଟି ଅଖରୁ ୨ଟି ଅଖର ଦୁଇ ପାର୍ଶ୍ୱ ଗୋଲେଇ କରାଯାଇଛି। ଦୋଳବେଦିଠାରେ କରତି ସେବକମାନେ ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ରୂପକାର ସେବକମାନେ ରଥ ଗୁଜଗୁଡ଼ିକରେ ରୂପ ଖୋଦେଇ ସହ ପଲିସି କାର୍ଯ୍ୟ କରୁଛନ୍ତି। ଦୋଳବେଦିସ୍ଥିତ କମାରଶାଳରେ ଓଝା ସେବକମାନେ ତିନି ରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା, ଯୋଖା କଣ୍ଟା ଏବଂ କଇଁଚି କଣ୍ଟା ନିର୍ମାଣ ଜାରି ରଖିଛନ୍ତି।





ବଳଙ୍ଗାଠାରେ ଚନ୍ଦନଯାତ୍ରା ଉଦ୍‌ଯାପନ ଅବସରରେ ଶ୍ରୀ ଶ୍ରୀ ବକ୍ରେଶ୍ୱର ଦେବଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।

# ସରିଲା ବକ୍ରେଶ୍ୱର ଦେବଙ୍କ ଚନ୍ଦନଯାତ୍ରା

ବଳଙ୍ଗା,୧୫।୫(ଡି.ଏନ୍.ଏ.)

ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଶ୍ରୀ ଶ୍ରୀ ବକ୍ରେଶ୍ୱର ଦେବଙ୍କ ୨୧ ଦିନିଆ ଚନ୍ଦନଯାତ୍ରା ସୋମବାର ଶେଷ ହୋଇଛି। ଶ୍ରୀ ଶ୍ରୀ ବକ୍ରେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ମଦନମୋହନ ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଗାଁ ଶେଷ ମୁଣ୍ଡରେ ଥିବା ଚନ୍ଦନ ପୋଖରୀରେ ଜଳକ୍ରୀଡ଼ା କରିଥାନ୍ତି। ୨୧ ଦିନ ପରେ ବଳଙ୍ଗା ଗ୍ରାମରେ ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରାରେ ବଳଙ୍ଗା ଗ୍ରାମର ବିଭିନ୍ନ ସାହି ପ୍ରଧାନ ସାହି, ବ୍ରାହ୍ମଣ ସାହି, ମଶାଣିକୁ ଯାଗା, ଚମ୍ପା ଗଡ଼ ସାହି, ୭୬ ଘର, ମହାପାତ୍ର ସାହି, ନାୟକ ସାହି, ତୋଟା ସାହି, ସମ୍ପୁଭାରତୀ ପାଟଣା ଓ ଦେଉଳି ସାହିରୁ ୧୯ ଗୋଟି ନାଗା ଓ ବିଭିନ୍ନ ପ୍ରକାରର ବେଶରେ ସଜେଇ ହୋଇ ନିଜ ନିଜର କଳା କୌଶଳ, ବାଡ଼ି ଖେଳ, ପର୍ଶୁରାମ ଆଦି ଯାତ୍ରାରେ ସାମିଲ ହୋଇଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ନିମାପଡ଼ା ବ୍ଲକ ଅଧକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତି ସଭ୍ୟ ପ୍ରକାଶ ସାହୁ, ସାମାଜିକ କର୍ମୀ କୃପାସିନ୍ଧୁ ଦତ୍ତ ଓ ଅଜିତ ଚାନ୍ଦ ଦାସ ପ୍ରମୁଖ ଯୋଗଦେଇ ସମସ୍ତଙ୍କୁ ଉପଢ଼ୌକନ ଶାଢ଼ୀ ପ୍ରଦାନ କରିଥିଲେ। ବଳଙ୍ଗା ମେଳଣ କମିଟି ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ସୁବାଷ ଚନ୍ଦ୍ର ପତି, ସଭାପତି ପ୍ରଫୁଲ୍ଲ ପ୍ରଧାନ, ସମ୍ପାଦକ ବଳଭଦ୍ର ଯେନା ପ୍ରମୁଖ ଏହାର ପରିଚାଳନା କରିଥିଲେ।

## ଏମ୍‌କେସିସିକୁ ହରାଇ ବ୍ଲାକ ଡାଇମଣ୍ଡ ବିଜୟୀ

### ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ

କଣାସ,୧୫।୫(ସ୍ୱ.ପ୍ର.)

କଣାସ ବ୍ଲକ ତ୍ରିଲୋଚନପୁର ଗୋପୀନାଥ ଖେଳପଡ଼ିଆଠାରେ ଚାଲିଥିବା ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ ସୋମବାର ୪ର୍ଥ ଦିନରେ ପହଞ୍ଚିଛି। ୬ଷ୍ଠ ମ୍ୟାଚ୍‌ରେ କଣାସର ଏମ୍‌କେସିସିକୁ ହରାଇ ଡାକପଡ଼ାର ବ୍ଲାକ ଡାଇମଣ୍ଡ ବିଜୟୀ ହୋଇଛି। ବ୍ଲାକ ଡାଇମଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ୍ ହରାଇ ୧୩୭ ରନ୍ କରିଥିଲା। ଦଳ ପକ୍ଷରୁ ସୁମନ ୨୨ଟି ବଲ୍‌ରେ ୫୩ ରନ୍ ସଂଗ୍ରହ କରିଥିଲେ। ପ୍ରତିତ୍ତ୍ୟୁରରେ ଏମ୍‌କେସିସି ୮ ଉଇକେଟ୍ ହରାଇ ୧୨୮ରନ୍ କରି ପରାଜିତ ହୋଇଥିଲା। ବ୍ଲାକ ଡାଇମଣ୍ଡର ସୁମନ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗଣେଶ ସ୍ୱାଇଁ ଓ ଆଲୋକ ପ୍ରଧାନ ଅମ୍ପାୟାର ରୂପେ ଦାୟିତ୍ୱ ସମ୍ପାଦନା କରିଥିଲେ। ମୁଖ୍ୟ ଅତିଥି ଭାବେ ସିଆର୍‌ସିସି ଭୂପତି ତ୍ରିପାଠୀ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

## କଦମ୍ବ ବୃକ୍ଷ ଡାଳରୁ ଦର୍ଶନ ଦେଲେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ, ୧୫।୫(ଡି.ଏନ୍.ଏ/ସ୍ୱ.ପ୍ର):



**ଠାକୁରଙ୍କ ଜଳକ୍ରୀଡ଼ା ନୀତି**

ଶ୍ରୀସାକ୍ଷୀଗୋପାଳ ଠାକୁର ସବୁ ସମୟରେ ରତ୍ନସିଂହାସନ ଉପରେ ଛନ୍ଦା ଚରଣରେ ଦଣ୍ଡାୟମାନ ରହିଥିବାବେଳେ ସୋମବାର ଜଳକ୍ରୀଡ଼ା ଏକାଦଶୀ ତିଥିରେ କଦମ୍ବ ବୃକ୍ଷ ଡାଳରେ ବିରାଜମାନ କରିଥିବା ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥିଲା। ୨୧ଦିନ ବ୍ୟାପୀ ଭିତର ଚନ୍ଦନଯାତ୍ରାର ଅନ୍ୟତମ ଆକର୍ଷଣ ସାକ୍ଷୀଗୋପାଳ ଠାକୁରଙ୍କ ଜଳକ୍ରୀଡ଼ା ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। କଦମ୍ବ ବୃକ୍ଷ ଡାଳରେ ଠାକୁର ବିରାଜମାନ କରିଥିଲେ। ବିବସ୍ତ୍ର ଗୋପାଙ୍ଗନାମାନେ ସ୍ନାନ କରୁଥିବା ସମୟରେ ସେମାନଙ୍କ ବସ୍ତ୍ର ହରଣ କରି କଦମ୍ବ ବୃକ୍ଷ ଡାଳରେ ରଖାଯାଇଥିଲା। ଦ୍ୱିପ୍ରହର ଧୂପବେଶରେ ସାକ୍ଷୀଗୋପାଳ ଠାକୁରଙ୍କ ଛନ୍ଦା ଚରଣକୁ ବସ୍ତ୍ରରେ ଆବୃତ୍ତ କରାଯାଇ ଅନ୍ୟ ଦୁଇଟି ଖଞ୍ଜା ପୟର ଲାଗି କରାଯାଇଥିଲା। ପ୍ରଚଳିତ ଦେବନୀତି ଅନୁଯାୟୀ ଆଲଟ ଲାଗି, କାଛିଲାଗି, ଚନ୍ଦନ ବେଢା, ଚନ୍ଦନ ସର୍ବାଙ୍ଗ, ପଣାଭୋଗ ଓ ଯାତଭୋଗ କରାଯାଇଥିଲା। ଶ୍ରଦ୍ଧାଳୁମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ କଦମ୍ବ ବୃକ୍ଷଡାଳରେ ବିରାଜିତ ସାକ୍ଷୀଗୋପାଳଙ୍କ ଜଳକ୍ରୀଡ଼ା ବେଶ ଦର୍ଶନ କରିଥିଲେ। ପରମ୍ପରା କ୍ରମେ ପ୍ରତିବର୍ଷ ରଙ୍ଗଳୀ କୁଳ ପକ୍ଷରୁ ଏହି ବେଶ କରାଯିବା ସହ ବିଭିନ୍ନ ପ୍ରକାର ଭୋଗ ନୈବେଦ୍ୟ ଠାକୁରଙ୍କୁ ଅର୍ପଣ କରାଯାଇଛି।

# କବାଟ ଭାଙ୍ଗି ୨୦ ଲକ୍ଷ ଟଙ୍କାର ସୁନାଗହଣା ଚୋରି

ନିମାପଡ଼ା,୧୫।୫(ଡି.ଏନ୍.ଏ)

ନିମାପଡ଼ା ଥାନା ତେରୁଣ୍ଡିଆ ପଞ୍ଚାୟତର ରାଜରାଣି ଗ୍ରାମର ଜଣଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ସୋମବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ୧୫୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଲୁଟ ହୋଇଥିବା ସୁନା ଗହଣାର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଗୃହକର୍ତ୍ତା ସନ୍ତୋଷ ପ୍ରଧାନ ଅଭିଯୋଗରେ ଦର୍ଶାଇଛନ୍ତି।

ସନ୍ତୋଷଙ୍କ ପରିବାରବର୍ଗ ରବିବାର ରାତିରେ ଶୋଇଥିବାବେଳେ କେହି ଦୁର୍ବୃତ୍ତ ତାଙ୍କ ଘର କବାଟ ଭାଙ୍ଗି ଡ୍ରେସିଂ ଟେବୁଲ ଡ୍ର ଭାଙ୍ଗି ସେଥିରୁ ଥିବା ୩ଟି ସୁନା ନେକଲେସ୍, ୩ ହଳ କାନଫୁଲ, ୩ ହଳ ସୁନାଚୁଡ଼ି, ୨ ହଳ କାନଝରା, ରୁପା ପାଉଁଜି ସମେତ ୩୫୦ ଗ୍ରାମ ଓଜନର ସୁନାଗହଣା ଆଦି ଲୁଟି ନେଇ ଖସି ପଳାଇଥିଲା। ସନ୍ତୋଷ ଏନେଇ ସୋମବାର ଥାନାରେ ଅଭିଯୋଗ କରିବା ପରେ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଏସ୍‌ଆଇ ତଅପୋଇ ନାୟକ, ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ଖବରପାଇ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତୁରନ୍ତ ଏହି ଦୁର୍ବୃତ୍ତଙ୍କୁ ଠାବ କରାଯାଇ ଗିରଫ କରିବାକୁ ଗ୍ରାମବାସୀ, ପରିବାରବର୍ଗ ପୋଲିସ ନିକଟରେ ଦୃଢ ଦାବି କରିଛନ୍ତି।

## ମା’ ରାମଚଣ୍ଡୀଙ୍କ ଜଳାଶାୟୀ ଉତ୍ସବ

ପୁରୀ ଅଫିସ, ୧୫।୫:

ପବିତ୍ର ଜଳକ୍ରୀଡ଼ା ଏକାଦଶୀ ତିଥିରେ ସୋମବାର ଦୋଳମଣ୍ଡପ ସାହି ଜେନାରୀଗଛ ଛକସ୍ଥିତ ମା’ ରାମଚଣ୍ଡୀ ଠାକୁରାଣୀଙ୍କ ଜଳାଶାୟୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୋରରୁ ମା’ଙ୍କ ଦ୍ୱାର ଫିଟିବା ପରେ ମଙ୍ଗଳଆଳତି, ଅବକାଶ, ବାଳ ଭୋଗ ଓ ଶଙ୍ଖୁଡି ଭୋଗ ବଢିବା ପରେ ମା’ଙ୍କ ଅସ୍ଥାନରେ ମାଟି ପ୍ରଲେପ କରାଯାଇଥିଲା। ଚୌଧୁରୀ ସତ୍ୟ ନାରାୟଣ ଦାଶ, ରଞ୍ଜନ ଦାଶ, ଅକ୍ଷୟ କର, ସବ୍ୟସାଚୀ ରଥ, ଶିବନାରାୟଣ ଦାଶ, ଶିଶିର ଶତପଥୀ, ଦୁର୍ଗାଦତ୍ତ ଦାଶ ଓ ସୁଧୀର ଦାଶ ପ୍ରମୁଖ ନିକଟସ୍ଥ କୂଅରୁ ଗରୁରେ ଜଳ ତୋଳି ଆଣି ମା’ଙ୍କ ଅସ୍ଥାନ ନିକଟରେ ଥୋଇଥିଲେ। ପୂଜକ ସୋମନାଥ ଦାଶ ଓ ପିନାକ ଦାଶ ଜଳରେ ଅଗୁର, ଚନ୍ଦନ, ଚୁଆ, କେସର ଓ ସୁବାସିତ ପୁଷ୍ପ ମିଶ୍ରଣ କରିବା ପରେ ମା’ଙ୍କ ମସ୍ତକରେ ଜଳ ଲାଗି କରାଯାଇଥିଲା। ପରେ ପଣା ଭୋଗ ହୋଇଥିଲା। ସନ୍ଧ୍ୟାରେ ଆସ୍ଥାନରୁ ଜଳ ନିଷ୍କାସନ କରାଯିବା ପରେ ମା’ଙ୍କୁ ଚନ୍ଦନ ବେଶରେ ସଜ୍ଜିତ କରାଯାଇ ସନ୍ଧ୍ୟା ଆଳତି କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଜଳଶାୟୀ ଓ ବେଶ ଦର୍ଶନ କରିଥିଲେ। ରାତିରେ ମା’ଙ୍କୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଭୋଗ କରାଯାଇଥିଲା। ମନ୍ଦିରକୁ ଉଜ୍ୱଳ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ମା’ ରାମଚଣ୍ଡୀ ଠାକୁରାଣୀ ପରିଚାଳନା କମିଟି ସମ୍ପାଦକ ମାଗୁଣି ପୃଷ୍ଟି, ସହସମ୍ପାଦକ ରାଜେନ୍ଦ୍ର ପାତ୍ର, ଗୋବିନ୍ଦ ଦତ୍ତ ଓ କୋଷାଧକ୍ଷ ବୁଲୁ ପଢ଼ିଆରୀ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।



ଜଳାଶୟ ଉତ୍ସବ ପାଇଁ ଶ୍ରଦ୍ଧାଳୁମାନେ କଳସୀରେ ଜଳ ଆଣିଛନ୍ତି ।

# ସଜେଇ ହେଲାଣି ପୁରୀ ରେଳଷ୍ଟେଶନ

ପୁରୀ ଅଫିସ, ୧୫।୫:



**୧୮ରୁ ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳର ଶୁଭାରମ୍ଭ**

ଖୁବଶୀଘ୍ର ଓଡ଼ିଶା ସହ ଯୋଡ଼ି ହେବାକୁ ଯାଉଛି ଭାରତୀୟ ରେଲୱେର ସେମି ଦ୍ରୁତଗାମୀ ଟ୍ରେନ୍ ବନ୍ଦେ ଭାରତ ଏକ୍ସପ୍ରେସ୍। ଏହି ଟ୍ରେନ୍ ଆସନ୍ତା ୧୮ ତାରିଖରେ ପୁରୀରୁ ହାୱଡା ମଧ୍ୟରେ ଚାଲିବ। ପୂର୍ବରୁ ରେଲୱେ ପକ୍ଷରୁ ଦୁଇଥର ପରୀକ୍ଷାମୂଳକ ଭାବେ ଟ୍ରେନ ଚଳାଚଳ କରିଥିଲା। ପରୀକ୍ଷାମୂଳକ ଚଳାଚଳ ସଫଳ ହେବା ପରେ ୧୮ ତାରିଖଠାରୁ ପୁରୀ ରେଳଷ୍ଟେଶନରୁ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌ର ଶୁଭାରମ୍ଭ ହେବାକୁ ଯାଉଛି। ଏଥିପାଇଁ ପୁରୀ ରେଳଷ୍ଟେଶନ ନବବଧୂ ପରି ସଜେଇ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ପୁରୀ ରେଳଷ୍ଟେଶନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ସମେତ ବହୁ ମନ୍ତ୍ରୀ ଓ ଅଧିକାରୀ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ଏଥିଲାଗି ରେଲୱେ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ରେଳ ଟ୍ରାକ୍‌ଗୁଡ଼ିକରେ ରଙ୍ଗ ଦିଆଯିବା ସହ ପ୍ଲାଟଫର୍ମକୁ ସଜ୍ଜିତ କରାଯାଉଛି।

ସୂଚନା ଅନୁଯାୟୀ, ବନ୍ଦେ ଭାରତ ଏକ୍ସପ୍ରେସ ହାୱଡ଼ା ଷ୍ଟେଶନ୍‌ରୁ ପ୍ରତ୍ୟେକ ଦିନ ସକାଳ ୬ଟା ୧୦ରେ ବାହାରି। ଏହା ବିଭିନ୍ନ ଷ୍ଟେଶନରେ ଦୁଇମିନିଟ୍ ଲେଖାଏ ରହି ମଧ୍ୟାହ୍ନ ୧୨ଟା ୨୫ରେ ପୁରୀ ରେଳଷ୍ଟେଶନରେ ପହଞ୍ଚିବ। ବନ୍ଦେ ଭାରତ ଏକ୍ସପ୍ରେସ ଯାତ୍ରା ସମୟରେ ୭ଟି ସ୍ଥାନରେ ରହିବ। ସକାଳ ୬ଟା ୧୦ରେ ବାହାରି ୭ଟା ୩୮ରେ ଖଡଗପୁର, ପୂର୍ବାହ୍ନ ୯ଟା ୪୮ରେ ଭଦ୍ରକ, ୧୦ଟା ୨୧ରେ ଯାଜପୁର-କେନ୍ଦୁଝର ରୋଡ, ୧୧ଟାରେ କଟକ, ୧୧ଟା ୨୨ରେ ଭୁବନେଶ୍ୱର, ୧୧ଟା ୪୦ରେ ଖୋର୍ଦ୍ଧା ରୋଡ ଏବଂ ମଧ୍ୟାହ୍ନ ୧୨ଟା ୨୫ରେ ପୁରୀ ରେଳ ଷ୍ଟେଶନରେ ପହଞ୍ଚିବ। ସେହିପରି ଏହି ଟ୍ରେନ୍ ପୁରୀ ଷ୍ଟେଶନରୁ ଦିନ ୧ଟା ୫୦ରେ ବାହାରି ସନ୍ଧ୍ୟା ୮ଟାରେ ହାଓଡା ଷ୍ଟେଶନରେ ପହଞ୍ଚିବ ବୋଲି ସୂଚନା ମିଳିଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ନିର୍ମିତ ହୋଇଥିବା ଏହି ଟ୍ରେନ୍ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ। ଟ୍ରେନ୍‌ରେ ଅନେକ ଅତ୍ୟାଧୁନିକ ବ୍ୟବସ୍ଥା ଥିବାବେଳେ ଯାତ୍ରୀଙ୍କ ପାଇଁ ଅନେକ ସୁବିଧା ରହିଛି। ଟ୍ରେନରେ ସିଟ୍ ପାଞ୍ଚଥାକିଆ ଆରାମଦାୟକ ସିଟ୍ ସହ ଅଟୋମେଟିକ ଡୋର ଲକ୍ ବ୍ୟବସ୍ଥା ରହିଛି। ପୂର୍ବରୁ ହାଓଡାରୁ ଆସୁଥିବା ଟ୍ରେନ୍ ସାଢେ ୮ଘଣ୍ଟାରେ ପୁରୀରେ ପହଞ୍ଚୁଥିବାବେଳେ ବନ୍ଦେ ଭାରତ ଏକ୍ସପ୍ରେସ ୬ ଘଣ୍ଟାରେ ପୁରୀରେ ପହଞ୍ଚିବ। ଫଳରେ ଯାତ୍ରୀଙ୍କ ସମୟ ବଞ୍ଚିବ। ଏ ନେଇ ପୁରୀ ବାସିନ୍ଦା ସିଦ୍ଧେଶ୍ୱର ମହାନ୍ତି କହିଛନ୍ତି, ପୁରୀ ଏକ ଧାର୍ମିକ ତଥା ପର୍ଯ୍ୟଟନ ସ୍ଥଳ ହୋଇଥିବାରୁ ପ୍ରତିଦିନ ହଜାର ହଜାର ଲୋକ ଆସିଥାନ୍ତି। ବିଶେଷକରି ମହାପ୍ରଭୁଙ୍କ ଦର୍ଶନ ପାଇଁ ପଶ୍ଚିମବଙ୍ଗରୁ ବହୁ ଭକ୍ତ ଆସିଥାନ୍ତି। ବନ୍ଦେ ଭାରତ ଟ୍ରେନ ଚଳାଚଳ ଦ୍ୱାରା ଭକ୍ତମାନେ ଉପକୃତ ହେବେ। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ସେହିପରି ପୁରୀ ବାସିନ୍ଦା ସରୋଜ ମଲିକ କହିଛନ୍ତି, ଉକ୍ତ ଟ୍ରେନ ଚଳାଚଳ ହେବା ଦ୍ୱାରା ଖାଲି ଯାତ୍ରୀ ନୁହନ୍ତି, ପୁରୀବାସୀ ମଧ୍ୟ ସୁଫଳ ପାଇବେ। କାରଣ ପୁରୀର ପ୍ରାୟ ଅଧିକାଂଶ ବ୍ୟବସାୟୀ ଜିନିଷପତ୍ର ଆଣିବାକୁ କୋଲକତା ଯାଇଥାନ୍ତି। କୋଲକତାରେ ମଧ୍ୟ ଓଡିଆ ଲୋକଙ୍କ ବସବାସ ରହିଛି। ଫଳରେ ଅଳ୍ପ ସମୟ ମଧ୍ୟରେ ଏହି ଟ୍ରେନ ଯୋଗେ ଯାତାୟତ ହୋଇପାରିବ। ଏପରିକି ଗୋଟିଏ ଦିନରେ ପୁରୀରୁ କୋଲକତା ଯାଇହେବ। ପୁରୀ ଚାରିଧାମ ମଧ୍ୟରୁ ଅନ୍ୟତମ ହୋଇଥିବାରୁ ଏବଂ ସରକାର ପୁରୀ ରେଳ ଷ୍ଟେଶନକୁ ବିଶ୍ୱସ୍ତରୀୟ କରୁଥିବାରୁ ଆଗାମୀ ଦିନରେ ଏଠାକୁ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେଣୁ ସରକାର ଦେଶର ପ୍ରମୁଖ ସହରରୁ ପୁରୀକୁ ଏଭଳି ଟ୍ରେନ୍ ଚଳାଇବା ଉଚିତ୍।

## ସଂକ୍ଷେପରେ

### ଏସ୍ଏଚ୍‌ଜିଙ୍କୁ ଭେଣ୍ଡିଂଜୋନ ବଣ୍ଟନକୁ ବିରୋଧ
### ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର,୧୫।୫ (ବ୍ୟୁରୋ): ଓଡ଼ିଶା ଉଠାଦୋକାନୀ ମହାସଂଘର ବହୁ ଆନ୍ଦୋଳନ ଯୋଗୁ ରାଜ୍ୟ ସରକାର ଉଠାଦୋକାନୀଙ୍କୁ ଥଇଥାନ କରିବା ପାଇଁ ଏକ ଯୋଜନା କରିଥିଲେ। ମାତ୍ର ତାହା ଏଯାବତ୍ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ରାସ୍ତାକଡରେ ବ୍ୟବସାୟ କରି ଏମାନେ ଗୁଜୁରାଣ ମେଣ୍ଟାଉଥିବାବେଳେ ବିଏମ୍‌ସି ଏମାନଙ୍କୁ ଥଇଥାନ ନ କରି ଏସ୍ଏଚ୍‌ଜି ମହିଳାଙ୍କୁ ବାଣ୍ଟୁଛି। ଯାହାକୁ ନେଇ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ସୋମବାର ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଖବରଦାତା ସମ୍ମିଳନୀ କରି କ୍ଷୋଭ ପ୍ରକାଶ କରାଯାଇଛି। କିଛିଦିନ ତଳେ ଭୁବନେଶ୍ୱର ମହାନଗର ନିଗମ ତରଫରୁ କସ୍‌ମୋପଲ୍ଲୀ ଛକଠାରେ ଏକ ଭେଣ୍ଡିଂ ଜୋନରେ ୪୨ଟି ଦୋକାନ ତିଆରି କରାଯାଇ ଏସ୍ଏଚ୍‌ଜି ମହିଳାଙ୍କୁ ବଣ୍ଟାଯାଇଛି। କିନ୍ତୁ ଉଠାଦୋକାନୀ ଆଇନ ଅନୁଯାୟୀ ସେହି ଦୋକାନ କସ୍‌ମୋପଲ୍ଲୀ ଛକରେ ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ବଣ୍ଟନ କରାଯିବା କଥା। ମୁଖ୍ୟମନ୍ତ୍ରୀ ମୁକ୍ତା ଯୋଜନାରେ ଉଠାଦୋକାନୀଙ୍କ ଥଇଥାନ ପାଇଁ ୬୦କୋଟି ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ଏହାକୁ ପ୍ରକୃତ ହିତାଧିକାରୀଙ୍କୁ ଦିଆ ନଯାଇ ଅନ୍ୟମାନଙ୍କୁ ଦିଆଯାଇଥିବା ମହାସଂଘର ମହିଳା ଉଠାଦୋକାନୀମାନେ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସମ୍ମିଳନୀରେ ଦୋକାନୀମାନେ ମହାସଂଘ ବିଏମ୍‌ସିର ଏହି ଦୋକାନ ଆବଣ୍ଟନ ପ୍ରକ୍ରିୟା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉଠାଦୋକାନୀଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାକୁ ଅନ୍ୟମାନଙ୍କୁ ଦେବା ଦୁଃଖଦାୟକ ବୋଲି ସଂଘ ସଭାପତି ପ୍ରତାପ ସାହୁ କହିଛନ୍ତି। ଭବିଷ୍ୟତରେ ଏହିଭଳି କାର୍ଯ୍ୟରୁ ବିଏମ୍‌ସି ନିବୃତ୍ତ ନ ରହିଲେ, ଆଇନ ଅନୁଯାୟୀ ବିଏମ୍‌ସି କମିଶନର ସହରାଞ୍ଚଳ ବିକାଶ ବିଭାଗ କାର୍ଯ୍ୟ ନକଲେ ମହାସଂଘ ବାଧ ହୋଇ ଆଇନକୁ ହାତମୁଠାକୁ ନେବ। ଏଥିସହ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ଏବଂ ବିଏମ୍‌ସିର ଆଇନ ଖିଲାପକାରୀ ଅଧିକାରୀଙ୍କ ବିରୋଧରେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବ ବୋଲି ସଭାପତି ପ୍ରତାପ ଚେତାବନୀ ଦେଇଛନ୍ତି।

### ସାମାଜିକ ନିରାପତ୍ତା ଓ ଯୋଜନା ସମ୍ପର୍କିତ ପ୍ରଶିକ୍ଷଣ

ଭୁବନେଶ୍ୱର,୧୫।୫(ବ୍ୟୁରୋ): ଶ୍ରମିକଙ୍କ ସାମାଜିକ ନିରାପତ୍ତାକୁ ଆଗଇ ନେବା ଓ ଉଦ୍ଦିଷ୍ଟ ଯୋଜନା ସମ୍ପର୍କିତ ଏକ ପ୍ରଶିକ୍ଷିଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରେଡ୍‌କ୍ରସ୍ ଭବନ ଠାରେ ଆକ୍ସନ୍‌ଏଡ୍ ଓ ସିସିଡବ୍ଲ୍ୟୁଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବରେ ଲମ୍ବୋଦର ରାଉତ ଯୋଗଦେଇଥିଲେ। ଅନ୍‌ଲାଇନ୍ ସେବା, ପଞ୍ଜୀକରଣ ପ୍ରକ୍ରିୟା ତଥା ଆବଶ୍ୟକୀୟ କାଗଜପତ୍ର ବାବଦରେ ବସ୍ତି ଅଞ୍ଚଳରୁ ଆସିଥିବା ଶ୍ରମିକ ଭାଇ ଓ ଭଉଣୀ ମାନଙ୍କୁ ସେ ଅବଗତ କରାଇଥିଲେ । ସିସିଡବ୍ଲ୍ୟୁଡିର ସଂପାଦକ ସଦାଶିବ ସ୍ୱାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧରେ ମାନସ ରଞ୍ଜନ ପ୍ରଧାନ ଓ ଅଣସଂଗଠିତ ଶ୍ରମିକ ମଞ୍ଚର ପ୍ରତିନିଧିମାନେ ଶ୍ରମିକ ମାନଙ୍କର ସମସ୍ୟା ଉପରେ ଆଲୋଚନା କରିଥିଲେ । ଭାସ୍କର ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ କୃଷ୍ଣଚନ୍ଦ୍ର ମହନ୍ତ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



ୟୁନିଟ୍-୨ ମାର୍କେଟ ବିଲ୍ଡିଂସ୍ଥିତ କେଶରୀ ମଲ ସମ୍ମୁଖ ଅସ୍ଥାୟୀ ଦୋକାନକୁ ଉଚ୍ଛେଦ ବେଳେ ଉଠାଦୋକାନୀମାନେ ବିରୋଧ କରୁଛନ୍ତି। ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡକୁ ମହିଳା ବ୍ୟବସାୟୀମାନେ ଘେରିଯାଇଛନ୍ତି।

# ଉଠାଦୋକାନୀ-ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ମୁହାଁମୁହିଁ

ଭୁବନେଶ୍ୱର, ୧୫।୫ (ବ୍ୟୁରୋ)

- ମୋଚି ଲେନ ଉଚ୍ଛେଦ ସମୟରେ ପ୍ରବଳ ଉତ୍ତେଜନା
- ମହିଳା ଉଠାଦୋକାନୀଙ୍କୁ ଅଶ୍ଳୀଳ ମନ୍ତବ୍ୟ ଦେଇଥିବା ଅଭିଯୋଗ
- କ୍ଷମା ନ ମାଗିଲେ ମେୟର, କମିଶନରଙ୍କ ବାସଭବନ ଘେରିବୁ: ଉଠାଦୋକାନୀ ମହାସଂଘ

ପୁଣି ଉଠାଦୋକାନୀଙ୍କ ଭାତ ହାଣ୍ଡି ଉଜାଡିଛି ବିଏମ୍‌ସି। ସୋମବାର ପୂର୍ବାହ୍ନ ୧୧ଟାରେ ବିଏମ୍‌ସି, ବିଡିଏ, ଜିଏ ଏବଂ କମିଶନରେଟ ପୋଲିସର ମିଳିତ ଉଚ୍ଛେଦକାରୀ ଟିମ୍ ୟୁନିଟ-୨ ମାର୍କେଟ ବିଲ୍ଡିଂ ସ୍ଥିତ ମୋଚି ଲେନରେ ବୁଲ୍‌ଡୋଜର ଚଳାଇଛନ୍ତି। ଜୋତା ପଲିସ୍ ଓ ସିଲେଇ କରି ନିଜ ଗୁଜୁରାଣ ମେଣ୍ଟାଉଥିବା ଅସ୍ଥାୟୀ ଦୋକାନ ଭାଙ୍ଗି ବାହାବା ନେଇଛନ୍ତି। ଗତ ୨/୩ ଦିନ ହେବ ସ୍କ୍ୱାଡ ସେଠାରେ ଉଚ୍ଛେଦ କରିବ ବୋଲି ମାଇକ ଯୋଗେ ପ୍ରଚାର କରିଥିଲା। ବିଏମ୍‌ସି କେଶରୀ ମଲ୍ ସମ୍ମୁଖରେ ଥିବା ସମସ୍ତ ଅସ୍ଥାୟୀ ଦୋକାନ ଭଙ୍ଗାଯିବ ବୋଲି କୁହାଯାଇଥିଲା। କିନ୍ତୁ ସୋମବାର ସକାଳୁ ଏନଫୋର୍ସମେଣ୍ଟ ସ୍କ୍ୱାଡ କେଶରୀ ମଲ ସାମ୍ନାରେ ଥିବା ଅସ୍ଥାୟୀ ଦୋକାନ ଛାଡି ରାସ୍ତା କଡ଼ରେ ବସିଥିବା ୯ଟି ମୋଚି, ଚୁଡି ଓ ଗୁପ୍‌ଚୁପ ଦୋକାନ ଭାଙ୍ଗିଥିଲା। ଏପରିକି ଉଚ୍ଛେଦକାରୀ ଟିମ୍‌କୁ ସମ୍ପୃକ୍ତ ବ୍ୟବସାୟୀମାନେ ଉଚ୍ଚ ନ୍ୟାୟାଳୟର ଆଦେଶକୁ ଦେଖାଇଥିଲେ ବି ବିଏମ୍‌ସି ଅଧିକାରୀ ଆଦେଶପତ୍ରକୁ ଫୋପାଡ଼ି ଦେଇଥିଲେ। ଏବଂ ଉଚ୍ଛେଦ କରିବାକୁ ଅଧିକାରୀଙ୍କ ନିର୍ଦ୍ଦେଶ ଥିବା କହିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଉଠାଦୋକାନୀ ପ୍ରବଳ ବିରୋଧ କରିବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ବହୁ ମହିଳା ଉଠାଦୋକାନୀ ବିରୋଧ କରିଥିବାବେଳେ ଜଣେ ଅଧିକାରୀ ମହିଳା ଉଠାଦୋକାନୀଙ୍କୁ ଅଶ୍ଳୀଳ ବ୍ୟବହାର କରିବା ସହ 'ଯାଅ ବାସନ ମାଜି ଖାଅ' ବୋଲି କହିଥିବା ଅଭିଯୋଗ ହୋଇଛି। ଏନେଇ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ ସାହୁ କହିଛନ୍ତି, ଆସନ୍ତା ୨୪ ଘଣ୍ଟା ଭିତରେ ମହିଳା ଉଠାଦୋକାନୀଙ୍କୁ ଦୁର୍ବ୍ୟବହାର କରିଥିବା କର୍ମଚାରୀ କ୍ଷମା ନ ମାଗିଲେ ଏବଂ ତାଙ୍କୁ ଗିରଫ କରା ନ ଗଲେ ଏହାର ଉଚିତ ଜବାବ ଦିଆଯିବ। ହଜାର ହଜାର ଉଠାଦୋକାନୀ ବିଏମ୍‌ସି କମିଶନର ଓ ମେୟରଙ୍କ ବାସଭବନ ଆଗରେ ଅହୋରାତ୍ର ଧାରଣା ଦେବେ। କ୍ଷତିଗ୍ରସ୍ତ ଜଣେ ବ୍ୟବସାୟୀଙ୍କ କହିବା ଅନୁଯାୟୀ, ୨ଦିନ ତଳେ ଉଚ୍ଛେଦ ନେଇ ପ୍ରଚାର କରିବା ସମୟରେ ମୋଚି ଲେନରେ ଉଚ୍ଛେଦ କରାଯିବା ନେଇ କୌଣସି ସୂଚନା ଦେଇ ନ ଥିଲେ। ସକାଳେ ହଠାତ୍ ଆସି ଦୋକାନ ଭିତରେ ସବୁ ଆସବାବପତ୍ର ଥିବାବେଳେ ଏନଫୋର୍ସମେଣ୍ଟ ଟିମ ବୁଲଡୋଜର ଚଳାଇଥିଲା। ଫଳରେ ଆମେ ଜିନିଷପତ୍ର କାଢିବାକୁ ସମୟ ପାଇ ନ ଥିଲୁ ବୋଲି ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।


ଭଙ୍ଗାଯାଇଥିବା ଅସ୍ଥାୟୀ ଦୋକାନ।

### ଖଣ୍ଡାରେ ହାଣି ଟଙ୍କା, ସୁନାଚେନ ନେଇଗଲେ: ଜଣେ ଗିରଫ

ବାଲିପାଟଣା,୧୫।୫(ଡି.ଏନ୍.ଏ.)

ବାଲିପାଟଣା ଥାନା ଅଧୀନ ମାର୍ଥାପୁର ଗ୍ରାମର ପ୍ରଶାନ୍ତ ପାତ୍ରଙ୍କୁ ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରିବା ସହିତ ଖଣ୍ଡାରେ ହାଣି ସୁନାଚେନ ଓ ୪୦ ହଜାର ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ପ୍ରଶାନ୍ତଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ପ୍ରଶାନ୍ତଙ୍କ ସ୍ତ୍ରୀ ମିତାଲିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୬୫/୨୩) ରୁଜୁକରି ତଦନ୍ତ ଚଳାଇବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ରଞ୍ଜନ ପାତ୍ର। ତେବେ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଓମ୍ ପ୍ରକାଶ ମହାନ୍ତି କହିଛନ୍ତି। ଅଭିଯୋଗ ମୁତାବକ, ମାର୍ଥାପୁର ଗ୍ରାମର ପ୍ରଶାନ୍ତଙ୍କ ଘର କାମ ଚାଲିଥିବା ବେଳେ ପଡ଼ୋଶୀ ଘର ସହିତ ଝଗଡ଼ା ହୋଇଥିଲା। ପରେ ଜଗନ୍ନାଥ ପାତ୍ର, ରଞ୍ଜନ ପାତ୍ର, ଭାବଗ୍ରାହୀ, ବିନୋଦ, ଆନନ୍ଦ, ରିଙ୍କୁ, ବାଉରୀବନ୍ଧୁ ଓ ବାସନ୍ତି ପାତ୍ର ସେଠାରେ ପହଞ୍ଚି ପ୍ରଶାନ୍ତ ଓ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରିଥିଲେ। ପ୍ରଶାନ୍ତ ଏହାର ପ୍ରତିବାଦ କରିବାରୁ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିବା ସହ ଖଣ୍ଡାରେ ହାଣି ଟଙ୍କା, ସୁନାଚେନ ନେଇ ପଳାଇଥିଲେ ବୋଲି ମିତାଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ପୋଲିସ ପହଞ୍ଚି ପ୍ରଶାନ୍ତଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ଶ୍ରୀଜଗନ୍ନାଥ ଜମିରୁ ହଟିଲା ଜବରଦଖଲ



ଭୁବନେଶ୍ୱର, ୧୫।୫ (ବ୍ୟୁରୋ)

ଶ୍ରୀ ଜଗନ୍ନାଥଙ୍କ ଜମିରେ ହୋଇଥିଲା ଜବରଦଖଲ। ଗୁଣ୍ଠେ କି ଦୁଇଗୁଣ୍ଠ ନୁହେଁ ଗୋଟେ ଏକର ଜମିକୁ ମାଡି ବସିଥିଲେ ଜବରଦଖଲକାରୀ। କୋରଡକଣ୍ଟା ମୌଜା ଥିବା ଗୋଟେ ଏକର ଜମିକୁ ବିଡିଏ ପକ୍ଷରୁ ଜବରଦଖଲମୁକ୍ତ କରାଯାଇଛି। ଶ୍ରୀଜଗନ୍ନାଥମନ୍ଦିରପ୍ରଶାସନପକ୍ଷରୁବିଡିଏକୁ ଚିଠି ଲେଖାଯାଇଥିଲା। କୋରଡ଼କଣ୍ଟା ମୌଜାରେ ବ୍ୟାପକ ସରକାରୀ ଜମିରେ ଜବରଦଖଲ କରାଯାଇଥିବା ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା। ଉକ୍ତ ଜମିକୁ ନିଜ ଅଧୀନକୁ ଆଣିବା ପାଇଁ ମନ୍ଦିର ପ୍ରଶାସନ ବିଡିଏର ସହଯୋଗ ଲୋଡିବା ପରେ ସୋମବାର ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଏକ ପ୍ଲାଟୁନ ରିଜର୍ଭ ପୋଲିସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଏଥିରେ ୨୫ଟି ଗ୍ୟାରେଜ/ଦୋକାନ, ୩ଟି ଆଜବେଷ୍ଟସ ଘର, ୨୦ଫୁଟ ଲମ୍ବର ନୂତନ ନିର୍ମାଣାଧୀନ ଘର ଭାଙ୍ଗିବା ସହ ପ୍ରାୟ ୧ଏକର ଜଗନ୍ନାଥ ମହାପ୍ରଭୁଙ୍କ ଜମିକୁ ଜବରଦଖଲ ମୁକ୍ତ କରାଯାଇଛି। ବାକି ଜମିରେ ଆଉ କିଛି ଜବରଦଖଲ ଥିବାବେଳେ ସମୟ ଅଭାବରୁ ଉଚ୍ଛେଦ ହୋଇପାରି ନ ଥିଲା। ଉଚ୍ଛେଦ ସମୟରେ ବିଡିଏ ଯୁଗ୍ମ କମିଶନର (ଏନଫୋର୍ସମେଣ୍ଟ) ଶ୍ୱେତ କୁମାର ଦାଶ, ବିଡିଏ ଲିଆସନ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଅଧିକାରୀ ମନ୍ମଥ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ଜନଶୁଣାଣି ଶିବିରରେ ୧୨୯ ଅଭିଯୋଗ

ବାଲିପାଟଣା,୧୫।୫(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ସଭାଗୃହ ପରିସରରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଖୋର୍ଦ୍ଧା ଏଡିଏମ୍ ପ୍ରତାପ ଚନ୍ଦ୍ର ବେହେରା, ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ, ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ବିଡିଓ ଆଦିକନ୍ଦ ବେହେରା, ତହସିଲଦାର ବୁଲବୁଲ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୧୨୯ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ୨ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। ବିଭିନ୍ନ ସମୟରେ ଏହି ଜନଶୁଣାଣି ହେଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅଭିଯୋଗଗୁଡ଼ିକୁ ଗୁରୁତ୍ୱ ଦିଆଯାଉନଥିବା ବରଦାପଡ଼ାର ରାଜଶ୍ରୀ ସ୍ୱାଇଁ, ପମ୍ପାଲୋ ସରପଞ୍ଚ ବାହାନ ଭୋଇ ଓ ଅନ୍ୟମାନେ ଅଭିଯୋଗ କରିଥିଲେ। ଶିବିର ଚାଲିଥିବା ବେଳେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

### କିମ୍ସରେ ଖୋଲିଲା ଶିଶୁ ଉଦ୍ୟାନ

ଭୁବନେଶ୍ୱର, ୧୫।୫ (ବ୍ୟୁରୋ)

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ (କିମ୍ସ) ପରିସରରେ ଶିଶୁଙ୍କ ପାଇଁ ଏକ ସୁନ୍ଦର ଶିଶୁ ଉଦ୍ୟାନ ଖୋଲାଯାଇଛି। ଏହାକୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ। ମାତୃ ଓ ଶିଶୁଙ୍କ ସୁବିଧା ପାଇଁ କିମ୍ସରେ ବ୍ୟାପକ ବ୍ୟବସ୍ଥା ରହିଥିବାବେଳେ ରବିବାର ଡ. ସାମନ୍ତ ଶିଶୁଙ୍କ ଉଦ୍ଦେଶ୍ୟରେ ଶିଶୁ ଉଦ୍ୟାନକୁ ଲୋକାର୍ପଣ କରିଛନ୍ତି। ଏଠାରେ ପିଲାଙ୍କ ମନୋରଞ୍ଜନ ପାଇଁ ସ୍ଲାଇଡରଠାରୁ ଆରମ୍ଭ କରି ଦୋଳି ଓ ଅନ୍ୟାନ୍ୟ ଖେଳ ବ୍ୟବସ୍ଥା ରହିଛି। କିମ୍ସକୁ ଚିକିତ୍ସା ପାଇଁ ଆସୁଥିବା ଶିଶୁ କିମ୍ବା ମା'ମାନେ ସେମାନଙ୍କ ଶିଶୁଙ୍କୁ ଏଠାରେ ବିନା ଦ୍ୱିଧାରେ ଖେଳିବା ପାଇଁ ଛାଡିପାରିବେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ମହାନ୍ତି, କିମ୍ସ ମେଡିକାଲ ଅଧୀକ୍ଷକ ଡା. ରାମଚନ୍ଦ୍ର ଦାସଙ୍କ ସମେତ କିମ୍ସର ବହୁ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।


ଶିଶୁ ଉଦ୍ୟାନ ଉଦ୍‌ଘାଟନ ଅବସରରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ।

## ମୈତ୍ରେୟୀ ଲେଖିକା ସଂଗଠନର ବାର୍ଷିକୋତ୍ସବରେ ପତ୍ରିକା ଉନ୍ମୋଚିତ

ଭୁବନେଶ୍ୱର, ୧୫।୫ (ବ୍ୟୁରୋ)

ସାହିତ୍ୟାନୁଷ୍ଠାନ 'ମୈତ୍ରେୟୀ ଲେଖିକା ସଂଗଠନ'ର ଦ୍ୱିତୀୟ ବାର୍ଷିକ ଉତ୍ସବ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ସର୍ଜନା ଓ ସାମାଜିକ ପ୍ରତିବଦ୍ଧତାରେ ନାରୀ' ପ୍ରସଙ୍ଗରେ ଅତିଥିମାନେ ଆଲୋଚନା କରିଥିଲେ। ଉତ୍ସବରେ ଅତିଥି ଭାବେ ସାହିତ୍ୟିକ ତଥା ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଯୋଗଦେଇ କହିଲେ, ଯେ ନାରୀ ସବୁବେଳେ ସୃଷ୍ଟିଶୀଳା। ସେ ସନ୍ତାନକୁ ଜନ୍ମ ଦେବା ପରି ଦୁନିଆର ସବୁଠୁ କଠିନ କାମ କରିବା ସହିତ ସାମାଜିକ ପ୍ରତିବଦ୍ଧତାର ସହ ବିଭିନ୍ନ କାର୍ଯ୍ୟ ଦାୟିତ୍ୱର ସହ ନିର୍ବାହ କରିଥାଏ। ସାହିତ୍ୟିକା ସରୋଜିନୀ ସାହୁ ଯୋଗଦେଇ, ନାରୀକୁ ସର୍ବଶକ୍ତିମାନ କହିବା ସହ ଲେଖିକାମାନେ ଲେଖାରେ ଶାଳୀନତା ରଖିବା ପୂର୍ବକ ମନକୁ ଛୁଇଁବା ଭଳି ଲେଖା ଲେଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସାହିତ୍ୟିକ ଦାଶ ବେନହୁର ମା'କୁ ସର୍ବଶ୍ରେଷ୍ଠ ସ୍ଥାନ ଦେଇ ନାରୀର ସର୍ଜନାତ୍ମକ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖପତ୍ର 'ମୈତ୍ରେୟୀ' ଉନ୍ମୋଚିତ ହୋଇଥିଲା। ଏଥିସହ ଦିବଂଗତ ଶୁଭ୍ରାଂଶୁ ଭୂଷଣ ପାଟଯୋଷୀଙ୍କ କବିତା ସଙ୍କଳନ 'ଈଶାନୁରାଗ' ଏବଂ ଅଶୋକ କୁମାର ମହାନ୍ତିଙ୍କ ଦ୍ୱାରା ଇଂଲିଶରେ ଅନୁଦିତ ସୁଷମା ମିଶ୍ରଙ୍କ ଗଳ୍ପ ପୁସ୍ତକ 'ଦି ଇଣ୍ଟିମେଟ ଆର୍ଥ' ଉନ୍ମୋଚିତ ହୋଇଥିଲା। ମୈତ୍ରେୟୀ ଲେଖିକା ସଙ୍ଗଠନର ସଭାପତି ସୁଷମା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଲକ୍ଷ୍ମୀଚାନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ମିତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁଜାତା ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଉତ୍ସବରେ ମୈତ୍ରେୟୀ ପତ୍ରିକାର ପ୍ରଚ୍ଛଦ ଶିଳ୍ପୀ ମାନମୟୀ ରଥ ଏବଂ ସ୍ୱାଗତିକା ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମଜା ଶରଣ ଧନ୍ୟବାଦ ଅର୍ପଣ କରିଥିଲେ।


ମୈତ୍ରେୟୀ ଲେଖିକା ସଂଗଠନର ମୁଖପତ୍ର 'ମୈତ୍ରେୟୀ' ଉନ୍ମୋଚନ ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ସାହିତ୍ୟିକ ଦାଶ ବେନହୁର ଓ ଅନ୍ୟମାନେ।

## ବିଏମ୍‌ସି ପକ୍ଷରୁ ଥ୍ରୀ ଆର୍ ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୧୫।୫ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆରମ୍ଭ ହୋଇଛି ଥ୍ରୀ ଆର୍ (R) ବା ରିଡ୍ୟୁସ୍, ରି-ୟୁଜ୍ ଓ ରିସାଇକେଲ। ଅର୍ଥାତ୍ କମ୍ ଉପଯୋଗ କରିବା, ତା'ର ପୁନଃ ବ୍ୟବହାର କରିବା ଏବଂ ପୁନଃ ଚକ୍ରଣ କରିବା। ଏହାଦ୍ୱାରା କୌଣସି ଜିନିଷ ଅଯଥାରେ ନଷ୍ଟ ହେବ ନାହିଁ କି ମହାନଗର ନିଗମ ଅପରିଷ୍କାର ହେବ ନାହିଁ। ପ୍ରତ୍ୟେକଙ୍କ ଘରେ ବ୍ୟବହାର ହେଉ ନ ଥିବା ପୁରୁଣା ଲୁଗା, ଡ୍ରେସ, ପୁରୁଣା ବହି, ରେନ୍‌କୋଟ୍, ଛତା, ପୁରୁଣା ଖେଳଣା, ଛୋଟ ପିଲାଙ୍କ ସାଇକେଲ, ଘର କରଣା ଜିନିଷ ଆଦିକୁ ଏଣେତେଣେ ନ ଫିଙ୍ଗି ତାହାକୁ ବିଏମ୍‌ସି ଦ୍ୱାରା ନିଯୁକ୍ତ ତଥା ନିର୍ଦ୍ଧାରିତ କେନ୍ଦ୍ରରେ ପ୍ରଦାନ କଲେ ସେଗୁଡିକ ଅନ୍ୟମାନଙ୍କ କାମରେ ଆସିପାରିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଥିଲା। ସୋମବାର କଳ୍ପନା ଛକ ନିକଟରେ ଥିବା ଉତ୍କଳ ଗ୍ୟାଲେରିଆ ପରିସରରେ ଏ ସମ୍ପର୍କିତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ମନୋରଞ୍ଜନ ସାହୁ, ଜୋନାଲ ଡେପୁଟି କମିଶନର ରବି ନାରାୟଣ ଜେଠୀ, ପ୍ରିୟବ୍ରତ ପାଢ଼ୀ, ପୁରନ୍ଦର ନନ୍ଦ, ସ୍ଥାନୀୟ କର୍ପୋରେଟର ନୃପେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଯେତେ କମ୍ ଉପେଯାଗ କରିବା, ସେତେ ଅଳିଆ ଭାରାକ୍ରାନ୍ତରୁ ରକ୍ଷା ପାଇବା। ଏହି ଅଭିଯାନ ନିଜ ନିଜ ଘରୁ ଆରମ୍ଭ କରିବା ଦରକାର। ଆମେ ଘରେ ଯେତେ କମ୍ ଲୁଗାପଟା ବା


ସଚେତନତା ସଭା କାର୍ଯ୍ୟକ୍ରମ ଅବସରରେ ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟମାନେ।

### ବିଭିନ୍ନ ୱାର୍ଡରେ ଖୋଲିବ ଅବ୍ୟବହୃତ ଜିନିଷ ସଂଗ୍ରହ ଓ ବିତରଣ କେନ୍ଦ୍ର

ଡ୍ରେସ, ପ୍ଲାଷ୍ଟିକ, ଖେଳଣା ଇତ୍ୟାଦି କମ୍ ବ୍ୟବହାର କରିବା ସେତେ ଭଲ। ଯେତେବେଳେ ସେଗୁଡ଼ିକ ବ୍ୟବହାର ଅନୁପଯୋଗୀ ହେବ ସେତେବେଳେ ତାକୁ ରିସାଇକେଲ ବା ପୁନଃ ଚକ୍ରଣ କରାଯାଇ ପାରିବ। ଏହି ଅଭିଯାନ ସହରର ବିଭିନ୍ନ ୱାର୍ଡରେ କିପରି କରାଯିବ ଏବଂ ଏଥିରେ ଗୋଷ୍ଠୀ ସହଯୋଗ କିପରି ମିଳିବ ତାହାର ନକ୍‌ସା ପ୍ରସ୍ତୁତ ହୋଇଥିବା ନେଇ ମେୟର ସୂଚନା ଦେଇଥିଲେ। ଭୁବନେଶ୍ୱର ମହାନଗର ନିଗମକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ପ୍ରତ୍ୟେକ ନାଗରିକ ସାମିଲ ହେବା ସହ ଏହାକୁ ମିଶନ ମୋଡରେ କାର୍ଯ୍ୟକାରୀ କରିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ କମିଶନର 'ଥିଲେ ଦିଅ, ନଥିଲେ ନିଅ' ଆହ୍ୱାନ ଦେଇଥିଲେ।

## ସଂକ୍ଷେପରେ

### ୱାର୍ଡ ନମ୍ବର ୫୮ରେ 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୫।୫ (ବ୍ୟୁରୋ)- ୱାର୍ଡ ନମ୍ବର ୫୮ରେ ସୋମବାର 'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମନ୍ତରାପୁର ସରସ୍ୱତୀ ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ କର୍ପୋରେଟର ନମିତା ମହାପାତ୍ର, ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, ଡେପୁଟି କମିଶନର ସ୍ନେହଲତା ଆଚାର୍ଯ୍ୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାମେଶ୍ୱରୀ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ। ବୈଠକରେ ବ୍ରହ୍ମେଶ୍ୱର ମନ୍ଦିର ଓ ପ୍ରାଇଭେଟ ଅଞ୍ଚଳର ବାସିନ୍ଦା, ରତ୍ନାକରବାଗ, ଟଙ୍କପାଣି ରୋଡ, ଚିଲ୍ଲି ପୋଖରୀ, ରାଜାରାଣୀ କଲୋନୀ, କେଦାରଗୌରୀ ଆପାର୍ଟମେଣ୍ଟ, ରାଧାକୃଷ୍ଣ ନଗର, ଭୁଆଶୁଣୀ ମନ୍ଦିର ଅଞ୍ଚଳ ଆଦିର ବରିଷ୍ଠ ନାଗରିକ, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି ଓ ଏସଏଚଜିର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ୱାର୍ଡବାସିନ୍ଦାମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଥିଲେ। ନର୍ଦ୍ଦମା ପାଣି ନିଷ୍କାସନ, ସ୍ୱେରେଜ କାମ ସଂପୂର୍ଣ୍ଣ କରିବା, ବିଭାଗଗୁଡିକର ସମନ୍ୱୟରେ କାର୍ଯ୍ୟଗୁଡିକୁ ଆଗେଇ ନେବା, ରାସ୍ତା ଉପରୁ ଗାଈଗୋରୁଙ୍କୁ ହଟାଇବା, ବେଆଇନ ପାର୍କିଂ, ରାସ୍ତା ନିର୍ମାଣ, ପ୍ରଶସ୍ତିକରଣ ଓ ଉନ୍ନତି କରଣ, କୁକୁର ବନ୍ଧ୍ୟାକରଣକୁ ତ୍ୱରାନ୍ୱିତ କରିବା, ରାସ୍ତା ଚିହ୍ନଟ ପାଇଁ ସାଇନବୋର୍ଡ ଲଗାଇବା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ସୁଧାର ଆଣିବା ଆଦି ଦାବି ଉପସ୍ଥାପନ କରିଥିଲେ। ସେହିପରି ମେୟର ୧ବର୍ଷ ମଧ୍ୟରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟର ତାଲିକା ପ୍ରଦାନ କରିଥିଲେ। ପରେ ମେୟର ସ୍ଥାନୀୟ କର୍ପୋରେଟର, ଅତିରିକ୍ତ କମିଶନର, ଡେପୁଟି କମିଶନରଙ୍କ ସମେତ ନିର୍ବାହୀ ଯନ୍ତ୍ରୀ ଓ ବିଏମ୍‌ସି ଅଧିକାରୀମାନେ କେଦାର ଗୌରୀ ଅଞ୍ଚଳ ବୁଲି ଦେଖିଥିଲେ।

### ନାବାଳିକାଙ୍କୁ ଗର୍ଭବତୀ କରି ଯୁବକ ଗିରଫ

ବାରଙ୍ଗ,୧୫।୫(ଡି.ଏନ୍.ଏ.)- ଚନ୍ଦକା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଚନ୍ଦକା ଅଞ୍ଚଳର ପ୍ରକାଶ ଭଞ୍ଜ। ପୋଲିସ ନାବାଳିକା ଏବଂ ଯୁବକଙ୍କ ଡାକ୍ତରୀମାଇନା କରାଇବା ପରେ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ପ୍ରକାଶ ସେହି ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ୪ ମାସର ଗର୍ଭବତୀ ଥିବା ଜାଣିବା ପରେ ତାଙ୍କୁ ପ୍ରତାରଣା କରିଥିଲେ। ଏହାପରେ ପ୍ରକାଶ ତା' ସାଙ୍ଗ ସହିତ ସମ୍ପର୍କ ରଖିବାକୁ ନାବାଳିକାଙ୍କୁ ବାଧ କରିଥିଲା। ତେବେ ନାବାଳିକା ପରିବାର ଲୋକେ ଏ ବିଷୟରେ ପରିବାର ଲୋକ ଚନ୍ଦକା ଥାନାରେ ରବିବାର ଅଭିଯୋଗ କରିଥିଲେ।

# ପଚା ଫଳ ବିକିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**■ବ୍ଲାକ ଲିଷ୍ଟେଡ୍ ସହ କାନ୍ଥରେ ଲାଗିବ ଦୋକାନୀଙ୍କ ଫଟୋ**

**■ଫଳ ବ୍ୟବସାୟୀଙ୍କୁ ଚେତାଇଲେ ମେୟର**

କଟକ ଅଫିସ,୧୫।୫

ସହରରେ ପଚା ଫଳ ବିକିଲେ ଏଣିକି ଦୃଢ଼ କାର୍ଯ୍ୟନୁଷ୍ଠାନ ନିଆଯିବ। ଦୋକାନୀ ସିଧାସଳଖ ବ୍ଲାକ ଲିଷ୍ଟେଡ୍ ହେବା ସହ ସମ୍ପୃକ୍ତ ଦୋକାନୀଙ୍କ ଫଟୋ କାନ୍ଥରେ ଲାଗିବ। କେବଳ ସେତିକି ନୁହଁ ଅପରାଧୀଙ୍କୁ ଯେପରି ତଡ଼ିପାର କରାଯାଉଛି, ପଚା ଫଳ ବିକ୍ରି କରୁଥିବା ବ୍ୟବସାୟୀଙ୍କ ମଧ୍ୟ କଠୋରରୁ କଠୋର ଦଣ୍ଡ ଦିଆଯିବ ବୋଲି ଫଳ ବ୍ୟବସାୟୀମାନଙ୍କୁ କଟକ ମହାନଗର ନିଗମ (ସିଏମ୍‌ସି) ମେୟର ସୁବାସ ସିଂ ଚେତାଇ ଦେଇଛନ୍ତି ।

କଟକର ପ୍ରମୁଖ ଛକ ଯେପରି ବାଦାମବଡ଼ି, ଲିଙ୍କ୍ ରୋଡ୍, ମଧୁପାଟଣା, ଏସ୍‌ସିବି ମେଡିକାଲ ନିକଟରେ ଦୀର୍ଘ ବର୍ଷ ଧରି ବ୍ୟବସାୟ କରି ଆସୁଛନ୍ତି ଫଳ ବ୍ୟବସାୟୀ। ଛୋଟ ବଡ଼ ବ୍ୟବସାୟୀମାନେ ବେଶ୍ ଭଲ ଭାବରେ ବ୍ୟବସାୟ କରନ୍ତି। କିନ୍ତୁ ବିଗତ କିଛି ଦିନ ମଧ୍ୟରେ ଏହି ଫଳ ବର୍ତ୍ତମାନ ଉଚିତ୍‌ମାନର ମିଳୁ ନଥିବା ସିଧାସଳଖ ଅଭିଯୋଗ କରୁଛନ୍ତି ଲୋକେ। ଏଥିସହ ପଚା ଫଳ ହେରଫେର୍ ଆଉ ଏକ ସମସ୍ୟା ଉପୁଜିଛି। ବାଦାମବାଡ଼ି ଥାନା ଅଞ୍ଚଳରେ ଥିବା ବସଷ୍ଟାଣ୍ଡ ନିକଟରେ ଏଭଳି ସଙ୍ଗିନ ଅଭିଯୋଗ ଆସିଥିଲା। ଲୋକେ ଉଚିତ ମୂଲ୍ୟ ଦେଇଥିଲେ ପଚା ଫଳ କିଣୁଛନ୍ତି। ଗ୍ରାହକ କିଣିଲା ବେଳେ ଭଲ ଫଳ



ଥିବାବେଳେ ଦୋକାନୀ ଜରିରେ ରଖିବାବେଳେ ଫଳ ଅଦଳବଦଳ କରି ପଚା ଫଳ ଭର୍ତ୍ତିକରି ଦେଉଛନ୍ତି। ତେବେ ନକଲି କାରବାରଠାରୁ ନେଇ ପଚା ଫଳ ବ୍ୟାବସୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଜନା ପ୍ରସ୍ତୁତ କରିଛି ସିଏମ୍‌ସି। ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଏଣିକି ସବୁ ବଡ଼ବଡ଼ ଛକଗୁଡ଼ିକରେ ପାଟ୍ରୋଲିଂ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି ବି ପଚା ଫଳ ବିକ୍ରି ହେଉଥିବ ସେଠି ଦୃଢ଼ କାର୍ଯ୍ୟନୁଷ୍ଠାନ ନିଆଯିବ। ଏବେଠୁ ସାବଧାନ ହେଇକି ଫଳ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମେୟର ସୁବାସ ସିଂ।

କଟକକୁ ହଜାର ହଜାର ବାହାର ଜିଲାରୁ ଲୋକେ ଆସୁଛନ୍ତି। ଖରାଦିନ ହୋଇଥିବାରୁ ଫଳଆଡ଼କୁ ସମସ୍ତେ ମନ ବଳାଉଛନ୍ତି। ତେବେ ଯଦି ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ଲୋକଙ୍କୁ ଠକିବା ଆରମ୍ଭ କରିବେ ତେବେ ଏହାକୁ କୌଣସି ମତେ ସହ୍ୟ କରାଯିବନି ବୋଲି ସ୍ପଷ୍ଟ କରିଛନ୍ତି ମେୟର। କିଛି ଦିନ ପୂର୍ବରୁ ପଚା ଫଳ ବିକି ଲୋକଙ୍କୁ ଠକୁଥିବା ଫଳ ବ୍ୟବସାୟୀଙ୍କ ଉପରେ ରେଡ୍ କରିଥିଲା ବାଦାମବାଡ଼ି ଥାନା ପୋଲିସ। ଏ ନେଇ ମେୟର ସିଂ କହିଛନ୍ତି, ବିଷାକ୍ତ ଖାଦ୍ୟ ବିକ୍ରି କରିବା କାହାର ଅଧିକାର ନାହିଁ। ଯାହାର ବ୍ୟବସାୟ କରିବାର ଅଛି ସେ ଦୋ ନମ୍ବରି କାରବାର ବ୍ୟବସାୟ କରିବା ଆଶା ଛାଡି ଦିଅନ୍ତୁ । ଏନେଇ ହୋଟେଲ ଠାରୁ ଆରମ୍ଭକରି ଛୋଟ ଦୋକାନ ପର୍ଯ୍ୟନ୍ତ ସମସ୍ତଙ୍କ ଉପରେ ଚଢାଉ କରାଯିବ। ଫୁଡ ଲାଇସେନ୍ସ, ଟ୍ରେଡ ଲାଇସେନ୍ସ ନଥିବ, ଖାଦ୍ୟର ମାନ ଠିକ ନଥିବ ଏ ସବୁ କରିଲେ କଟକର ମାନ ବଢିବ ନାହିଁ। ବାଦାମବାଡି ହେଉଛି ଓଡ଼ିଶାର ପରିଚୟ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଏଠାକୁ ଲୋକ ଆସୁଛନ୍ତି। ଶୃଙ୍ଖଳା ସହ କଟକର ଗୌରବକୁ ରକ୍ଷା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ । ଦରକାର ପଡିଲେ ଦୋକନୀଙ୍କୁ ବ୍ଲାକ ଲିଷ୍ଟେଡ୍ କରାଯାଇ କାନ୍ଥରେ ଫଟୋ ଲଗାଯିବ ବୋଲି ମେୟର କହିଛନ୍ତି।

## ଗ୍ରାମ ମୁରବିଙ୍କୁ ଶୁଣ୍ଢରେ ଟେକି କଚାଡ଼ିଲା ଦନ୍ତା

ଖୁଣ୍ଟୁଣୀ,୧୫।୫(ଡି.ଏନ୍.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଗୋବରା ପଞ୍ଚାୟତର ରାଜବଲ୍ଲବପୁର (ଯଶୋନ୍ଦା) ଗ୍ରାମରେ ସୋମବାର ଭୋର ସାଢ଼େ ୫ଟା ବେଳେ ଏକ ଦନ୍ତାହାତୀ ଆକ୍ରମଣରେ ଗ୍ରାମ ମୁରବି ଡମ୍ବୁରଧର ବିଶ୍ୱାଳ (୬୦) ଗୁରୁତର ହୋଇଛନ୍ତି। ଖବରପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ଘଟଣାସ୍ଥଳରେ ପହଞ୍ଚି ଆହତ ଡମ୍ବୁରଧରଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ବନାଞ୍ଚଳ ସୂତ୍ରରୁ ପ୍ରକାଶ, ଯଶୋନ୍ଦା ଗ୍ରାମର ଡମ୍ବୁରଧର ସବୁଦିନ ପରି ଭୋର ସମୟରେ ଗାଧୋଇବା ପାଇଁ ନିଜ ଘର ପଛପଟ ପୋଖରୀକୁ ଯାଉଥିଲେ। ଏହି ସମୟରେ ଦୀର୍ଘଦିନ ଧରି ଦଳଛଡ଼ା ହୋଇ ଏକୁଟିଆ ବୁଲୁଥିବା ଦନ୍ତାହାତୀ ସହ ମୁହାଁମୁହିଁ ହୋଇଥିଲେ। ଦନ୍ତା ଡମ୍ବୁରୁଧରଙ୍କୁ ଧରି ଶୁଣ୍ଢରେ ଟେକି ଖଣ୍ଡେ ଦୂରକୁ ଫିଙ୍ଗି ଦେଇଥିଲା। ଫଳରେ ହାତୀର ଶୁଣ୍ଢ ଆଘାତରେ କିଛି ଦୂରରେ ଥିବା ଏକ ବୁଦା ମୂଳରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଡମ୍ବରୁଧର ବୁଦା ଭିତରେ ପଡିଥିବା ବେଳେ ଦନ୍ତା ତାଙ୍କୁ କିଛି ସମୟ ଖୋଜିଥିଲା। ପରେ ନପାଇ ସେଠାରୁ ଜଙ୍ଗଲକୁ ପଳାଇଥିଲା। ଡମ୍ବରୁ ଏଠାରେ ପଡିଥିବା ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କୁ ଖବର ଦେଇଥିଲେ। ରେଞ୍ଜର ସାହୁ ହାତୀ ଘଉଡାଇବା କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଗୁରୁଡ଼ିଝାଟିଆ ଫରେଷ୍ଟର ଯୁଗଳକିଶୋର ବେଉରା, ବନରକ୍ଷୀ ପ୍ରମୋଦ କୁମାର ନାୟକଙ୍କୁ ଖବର ଦେଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ହାତୀ ଆକ୍ରମଣରେ ଆହତ ଡମ୍ବୁରଧରଙ୍କୁ ଚିକିତ୍ସା ପାଇଁ ବନବିଭାଗ ଗାଡ଼ିରେ ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ପରେ କଟକ ସ୍ଥାନାନ୍ତରିତ କରାଯାଇଛି।

# ନୃତ୍ୟାଭିନୟ ଉତ୍ସବ ସମାରୋହ



ନୃତ୍ୟାଭିନୟ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର,୧୫।୫(ବ୍ୟୁରୋ)

ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ନୃତ୍ୟାଭିନୟ ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ସୋମବାର ଆୟୋଜିତ ଏହି ଉତ୍ସବରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି, ଗୁରୁ ରତିକାନ୍ତ ମହାପାତ୍ର ଓଡିଶୀ ନୃତ୍ୟ ନିର୍ଦ୍ଦେଶକ ଓ ଆନ୍ତର୍ଜାତୀୟ ଓଡିଶୀ ନୃତ୍ୟାଙ୍ଗନା ସୁଜାତା ମହାପାତ୍ର ସମ୍ମାନନୀୟା ଅତିଥି ଏବଂ ବିଶିଷ୍ଟ ସାହିତ୍ୟିକ ବନ୍ଦନା ପଣ୍ଡା ସ୍ୱତନ୍ତ୍ର ଅତିଥି ଓ ସ୍ଥାନୀୟ କର୍ପୋରେଟର ମିହିର କୁମାର ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ତଥା ଅଭିନେତା ଚୌଧୁରୀ ସତ୍ୟବ୍ରତ ଦାସ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ପୂର୍ବକ ଉତ୍ସବର ଉଦ୍‌ଘାଟନ ପର୍ବ ସଭାକୁ ପରିଚାଳନା କରିଥିଲେ। ପାରମ୍ପରିକ ଉଦଘାଟନ ପର୍ବ ପରେ ଶାସ୍ତ୍ରୀୟ କାର୍ଯ୍ୟକ୍ରମମାନ ଆରମ୍ଭ କରା ଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ବ୍ୟାଯାଂଶ ଗ୍ରୁପ ଦ୍ୱାରା ସମୂହ ତାଳବାଦ୍ୟ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଭିନ୍ନକ୍ଷମ କଣ୍ଠଶିଳ୍ପୀ ରାଜା ଜେନା ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ। ତୃତୀୟ ପର୍ଯ୍ୟାୟରେ ନୃତ୍ୟାଭିନୟର ଅଧ୍ୟକ୍ଷା ସ୍ୱାଗତିକା ସାହାଣୀ ଏକକ ଓଡିଶୀ ନୃତ୍ୟ ଓ ତାଙ୍କ ନିର୍ଦ୍ଦେଶନାରେ ଦଳଗତ ଓଡିଶୀ ନୃତ୍ୟ ପରିବେଷଣ କରା ଯାଇଥିଲା। କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମସ୍ତ ବାଦ୍ୟକାର, କଣ୍ଠଶିଳ୍ପୀ ଓ ନୃତ୍ୟଶିଳ୍ପୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁଭୋଜିତ ପଣ୍ଡା କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ପ୍ରତ୍ୟେକ ବର୍ଷ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଓ ନାଟକକୁ ନୃତ୍ୟାଭିନୟ ଉତ୍ସବ ମାଧ୍ୟମରେ ଅଧିକ ଲୋକମୁଖୀ ତଥା ସମାଜରେ କଳାକୁ ଆଗକୁ ବଢାଇବାର ଅନନ୍ୟ ଉଦ୍ୟମ ଜାରି ରହିବ ବୋଲି ନୃତ୍ୟାଭିନୟର ନିର୍ଦ୍ଦେଶକ ଅଭିନେତା ଚୌଧୁରୀ ସତ୍ୟବ୍ରତ ଦାସ ଏବଂ ତାଙ୍କ ପତ୍ନୀ ତଥା ଟ୍ରଷ୍ଟର ପ୍ରତିଷ୍ଠାତା ସ୍ୱାଗତିକା ସାହାଣୀ ସୂଚନା ଦେଇଥିଲେ ।

## କବାଟ ଭାଙ୍ଗି ୨୦ ଲକ୍ଷ ଟଙ୍କାର ସୁନାଗହଣା ଚୋରି

ନିମାପଡ଼ା,୧୫।୫(ଡି.ଏନ୍.ଏ)

ନିମାପଡ଼ା ଥାନା ତେରୁଣ୍ଡିଆ ପଞ୍ଚାୟତର ରାଜରାଶି ଗ୍ରାମର ଜଣଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ସୋମବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ୧୫୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଲୁଟ ହୋଇଥିବା ସୁନା ଗହଣାର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଗୃହକର୍ତ୍ତା ସନ୍ତୋଷ ପ୍ରଧାନ ଅଭିଯୋଗରେ ଦର୍ଶାଇଛନ୍ତି।

ସନ୍ତୋଷଙ୍କ ପରିବାରବର୍ଗ ରବିବାର ରାତିରେ ଶୋଇଥିବାବେଳେ କେହି ଦୁର୍ବୃତ୍ତ ତାଙ୍କ ଘର କବାଟ ଭାଙ୍ଗି ଡ୍ରେସିଂ ଟେବୁଲ ଡ୍ର ଭାଙ୍ଗି ସେଥିରୁ ଥିବା ୩ଟି ସୁନା ନେକଲେସ୍, ୩ ହଳ କାନଫୁଲ, ୩ ହଳ ସୁନାଚୁଡ଼ି, ୨ ହଳ କାନଝରା, ରୁପା ପାଉଁଜି ସମେତ ୩୫୦ ଗ୍ରାମ ଓଜନର ସୁନାଗହଣା ଆଦି ଲୁଟି ନେଇ ଖସି ପଳାଇଥିଲା। ସନ୍ତୋଷ ଏନେଇ ସୋମବାର ଥାନାରେ ଅଭିଯୋଗ କରିବା ପରେ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଏସ୍‌ଆଇ ତଅପୋଇ ନାୟକ, ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ଖବରପାଇ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତୁରନ୍ତ ଏହି ଦୁର୍ବୃତ୍ତଙ୍କୁ ଠାବ କରାଯାଇ ଗିରଫ କରିବାକୁ ଗ୍ରାମବାସୀ, ପରିବାରବର୍ଗ ପୋଲିସ ନିକଟରେ ଦୃଢ ଦାବି କରିଛନ୍ତି।

## ପୁଣି ଜଣେ ଦୋକାନୀଙ୍କୁ ୧୫ ହଜାର ଚୂନ ଲଗାଇଲେ ଯୁବକ

ଭୁବନେଶ୍ୱର,୧୫।୫ (ବ୍ୟୁରୋ)

ନିଜକୁ ଡାକ୍ତର ପରିଚୟ ଦେଇ ରାଜଧାନୀରେ ଏ ଦୋକାନରୁ ସେ ଦୋକାନ ବୁଲି ଠକୁଥିବା ଯୁବକଙ୍କ କାରନାମକୁ ନେଇ ଚର୍ଚ୍ଚା ଥମିନଥିବା ବେଳେ ସୋମବାର ପୁଣି ଜଣେ ଦୋକାନୀଙ୍କୁ ଚୂନ ଲଗାଇଥିବା ଅଭିଯୋଗ ହୋଇଛି । ମୈତ୍ରୀବିହାର ଥାନା ଅନ୍ତର୍ଗତ ଗଜପତିନଗର ଅଞ୍ଚଳରେ ଥିବା 'ନଟ୍ସ ଆଣ୍ଡ ବେରିଜ'ରୁ ୧୫ ହଜାର ଟଙ୍କାର ଡ୍ରାଏଫ୍ରୁଟ ନେଇ ଚମ୍ପଟ ମାରିଛି ଅଭିଯୁକ୍ତ ଠକ । ଅନଲାଇନରେ ପେମେଣ୍ଟ କରିବା ବାହାନାରେ ସେ ଜିନିଷ ନେଇ ଫେରାର ହୋଇଯାଇଛି। ଏନେଇ ଦୋକାନୀ ଦେବାଶିଷ ତ୍ରିପାଠୀ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଠକ ଡାକ୍ତରକୁ ଧରିବା ପାଇଁ ପୋଲିସ ଉକ୍ତ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଛି । ଦୋକାନୀଙ୍କ ଅଭିଯୋଗଅନୁଯାୟୀ ହାତରେ ସୁନା ବ୍ରେସଲେଟ, ବେକରେ ଚେନ ଦାମୀ ଜୋତା ପିନ୍ଧି କାରରେ ଆସି ଦୋକାନ ସାମ୍ନାରେ ଓହ୍ଲାଇଥିଲା । ଏହାପରେ ଡାକ୍ତର ପରିଚୟ ଦେଇ ଇଂରାଜୀ ଭାଷାରେ କଥା ହୋଇ ଦାମୀ ଡ୍ରାଏଫ୍ରୁଡ ନେବାକୁ କହିଥିଲା। ୧୫ ହଜାର ଟଙ୍କାର ଡ୍ରାଏଫ୍ରୁଡ ବ୍ୟାଗରେ ପୂରାଇଥିଲା। ଫୋନପେ'ରେ ଟଙ୍କା ପେମେଣ୍ଟ କରିଥିଲା, ହେଲେ ହୋଇନଥିଲା। ଆକାଉଣ୍ଟ ନମ୍ବରରେ ଟଙ୍କା

**ଡାକ୍ତର ପରିଚୟ ଦେଇ ଠକେଇ ଘଟଣା**

ପଠାଇଥିଲା। ତାହା ପେଣ୍ଡିଂ ରହିଥିଲା। ପରେ ହୋଇଯିବ କହି ସେ ଜିନିଷ ନେଇ ପଳାଇଥିଲା। ଏହାର ଦୁଇ ଘଣ୍ଟା ପରେ ବି ଟଙ୍କା ଆସିନଥିଲା। ଏହାପରେ ଠକାମିରେ ପଡିଥିବା ଦୋକାନୀ ଜାଣିପାରି ଥାନାରେ ଅଭିଯୋଗ କରିଥିଲେ।

ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ଅନୁରୂପ ଢ଼ଙ୍ଗରେ ସେ ନିଜକୁ ଡାକ୍ତର ବିକାଶ ବୋଲି ପରିଚୟ ଦେଇ ଇନଫୋସିଟି ଥାନା ଅଧୀନରେ ଥିବା ଓଡ଼ିଶା ଆକ୍ୱା କେୟାର ସର୍ଭିସ ଦୋକାନରୁ ୩୦ ହଜାର ଟଙ୍କାର ଗୋଟିଏ ଆକ୍ୱାଗାର୍ଡ ନେଇ ଚମ୍ପଟ ମାରିଥିଲା। ସେହିପରି ନନ୍ଦନକାନନ ଥାନା ଅଧୀନରେ ଥିବା ହୋମ କେୟାର ଦୋକାନରୁ ସମାନ ଢ଼ଙ୍ଗରେ ୨୨ ହଜାର ଟଙ୍କାର ଗୋଟିଏ ଏଲଇଡି ଟିଭି ନେଇ ପଳାଇଥିଲା। ଏନେଇ ଅଭିଯୁକ୍ତ ଠକ ନାଁରେ ଚାରି ଚାରି ଟା ମାମଲା ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଓ କମିଶନରେଟ ତାକୁ ଧରିବା ପାଇଁ ଜାଲ ବିଛାଇଛି। ହେଲେ ସେ ପୋଲିସ ଆଖିରେ ଧୂଳି ଦେଇ ପୁଣି ଲୁଟିଛି। ସେହିପରି ନିକଟରେ ପୁଅର ଏଭଳି କାରନାମ ପାଇଁ ଭଦ୍ରକରୁ ଖୋଦ ବାପା ମା ଥାନାକୁ ଆସି ମାମଲା ରଫାଦଫା କରିବାକୁ ଆସିଥିଲେ।

# ୯ବର୍ଷ ପରେ ମିଳିଲା ଠାକୁରଙ୍କ ଅଳଙ୍କାର, ଗାଁରେ ଖୁସିର ଲହରି

ପୁରୁଣା ଭୁବନେଶ୍ୱର,୧୫।୫(ଡି.ଏନ୍.ଏ.)

ଧଉଳି ଥାନା ଅଧୀନ ଗୋପୀନାଥପୁର ଗ୍ରାମର ଆରାଧ୍ୟ ଶ୍ରୀଗୋପୀନାଥଙ୍କ ମନ୍ଦିରରୁ ଦୀର୍ଘ ୯ ବର୍ଷ ତଳେ ଚୋରି ଯାଇଥିବା ଅଳଙ୍କାରଗୁଡିକ ଫେରି ପାଇବା ପରେ ଗ୍ରାମରେ ଏକ ଖୁସିର ମାହୋଲ ଖେଳିଯିବା ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏଥିପାଇଁ ସୋମବାର ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଘଣ୍ଟଘଣ୍ଟା ଖୋଳ କୀର୍ତ୍ତନ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ମନ୍ଦିର ପରିସର। ଉକ୍ତ ମନ୍ଦିରର ପୂଜକ କୈଳାସ ପଣ୍ଡା ପଞ୍ଚାମୃତ, ନୈବେଦ୍ୟ ପକାଇ ଉଦ୍ଧାର ହୋଇଥିବା ଅଳଙ୍କାରକୁ ଶୁଦ୍ଧ କରାଇଥିଲେ। ପରେ ମନ୍ଦିରରେ ପୂଜା ପାଉଥିବା ରାଧାକ୍ରିଷ୍ଣଙ୍କ ଯୁଗଳ ମୂର୍ତ୍ତିରେ ଅଳଙ୍କାରଗୁଡିକ ଆଭୂଷଣ କରାଯାଇଥିଲା।

୨୦୧୪ରେ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ସମୟରେ ଯଜ୍ଞମଣ୍ଡପରୁ ଠାକୁରଙ୍କ ରୁପା ମୁକୁଟ, ବଇଁଶୀ ଅଡ଼ି ଅଳଙ୍କାର ସମେତ ପୂଜା ସାମଗ୍ରୀ ଚୋରି ହୋଇଯାଇଥିଲା। ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ କୌଣସି ସନ୍ଧାନ ନ ମିଳିବାରୁ ଫାଇଲ ବନ୍ଦ କରିଦେଇଥିଲା। ଗ୍ରାମବାସୀ ଅଳଙ୍କାର ଫେରି ପାଇବା ଆଶା ଛାଡ଼ି ଦେଇଥିଲେ। ଗତ ରବିବାର ସକାଳେ କେହି ଜଣେ ଗ୍ରାମର ପୂର୍ବତନ ସରପଞ୍ଚଙ୍କ ବାରଣ୍ଡାରେ ଏକ ପଲିଥିନରେ ସମସ୍ତ ଅଳଙ୍କାର ରଖିବା ସହିତ ଇଂଲିଶରେ ଲେଖାଥିବା ଏକ ଚିଠି ଛାଡିଦେଇ ପଳାଇଥିଲେ। ଚୋରି କରିବା ନେଇ ସେ ଦୁଃଖ ପ୍ରକାଶ କରିବା ସହ ଅନ୍ୟାନ୍ୟ କଥା ଉକ୍ତ ଚିଠିରେ ଉଲ୍ଲେଖ କରିଥିଲେ। ଖବର ପ୍ରଚାର ହେବାପରେ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା। ସମସ୍ତେ ଠାକୁରଙ୍କ ମହିମାଙ୍କୁ ବିଶ୍ୱାସ କରିବା ସହ ସେମାନଙ୍କ ମଧ୍ୟରେ ଧର୍ମୀୟ ଭାବନା ଜାଗ୍ରତ ହୋଇଥିଲା। ଏନେଇ ଧଉଳି ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତଙ୍କୁ ପଚାରିବାରୁ ଏ ବିଷୟରେ କୌଣସି ଖବର ନ ଥିବା କହିଛନ୍ତି।





ଯାଜପୁର କଳିଙ୍ଗନଗରସ୍ଥିତ ମେସ୍କୋ ଷ୍ଟିଲ ପ୍ଲାଣ୍ଟକୁ ତୁରନ୍ତ କାର୍ଯ୍ୟକ୍ଷମ ସହ ୩ବର୍ଷର ବକେୟା ଦରମା ଓ ଅନ୍ୟାନ୍ୟ ଦାବିରେ କର୍ମଚାରୀମାନେ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ କରୁଛନ୍ତି।

## ବିଜେଇଏମ୍ ସ୍କୁଲ-୨ରେ ଗ୍ରୀଷ୍ମ କାଳୀନ ଶିବିର

ଭୁବନେଶ୍ୱର, ୧୫।୨

ସୋମବାର ସତ୍ୟଭାମାପୁରସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨ରେ ଗ୍ରୀଷ୍ମକାଳୀନ ଶିବିର ଉଦଯାପିତ ହୋଇଯାଇଛି। ମେ' ୮ରୁ ଆରମ୍ଭ ହୋଇ ସୋମବାର ପର୍ଯ୍ୟନ୍ତ ଅନୁଷ୍ଠିତ ଶିବିରରେ ସଂଗୀତ, ନୃତ୍ୟ, ଯୋଗ, ଘୋଡାଦୌଡ, କ୍ରୀଡା, ଚିତ୍ରକଳା, ଓରିଗାମି, ମାଟିପାତ୍ର ଗଠନ କଳା ଇତ୍ୟାଦି ଶିକ୍ଷାଦାନ କରାଯାଇଥିଲା। ଭାଗ ନେଇଥିବା ଛାତ୍ରୀଛାତ୍ରମାନଙ୍କୁ ଫୁଲନଖରାସ୍ଥିତ ଓସେନ୍ ୱାର୍ଲ୍ଡ ଭ୍ରମଣର ମଧ୍ୟ ସୁଯୋଗ ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରକାରର କଳାକୌଶଳ ଶିକ୍ଷା କୋମଳମତି





ଶିବିରର ଉଦ୍‌ଯାପନ ଅବସରରେ ଯୋଗଦେଇଥିବା ଅତିଥିମାନେ।

ଛାତ୍ରୀଛାତ୍ରଙ୍କ ପକ୍ଷେ ବେଶ୍ ମନୋରଞ୍ଜନ ଧର୍ମୀ ହୋଇପାରିଥିଲା। ଉଦଯାପନୀ ଉତ୍ସବରେ ସ୍କୁଲ ପରିଚାଳନା ସମିତିର ଅଧ୍ୟକ୍ଷ ରଘୁନାଥ ମିଶ୍ର, ପରିଚାଳକ ପ୍ରତାପ କୁମାର ଜେନା, ସହପରିଚାଳକ ସଂଗ୍ରାମ କେଶରୀ ନାୟକ, ଅଧ୍ୟକ୍ଷା ଅଳକା ଦାସ ମହାନ୍ତି ଓ ଉପାଧ୍ୟକ୍ଷ ମନୋରଞ୍ଜନ ବେଜ୍ ପ୍ରମୁଖ ଯୋଗ ଦେଇଥିଲେ।

# ନିୟମିତ ନିଯୁକ୍ତି ଅପେକ୍ଷାରେ ହାଇସ୍କୁଲ ଶିକ୍ଷକ

ଭୁବନେଶ୍ୱର,୧୫।୫(ବ୍ୟୁରୋ)

**ପୁଣି ଆନ୍ଦୋଳନ ପାଇଁ ଚେତାବନୀ**

ରାଜ୍ୟରୁ ସ୍ଥାୟୀ ନିଯୁକ୍ତି ପ୍ରଥା ଉଚ୍ଛେଦ ଘୋଷଣାକୁ ୭ ମାସ ବିତିଛି। ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇବା ପରେ ୧୮ହଜାରରୁ ଉର୍ଦ୍ଧ୍ୱ ହାଇସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କ ନିଯୁକ୍ତି ନିୟମିତ ହେବା ନେଇ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଥିଲା। ନିୟମିତ ହେବାକୁ ଅପେକ୍ଷା କରି ବସିଥିବାବେଳେ ରାଜ୍ୟ ସରକାର ତାହା କରୁ ନ ଥିବାରୁ ଏହି ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ୩ରୁ ୪ ଦିନ ମଧ୍ୟରେ ନିଯୁକ୍ତି ନିୟମିତ କରା ନ ଗଲେ ଓଡ଼ିଶା ସରକାରୀ ହାଇସ୍କୁଲ ସିଟିଟି ଶିକ୍ଷକ ସଂଘ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ସୂଚନାଥାଉ କି, ବିଭାଗର ଅବହେଳାକୁ ବିରୋଧ କରି ସଂଘ ଏପ୍ରିଲ ୩ରେ ମହାଆନ୍ଦୋଳନକୁ ଓହ୍ଲାଇଥିଲା। ତତ୍‌କାଳୀନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିୟମିତ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଆନ୍ଦୋଳନର ୧୦ଦିନ ପରେ ଅର୍ଥାତ୍ ୧୩ ତାରିଖରେ ଏନେଇ ପତ୍ର ସଂଖ୍ୟା-୮୪୭୪ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ପରଦିନ ଟେକ୍ନିକାଲ ତ୍ରୁଟି ଦର୍ଶାଇ ଏସ୍‌ଓପି ଜାରି କରାଯାଇ ନ ଥିଲା। ଏହା ପ୍ରତିବାଦରେ ସଂଘ ଗତ ୬ ତାରିଖରେ ଆନ୍ଦୋଳନ ଡାକରା ଦେଇଥିଲେ ମଧ୍ୟ ସରକାର ଏଥିପାଇଁ ଅନୁମତି ଦେଇ ନ ଥିଲେ। ଫଳରେ ଏହି ଶିକ୍ଷୟିତ୍ରୀଶିକ୍ଷକ ପ୍ରତିଦିନ ଦପ୍ତରରୁ ଦପ୍ତର ବୁଲିବା ପରେ ଝାରସୁଗୁଡ଼ା ଉପନିର୍ବାଚନ ପରେ ଏସ୍‌ଓପି ପ୍ରକାଶ ପାଇବ ଏବଂ ରେଗୁଲାର୍ ପାଇଁ ଶିକ୍ଷା ନିର୍ଦ୍ଦେଶାଳୟରୁ ମେମୋ ହୋଇଯିବ ବୋଲି ପୁଣିଥରେ ପ୍ରତିଶ୍ରୁତି ଦିଆଯାଇଥିଲା। ଇତିମଧ୍ୟରେ ଉପନିର୍ବାଚନ ସରିଥିଲେ ମଧ୍ୟ ନିର୍ଦ୍ଦେଶନାମା ପ୍ରକାଶିତ ହୋଇପାରୁନି। ଅର୍ଥ ବିଭାଗରେ ଏସ୍‌ଓପି ଅଟକି ରହିଥିବା ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଭାତ ମହାନ୍ତି ଓ ସଭାପତି ରାଜେନ୍ଦ୍ର ମଲ୍ଲିକ କହିବା ସହ ୨୦୧୬ ରୁ ୨୦୨୨ ବ୍ୟାଚର ଶିକ୍ଷୟିତ୍ରୀଶିକ୍ଷକ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି ।

## ସଂକ୍ଷେପରେ

### ହନୁମାନଜୀଉଙ୍କ ଜନ୍ମୋତ୍ସବ ପାଳିତ



ମାହାଙ୍ଗା,୧୫।୫(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ଗଙ୍ଗପୁରଠାରେ ପୂଜାପାଉଥିବା ହନୁମାନଙ୍କ ୧୪ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଅଙ୍କୁରାରୋପଣ,ସୂର୍ଯ୍ୟପୂଜା, ଗୋପୂଜା,କଳସ ଯାତ୍ରା, ଅଗ୍ନିସଂଯୋଗ, ହୋମଯଜ୍ଞ ଓ ପୂର୍ଣ୍ଣାହୁତି ଆଦି ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ତ୍ତା ସଞ୍ଜୟ କୁମାର ରାଉତ ଓ କର୍ତ୍ତ୍ରୀ ସରୋଜିନୀ ପାଙ୍କଶାଣୀ ପୂଜାରେ ବସିଥିଲେ । ପଣ୍ଡିତ ସୁରେଶ ମହାପାତ୍ର ଓ ବଟକୃଷ୍ଣ ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବାବା କେଦାର ଦାସ,ପୂର୍ବତନ ସରପଞ୍ଚ ବିଜୟ ରାଉତ,ସରପଞ୍ଚଙ୍କ ପ୍ରତିନିଧି ସୁବାସ ଜେନା,ପୂର୍ବତନ ଜିଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ,ଅନନ୍ତ ରାଉତ,ବଳବନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନନ୍ତେଶ୍ୱର ଭଜନ ସନ୍ଧ୍ୟା ପକ୍ଷରୁ କଣ୍ଠଶିଳ୍ପୀ ଅନିଲ ପାଣି ,ନିରଞ୍ଜନ ତ୍ରିପାଠୀ ଓ ତାଙ୍କ ସାଥିମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ।

### ଅସହାୟ ବୀଣାପାଣିଙ୍କୁ ସହାୟତା



ମାହାଙ୍ଗା,୧୫।୫(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ୍ କୁସୁପୁର ପଞ୍ଚାୟତ ବାଗସରପୁର ଗ୍ରାମର ବୀଣାପାଣି ଜେନାଙ୍କ ସ୍ୱାମୀ କରୁଣାକରଙ୍କ ଗତ ୨ ବର୍ଷ ତଳେ ପରଲୋକ ଘଟିଥିଲା। ଏପରି ପରିସ୍ଥିତିରେ ବୀଣାପାଣି ୩ ପିଲାଙ୍କ ପ୍ରତିପୋଷଣ ଓ ପାଠ ପଢ଼ା ପାଇଁ ଦିନରାତି ଏକ କରିଛନ୍ତି । ତଥାପି କୌଣସି ସମସ୍ୟାର ସମାଧାନ ହେଉନାହିଁ। ଖୋଲା ଆକାଶ ତଳେ ଏକ ଭଙ୍ଗା ଘରେ ଅତି ଦୟନୀୟ ଅବସ୍ଥାରେ ସେମାନେ ଜୀବନ ବିତାଉଛନ୍ତି । ଦିନେ ଖାଇଲେ ଦିଓଳି ଉପବାସ ରହିବାକୁ ପଡୁଛି । ଏ ସଂକ୍ରାନ୍ତରେ ଜାଣିବା ପରେ ମାହାଙ୍ଗା ବ୍ଲକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିତାମାତା ସେବକ ସଂଘ ପକ୍ଷରୁ ବୀଣାପାଣିଙ୍କୁ ସହାୟତା ପ୍ରଦାନ କରଯାଇଛି । ସଂଘର ବରିଷ୍ଠ ଉପଦେଷ୍ଟା ରଞ୍ଜନ କୁମାର ରାଉତ ,ଶିକ୍ଷାବିତ୍ ଉମେଶ ଚନ୍ଦ୍ର ସାହୁ, ସଭାପତି ବିନୟ ରଞ୍ଜନ ପ୍ରଧାନ ଓ ସମ୍ପାଦକ ସଞ୍ଜୟ କୁମାର ରାଉତଙ୍କ ସହଯୋଗରେ ବୀଣାପାଣିଙ୍କୁ ପାଲ ଓ ବସ୍ତ୍ର ପ୍ରଦାନ କରାଯାଇଛି । ଆଗାମୀ ଦିନରେ ସହାୟତା ପ୍ରଦାନ କରିବାକୁ ସଂଘ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି ।

### ଖଣ୍ଡାରେ ହାଣି ଟଙ୍କା, ସୁନାଚେନ ନେଇଗଲେ: ଜଣେ ଗିରଫ

ବାଲିପାଟଣା,୧୫।୫(ଡି.ଏନ୍.ଏ.): ବାଲିପାଟଣା ଥାନା ଅଧୀନ ମାର୍ଥାପୁର ଗ୍ରାମର ପ୍ରଶାନ୍ତ ପାତ୍ରଙ୍କୁ ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରିବା ସହିତ ଖଣ୍ଡାରେ ହାଣି ସୁନାଚେନ ଓ ୪୦ ହଜାର ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ପ୍ରଶାନ୍ତଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ପ୍ରଶାନ୍ତଙ୍କ ସ୍ତ୍ରୀ ମିତାଲିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୬୫/୨୩) ରୁଜୁକରି ତଦନ୍ତ ଚଳାଇବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ରଞ୍ଜନ ପାତ୍ର। ତେବେ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଓମ୍ ପ୍ରକାଶ ମହାନ୍ତି କହିଛନ୍ତି। ଅଭିଯୋଗ ମୁତାବକ, ମାର୍ଥାପୁର ଗ୍ରାମର ପ୍ରଶାନ୍ତଙ୍କ ଘର କାମ ଚାଲିଥିବା ବେଳେ ପଡ଼ୋଶୀ ଘର ସହିତ ଝଗଡ଼ା ହୋଇଥିଲା। ପରେ ଜଗନ୍ନାଥ ପାତ୍ର, ରଞ୍ଜନ ପାତ୍ର, ଭାବଗ୍ରାହୀ, ବିନୋଦ, ଆନନ୍ଦ, ରିଙ୍କୁ, ବାଉରୀବନ୍ଧୁ ଓ ବାସନ୍ତି ପାତ୍ର ସେଠାରେ ପହଞ୍ଚି ପ୍ରଶାନ୍ତ ଓ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରିଥିଲେ। ପ୍ରଶାନ୍ତ ଏହାର ପ୍ରତିବାଦ କରିବାରୁ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିବା ସହ ଖଣ୍ଡାରେ ହାଣି ଟଙ୍କା, ସୁନାଚେନ ନେଇ ପଳାଇଥିଲେ ବୋଲି ମିତାଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ପୋଲିସ ପହଞ୍ଚି ପ୍ରଶାନ୍ତଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଉପଭୋକ୍ତା

ରଘୁନାଥପୁର,୧୫।୫(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ବିଦ୍ୟୁତ୍ ବିଭାଗ ଏସଡ଼ିଓଙ୍କ ଅଧୀନରେ ଥିବା କଟକ ସଦର ବ୍ଲକ ପ୍ରହରାଜପୁର ପଞ୍ଚାୟତବାସୀ ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋଭୋଲ୍ଟେଜ ସମସ୍ୟା ଯୋଗୁ ଅତିଷ୍ଠ ହୋଇପଡିଲେଣି। ବାରମ୍ବାର ଅଭିଯୋଗ କରି ନିରାଶ ହେବାପରେ ସୋମବାର ବିଦ୍ୟୁତ୍ କାର୍ଯ୍ୟାଳୟକୁ ଉପଭୋକ୍ତାମାନେ ଘେରାଉ କରିଛନ୍ତି। ଆସନ୍ତା ସାତଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସରପଞ୍ଚ ଅବଦୁଲ ୱାଇଦ ଖାଁ ଓ ସମିତି ସଭ୍ୟ ଲିଆକତ ଅଲ୍ଲୀ ଖାଁଙ୍କ ନେତୃତ୍ୱରେ ଶତାଧିକ ବିଦ୍ୟୁତ୍ ଉପଭୋକ୍ତା ସେମାନଙ୍କ ସମସ୍ୟା ଜଣାଇବା ପାଇଁ ଏସ୍‌ଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଦୀର୍ଘ ସମୟ ଅପେକ୍ଷା କରି ରହିଥିଲେ ମଧ୍ୟ ଏସ୍‌ଡିଓଙ୍କ ଦେଖା ମିଳି ନ ଥିଲା। ଫଳରେ ଲୋକେ ଅସନ୍ତୋଷ ପ୍ରକାଶ କରି କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି। ଯନ୍ତ୍ରୀ କୃତ୍ତିବାସ ମାଝୀ ଘେରାଉ ସ୍ଥଳରେ ପହଞ୍ଚି ପଞ୍ଚାୟତବାସୀଙ୍କ ପାଖରୁ ଲିଖିତ ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ହେବ ଉକ୍ତ ସମସ୍ୟା ଲାଗିରହିଛି। ରୌଦ୍ରତାପ ଓ ଅସହ୍ୟ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଛୋଟ ଶିଶୁଙ୍କଠାରୁ ଆରମ୍ଭ କରି ରୋଗଗ୍ରସ୍ତ ବ୍ୟକ୍ତି ଗରମରେ ଆଉଟପାଉଟ ହେଉଛନ୍ତି। ଘରେ ବାହାରେ କେଉଁଠି ନିସ୍ତାର ମିଳୁନାହିଁ। ଯେଉଁ ସମୟରେ ବିଦ୍ୟୁତ୍ ରହୁଛି ଲୋଭୋଲ୍‌ଟେଜ ସମସ୍ୟା ଯୋଗୁ ଟିଭି, ଫ୍ରିଜ, ପାଣି ମଟର ଏପରିକି ପଙ୍ଖା ମଧ୍ୟ ଠିକ୍ ଭାବେ କାମକରୁନି ବୋଲି ସରପଞ୍ଚ ଖାଁ ପ୍ରକାଶ କରିଛନ୍ତି। ପାର୍ଶ୍ୱବର୍ତ୍ତି ଗ୍ରାମରେ ଠିକ୍ ବିଦ୍ୟୁତ୍ ସେବା ଉପଲବ୍ଧ ହେଉଥିବାବେଳେ ଜାଣିଶୁଣି ବିଦ୍ୟୁତ୍ ବିଭାଗ ଶକ୍ତି ସଞ୍ଚୟ କରିବା ପାଇଁ ସେମାନଙ୍କ ପ୍ରତି ଏଭଳି ମନୋଭାବ ପୋଷଣ କରୁଛି ବୋଲି ସମିତି ସଭ୍ୟ ଖାଁ କହିଛନ୍ତି। ଏହି ଘେରାଉରେ ଏସ.କେ, ସିରାଜ ଅଲ୍ଲୀ, ମଜବୁର ରେହାମାନ, ଖଲିଲ ଅହମ୍ମଦ, ଶେଖ୍ ସମିଲ ଅହମ୍ମଦ କାଦ୍ରୀ, ନାରାୟଣ ବେହେରା, ସାବିତ୍ରୀ ବେହେରା, ସ୍ୱର୍ଣ୍ଣଲତା ଦାସ, ଶରତ କୁମାର ଦତ୍ତ, ଚନ୍ଦନ ବେହେରା ଓ ଅମନ ବେହେରା ପ୍ରମୁଖ ସାମିଲ ହୋଇଥିଲେ।



ଉପଭୋକ୍ତାମାନେ ବିଭାଗୀୟ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

- ବିଦ୍ୟୁତ୍ କାଟ, ଲୋ ଭୋଲ୍‌ଟେଜ ସମସ୍ୟାର ପ୍ରତିବାଦ
- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନାହିଁ
- ସାତଦିନର ପରେ କୋର୍ଟକୁ ଯିବାପାଇଁ ଚେତାବନୀ

# ଉତ୍ତ୍ୟକ୍ତ ଲୋକେ ବାଇକ୍ ଜାଳି ଦେଲେ

### ଦୁର୍ଘଟଣାରେ ମହିଳା ଗୁରୁତର

ନିଶ୍ଚିନ୍ତକୋଇଲି,୧୫।୫(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଥାନା ବୁହାଲୋ ଗୋଲଡେନ କ୍ଲବ ନିକଟରେ୨ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଏହି ସମୟରେ ନିକଟରେ ଚାଲି କରି ଯାଉଥିବା ଜଣେ ମହିଳା ଗୁରୁତର ହୋଇଥିଲେ । ସେ ହେଲେ ବୁହାଲୋ ଗ୍ରାମର ନାରାୟଣ ମଲିକଙ୍କ ସ୍ତ୍ରୀ କବିତା । ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

ଏହି ଘଟଣାରେ ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଗୋଟିଏ ବାଇକ୍‌କୁ ନିଆଁ ଲଗାଇ ପୋଡି ଦେଇଛନ୍ତି। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ସୋମବାର ମଧ୍ୟାହ୍ନରେ ବୁହାଲୋ ଗ୍ରାମର କାହ୍ନା ରଞ୍ଜନ ଦାସ(୨୫) ଏକ ବାଇକ୍ ଯୋଗେ ସ୍ଥାନୀୟ ରାଣୀ ବଜାରକୁ ଯାଉଥିଲେ। ଏହି ସମୟରେ ଉକ୍ତ ଗ୍ରାମର ଗୋଲଡେନ କ୍ଲବ ନିକଟରେ ତାଙ୍କ ଗାଡ଼ିକୁ ଉକ୍ତ ଗ୍ରାମର ସନ୍ତୋଷ ଦାସ ଅନ୍ୟ ଏକ ବାଇକ୍‌ରେ ଆସି ଧକ୍କା ଦେଇଥିଲେ । ଫଳରେ କାହ୍ନା ଭାରସାମ୍ୟ ହରାଇ ନିକଟରେ ଚାଲିକରି ଯାଉଥିବା କବିତାଙ୍କ ସହ ଧକ୍କା ହୋଇଥିଲେ। ଏଥିରେ କେତେଜଣ ଲୋକେ ଉତ୍ତ୍ୟକ୍ତ ହୋଇ କାହ୍ନାଙ୍କ ବାଇକ୍‌କୁ ନିଆଁ ଲଗାଇ ପୋଡି ଦେଇଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତବେଳକୁ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏହାପରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୋଡି ଯାଇଥିବା ବାଇକକୁ ଉଦ୍ଧାର କରିଛି। ଖବର ଲେଖା ହେବାବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ଶିକ୍ଷା ଅନ୍ଧକାରରୁ ଆଲୋକକୁ ନିଏ

ସାଲେପୁର,୧୫।୫(ଡି.ଏନ୍.ଏ.)

ଶିକ୍ଷା ଅନ୍ଧକାରରୁ ଆଲୋକକୁ ନେଇଥାଏ। ପ୍ରତ୍ୟେକ ଛାତ୍ରୀଛାତ୍ର ନିଷ୍ଠାପର ଭାବେ ଅଧ୍ୟୟନ କଲେ ଜୀବନରେ ଶ୍ରେଷ୍ଠ ସ୍ଥାନ ହାସଲ କରିପାରିବେ ବୋଲି ସାଲେପୁର ବ୍ଲକ୍ ନିକଟସ୍ଥ ଶିଶୁଆ ବଜାରଠାରେ ଥିବା ଶିକ୍ଷାମନ୍ଦିର ଷ୍ଟଡି ସର୍କଲର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷାମନ୍ଦିର ଷ୍ଟଡି ସର୍କଲ ମୁଖ୍ୟ ଜଗନ୍ନାଥ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଭୁତିଭୂଷଣ ଭୂୟାଁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ପ୍ରତିଭାର ବିକାଶ ପାଇଁ ଏଭଳି ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଖବରଦାତା ଅକ୍ଷୟ କୁମାର ଦାଶ ଓ ସମ୍ମାନିତ ଅତିଥିଭାବେ ଶିଶୁଆ ପଞ୍ଚାୟତ ସମିତିସଭ୍ୟ ମାନସ କୁମାର ଦାଶ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁଆ ଗ୍ରାମର ୱାର୍ଡସଭ୍ୟ ରମାକାନ୍ତ ବେହେରା, ବରିଷ୍ଠ ଶିକ୍ଷକ ସଂଗ୍ରାମ କେଶରୀ ପରିଡ଼ା, ମନୋଜ ବେହେରା, ସତ୍ୟରଞ୍ଜନ ପଣ୍ଡା, ସୁଜିତ୍ କୁମାର ବେହେରା, ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ବରାଳ ପ୍ରମୁଖ ଉପସ୍ଥିତି ରହି ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବହୁ ଛାତ୍ରୀଛାତ୍ର ଚିତ୍ତାକର୍ଷକ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ।




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା ପାଇଁ ବିଜେଡି ସଂକଳ୍ପବଦ୍ଧ




ଇଦ୍ ମିଲନ୍ ଉତ୍ସବରେ ବିଧାୟକ ପ୍ରଶାନ୍ତ କୁମାର ବେହେରା ଏବଂ ଅନ୍ୟ ଅତିଥିମାନେ ।

### ବିଜେଡି ସଂଖ୍ୟାଲଘୁ ଶାଖା ପକ୍ଷରୁ ଇଦ୍ ମିଳନ ଉତ୍ସବ

ସାଲେପୁର,୧୫।୫(ଡି.ଏନ୍.ଏ.)

ରାଜ୍ୟ ସରକାର ସଂଖ୍ୟା ଲଘୁ ସମ୍ପ୍ରଦାୟଙ୍କ ପାଇଁ ସରକାରୀସ୍ତରରେ ଅନେକ କାର୍ଯ୍ୟ କରିଆସୁଛନ୍ତି। ସେମାନଙ୍କ ସୁରକ୍ଷା ଓ ରାଜ୍ୟରେ ସମସ୍ତଙ୍କ ମଧ୍ୟରେ ଭାଇଚାରା ପ୍ରତିଷ୍ଠା କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅଗ୍ରସର ହେଉଛନ୍ତି ବୋଲି ସାଲେପୁର ହାଇସ୍କୁଲ ପଡ଼ିଆରେ ଆୟୋଜିତ ବିଜେଡି ସଂଖ୍ୟାଲଘୁ ସେଲ୍‌ର ଇଦ୍‌ମିଳନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଂଖ୍ୟାଲଘୁ ସେଲ୍‌ର ସଭାପତି ସେକ୍ ସମିମ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ସଭାରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି, ନବୀନ ପଟ୍ଟନାୟକଙ୍କ ସମୟରେ କେଉଁଠାରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇନାହିଁ। ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା ପାଇଁ ବିଜେଡି ସଂକଳ୍ପବଦ୍ଧ। କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଯୋଗଦେଇ ସଂଖ୍ୟାଲଘୁ ସେଲ୍‌ର ନେତା ଓ କର୍ମୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଉପାଧ୍ୟକ୍ଷ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ପୂର୍ବତନ ଜିଲାପରିଷଦ ସଭ୍ୟ ଚିରଞ୍ଜନ ମହାନ୍ତି, ଆମ୍ବ କମିଟି ସଭାପତି ଦିଲୀପ ଦାଶ, ବିଜେଡି କାର୍ଯ୍ୟକାରିଣୀ ସଭାପତି ନାରାୟଣ ପତି, ମୌଲାନା ସୟଦ ନକିବୁଲ୍ ଅମିନ୍, ମୌଲାନା ସୟଦ ଜିଲୁର ରହେମାନ୍, ହାଫିଜ ମହମ୍ମଦ ଦୁଲାର ସିଦ୍ଦିକ, କାରି କମରୁଲ୍ ଇସ୍‌ଲାମ୍ ପମୁଖ ଯୋଗଦେଇଥିଲେ।

# ଅଭିଯୁକ୍ତଙ୍କ ଆଖିପତା ଫାଟିବା ନେଇ ସନ୍ଦେହରେ ପୋଲିସ

### ସାନଭାଇ ଆକ୍ରମଣରେ ବଡ ଆହତ ଘଟଣା

ରଘୁନାଥପୁର,୧୫।୫(ଡି.ଏନ୍.ଏ.)

ରଘୁନାଥପୁର ଥାନା ସାଲିଜଙ୍ଗା ଗ୍ରାମର ସାନଭାଇ ଅଜୟ ପାଲଟାସିଂହଙ୍କ ଆକ୍ରମଣରେ ବଡ଼ଭାଇ ବିଜୟ ପାଲଟାସିଂହ ଆହତ ହେବା ନେଇ ରବିବାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା (ନଂ.୧୩୨/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ଘଟଣାରେ ସୋମବାର ଅଭିଯୁକ୍ତ ସାନଭାଇ ଅଜୟଙ୍କୁ ନିକଟସ୍ଥ ସାଲିଜଙ୍ଗା ରେଳ ଫାଟକ ନିକଟରୁ ଏସ୍‌ଆଇ ଅନିଲ କୁମାର ସାହୁ କାବୁ କରି ଥାନାକୁ ଆଣିଥିଲେ। ଥାନାରୁ ଅଭିଯୁକ୍ତ ଅଜୟଙ୍କୁ ଡାକ୍ତରୀ ଯାଞ୍ଚ କରିବା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସା କରାଯାଇଥିବା ମେଡିକାଲ ରେଜିଷ୍ଟର ନଂ. ୨୮୨୫ /୧୫-୫-୨୩ ଅନୁଯାୟୀ, ଅଭିଯୁକ୍ତ ଅଜୟଙ୍କ ବାମଆଖି ପତାରେ କ୍ଷତଥିବା ଦର୍ଶାଯାଇଛି। ପୋଲିସ ହେପାଜତରେ ଥିଲାବେଳେ ଅଭିଯୁକ୍ତ ଆହତ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଆଇଆଇସି ସୁଶାନ୍ତ କୁମାର ସେଠୀଙ୍କୁ ପଚାରିବାରେ,ଦୁଇ ଭାଇଙ୍କ ମାଡ଼ପିଟରେ ଅଭିଯୁକ୍ତ ଅଜୟଙ୍କ ଆଖିପତା ଫାଟିଥିବା କହିଛନ୍ତି।

# ନାବାଳିକାଙ୍କୁ ଗର୍ଭବତୀ କରି ଯୁବକ ଗିରଫ

ବାରଙ୍ଗ,୧୫।୫(ଡି.ଏନ୍.ଏ.)

ଚନ୍ଦକା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଚନ୍ଦକା ଅଞ୍ଚଳର ପ୍ରକାଶ ଭଞ୍ଜ। ପୋଲିସ ନାବାଳିକା ଏବଂ ଯୁବକଙ୍କ ଡାକ୍ତରୀମାଇନା କରାଇବା ପରେ ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ପ୍ରକାଶ ସେହି ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ୪ ମାସର ଗର୍ଭବତୀ ଥିବା ଜାଣିବା ପରେ ତାଙ୍କୁ ପ୍ରତାରଣା କରିଥିଲେ। ଏହାପରେ ପ୍ରକାଶ ତା' ସାଙ୍ଗ ସହିତ ସମ୍ପର୍କ ରଖିବାକୁ ନାବାଳିକାଙ୍କୁ ବାଧ୍ୟ କରିଥିଲା। ତେବେ ନାବାଳିକା ଏ ବିଷୟରେ ପ୍ରକାଶଙ୍କ ସାଙ୍ଗକୁ ବୁଝାଇବା ପରେ ପ୍ରକାଶଙ୍କ ସାଙ୍ଗ ଏବାବଦରେ ନାବାଳିକାଙ୍କ ପରିବାରକୁ ଜଣାଇଥିଲେ। ପରିବାର ଲୋକ ଏନେଇ ଚନ୍ଦକା ଥାନାରେ ରବିବାର ଅଭିଯୋଗ କରିଥିଲେ।

# ମୃତ୍ୟୁର ଏକମାସ ପରେ ପୋଲିସର କାର୍ଯ୍ୟାନୁଷ୍ଠାନ

### ଭିଡିଓ ଭାଇରାଲ ପରେ ନାବାଳିକାଙ୍କ ଆତ୍ମହତ୍ୟା ଘଟଣା

- ଅଭିଯୁକ୍ତ କୋର୍ଟ ଚାଲାଣ
- ଭିଡିଓ ଭାଇରାଲକୁ ଅସ୍ୱୀକାର

ନିଶ୍ଚିନ୍ତକୋଇଲି,୧୫।୫(ସ୍ୱ.ପ୍ର)

ଅଶ୍ଳୀଳ ଭିଡିଓ ଭାଇରାଲ ହେବାରୁ ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକା ଆତ୍ମହତ୍ୟା କରିଥିବା ନେଇ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗର ଏକମାସ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶିଶୁଆ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ହେଲେ ସୁଶୀଲ କୁମାର ସେଠୀ। ମୃତ ନାବାଳିକା ଜଗତ୍‌ସିଂହପୁର ଥାନା ଅଞ୍ଚଳର ଘରୋଇ ନରସିଂହପୁରରେ ଅଧ୍ୟୟନ କରୁଥିଲେ। ସେତେବେଳେ ଅଭିଯୁକ୍ତ ସୁଶୀଲଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାର ସୁଯୋଗ ନେଇ ସୁଶୀଲ ସମ୍ପୃକ୍ତ ନାବାଳିକାଙ୍କ କିଛି ଅନ୍ତରଙ୍ଗ ମୂହୁର୍ତ୍ତର ଭିଡିଓ ଓ ଫଟୋ ଉତ୍ତୋଳନ କରିନେଇଥିଲେ। ଏହାକୁ ଦେଖାଇ ସେ ନାବାଳିକାଙ୍କୁ ବାରମ୍ବାର ବ୍ଲାକ ମେଲିଂ କରିଆସୁଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ମନାନ୍ତର ହେବାରୁ ସୁଶୀଳ ପ୍ରତିଶୋଧ ପରାୟଣ ହୋଇ ସେସବୁ ଭିଡିଓ ଭାଇରାଲ କରିଦେଇଥିଲେ। ଏହା ଜାଣିବାପରେ ସମ୍ପୃକ୍ତା ନାବାଳିକା ଏପ୍ରିଲ ୧୨ ତାରିଖ ସନ୍ଧ୍ୟାରେ ଘରେ ରଶି ଲଗାଇ ଝୁଲି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ୍ତୁ ଘୋଷଣା କରିଥିଲେ।

ଏସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ. ୭୬/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସେବେଠାରୁ ସୁଶୀଲ ଫେରାର ଥିଲେ। ରବିବାର ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଚିନ୍ମୟୀ ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ କଟକରୁ ସୁଶୀଲକୁ ଗିରଫ କରିଛି। ଅପରପକ୍ଷେ ଆପତ୍ତିଜନକ ଫଟୋ ଓ ଭିଡିଓ ଭାଇରାଲକୁ କରିବା ଘଟଣା ସୁଶୀଲ ଅସ୍ୱୀକାର କରିବା ସହ ନାବାଳିକାଙ୍କ ସହ ଫଟୋରେ ଥିବା ବ୍ୟକ୍ତି ସେ ନୁହନ୍ତି ବୋଲି କହିଛନ୍ତି।

# ମଦ ଦୋକାନ ସ୍ଥାନାନ୍ତର ଦାବିରେ ସତ୍ୟାଗ୍ରହ

### ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ସାଲେପୁର,୧୫।୫(ଡି.ଏନ୍.ଏ.):

ସାଲେପୁର ବ୍ଲକ୍ ଅଧୀନ ସପନପୁର କଣ୍ଠାସାହି ସତ୍ୟଲକ୍ଷ୍ମୀ ମଣ୍ଡପ ନିକଟରେ ଥିବା ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର ପାଇଁ ଦାବି ହୋଇଛି। ଏନେଇ ମିଳିତ ନିଶା ନିବାରଣ ଅଭିଯାନ ଓ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ମହିଳା ଏବଂ ପୁରୁଷଙ୍କ ପକ୍ଷରୁ ମଦ ଦୋକାନ ଆଗରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯାଇଛି। ମଦ ଦୋକାନ ଏଠାରେ ରହିଲେ ସାଧାରଣରେ ଏହାର କୁପ୍ରଭାବ ପଡିବ ବୋଲି ସ୍ଥାନୀୟ କେତେଜଣ ଜନସାଧାରଣଙ୍କ ପକ୍ଷରୁ ପୂର୍ବରୁ ଜିଲାପାଳଙ୍କ ସମେତ ଅବକାରୀ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ହେଲେ ମଦ ଦୋକାନ ଅନ୍ୟତ୍ର ନ ସ୍ଥାନାନ୍ତର ନ ହେବାରୁ ସୋମବାର ପୂର୍ବାହ୍ନ ୧୧ଟାରେ ବହୁ ମହିଳା ଓ ସ୍ୱେଚ୍ଛାସେବୀ କଣ୍ଠାସାହି ଛକରୁ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଯାଇ ମଦ ଦୋକାନ ସମ୍ମୁଖରେ ଧାରଣାରେ ବସିଥିଲେ। ଦୀର୍ଘ ୨ଘଣ୍ଟା ଧରିଧାରଣାରେ ବସି ମହିଳାମାନେ ରାମଧୂନ୍ ଗାନ କରିବା ସହ ନିଶା ନିବାରଣ ଉପରେ ବକ୍ତବ୍ୟ ରଖିଥିଲେ।




ସ୍ୱେଚ୍ଛାସେବୀ ମହିଳା ଏବଂ ପୁରୁଷଙ୍କ ପକ୍ଷରୁ ମଦ ଦୋକାନ ଆଗରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯାଉଛି ।

ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଅପର୍ଣ୍ଣା ନାୟକ, ପୂର୍ବତନ ମହିଳା କମିଶନର ଲୋପାମୁଦ୍ରା ମହାନ୍ତି, କନକଲତା ଭଞ୍ଜ, କୁଞ୍ଜମୋହନ ସେଠୀ ଉପସ୍ଥିତ ରହି ନିଶାନିବାରଣ ଉପରେ ଗୁରୁତ୍ୱ ଦେବା ସହ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ମଦ ଦୋକାନ ଖୋଲାଯାଉଥିବାରୁ ତୀବ୍ର ନିନ୍ଦା କରିଥିଲେ। କାର୍ଯ୍ୟକ୍ରମରେ ଶିବାନୀ ଦାଶ, ଯାଜ୍ଞସେନୀ ବାରିକ, ବାଲିସାହି ଏସ୍‌ଏଚ୍‌ଜିର ସଭାପତି ଖୁଲଣା ମହାରଣା ଓ ସମ୍ପାଦିକା ସ୍ୱର୍ଣ୍ଣଲତା ବେହେରା, ଦୁଷ୍ମନ୍ତ ନାୟକ, ମାନସ ରଞ୍ଜନ କର, ଘନଶ୍ୟାମ ସାମଲ, ଉର୍ମିଳା ବେହେରା, ସ୍ୱର୍ଣ୍ଣଲତା କାଣ୍ଡି, ଡଲି କାଣ୍ଡି, ବିଶ୍ୱମିତା ଦାଶ, ହରେକୃଷ୍ଣ କାଣ୍ଡି, ପୁଷ୍ପାଞ୍ଜଳି କାଣ୍ଡି, ମାମିନା କାଣ୍ଡି, ରେଖା ସାମଲ, ସମ୍ବିତ୍ ଦାଶ, ମିଲି ଦେହୁରି, କୁନି ଦେହୁରି, ବାଲିସାହି ସରପଞ୍ଚ ପବିତ୍ର କୁମାର ସାମଲ ଓ ସନ୍ତୋଷ କୁମାର ଆଚାର୍ଯ୍ୟଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ସାଲେପୁର ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ, ସାଲେପୁର ଅତିରିକ୍ତ ତହସିଲଦାର ଏବଂ କଟକ ଜିଲା ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଜିଲାପାଳଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନକାରୀ ଧାରଣାରୁ ହଟିଯାଇଥିଲେ।

**ସଂକ୍ଷେପରେ**

## ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲା ସଂସଦୀୟ କମିଟି

ପୁରୀ ଅଫିସ, ୧୫।୫: ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟି ପୁରୀ ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। କେତେକ କ୍ଷେତ୍ରରେ ଯୋଜନାକୁ ଅଧିକ କ୍ରିୟାଶୀଳ ଓ ଲୋକାଭିମୁଖୀ କରିବାକୁ ପ୍ରସ୍ତାବ ଦେଇଥିଲେ। ଏମ୍‌ପି ଶ୍ୟାମସିଂହ ଯାଦବଙ୍କ ଅଧକ୍ଷତାରେ କମିଟିର ସଦସ୍ୟମାନେ ପିପିଲି ବ୍ଲକ ପରିଦର୍ଶନ ପରେ ପୁରୀରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ବିଭିନ୍ନ ଗ୍ରାମୀଣ ବିକାଶ ଯୋଜନା ଯଥା- ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସାମାଜିକ ସୁରକ୍ଷା, ମିଶନ ଶକ୍ତି, ଗ୍ରାମ୍ୟ ରାସ୍ତା ନିର୍ମାଣ, ଜୀବିକା ମିଶନ, ପଞ୍ଚାୟତିରାଜ ଇତ୍ୟାଦି ସମ୍ପର୍କରେ ବିଭାଗର ପ୍ରମୁଖ ସଚିବ, କମିଶନର ଓ ନିର୍ଦ୍ଦେଶକମାନେ ପାୱାର ପ୍ରେଜେଣ୍ଟେସନ ମାଧମରେ ତଥ୍ୟ ଉପସ୍ଥାପନ କରିଥିଲେ। ୟୁକୋ ବ୍ୟାଙ୍କ ପକ୍ଷରୁ ମଧ ତଥ୍ୟ ରଖାଯାଇଥିଲା। ପଞ୍ଚାୟତରାଜି ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶିଲ କୁମାର ଲୋହାନି, ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ସ୍ପେଶାଲ ପ୍ରୋଜେକ୍ଟ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଓର୍‌ମାସ୍ ସିଇଓ ଗୁହା ପୁନମ ତାପସ କୁମାର, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ, ଏସ୍‌ଆଇଆର୍‌ଡିର ନିର୍ଦ୍ଦେଶକ ଏସ୍.କେ.ମୀନା, ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ସୁଦର୍ଶନ ପରିଡା, ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ୟୁକୋ ବ୍ୟାଙ୍କ ଜିଏମ୍ ଗୌତମ ପାତ୍ର, ଏମ୍‌ଡି ତଥା ସିଇଓ ସୋମ୍ ଶଙ୍କର ପ୍ରସାଦ ପ୍ରମୁଖ ଯୋଗଦେଇଥିଲେ। ପରେ ପ୍ରତିନିଧି ମଣ୍ଡଳୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରତିନିଧିମାନଙ୍କୁ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପାଟ, ପତିତପାବନ ବାନା ଏବଂ ମହାପ୍ରଭୁଙ୍କ ଏକ ସ୍ମାରକୀ ପ୍ରଦାନ କରାଯାଇଥିଲା।

## ସ୍କୁଲପିଲାଙ୍କ ପାଇଁ ସହାୟତା ଦେଲେ ପୁରାତନ ଛାତ୍ର

ସାକ୍ଷୀଗୋପାଳ,୧୫।୫(ସ୍ୱ.ପ୍ର./ ଡି.ଏନ୍.ଏ.)- ସତ୍ୟବାଦୀ ବ୍ଲକର ରାୟଚକ୍ରଧରପୁର ଉଚ୍ଚ ବିଦ୍ୟାଳୟର ୨୦୦୭ ମସିହା ମାଟ୍ରିକ ବ୍ୟାଚ ସହପାଠୀଙ୍କ ଏକ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନସ ରଞ୍ଜନ ସ୍ୱାଇଁ, କୃଷ୍ଣଚନ୍ଦ୍ର ନାୟକଙ୍କ ସହିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ମିଶ୍ର, ପ୍ରଣବ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଆୟୋଜିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ବଉଳ, ଜିନିଆ ସହିତ ଅନେକ ଚାରା ରୋପଣ କରିଥିଲେ। ଏହା ଅବସରରେ ଆୟୋଜିତ ସଭାରେ ଗୁରୁବନ୍ଦନା ସହିତ ଶିକ୍ଷକମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ଆମର ଆମେ ଏହାର ଉର୍ନ୍ନତି ପାଇଁ ଚେଷ୍ଟା କରିବା ଲକ୍ଷ ନେଇ ପୁରାତନ ଛାତ୍ର ମାନସ ଦାଶ ବିଦ୍ୟାଳୟର ପିଲାମାନଙ୍କ ଖେଳ ଉପକରଣ ଓ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଧାନ ଶିକ୍ଷକ ମିଶ୍ରଙ୍କୁ ପ୍ରଦାନ କରିଥିଲେ।

# ଓଡ଼ିଶାର ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ

**ପିପିଲିରେ ୩୧ଜଣିଆ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି**

ପିପିଲି,୧୫।୫(ସ୍ୱ.ପ୍ର./ଡି.ଏନ୍.ଏ.)


ପାର୍ଲିଆମେଣ୍ଟ ଷ୍ଟାଣ୍ଡିଂ କମିଟିର ସଦସ୍ୟା ସଦସ୍ୟଙ୍କ ସହ କୁନୀ କଳାକାର ଓ ଅନ୍ୟମାନେ ।

ଓଡ଼ିଶା ଗସ୍ତରେ ଆସିଥିବା ୩୧ଜଣିଆ କେନ୍ଦ୍ରୀୟ ପାର୍ଲିଆମେଣ୍ଟ ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ସୋମବାର ପୁରୀ ଜିଲାର ପିପିଲି ବ୍ଲକ ପରିଦର୍ଶନରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ବୁଲି ଦେଖି ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ପିପିଲି ବ୍ଲକର ହାଟସାହି, ଦାଣ୍ଡମୁକୁନ୍ଦପୁର, ଦୁର୍ଗାଦାସପୁର ପ୍ରମୁଖ ୩ଟି ପଞ୍ଚାୟତ ପରିଦର୍ଶନ କରି ସରକାରୀ ଯୋଜନାର ସଫଳ ରୂପାୟନ ଦେଖିଥିଲେ। ଏବଂ ସେଠାରେ ହୋଇଥିବା ଶିକ୍ଷା, ଗମନାଗମନ ଓ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଓଡ଼ିଶାର ଉନ୍ନତିରେ ଅଗ୍ରଗତି ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୁରି ପ୍ରଶଂସା କରିଛନ୍ତି ଏହି ଦଳ। ଉତ୍ତରପ୍ରଦେଶ ଏମ୍‌ପି ଶ୍ୟାମ ସିଂ ଯାଦବଙ୍କ ନେତୃତ୍ୱରେ ଆସିଥିବା ଏହି ୩୧ଜଣିଆ ପ୍ରତିନିଧି ଦଳ ପ୍ରଥମେ ପିପିଲି ବ୍ଲକ ହାଟସାହି ପଞ୍ଚାୟତରେ ପହଞ୍ଚିଥିଲେ। ପରେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଆୟୋଜିତ ଏକ ସଭାରେ କମିଟିର ସଦସ୍ୟମାନେ ଯୋଗଦେଇ ଓଡ଼ିଶା ବିକାଶର ଅଗ୍ରଗତି ସମ୍ପର୍କରେ ଉପସ୍ଥିତ ଥିବା ଜନପ୍ରତିନିଧି ଓ ସାଧାରଣ ଜନତାମାନଙ୍କୁ କେନ୍ଦ୍ର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହ ନିକଟରେ ଥିବା ଅମୃତ ସରୋବର ପ୍ରକଳ୍ପ, ଗ୍ରାମୀଣ ପାର୍କ, ଲାଇବ୍ରେରୀ ଗୃହ ବୁଲି ଦେଖିଥିଲେ। ପରେ ଦାଣ୍ଡମୁକୁନ୍ଦପୁରଠାରୁ ରାଜତେଇ ଛକ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ପଞ୍ଚାୟତ ନିକଟରେ ଥିବା ଗ୍ରାମୀଣ ବ୍ୟାୟାମଶାଳା ବୁଲି ଦେଖିଥିଲେ। ଏହାପରେ କମିଟିର ସଦସ୍ୟମାନେ ଦୁର୍ଗାଦାସପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ଯୋଗଦେଇଥିଲେ। ନିକଟରେ ହୋଇଥିବା ପଞ୍ଚାୟତ କଲ୍ୟାଣ ମଣ୍ଡପ, ଗ୍ରାମୀଣ ହାଟ, ଲାଇବ୍ରେରୀ ଗୃହ ବୁଲି ସ୍ଥାନୀୟ ଜନପ୍ରତିନିଧି ଓ ଲୋକମାନଙ୍କ ସହିତ ଫଟୋ ଉଠାଇଥିଲେ। ତେବେ ଏହି କମିଟିର ସଦସ୍ୟମାନଙ୍କୁ ସବୁ ସ୍ଥାନରେ ବାଜାବାଣ, ଘୋଡ଼ାନାଚ ସହ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରତିନିଧି ଦଳ ପରିଦର୍ଶନ ସମୟରେ ଗ୍ରାମୀଣ ପାଠାଗାରର ଉନ୍ନତି ନିମନ୍ତେ ହାଟ ସାହି ଓ ଦୁର୍ଗାଦାସପୁର ପଞ୍ଚାୟତକୁ ଆର୍ଥିକ ସହାୟତା ରାଶି ଉକ୍ତ ସରପଞ୍ଚମାନଙ୍କୁ ପ୍ରଦାନ କରିଥିଲେ। ଷ୍ଟାଣ୍ଡିଂ କମିଟି ସଦସ୍ୟମାନଙ୍କର ଏଭଳି ଗସ୍ତ ଦ୍ୱାରା କାର୍ଯ୍ୟ କରିବାରେ ଉତ୍ସାହିତ କରିବ ବୋଲି ସରପଞ୍ଚ ପରେଶ ମିଶ୍ର, ବିଭୂତି ଭୂଷଣ ନାଥ କହିଛନ୍ତି। ଏହି ଗସ୍ତ ସମୟରେ ରାଜ୍ୟ ପଞ୍ଚାୟତ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରୀ ସୁଶୀଳ କୁମାର ଲୋହାନି, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରୀ ସଞ୍ଜୟ କୁମାର ସିଂ, ସେକ୍ରେଟାରୀ ଭାସ୍କର ଜ୍ୟୋତି ଶର୍ମା, ଆରଡିସି ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ଜିଲାପାଳ ପ୍ରଦୀପ ଜେନା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ପିପିଲି ବିଡିଓ ରଶ୍ମିତା ନାଥ, ତହସିଲଦାର ପୁନମ ମହାପାତ୍ର, ଏସ୍‌ଡିପିଓ ଦେବୀଦତ୍ତ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ରଥର ଅଖ ଚଉପଟ କାମ ଜାରି



ପୁରୀ ଅଫିସ, ୧୫।୫

**ରଥଖଳାରୁ ...**

ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ସୋମବାର ସନ୍ଧ୍ୟା ସୁଦ୍ଧା ତିନିରଥର ମୋଟ ୪୨ ଚକରୁ ୩୬ଟି ଚକ ନିର୍ମାଣ ସରିଛି। ତିନିରଥର ମୋଟ ୧୨ଟି ଲେଖାଏ ଚଉତା କାଠରୁ ୮ଟି ଲେଖାଏ ଚଉତା କାଠର ଚଉପଟ କାର୍ଯ୍ୟ ଶେଷ ହୋଇଛି। ୪ଟି ଲେଖାଏ ନିରାଡ଼ି ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ରଥ ଅମିନ ପ୍ରତି ରଥଚାଳିକୁ ୨ଟି ଲେଖାଏ ୨୦ ଫୁଟିଆ ଧଉରା କାଠ ଭୋଇସେବକଙ୍କ ମାଧମରେ ଯୋଗାଇଛନ୍ତି। ଏଥିସହ ତିନି ରଥର ଦୁଇଟି ଲେଖାଏ ଅଖର ଦୁଇପାର୍ଶ୍ୱ ଗୋଲେଇ କାର୍ଯ୍ୟ ସରିଛି। ମଙ୍ଗଳବାର ଭୋଇସେବକମାନେ ଯନ୍ତାଗାଡ଼ଠାରେ ତିନି ରଥର ଶେଷ ଗୋଟିଏ ଲେଖାଏ ତୁମ୍ବରେ କଣ୍ଟାବାଡ଼ିଆ ବା ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ସାରି ଯନ୍ତାଗାଡ଼ ମୁଦ ଦେବା ରହିଥିବା ସୂଚନା ମିଳିଛି। ତାଳଧ୍ୱଜ ରଥର ୧୪ ଚକରୁ ୧୨ଟି ନିର୍ମାଣ ଶେଷ ହୋଇଛି। ୧୩ ତମ ଚକର ତୁମ୍ବ ଅରରେ କଣ୍ଟା ବାଡ଼ିଆ ସରିଛି। ବଳକା ଅର ମାପ ପ୍ରକାରେ କଟାଯାଇ ସାଲ ପରେ ପାଇ ପିନ୍ଧାଯିବ। ଶେଷ ୧୪ତମ ଚକରେ ଅର ସଂଯୋଗ ପରେ ସିଙ୍ଗଡ଼ା ବାଡ଼ିଆ ବାକିଅଛି। ତାଳଧ୍ୱଜ ରଥର ମୋଟ ୧୨ଟି ଚଉତାରୁ ୮ଟି ଚଉତା କାଠର ଚଉପଟ ସରିଛି। ତାଳଧ୍ୱଜ ରଥର ମୋଟ ୭ଟି ଅଖରୁ ଦୁଇଟି ଅଖର ଦୁଇପାର୍ଶ୍ୱ ଗୋଲେଇ କାର୍ଯ୍ୟ ସରିଛି। ସେହିପରି ରଥର ମୋଟ ୪ଟି ନିରାଡ଼ି ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ରଥ ଅମିନ ୨ଟି ଲେଖାଏ ୨୦ଫୁଟିଆ ଧଉରା କାଠ ଯୋଗାଇଛନ୍ତି। ଏଥିରେ ଚଉପଟ କାର୍ଯ୍ୟ ଆରମ୍ଭ ହେବ। ଏହି ନିରାଡ଼ି ରଥ ଚାରି ପାର୍ଶ୍ୱ କୋଣଗୁଜ ଉପରେ ସଂଯୋଗ କରାଯିବ, ଫଳରେ ପୋଲ ଗୟଳକୁ ବାନ୍ଧି ରଖିବାରେ ସହାୟକ ହେବ। ଦର୍ପଦଳନ ରଥର ୧୨ଟି ଚକରୁ ୧୧ଟି ଚକର ନିର୍ମାଣ ସରିଛି। ଶେଷ ଚକ ପାଇଁ ତୁମ୍ବରେ ଅର ସଂଯୋଗ ହୋଇ ଯନ୍ତାଗାଡ଼ଠାରେ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ବାକିଅଛି। ଦର୍ପଦଳନ ରଥର ୧୨ଟି ଚଉତାରୁ ୮ଟି ଚଉତର ଚଉପଟ ସରିଛି। ରଥର ୬ଟି ଅଖରୁ ୨ଟି ଅଖର ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ନନ୍ଦିଘୋଷ ରଥର ୧୬ଟି ଚକରୁ ୧୩ଟି ଚକର ନିର୍ମାଣ ସରିଛି। ୧୪ତମ ଚକର ପଇ କଳସା ଶେଷ ହୋଇ, ପଇରେ କିଳା ବାଡ଼ିଆ ବାକି ଅଛି। ୧୫ତମ ଚକ ଅରରେ ଓଆଇ ପିନ୍ଧା ଶେଷ ହୋଇଛି, ପଇ କଳସା ବାକି ଅଛି। ଶେଷ ଚକ ତୁମ୍ବରେ ଅର ଲାଗି ଏବଂ ସିଙ୍ଗଡ଼ାବାଡ଼ିଆ ବାକି ଅଛି। ନନ୍ଦିଘୋଷ ରଥର ୧୨ଟି ଚଉତା କାଠାରୁ ୯ଟି ଚଉତା କାଠର ଚଉପଟ ସରିଛି। ରଥର ୮ଟି ଅଖରୁ ୨ଟି ଅଖର ଦୁଇ ପାର୍ଶ୍ୱ ଗୋଲେଇ କରାଯାଇଛି। ଦୋଳବେଦିଠାରେ କରତି ସେବକମାନେ ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ରୂପକାର ସେବକମାନେ ରଥ ଗୁଜଗୁଡିକରେ ରୂପ ଖୋଦେଇ ସହ ପଲିସି କାର୍ଯ୍ୟ କରୁଛନ୍ତି। ଦୋଳବେଦିସ୍ଥିତ କମାରଶାଳରେ ଓଝା ସେବକମାନେ ତିନି ରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା, ଯୋଖା କଣ୍ଟା ଏବଂ କଇଁଚି କଣ୍ଟା ନିର୍ମାଣ ଜାରି ରଖିଛନ୍ତି।


ବଳଙ୍ଗାଠାରେ ଚନ୍ଦନଯାତ୍ରା ଉଦ୍‌ଯାପନ ଅବସରରେ ଶ୍ରୀ ଶ୍ରୀ ବକ୍ରେଶ୍ୱର ଦେବଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।

# ସରିଲା ବକ୍ରେଶ୍ୱର ଦେବଙ୍କ ଚନ୍ଦନଯାତ୍ରା

ବଳଙ୍ଗା,୧୫।୫(ଡି.ଏନ୍.ଏ.)

ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଶ୍ରୀ ଶ୍ରୀ ବକ୍ରେଶ୍ୱର ଦେବଙ୍କ ୨୧ ଦିନିଆ ଚନ୍ଦନଯାତ୍ରା ସୋମବାର ଶେଷ ହୋଇଛି। ଶ୍ରୀ ଶ୍ରୀ ବକ୍ରେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ମଦନମୋହନ ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଗାଁ ଶେଷ ମୁଣ୍ଡରେ ଥିବା ଚନ୍ଦନ ପୋଖରୀରେ ଜଳକ୍ରୀଡ଼ା କରିଥାନ୍ତି। ୨୧ ଦିନ ପରେ ବଳଙ୍ଗା ଗ୍ରାମରେ ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରାରେ ବଳଙ୍ଗା ଗ୍ରାମର ବିଭିନ୍ନ ସାହି ପ୍ରଧାନ ସାହି, ବ୍ରାହ୍ମଣ ସାହି, ମଶାଣିକୁ ଯାଗା, ଚମ୍ପା ଗଡ଼ ସାହି, ୭୬ ଘର, ମହାପାତ୍ର ସାହି, ନାୟକ ସାହି, ତୋଟା ସାହି, ସତ୍ତୁଭାରତୀ ପାଟଣା ଓ ଦେଉଳି ସାହିରୁ ୧୯ ଗୋଟି ନାଗା ଓ ବିଭିନ୍ନ ପ୍ରକାରର ବେଶରେ ସଜେଇ ହୋଇ ନିଜ ନିଜର କଳା କୌଶଳ, ବାଡ଼ି ଖେଳ, ପର୍ଶୁରାମ ଆଦି ଯାତ୍ରାରେ ସାମିଲ ହୋଇଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ନିମାପଡ଼ା ବ୍ଲକ ଅଧକ୍ଷ ଶଙ୍କର ଭୋଇ, ଉପାଧକ୍ଷା ଅନସୂୟା ମହାନ୍ତି, ବଳଙ୍ଗା ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତି ସଭ୍ୟ ପ୍ରକାଶ ସାହୁ, ସାମାଜିକ କର୍ମୀ କୃପାସିନ୍ଧୁ ଦତ୍ତ ଓ ଅଜିତ ଚାନ୍ଦ ଦାସ ପ୍ରମୁଖ ଯୋଗଦେଇ ସମସ୍ତଙ୍କୁ ଉପଢ଼ୌକନ ଶାଢ଼ୀ ପ୍ରଦାନ କରିଥିଲେ। ବଳଙ୍ଗା ମେଳଣ କମିଟି ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ସୁବାଷ ଚନ୍ଦ୍ର ପତି, ସଭାପତି ପ୍ରଫୁଲ୍ଲ ପ୍ରଧାନ, ସମ୍ପାଦକ ବଳଭଦ୍ର ଯେନା ପ୍ରମୁଖ ଏହାର ପରିଚାଳନା କରିଥିଲେ।

## ଏମ୍‌କେସିସିକୁ ହରାଇ ବ୍ଲାକ ଡାଇମଣ୍ଡ ବିଜୟୀ

### ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ

କଣାସ,୧୫।୫(ସ୍ୱ.ପ୍ର.)

କଣାସ ବ୍ଲକ ତ୍ରିଲୋଚନପୁର ଗୋପୀନାଥ ଖେଳପଡ଼ିଆଠାରେ ଚାଲିଥିବା ତ୍ରିଲୋଚନପୁର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ ସୋମବାର ୪ର୍ଥ ଦିନରେ ପହଞ୍ଚିଛି। ୬ଷ୍ଠ ମ୍ୟାଚ୍‌ରେ କଣାସର ଏମ୍‌କେସିସିକୁ ହରାଇ ଡାକପଡ଼ାର ବ୍ଲାକ ଡାଇମଣ୍ଡ ବିଜୟୀ ହୋଇଛି। ବ୍ଲାକ ଡାଇମଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ୍ ହରାଇ ୧୩୭ ରନ୍ କରିଥିଲା। ଦଳ ପକ୍ଷରୁ ସୁମନ ୨୨ଟି ବଲ୍‌ରେ ୫୩ ରନ୍ ସଂଗ୍ରହ କରିଥିଲେ। ପ୍ରତିଉତ୍ତରରେ ଏମ୍‌କେସିସି ୮ ଉଇକେଟ୍ ହରାଇ ୧୨୮ରନ୍ କରି ପରାଜିତ ହୋଇଥିଲା। ବ୍ଲାକ ଡାଇମଣ୍ଡର ସୁମନ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗଣେଶ ସ୍ୱାଇଁ ଓ ଆଲୋକ ପ୍ରଧାନ ଅମ୍ପାୟାର ରୂପେ ଦାୟିତ୍ୱ ସମ୍ପାଦନା କରିଥିଲେ। ମୁଖ୍ୟ ଅତିଥି ଭାବେ ସିଆର୍‌ସିସି ଭୂପତି ତ୍ରିପାଠୀ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

# କବାଟ ଭାଙ୍ଗି ୨୦ ଲକ୍ଷ ଟଙ୍କାର ସୁନାଗହଣା ଚୋରି

ନିମାପଡ଼ା,୧୫।୫(ଡି.ଏନ୍.ଏ)

ନିମାପଡ଼ା ଥାନା ତେରୁଣ୍ଡିଆ ପଞ୍ଚାୟତର ରାଜରାଶି ଗ୍ରାମର ଜଣଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ସୋମବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ୧୫୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଲୁଟ ହୋଇଥିବା ସୁନା ଗହଣାର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଗୃହକର୍ତ୍ତା ସନ୍ତୋଷ ପ୍ରଧାନ ଅଭିଯୋଗରେ ଦର୍ଶାଇଛନ୍ତି।

ସନ୍ତୋଷଙ୍କ ପରିବାରବର୍ଗ ରବିବାର ରାତିରେ ଶୋଇଥିବାବେଳେ କେହି ଦୁର୍ବୃତ୍ତ ତାଙ୍କ ଘର କବାଟ ଭାଙ୍ଗି ଡ୍ରେସିଂ ଟେବୁଲ ଡ୍ର ଭାଙ୍ଗି ସେଥିରୁ ଥିବା ୩ଟି ସୁନା ନେକଲେସ୍, ୩ ହଳ କାନଫୁଲ, ୩ ହଳ ସୁନାଚୁଡ଼ି, ୨ ହଳ କାନଝରା, ରୁପା ପାଉଁଜି ସମେତ ୩୫୦ ଗ୍ରାମ ଓଜନର ସୁନାଗହଣା ଆଦି ଲୁଟି ନେଇ ଖସି ପଳାଇଥିଲା। ସନ୍ତୋଷ ଏନେଇ ସୋମବାର ଥାନାରେ ଅଭିଯୋଗ କରିବା ପରେ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଏସ୍‌ଆଇ ତଅପୋଇ ନାୟକ, ଏସ୍‌ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଖଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ଖବରପାଇ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତୁରନ୍ତ ଏହି ଦୁର୍ବୃତ୍ତଙ୍କୁ ଠାବ କରାଯାଇ ଗିରଫ କରିବାକୁ ଗ୍ରାମବାସୀ, ପରିବାରବର୍ଗ ପୋଲିସ ନିକଟରେ ଦୃଢ ଦାବି କରିଛନ୍ତି।

## କଦମ୍ବ ବୃକ୍ଷ ଡାଳରୁ ଦର୍ଶନ ଦେଲେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ, ୧୫।୫
(ଡି.ଏନ୍.ଏ/ସ୍ୱ.ପ୍ର)



**ଠାକୁରଙ୍କ ଜଳକ୍ରୀଡ଼ା ନୀତି**

ଶ୍ରୀସାକ୍ଷୀଗୋପାଳ ଠାକୁର ସବୁ ସମୟରେ ରତ୍ନସିଂହାସନ ଉପରେ ଛନ୍ଦା ଚରଣରେ ଦଣ୍ଡାୟମାନ ରହିଥିବାବେଳେ ସୋମବାର ଜଳକ୍ରୀଡ଼ା ଏକାଦଶୀ ତିଥିରେ କଦମ୍ବ ବୃକ୍ଷ ଡାଳରେ ବିରାଜମାନ କରିଥିବା ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଥିଲା। ୨୧ଦିନ ବ୍ୟାପୀ ଭିତର ଚନ୍ଦନଯାତ୍ରାର ଅନ୍ୟତମ ଆକର୍ଷଣ ସାକ୍ଷୀଗୋପାଳ ଠାକୁରଙ୍କ ଜଳକ୍ରୀଡ଼ା ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। କଦମ୍ବ ବୃକ୍ଷ ଡାଳରେ ଠାକୁର ବିରାଜମାନ କରିଥିଲେ। ବିବସ୍ତ୍ର ଗୋପାଙ୍ଗନାମାନେ ସ୍ନାନ କରୁଥିବା ସମୟରେ ସେମାନଙ୍କ ବସ୍ତ୍ର ହରଣ କରି କଦମ୍ବ ବୃକ୍ଷ ଡାଳରେ ରଖାଯାଇଥିଲା। ଦ୍ୱିପ୍ରହର ଧୂପବେଶରେ ସାକ୍ଷୀଗୋପାଳ ଠାକୁରଙ୍କ ଛନ୍ଦା ଚରଣକୁ ବସ୍ତ୍ରରେ ଆବୃତ୍ତ କରାଯାଇ ଅନ୍ୟ ଦୁଇଟି ଖଞ୍ଜା ପୟର ଲାଗି କରାଯାଇଥିଲା। ପ୍ରଚଳିତ ଦେବନୀତି ଅନୁଯାୟୀ ଆଲଟ ଲାଗି, କାଛିଲାଗି, ଚନ୍ଦନ ବେଢ଼ା, ଚନ୍ଦନ ସର୍ବାଙ୍ଗ, ପଣାଭୋଗ ଓ ଯାତଭୋଗ କରାଯାଇଥିଲା। ଶ୍ରଦ୍ଧାଳୁମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ କଦମ୍ବ ବୃକ୍ଷଡାଳରେ ବିରାଜିତ ସାକ୍ଷୀଗୋପାଳଙ୍କ ଜଳକ୍ରୀଡ଼ା ବେଶ ଦର୍ଶନ କରିଥିଲେ। ପରମ୍ପରା କ୍ରମେ ପ୍ରତିବର୍ଷ ରଙ୍ଗଳୀ କୁଳ ପକ୍ଷରୁ ଏହି ବେଶ କରାଯିବା ସହ ବିଭିନ୍ନ ପ୍ରକାର ଭୋଗ ନୈବେଦ୍ୟ ଠାକୁରଙ୍କୁ ଅର୍ପଣ କରାଯାଇଛି।

## ମା’ ରାମଚଣ୍ଡୀଙ୍କ ଜଳାଶାୟୀ ଉତ୍ସବ

ପୁରୀ ଅଫିସ, ୧୫।୫

ପବିତ୍ର ଜଳକ୍ରୀଡ଼ା ଏକାଦଶୀ ତିଥିରେ ସୋମବାର ଦୋଳମଣ୍ଡପ ସାହି ଜେନାରୀଗଛ ଛକସ୍ଥିତ ମା’ ରାମଚଣ୍ଡୀ ଠାକୁରାଣୀଙ୍କ ଜଳଶାୟୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୋରରୁ ମା’ଙ୍କ ଦ୍ୱାର ଫିଟିବା ପରେ ମଙ୍ଗଳଆଳତି, ଅବକାଶ, ବାଳ ଭୋଗ ଓ ଶଙ୍ଖୁଡି ଭୋଗ ବଢିବା ପରେ ମା’ଙ୍କ ଅସ୍ଥାନରେ ମାଟି ପ୍ରଲେପ କରାଯାଇଥିଲା। ଚୌଧୁରୀ ସତ୍ୟ ନାରାୟଣ ଦାଶ, ରଞ୍ଜନ ଦାଶ, ଅକ୍ଷୟ କର, ସବ୍ୟସାଚୀ ରଥ, ଶିବନାରାୟଣ ଦାଶ, ଶିଶିର ଶତପଥୀ, ଦୁର୍ଗାଦତ୍ତ ଦାଶ ଓ ସୁଧୀର ଦାଶ ପ୍ରମୁଖ ନିକଟସ୍ଥ କୂଅରୁ ଗରୁରେ ଜଳ ତୋଳି ଆଣି ମା’ଙ୍କ ଅସ୍ଥାନ ନିକଟରେ ଥୋଇଥିଲେ। ପୂଜକ ସୋମନାଥ ଦାଶ ଓ ପିନାକ ଦାଶ ଜଳରେ ଅଗୁରୁ, ଚନ୍ଦନ, ଗୁଆ, କେସର ଓ ସୁବାସିତ ପୁଷ୍ପ ମିଶ୍ରଣ କରିବା ପରେ ମା’ଙ୍କ ମସ୍ତକରେ ଜଳ ଲାଗି କରାଯାଇଥିଲା। ପରେ ପଣା ଭୋଗ ହୋଇଥିଲା। ସନ୍ଧ୍ୟାରେ ଆସ୍ଥାନରୁ ଜଳ ନିଷ୍କାସନ କରାଯିବା ପରେ ମା’ଙ୍କୁ ଚନ୍ଦନ ବେଶରେ ସଜ୍ଜିତ କରାଯାଇ ସନ୍ଧ୍ୟା ଆଳତି କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଜଳଶାୟୀ ଓ ବେଶ ଦର୍ଶନ କରିଥିଲେ। ରାତିରେ ମା’ଙ୍କୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଭୋଗ କରାଯାଇଥିଲା। ମନ୍ଦିରକୁ ଉଜ୍ଜ୍ୱଳ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ମା’ ରାମଚଣ୍ଡୀ ଠାକୁରାଣୀ ପରିଚାଳନା କମିଟି ସମ୍ପାଦକ ମାରୁଣି ପୃଷ୍ଟି, ସହସମ୍ପାଦକ ରାଜେନ୍ଦ୍ର ପାତ୍ର, ଗୋବିନ୍ଦ ଦତ୍ତ ଓ କୋଷାଧକ୍ଷ ବୁଲୁ ପଡ଼ିଆରୀ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।


ଜଳାଶୟ ଉତ୍ସବ ପାଇଁ ଶ୍ରଦ୍ଧାଳୁମାନେ କଳସୀରେ ଜଳ ଆଣିଛନ୍ତି ।

# ସଜେଇ ହେଲାଣି ପୁରୀ ରେଳଷ୍ଟେଶନ

ପୁରୀ ଅଫିସ, ୧୫।୫



**୧୮ରୁ ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳର ଶୁଭାରମ୍ଭ**

ଖୁବଶୀଘ୍ର ଓଡ଼ିଶା ସହ ଯୋଡ଼ି ହେବାକୁ ଯାଉଛି ଭାରତୀୟ ରେଲୱେର ସେମି ଦ୍ରୁତଗାମୀ ଟ୍ରେନ୍ ବନ୍ଦେ ଭାରତ ଏକ୍ସପ୍ରେସ୍। ଏହି ଟ୍ରେନ୍ ଆସନ୍ତା ୧୮ ତାରିଖରେ ପୁରୀରୁ ହାୱଡା ମଧରେ ଚାଲିବ। ପୂର୍ବରୁ ରେଲୱେ ପକ୍ଷରୁ ଦୁଇଥର ପରୀକ୍ଷାମୂଳକ ଭାବେ ଟ୍ରେନ ଚଳାଚଳ କରିଥିଲା। ପରୀକ୍ଷାମୂଳକ ଚଳାଚଳ ସଫଳ ହେବା ପରେ ୧୮ ତାରିଖଠାରୁ ପୁରୀ ରେଳଷ୍ଟେଶନରୁ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌ର ଶୁଭାରମ୍ଭ ହେବାକୁ ଯାଉଛି। ଏଥିପାଇଁ ପୁରୀ ରେଳଷ୍ଟେଶନ ନବବଧୂ ପରି ସଜେଇ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ମାଧମରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ପୁରୀ ରେଳଷ୍ଟେଶନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ସମେତ ବହୁ ମନ୍ତ୍ରୀ ଓ ଅଧିକାରୀ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ଏଥିଲାଗି ରେଲୱେ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ରେଳ ଟ୍ରାକ୍‌ଗୁଡ଼ିକରେ ରଙ୍ଗ ଦିଆଯିବା ସହ ପ୍ଲାଟଫର୍ମକୁ ସଜ୍ଜିତ କରାଯାଉଛି।

ସୂଚନା ଅନୁଯାୟୀ, ବନ୍ଦେ ଭାରତ ଏକ୍ସପ୍ରେସ ହାୱଡ଼ା ଷ୍ଟେଶନ୍‌ରୁ ପ୍ରତ୍ୟେକ ଦିନ ସକାଳ ୬ଟା ୧୦ରେ ବାହାରି। ଏହା ବିଭିନ୍ନ ଷ୍ଟେଶନରେ ଦୁଇମିନିଟ୍ ଲେଖାଏ ରହି ମଧାହ୍ନ ୧୨ଟା ୨୫ରେ ପୁରୀ ରେଳଷ୍ଟେଶନରେ ପହଞ୍ଚିବ। ବନ୍ଦେ ଭାରତ ଏକ୍ସପ୍ରେସ ଯାତ୍ରା ସମୟରେ ୭ଟି ସ୍ଥାନରେ ରହିବ। ସକାଳ ୬ଟା ୧୦ରେ ବାହାରି ୭ଟା ୩୮ରେ ଖଡଗପୁର, ପୂର୍ବାହ୍ନ ୯ଟା ୪୮ରେ ଭଦ୍ରକ, ୧୦ଟା ୨୧ରେ ଯାଜପୁର-କେନ୍ଦୁଝର ରୋଡ, ୧୧ଟାରେ କଟକ, ୧୧ଟା ୨୨ରେ ଭୁବନେଶ୍ୱର, ୧୧ଟା ୪୦ରେ ଖୋର୍ଦ୍ଧା ରୋଡ ଏବଂ ମଧାହ୍ନ ୧୨ଟା ୨୫ରେ ପୁରୀ ରେଳ ଷ୍ଟେଶନରେ ପହଞ୍ଚିବ। ସେହିପରି ଏହି ଟ୍ରେନ୍ ପୁରୀ ଷ୍ଟେଶନରୁ ଦିନ ୧ଟା ୫୦ରେ ବାହାରି ସନ୍ଧ୍ୟା ୮ଟାରେ ହାଓଡା ଷ୍ଟେଶନରେ ପହଞ୍ଚିବ ବୋଲି ସୂଚନା ମିଳିଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ନିର୍ମିତ ହୋଇଥିବା ଏହି ଟ୍ରେନ୍ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ। ଟ୍ରେନ୍‌ରେ ଅନେକ ଅତ୍ୟାଧୁନିକ ବ୍ୟବସ୍ଥା ଥିବାବେଳେ ଯାତ୍ରୀଙ୍କ ପାଇଁ ଅନେକ ସୁବିଧା ରହିଛି। ଟ୍ରେନରେ ସିଟ୍ ପାଞ୍ଚଥାକିଆ ଆରାମଦାୟକ ସିଟ୍ ସହ ଅଟୋମେଟିକ ଡୋର ଲକ୍ ବ୍ୟବସ୍ଥା ରହିଛି। ପୂର୍ବରୁ ହାଓଡାରୁ ଆସୁଥିବା ଟ୍ରେନ୍ ସାଢେ ୮ଘଣ୍ଟାରେ ପୁରୀରେ ପହଞ୍ଚୁଥିବାବେଳେ ବନ୍ଦେ ଭାରତ ଏକ୍ସପ୍ରେସ ୬ ଘଣ୍ଟାରେ ପୁରୀରେ ପହଞ୍ଚିବ। ଫଳରେ ଯାତ୍ରୀଙ୍କ ସମୟ ବଞ୍ଚିବ। ଏ ନେଇ ପୁରୀ ବାସିନ୍ଦା ସିଦ୍ଧେଶ୍ୱର ମହାନ୍ତି କହିଛନ୍ତି, ପୁରୀ ଏକ ଧାର୍ମିକ ତଥା ପର୍ଯ୍ୟଟନ ସ୍ଥଳ ହୋଇଥିବାରୁ ପ୍ରତିଦିନ ହଜାର ହଜାର ଲୋକ ଆସିଥାନ୍ତି। ବିଶେଷକରି ମହାପ୍ରଭୁଙ୍କ ଦର୍ଶନ ପାଇଁ ପଶ୍ଚିମବଙ୍ଗରୁ ବହୁ ଭକ୍ତ ଆସିଥାନ୍ତି। ବନ୍ଦେ ଭାରତ ଟ୍ରେନ ଚଳାଚଳ ଦ୍ୱାରା ଭକ୍ତମାନେ ଉପକୃତ ହେବେ। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। ସେହିପରି ପୁରୀ ବାସିନ୍ଦା ସରୋଜ ମଲିକ କହିଛନ୍ତି, ଉକ୍ତ ଟ୍ରେନ ଚଳାଚଳ ହେବା ଦ୍ୱାରା ଖାଲି ଯାତ୍ରୀ ନୁହନ୍ତି, ପୁରୀବାସୀ ମଧ ସୁଫଳ ପାଇବେ। କାରଣ ପୁରୀର ପ୍ରାୟ ଅଧିକାଂଶ ବ୍ୟବସାୟୀ ଜିନିଷପତ୍ର ଆଣିବାକୁ କୋଲକତା ଯାଇଥାନ୍ତି। କୋଲକତାରେ ମଧ ଓଡିଆ ଲୋକଙ୍କ ବସବାସ ରହିଛି। ଫଳରେ ଅଳ୍ପ ସମୟ ମଧରେ ଏହି ଟ୍ରେନ ଯୋଗେ ଯାତାୟତ ହୋଇପାରିବ। ଏପରିକି ଗୋଟିଏ ଦିନରେ ପୁରୀରୁ କୋଲକତା ଯାଇହେବ। ପୁରୀ ଚାରିଧାମ ମଧରୁ ଅନ୍ୟତମ ହୋଇଥିବାରୁ ଏବଂ ସରକାର ପୁରୀ ରେଳ ଷ୍ଟେଶନକୁ ବିଶ୍ୱସ୍ତରୀୟ କରୁଥିବାରୁ ଆଗାମୀ ଦିନରେ ଏଠାକୁ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେଣୁ ସରକାର ଦେଶର ପ୍ରମୁଖ ସହରରୁ ପୁରୀକୁ ଏଭଳି ଟ୍ରେନ୍ ଚଳାଇବା ଉଚିତ୍।

## ସଂକ୍ଷେପରେ

### ‘କୋହିନୁର ହୀରା ମହାପ୍ରଭୁଙ୍କ ନିକଟକୁ ଫେରାଇ ଅଣାଯାଉ’

ପୁରୀ ଅଫିସ,୧୫।୫: ‘କୋହିନୁର ହୀରା ମହାପ୍ରଭୁଙ୍କ ନିକଟକୁ ଫେରାଇ ଅଣାଯାଉ’ ପୁରୀ ଅଫିସ,୧୫।୫: ମହାପ୍ରଭୁଙ୍କ କୋହିନୁର ହୀରା ଖୁବ୍‌ଶୀଘ୍ର ଫେରିବ ବୋଲି ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି। ଯାହା ଓଡ଼ିଶା ତଥା ଜଗନ୍ନାଥ ପ୍ରେମୀଙ୍କ ପାଇଁ ଖୁସିର ବିଷୟ। ତେବେ ଇଂଲଣ୍ଡ ସରକାର ମାନିଛନ୍ତି କି କୋହିନୁର ହୀରା ଭାରତର ବୋଲି। ତେଣୁ ସମୟ ଆସିଛି କୋହିନୁର ଖାଲି ଭାରତର ନୁହେଁ ଏହା ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କର। ପ୍ରମାଣ ପାଇଁ ରାଜା ରଣଜିତ୍ ସିଂହଙ୍କ ଉଇଲ ପୁରୀ ପଞ୍ଜାବ ପଣ୍ଡାଙ୍କ ନିକଟରେ ରହିଛି। ଯେଉଁଥିରେ ରାଜା ରଣଜିତ ସିଂହ ସଙ୍କଳ୍ପନାମା ମଧ ରହିଛି। ରାଜାଙ୍କ ଆଖି ଖରାପ ଯୋଗୁ ଆଖି ଫେରିପାଇବା ଆଶାରେ ମହାପ୍ରଭୁଙ୍କୁ କୋହିନୂର ହୀରା ପ୍ରଦାନ କରିବା ପାଇଁ କହିଥିଲେ। ମାତ୍ର ସେ ଦେଇ ପାରିନଥିଲେ। ଇଂରେଜମାନେ ତାଙ୍କ ନାତି ଦିଲୀପ ସିଂହଙ୍କ ଠାରୁ ନେଇଯାଇଥିଲେ। ଏନେଇ ପୂର୍ବତନ ରାଣୀ ଏଲିଜାବେଥ ଦ୍ୱିତୀୟଙ୍କୁ ଅବଗତ କରାଯାଇଥିଲା। ଇଂଲଣ୍ଡ ସରକାରଙ୍କ ସହ ଆଲୋଚନା କରି କୋହିନୁର ହୀରା ନେଇଥିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ କୋହିନୂର ହୀରା ଭାରତ ଫେରାଇ ଆଣିବା ପାଇଁ ଇଂଲଣ୍ଡ ସରକାର ଅନୁମତି ଦେଇଛନ୍ତି। ତେଣୁ ଇଂଲଣ୍ଡର ପ୍ରଧାନମନ୍ତ୍ରୀଙ୍କୁ ପଟ୍ଟନାୟକ ଧନ୍ୟବାଦ ଜଣାଇବା ସହ କୋହିନୂର ହୀରାକୁ ମହାପ୍ରଭୁଙ୍କ ନିକଟକୁ ପଠାଇବା ପାଇଁ ଭାରତ ପ୍ରାଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏ ନେଇ ଶ୍ରୀଜଗନ୍ନାଥ ସେନା ସମସ୍ତ ପ୍ରମାଣ ନେଇ ପ୍ରଧାନମନ୍ତ୍ରୀଙ୍କୁ ଦରଖାସ୍ତ କରିବେ ବୋଲି ପଟ୍ଟନାୟକ କହିଛନ୍ତି।

### ମହାପ୍ରଭୁଙ୍କ ଜଳକ୍ରୀଡା ନୀତି ସମ୍ପନ୍ନ

ପୁରୀ ଅଫିସ, ୧୫।୫ - ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ଜଳକ୍ରୀଡା ନୀତି ସମ୍ପନ୍ନ ହୋଇଛି । ଏଥିଲାଗି ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଦ୍ୱାରଫିଟା ପରେ ମହାପ୍ରଭୁଙ୍କ ମଙ୍ଗଳ ଆଳତୀ, ମଇଲମ, ଅବକାଶ ପୂଜା ପରେ ଅନ୍ୟାନ୍ୟ ନୀତି ବଢି ସକାଳଧୂପ , ଭୋଗମଣ୍ଡପ ସରି ଶ୍ରୀବିଗ୍ରହ ଙ୍କ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଆଲଟ ଲାଗି , ଚନ୍ଦ ଲାଗି ପରେ ମହାପ୍ରଭୁଙ୍କ ବେଶ ବଢି ଯାତ ଭୋଗ ହୋଇଥିଲା । ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଏବଂ ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ଶ୍ରୀଦେବୀ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହାତରେ ପାଲିଙ୍କିକୁ ବୀଜେ ହୋଇଥିଲେ । ପରେ ଶ୍ରୀମନ୍ଦିର ପରିସରରେ ଥିବା ରୋହିଣୀ କୁଣ୍ଡ ନିକଟସ୍ଥ ତଥା ନୃସିଂହ ମନ୍ଦିରର ପଶ୍ଚାତ ଭାଗରେ ଥିବା ଜଳକ୍ରୀଡା ମଣ୍ଡପକୁ ବୀଜେ କରିଥିଲେ । ମଣ୍ଡପ ମଧ ଭାଗରେ ଏକ ପ୍ରସ୍ତର ନିର୍ମିତ କୁଣ୍ଡ ରହିଛି। ଏହି କୁଣ୍ଡରେ ସୁବାସିତ ଜଳପୂର୍ଣ୍ଣ ହୋଇ ରହିଥାଏ । ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ଏହି ସୁବାସିତ ଜଳପୂର୍ଣ୍ଣ କୁଣ୍ଡରେ ବୀଜେ କରିଥିଲେ । ପରେ ମୁଦିରସ୍ତ ଠାକୁର ଏବଂ ଠାକୁରାଣୀଙ୍କୁ ଚନ୍ଦନ ପାଣି ପିଚିକାରୀ ନୀତି ସମ୍ପନ୍ନ କରିଥିଲେ । ପରେ ପ୍ରସାଦ ଲାଗି କରାଯାଇଥିଲା ପ୍ରସାଦ ଲାଗି ସମ୍ପନ୍ନ ହେବା ପରେ ଠାକୁର ଓ ଠାକୁରାଣୀଙ୍କ ନିକଟରେ ପୂଜାପଣ୍ଡା ସାମନ୍ତ ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହୀ କରିଥିଲେ।ଭୋଗ ପରେ ଠାକୁର , ଠାକୁରାଣୀଙ୍କୁ ଜଳ ମଧରୁ ଅଣାଯାଇ ଶ୍ରୀଅଙ୍ଗ ପୋଛାଯିବା ସହ ମଇଲମ କରାଯାଇଥିଲା । ପରେ ମାଳଫୁଲ ଲାଗି କରାଯିବା ସହ ବେଶ ବଢିଥିଲା । ପରେ ଠାକୁର ଏବଂ ଠାକୁରାଣୀ ପାଲିଙ୍କିରେ ବିଜେ ହୋଇ ବାହୁଡା ବୀଜେ କରିଥିଲେ । ତେବେ ଭିତର ଚନ୍ଦନ ସମୟରେ ଜଳକ୍ରୀଡ଼ା ମଣ୍ଡପରେ ୪ ଥର ମହାପ୍ରଭୁଙ୍କ ଜଳକ୍ରୀଡା ନୀତି ଅନୁଷ୍ଠିତ ହୋଇଥାଏ । ଜ୍ୟୋଷ୍ଠ କୃଷ୍ଣ ଏକାଦଶୀ ବା ଜଳ କ୍ରୀଡା ଏକାଦଶୀ , ସାବିତ୍ରୀ ଅମାବାସ୍ୟା, ଶୀତଳଶଷ୍ଠୀ ଏବଂ ଜ୍ୟୋଷ୍ଠ ଏକାଦଶୀ ବା ରୁକ୍ମିଣୀହରଣ ଏକାଦଶୀରେ ମହାପ୍ରଭୁଙ୍କର ଏହି ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହୋଇଥାଏ ।

# ମଙ୍ଗଳାଙ୍କ ଚନ୍ଦନ ଯାତ୍ରା ହଳଦୀ ପାଣିରେ ଉଦ୍‌ଯାପିତ

କାକଟପୁର,୧୫।୫(ଡି.ଏନ୍.ଏ.)



ଅକ୍ଷୟ ତୃତୀୟାଠାରୁ ମା’ ମଙ୍ଗଳାଙ୍କ ମନ୍ଦିରରେ ଆରମ୍ଭ ହୋଇଥିବା ଚନ୍ଦନ ଯାତ୍ରା ସୋମବାର ହଳଦୀ ପାଣି ନୀତି ହୋଇ ଶେଷ ହୋଇଛି। ମନ୍ଦିରର ନୀତି ନିର୍ଘଣ୍ଟ ଅନୁଯାୟୀ ମଙ୍ଗଳା ମନ୍ଦିରରୁ ସନ୍ଧ୍ୟା ୬ଘଟିକାଠାରୁ ମନ୍ଦିର ମଧ୍ୟରେ ଥିବା ରାଧାକୃଷ୍ଣ ଜୀଉଙ୍କୁ ଏକ ସୁସଜ୍ଜିତ ବିମାନରେ ମନ୍ଦିର ପୂଜାପଣ୍ଡା ସେବାୟତଙ୍କ ଦ୍ୱାରା ବିଜେ କରାଯାଇ ପାରମ୍ପରିକ ବାଦ୍ୟ, ଢୋଲ ମାଦଳ, ଘଣ୍ଟଘଣ୍ଟା, ଶଙ୍ଖ କାହାଳି ଇତ୍ୟାଦି ବାଦ୍ୟର ତାଳେତାଳେ ଏକ ବିରାଟ ପଟୁଆରରେ ମଙ୍ଗଳା ମନ୍ଦିରଠାରୁ ଚନ୍ଦନ ଘାଟକୁ ବିଜେ କରିଥିଲେ। ଏହି ପଟୁଆରରେ ତହସିଲଦାର ତଥା ମନ୍ଦିର ଟ୍ରଷ୍ଟି ବିରଞ୍ଚି ନାରାୟଣ ବେହେରା, କାକଟପୁର ଥାନା ଅଧିକାରୀ ପ୍ରିୟରଞ୍ଜନ ନାୟକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ ଆଲଟ ଚାମର କରି ବିମାନକୁ ଚନ୍ଦନ ଘାଟ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଏହି ଅବସରରେ ଚନ୍ଦନ ଘାଟକୁ ବିଜେ କରୁଥିବା ଜୀଉଙ୍କୁ ଦର୍ଶନ କରିବା ପାଇଁ ମଙ୍ଗଳା ମନ୍ଦିରଠାରୁ ଚନ୍ଦନ ଘାଟ ପର୍ଯ୍ୟନ୍ତ କାକଟପୁର ବଜାରର ୨ ପାର୍ଶ୍ୱରେ ଶତାଧିକ ଶ୍ରଦ୍ଧାଳୁ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା। ଚନ୍ଦନ ମଣ୍ଡପରେ ପଟୁଆର ପହଞ୍ଚିବା ପରେ ସେଠାରେ ପ୍ରାଚୀ ନଦୀର ସୁବାସିତ ଜଳରେ ରାଧାକୃଷ୍ଣଙ୍କୁ ସ୍ନାନ କରାଯିବା ପରେ ବାଲଭୋଗ ନୀତି ଅନୁଷ୍ଠିତ ହେଇଥିଲା। ପରେ ଶ୍ରୀ ବିଗ୍ରହଙ୍କୁ ପ୍ରାଚୀ ନଦୀରେ ଚାପ ଡଙ୍ଗାରେ ବିଜେ କରାଯାଇ ଜଳକ୍ରୀଡା କରାଯିବା ପରେ ଶ୍ରୀ ବିଗ୍ରହ ବାଟରେ ଚାଟେରି ଭୋଗ ଲାଗି କରାଯାଇ ହଳଦୀ ପାଣିରେ ନୀତି କରାଯାଇ ମନ୍ଦିର ବିଜେ କରାଯାଇଥିଲା। ଉକ୍ତ ଯାତ୍ରାକୁ ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା, ସମ୍ପାଦକ ପବିତ୍ରମୋହନ ଦୀକ୍ଷିତ, ଉପସଭାପତି କମଳଲୋଚନ ଦୀକ୍ଷିତ, ତୁଷାରରଞ୍ଜନ ଦୀକ୍ଷିତ, ପ୍ରଦୀପ୍ତ ଦୀକ୍ଷିତ, ପ୍ରଦୀପ ପଣ୍ଡାଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମାପନ କରାଯାଇଥିଲା।



ନିମାପଡ଼ାର ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବୈଶାଖୀ ଉତ୍ସବରେ ନୃତ୍ୟାଳୟର କଳାକାରମାନେ ନୃତ୍ୟାଭିନୟ ମାଧ୍ୟମରେ ମା’ ଦୁର୍ଗାଙ୍କ ବନ୍ଦନା ପରିବେଷଣ କରୁଛନ୍ତି ।

# ଜନଅଭିଯୋଗ ଶୁଣାଣି ଶିବିର


ଜନଶୁଣାଣିରେ ଯୋଗଦେଇଥିବା ଅଧିକାରୀମାନେ।

ସାକ୍ଷୀଗୋପାଳ, ୧୫।୫ (ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକରେ ସୋମବାର ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ତରଫରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପ୍ରଶାସନ ପକ୍ଷରୁ ଏଡିଏମ କୈଳାସ ଚନ୍ଦ୍ର ନାୟକ, ରଶ୍ମିତା ଦାଶ ଯୋଗଦେଇଥିବା ବେଳେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନିଲ କୁମାର ପଣ୍ଡା, ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଡିଓ ଲୋଚନ ଦାଶ, ଥାନା ଆଇଆଇସି ବିଜୟକେତନ ବେହେରା, ସତ୍ୟବାଦୀ ମେଡିକାଲ ଅଫିସରଙ୍କ ସମେତ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ବ୍ଲକରୁ ମାତ୍ର ୧୫ଜଣ ହିତାଧିକାରୀ ଯୋଗଦେଇ ସେମାନଙ୍କ ଅଭିଯୋଗକୁ ଉପସ୍ଥିତ ଅଧିକାରୀଙ୍କୁ ଜଣାଇଥିଲେ। ଅନ୍ୟପଟେ ଉପଯୁକ୍ତ ପ୍ରସାର ପ୍ରଚାର ନ ହେବା କାରଣରୁ ଲୋକେ ଜନଶୁଣାଣି ବିଷୟରେ ଜାଣି ପାରୁନଥିବାର ଅଭିଯୋଗ ହେଉଛି। ପ୍ରକାଶ ଥାଉକି, ବ୍ଲକରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହେଉଛି। କିନ୍ତୁ ପ୍ରଶାସନ ପକ୍ଷରୁ ଠିକ୍ ଭାବେ ପ୍ରଚାର ପ୍ରସାର ହେଉ ନାହିଁ। ଯଦ୍ୱାରା ଲୋକେମାନେ କାର୍ଯ୍ୟକ୍ରମ ବିଷୟରେ ଅବଗତ ହୋଇପାରୁନାହାନ୍ତି। ଯାହା ରାଜ୍ୟ ସରକାରଙ୍କ ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମରୁ ହିତାଧିକାରୀ ସୁଫଳ ପାଇପାରୁ ନାହାନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣିର ଠିକ୍ ଭାବେ ପ୍ରଚାର କରିବାକୁ ସାଧାରଣରେ ଦାବି ହେଉଛି।

# ଜଳ ପାଇଁ ଭୋଟ ବର୍ଜନ କରିବେ ଗ୍ରାମବାସୀ

କାକଟପୁର,୧୫।୫(ଡି.ଏନ୍.ଏ.)

ରାଜ୍ୟ ସରକାର ରୁରାଲ ୱାଟର ସପ୍ଲାଏ ଆଣ୍ଡ ସାନିଟେଶନ(ଆର୍‌ଡବ୍ଲ୍ୟୁଏସ୍‌ଏସ୍) ଦ୍ୱାରା ପ୍ରତି ଗ୍ରାମରେ ମଧୁରଜଳ ଯୋଗାଣ ପାଇଁ ବ୍ୟବସ୍ଥା କରିଛନ୍ତି। ହେଲେ ପୁରୀ ଜିଲା କାକଟପୁର ବ୍ଲକ କଟକଣା ପଞ୍ଚାୟତର ୱାର୍ଡ ନଂ.୧୧ର ବାସିନ୍ଦା ଏଥିରୁ ବଞ୍ଚିତ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଗ୍ରାମ ବିଦ୍ୟାଳୟ ଆଗରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ପାଇପ ଯୋଗେ ଟ୍ୟାପ ବସାଇ ସୁବିଧାରେ ଜଳ ଯୋଗାଇବାକୁ ବ୍ୟବସ୍ଥା ହୋଇଥିଲେ ସୁଧା ଏପର୍ଯ୍ୟନ୍ତ ମଧୁର ଜଳ ଯୋଗାଇ ଦିଆଯାଇ ନାହିଁ। ବିଦ୍ୟାଳୟରେ ପଢୁଥିବା ପିଲାମାନେ ଓ ଗ୍ରାମବାସୀ ପାଣି ଟୋପେ ପିଇବାକୁ ନାନା ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଗ୍ରାମରେ ନଳକୂଅରୁ ଗୋଳିଆ ପାଣି ବାହାରୁ ଥିବାବେଳେ କେତୋଟି ସଂଯୋଗ ହୋଇଥିବା ପାଇପରେ ଠିକ୍ ଭାବେ ପାଣି ଆସୁନାହିଁ। ଏ ସଂକ୍ରାନ୍ତରେ ଆଜମପୁର ଗ୍ରାମବାସୀ ସ୍ଥାନୀୟ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ କେହି ଶୁଣୁ ନାହାନ୍ତି। ଫଳରେ ଏ ନେଇ ଗ୍ରାମବାସୀ ଏକ ଲିଖିତ ଅଭିଯୋଗ ବିଡିଓଙ୍କ ନିକଟରେ କରିଛନ୍ତି। ଜଳ ଯୋଗାଣ ବିଭାଗ ତରଫରୁ ଯଦି ଖୁବ୍‌ଶୀଘ୍ର ମଧୁର ଜଳ ଯୋଗାଣ ଆଜମପୁର ଗ୍ରାମବାସୀଙ୍କୁ ଯୋଗାଇ ଦିଆ ନଯାଏ, ତେବେ ଆସନ୍ତା ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ହମିଦୁଲା ଖାନ, ଏମ୍. ଡି. ଜରାଲ, ରୋହିତ କାଣ୍ଡି, ସୁଜନ କାଣ୍ଡି, ସୁକାନ୍ତ ବେହେରା, ଗୁଲାମ ଅଲି ଖାନ, ଅରିଫ ଖାନ, ଶେଖ ଶୁଭମ, ଅବଦୁଲ ହୁସେନ, ଏସ୍.କେ. ଅବରାଲ, ଏସ୍. କେ. ଅବଦୁଲ ମଜିଦ, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବିମୋହିତ କଲା ଦୁର୍ଗା ବନ୍ଦନା ‘ଜଟାଜୁଟ’

## ବୈଶାଖୀ ଉତ୍ସବ

ନିମାପଡ଼ା,୧୫।୫(ଡି.ଏନ୍.ଏ)

ନିମାପଡ଼ାର ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୧୪ଶ ବୈଶାଖୀ ଉତ୍ସବ -୨୦୨୩ ସୋମବାର ସନ୍ଧ୍ୟାରେ ଶହୀଦ ଭବନ ମୁକ୍ତାକାଶ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପ୍ରତିଷ୍ଠିତ କବି, ଲେଖିକା, ସାହିତ୍ୟିକ, ସଂସ୍କୃତିପ୍ରେମୀ ତଥା ଏୟୁଟିଏଫ୍‌ର ଉପସଭାନେତ୍ରୀ, ଶିକ୍ଷାବିତ୍ ସଙ୍ଗୀତ ଦାଶ, ଏନ୍ଏସି ଉପାଧ୍ୟକ୍ଷ ଯୁବନେତା ସନ୍ତୋଷ ଦାଶ ପ୍ରମୁଖ ଯୋଗଦେଇ କଳାକାର, ନୃତ୍ୟଶିଳ୍ପୀଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ହଜି ଯାଉଥିବା ଓଡ଼ିଶୀର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଲୋକକଳାକୁ ଉଜ୍ଜୀବିତ କରି ରଖିବାକୁ ନୃତ୍ୟାଳୟ ଅନୁଷ୍ଠାନର ପ୍ରୟାସକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀର ଖ୍ୟାତନାମା ନୃତ୍ୟଶିଳ୍ପୀଙ୍କ ପକ୍ଷରୁ ଗୁରୁ ବିଷ୍ଣୁଚରଣ ସାମଲ, ସୁଦେଷ୍ଣା ପ୍ରଧାନ, ଗୁରୁ ରାଜକିଶୋର ଜେନା, ଋତୁ ଇତିଶ୍ରୀ ରାୟଙ୍କ ନିର୍ଦ୍ଦେଶିତ ଓଡ଼ିଶୀ ନୃତ୍ୟ, ପଲ୍ଲୀନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ, କଲିକତାର ପ୍ରଖ୍ୟାତ ଗୁରୁ ଡ. ଦେବଲଦେବ ଜନାଙ୍କ ସଂଯୋଜିତ ନିର୍ଦ୍ଦେଶିତ, ଅଭିନୟ ଭାରତନାଟ୍ୟମ ପରିବେଶିତ ହୋଇଥିଲା। ହେଲେ ମା’ଦୁର୍ଗାଙ୍କ ବନ୍ଦନା ଉପରେ ଆଧାରିତ ନୃତ୍ୟ ଜଟାଜୁଟ ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା। ଓଡ଼ିଶୀ ନୃତ୍ୟରେ ମଙ୍ଗଳାଚରଣରେ ଅଗ୍ରପୂଜ୍ୟ ବିଘ୍ନନାଶକଙ୍କ ରୂପକୁ ନେଇ ଗଣେଶ ବନ୍ଦନା ନୃତ୍ୟ ପରିବେଶିତ ହୋଇଥିଲା। ଏହିଅବସରରେ ଅନୁଷ୍ଠାନ ପକ୍ଷରୁ ଜଣେ ସ୍ୱନାମଧନ୍ୟ ବରିଷ୍ଠ ଖବରଦାତା ବିଚିତ୍ରାନନ୍ଦ ସାହୁ ଏବଂ ନୃତ୍ୟଗୁରୁ ଡ. ଦେବଲଦେବ ଜନାଙ୍କୁ ନୃତ୍ୟାଳୟ ସମ୍ମାନ, ହାସ୍ୟ ଅଭିନେତା, ମଞ୍ଚ କଳାକାର କାଶୀନାଥ ବେହେରାଙ୍କୁ ଗୁରୁ ଗଙ୍ଗାଧର ପ୍ରଧାନ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ପଳତା, ନୃତ୍ୟଶିଳ୍ପୀ ପ୍ରଜ୍ଞା ପରମିତା ନାୟକ ମଞ୍ଚ ଓ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ।

# ମହାପ୍ରଭୁଙ୍କ ଦର୍ଶନ କଲେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ

ପୁରୀ ଅଫିସ ୧୫।୫

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ କୈଳାଶ ଚୌଧୁରୀ ସୋମବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମନ୍ତ୍ରୀ ଚୌଧୁରୀଙ୍କୁ ଦଳୀୟ କର୍ମକର୍ତ୍ତା ଓ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସେ ଶ୍ରୀମନ୍ଦିରରେ ଯାଇ ଭିତର କାଠ ନିକଟରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଥିଲେ। ଭିତର ବେଢାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଅତିବାହିତ କରି ପ୍ରସ୍ଥାନ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ନେଇଥିଲେ। ଦେଶର ସୁଖ ସମୃଦ୍ଧି କାମନା କରିବା ସହ ଶାନ୍ତି ନେଇ ପ୍ରାର୍ଥନା କରିଥିଲେ। କେନ୍ଦ୍ର ସରକାର କୃଷି ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଥିଲେ।

# ଉଦ୍ଭିଦ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ରମାନେ ।

କଣାସ,୧୫।୫(ସ୍ୱ.ପ୍ର.)

କଣାସ ବ୍ଲକ ଦୟାବିହାରଠାରେ ପ୍ରତିଷ୍ଠିତ ଦୟାବିହାର ସ୍ନାତକ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର +୩ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ଉତ୍ସବ ସୋମବାର ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଛାତ୍ରୀଛାତ୍ରଙ୍କୁ ସୁ ନାଗରିକ ହେବା, ନିଜର ଭବିଷ୍ୟତକୁ ସୁଦୃଢ କରିବାକୁ ପରାମର୍ଶ ଦିଆଯାଇଥିଲା। ବିଭାଗୀୟ ମୁଖ୍ୟ ଗୁପ୍ତେଶ୍ୱର ସ୍ୱାଇଁ, ଓଡ଼ିଆ ବିଭାଗ ମୁଖ୍ୟ ଅସିତ୍ ନରେନ୍ଦ୍ର, ଭୂଗୋଳ ବିଭାଗ ମୁଖ୍ୟ ଲକ୍ଷ୍ମୀକାନ୍ତ ସାହୁ, ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଶ୍ନହରି ପ୍ରଧାନ, ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ବିଜୟ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ପରୋପକାର, ସେବାମନୋବୃତ୍ତି ନେଇ ଆଗକୁ ବଢିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଡେମୋନଷ୍ଟ୍ରେଟର ବିଶ୍ୱମ୍ଭର ପାଇକରାୟ, ଲାବରେଟୋରି ଆଟେଣ୍ଡାଣ୍ଟ ପ୍ରତାପ ମାଝୀ ଉପସ୍ଥିତ ଥିଲେ। ଶେଷବର୍ଷ ଛାତ୍ର ସ୍ମୃତିରଞ୍ଜନ ଗତଜ୍ୟୋତି, ଛାତ୍ରୀ ସୋଲାନିକା ସେମାନଙ୍କ ମହାବିଦ୍ୟାଳୟର ନିଜ ବିଭାଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ମୃତିଚାରଣ କରିଥିଲେ ।

# ବନ୍ୟା ପୂର୍ବରୁ ବିପଦସଙ୍କୁଳ ନଦୀବନ୍ଧ ସୁଦୃଢ଼ କରାଯିବ

ଗୋପ,୧୫।୫(ଡି.ଏନ୍.ଏ.)

ନୂତନ ଭାବେ ଯୋଗଦେଇଥିବା ନିମାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ଦଳାଇ ସୋମବାର ପୂର୍ବାହ୍ନରେ ଗୋପ ଜଳ ସମ୍ପଦ ବିଭାଗ ଅଧୀନ କୁଶଭଦ୍ରା, ଧନୁଆ, ସିଆରକଟ୍ ନଦୀ ବନ୍ଧ ବୁଲି ଦେଖିଛନ୍ତି। ପ୍ରକାଶ ଯେ, ଗୋପ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ୬୭ କି.ମି. କୁଶଭଦ୍ରା ନଦୀ, ୧୨ କି.ମି. ଧନୁଆ ନଦୀବନ୍ଧ ଓ ୧୦ କି.ମି. ସିଆରକଟ୍ ନଦୀ ବନ୍ଧ ରହିଥିବା ସମୟରେ ବିଭିନ୍ନ ପଞ୍ଚାୟତରେ ମଧ ଚାଷ କାର୍ଯ୍ୟ ଲାଗି କେନାଲ ରହିଛି। ଏହିସବୁ ନଦୀବନ୍ଧ ଓ କେନାଲ ବନ୍ଧ ଉପରେ କେତେକ ସ୍ଥାନରେ ସାଧାରଣ ଲୋକଙ୍କ ପାଇଁ ଯା’ଆସ କରିବାକୁ ରାସ୍ତା ରହିଛି। ଏସବୁ ନଦୀବନ୍ଧ, କେନାଲ ବନ୍ଧ, କେନାଲ ସହିତ ରାସ୍ତାଗୁଡ଼ିକ ପାଇଁ ପ୍ରତ୍ୟେକବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଅଧୀକ୍ଷଣ ଯନ୍ତ୍ରୀ ଦଳାଇ ଗୋପ ଜଳ ସମ୍ପଦ ବିଭାଗରେ ପହଞ୍ଚି ପ୍ରଥମେ ବିଭିନ୍ନ ନଦୀବନ୍ଧର ସୁରକ୍ଷା ଦାୟିତ୍ୱ ନେବାକୁ ନେଇ ମ୍ୟାପ ଦେଖିଥିଲେ। ପରେ ଯନ୍ତ୍ରୀ ଦଳାଇଙ୍କୁ ଗୋପ ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କିଶୋର ମହାନ୍ତି, ସହକାରୀ ଯନ୍ତ୍ରୀ ସଞ୍ଜୀବ ସାହୁ, ମହେଶ୍ୱର ବେହେରା ପ୍ରମୁଖ ବିଭିନ୍ନ ନଦୀବନ୍ଧ ବୁଲି ଦେଖାଇଥିଲେ। ବନ୍ୟା ପୂର୍ବରୁ ନଦୀବନ୍ଧକୁ ସୁଦୃଢ କରିବାକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ମହାନ୍ତିଙ୍କୁ ଅଧୀକ୍ଷଣ ଯନ୍ତ୍ରୀ ଦଳାଇ ନିର୍ଦ୍ଦେଶ ଦେଇଥିଲେ। ଏପରି ନଦୀବନ୍ଧ ବୁଲିବାକୁ ନେଇ ଅଧୀକ୍ଷଣ ଯନ୍ତ୍ରୀ ଦଳାଇଙ୍କୁ ପଚାରିବାରେ, ଚଳିତବର୍ଷ ବନ୍ୟା ପୂର୍ବରୁ ସମସ୍ତ ନଦୀବନ୍ଧ ଉପରେ ଗୁରୁତ୍ୱ ଦିଆଯାଇଛି। କେତେକ ସ୍ଥାନରେ ବିପଦସଙ୍କୁଳ ନଦୀବନ୍ଧକୁ ସୁଦୃଢ କରିବା ସହ ଅନ୍ୟାନ୍ୟ କାର୍ଯ୍ୟ ଉପରେ ମଧ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ।

# ଗଛରେ ଝୁଲୁଛି ଯୁବକଙ୍କ ମୃତଦେହ

ଡେଲାଙ୍ଗ୧୫।୫(ଡି.ଏନ୍.ଏ.)

ଡେଲାଙ୍ଗ ଥାନା ଅଞ୍ଚଳର ଗୋଡିପୁଟମାଟିଆପଡା ପଞ୍ଚାୟତର ପାତ୍ରପଡା ଗ୍ରାମ ସନ୍ନିକଟ ତାଳେଶ୍ୱର ମନ୍ଦିର ନିକଟରେ ସୋମବାର ଏକ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବାର ଜଣାପଡିଛି। ଖବରପାଇ ରାତ୍ର ୮ସମୟରେ ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ କର୍ମଚାରୀ ସହିତ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଥିବା ସୂଚନା ମିଳିଛି। ମୃତ ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ବୟସ ପ୍ରାୟ ୩୫ ବର୍ଷରୁ ଊର୍ଦ୍ଧ୍ୱ ଅନୁମାନ କରାଯାଉଛି। ସେହିଭଳି ଦେହରେ କଳା ରଙ୍ଗର ହାଫ୍ ପ୍ୟାଣ୍ଟ, ଖଇରିଆ ରଙ୍ଗର ହାତକଟା ଗଞ୍ଜି ପିନ୍ଧିଛନ୍ତି। ଗାମୁଛାରେ ମୃତଦେହଟି ଝୁଲୁଥିବା ବେଳେ ଗଛଡାଳରେ କଳାରଙ୍ଗର ଫୁଲ ଜିନ୍ସ ପ୍ୟାଣ୍ଟ ଓ ପିଙ୍କ୍ ରଙ୍ଗର ଏକ ଶାର୍ଟ ରଖାଯାଇଛି। ତେବେ ଯୁବକ ଜଣକ ଆତ୍ମହତ୍ୟା କରିଛନ୍ତି ନା କେହି ହତ୍ୟା କରି ଏଠି ଝୁଲାଇଛନ୍ତି ସେନେଇ ପୋଲିସ ତଦନ୍ତ ଚଳାଇଛି।



ପୁରୀ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଆଖଣ୍ଡଳମଣି ଅଟୋଚାଳକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ସହ ସଦସ୍ୟମାନେ ।

# ଜିଲାସ୍ତରୀୟ ଷଷ୍ଠ ଜଳ କ୍ରୀଡ଼ା ପ୍ରତିଯୋଗିତା

ପୁରୀ ଅଫିସ, ୧୫।୫:


ଜଳକ୍ରୀଡା ପ୍ରତିଯୋଗିତା ଚାଲିଛି ।

ପୁରୀ ଜିଲା ଆକ୍ୟୁଟିକ ସଂଘ ଓ ପୁରୀ ଜିଲା କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ସ୍ଥାନୀୟ ଶ୍ରୀଜଗନ୍ନାଥ ଷ୍ଟାଡିୟମ ପରିସରରେ ଷଷ୍ଠ ପୁରୀ ଜିଲାସ୍ତରୀୟ ଜଳକ୍ରୀଡ଼ା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଛି। ଏହାକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଉଦଘାଟନ କରି କ୍ରୀଡ଼ା ଶରୀରକୁ ସୁସ୍ଥ ଓ ଫୂର୍ତ୍ତି ରଖିବା ସହ ଜୀବନକୁ ଶୃଙ୍ଖଳିତ କରିଥାଏ ବୋଲି କହିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଏହି ସନ୍ତରଣାଗାରରେ ଏହା ପ୍ରଥମ ସନ୍ତରଣ ପ୍ରତିଯୋଗିତା କହି ଜାତୀୟ ସଙ୍ଗୀତ ଗାନ କରାଇ ଏହାକୁ ଏକ ସ୍ମାରକୀ ପ୍ରତିଯୋଗିତା ବୋଲି କହିଥିଲେ। ଅତିଥି ଭାବେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଜିଲା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜେଏସ୍‌ଡବ୍ଲ୍ୟୁର କ୍ରୀଡ଼ା ସଂଯୋଜକ ସ୍ୱାଗତ ମହାପାତ୍ର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ସନ୍ତରଣ ସଂଯୋଜକ ବିନାୟକ ପ୍ରସାଦ ରାଓ ଉପସ୍ଥିତ ଥିଲେ। ଏଥିରେ ମୋଟ ୮୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୪ଟି ସନ୍ତରଣ ଷ୍ଟ୍ରୋକ ଉପରେ ମୋଟ ୩୭ଟି ଇଭେଣ୍ଟ ଓଡ଼ିଶା ରାଜ୍ୟ ସନ୍ତରଣ ସଂଘର ୧୫ ଜଣିଆ ସ୍ୱତନ୍ତ୍ର ବୈଷୟିକ ଦଳ ‘ଫିନା ନିୟମ’ ମୁତାବକ ପରିଚାଳନା କରିଥିଲେ। ଜିଲା ଆରକ୍ଷୀ ବିଭାଗ, ବେଳାଭୂମି ଲାଇଫ ଗାର୍ଡ଼ ସଂଘ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସେବା ଯୋଗାଇଥିଲେ। ନୂତନ ସନ୍ତରଣାଗାର ପୁରୀରେ ନିର୍ମାଣ କରାଯାଇଥିବାରୁ କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶ୍ରୀକାନ୍ତ ନାୟକ, ସୁମିତ ସାହୁ, ହରି ରାଓ, ଶୋଭନ ମହାନ୍ତି ଏବଂ ନାରାୟଣ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାକୁ ସଫଳତାର ସହିତ ସମାପନ କରିଥିବାରୁ ଜିଲା ଆକ୍ୟାଟିକ ଆସୋସିଏଶନ ତରଫରୁ ସଭାପତି ସପନ କୁମାର ମିଶ୍ର ଏବଂ ସାଧାରଣ ସମ୍ପାଦକ ରାଜୀବ ଲୋଚନ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ ପୁରୁଷ ବିଭାଗ (ସିନିୟର ବିଭାଗରେ ପ୍ରଭାତ କୁମାର ପ୍ରଧାନ ପ୍ରଥମ, ସୁରେଶ କୁମାର ବାରିକ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବାଳକ ବିଭାଗ (ଜୁନିୟର) ବିଭାଗରେ ରାହୁଲ କୁମାର ମିଶ୍ର ପ୍ରଥମ, ନୃସିଂହ ପ୍ରଧାନ ଦ୍ୱିତୀୟ ଏବଂ ସ୍ନେହାଂଶୁ ଦାସ ତୃତୀୟ ହୋଇଥିଲେ। ସେହିଭଳି ବାଳକ ବିଭାଗ (ସବ୍ ଜୁନିଅର) ବିଭାଗରେ ଉଦୟ ଶଙ୍କର ଶର୍ମା ପ୍ରଥମ, ସୋମ ମିଶ୍ର ଦ୍ୱିତୀୟ ଏବଂ ଆଦିତ୍ୟ ପ୍ରସାଦ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ବାଳିକା ବିଭାଗ, ସବ୍ ଜୁନିଅର ବିଭାଗରେ ରିଭାଲିନ ଦାସ ପ୍ରଥମ, ପରିଣିତା ପ୍ରିୟଦର୍ଶୀ ଦ୍ୱିତୀୟ ଏବଂ ଅର୍ପିତା ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ‘ବିଶ୍ୱ ନୀତି ନିର୍ଦ୍ଧାରଣରେ ସଂସ୍କୃତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ’

## ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ବୈଠକରେ ପ୍ରତିନିଧିସ୍ତରୀୟ ଆଲୋଚନା

**ଏହା କେବଳ କୂଟନୈତିକ ବୈଠକ ନୁହେଁ, ଭାରତ ପାଇଁ ଏକ ନୂଆ ଦାୟିତ୍ୱ: କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ**

ଭୁବନେଶ୍ୱର, ୧୫।୫ (ବ୍ୟୁରୋ)




ବିଶ୍ୱ ନୀତି ନିର୍ଦ୍ଧାରଣରେ ସଂସ୍କୃତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହି ପରିପ୍ରେକ୍ଷୀରେ ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ବିଭିନ୍ନ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ସହଭାଗିତାକୁ ପ୍ରୋତ୍ସାହନ ଦେବା ଏବଂ ଆଲୋଚନାକୁ ପ୍ରସାରିତ କରିବା କ୍ଷେତ୍ରରେ ବଡ଼ ଦାୟିତ୍ୱ ଗ୍ରହଣ କରିଥାଏ। ସାଂସ୍କୃତିକ ଆଲୋଚନାକୁ ପ୍ରୋତ୍ସାହନ ଦେବା ସହ ସହଭାଗୀ ଅଧ୍ୟୟନକୁ ଆଗେଇ ନେବା ଏବଂ ସଦସ୍ୟଙ୍କ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଲାଗି ଭାରତ ସଂକଳ୍ପବଦ୍ଧ ରହିଛି ବୋଲି କେନ୍ଦ୍ର ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ ଜି. କିଷନ ରେଡ୍ଡୀ କହିଛନ୍ତି। ସୋମବାର ଆରମ୍ଭ ହୋଇଥିବା ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ବୈଠକର ପ୍ରତିନିଧିସ୍ତରୀୟ ଆଲୋଚନାରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଯୋଗଦେଇ କହିଲେ, ସାମାଜିକ ସଂଲଗ୍ନତାକୁ ପ୍ରୋତ୍ସାହନ ଦେବା, ଆନ୍ତଃସାଂସ୍କୃତିକ ଆଲୋଚନାକୁ ପ୍ରୋତ୍ସାହିତ କରିବା ଏବଂ ଆପୋସ ବୁଝାମଣା ବିକଶିତ କରିବା କ୍ଷେତ୍ରରେ ସଂସ୍କୃତିର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମର ପୂର୍ବସୂରୀଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ମୂଳଦୁଆକୁ ଆହୁରି ସୁଦୃଢ କରିବା ଏବଂ ଜି-୨୦ ଏଜେଣ୍ଡାରେ ସଂସ୍କୃତିକୁ ଏକ ପ୍ରମୁଖ କ୍ଷେତ୍ର ଭାବେ ଗ୍ରହଣ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ସ୍ଥାନୀୟ ପରମ୍ପରା ଓ ଜ୍ଞାନ ଆମକୁ ପରିବେଶର ଯତ୍ନ ନେବା ତଥା ବୁଦ୍ଧିମତା ପୂର୍ବକ ସମ୍ବଳର ଉପଯୋଗ କରିବା ନିମନ୍ତେ ଶିକ୍ଷା ଦେଇଥାଏ। ପ୍ରକୃତି ସହିତ ନିବିଡ଼ ଭାବେ ଜୀବନ ନିର୍ବାହ କରୁଥିବା ଲୋକେ ପରିବେଶ ସହିତ କିଭଳି ସନ୍ତୁଳନ ରକ୍ଷା କରି ଜୀବନ ନିର୍ବାହ କରିହେବ ତାହା ଜାଣନ୍ତି। ସେମାନଙ୍କ ଜ୍ଞାନ ଓ ପଦ୍ଧତିକୁ ଆଧୁନିକ ଦୀର୍ଘସ୍ଥାୟୀ ବିକାଶ ରଣନୀତି ସହ କାର୍ଯ୍ୟକାରୀ କରାଗଲେ ଆମେ ଅଧିକ ସହନଶୀଳ ତଥା ଦୀର୍ଘସ୍ଥାୟୀ ବିଶ୍ୱ ଓ ଭବିଷ୍ୟତ ନିର୍ମାଣ କରିପାରିବା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଲେ, ଉନ୍ନତ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ସାରା ବିଶ୍ୱର ମିଳିତ ପ୍ରୟାସ ପାଇଁ ଭାରତ ପରିକଳ୍ପନା କରିଛି। ଏହି ବୈଠକ କେବଳ ଏକ କୂଟନୈତିକ ବୈଠକ ନୁହେଁ, ଭାରତ ପାଇଁ ଏକ ନୂଆ ଦାୟିତ୍ୱ ବୋଲି ସେ କହିଛନ୍ତି। ସଂସ୍କୃତି ମନ୍ତ୍ରଣାଳୟ ସଚିବ ଗୋବିନ୍ଦ ମୋହନ ଜି-୨୦ ବିଷୟବସ୍ତୁକୁ ବିଶ୍ୱସ୍ତରରେ ସମସ୍ତଙ୍କ ପାଇଁ ନ୍ୟାୟପୂର୍ଣ୍ଣ ଏବଂ ନ୍ୟାସ ସଙ୍ଗତ ବିକାଶ ପାଇଁ ଏକ ଶକ୍ତିଶାଳୀ ବାର୍ତ୍ତା ବୋଲି କହିଥିଲେ।

ବୈଠକର ୩ଟି ଅଧିବେଶନରେ ୨ଟି ପ୍ରାଥମିକତା କ୍ଷେତ୍ରରେ ଜି-୨୦ ସଦସ୍ୟ, ଅତିଥି ରାଷ୍ଟ୍ର ଏବଂ ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ଆଲୋଚନା କରିଥିଲେ। ଆଲୋଚନାରେ ଦୀର୍ଘସ୍ଥାୟୀ ବିକାଶ ପାଇଁ ଦୃଢ ସୁପାରିସ ବିକଶିତ କରିବା ଏବଂ ଶ୍ରେଷ୍ଠ ପଦ୍ଧତିକୁ ଆଗେଇ ନେବା ନିମନ୍ତେ ସହଭାଗୀ କାର୍ଯ୍ୟାନୁଷ୍ଠାନ ଲାଗି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଚିହ୍ନଟ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି।

# ପ୍ରମାଣ ଅଭାବରୁ ଧଳସାମନ୍ତ ଭ୍ରାତା ନିର୍ଦ୍ଦୋଷ

**ଡାଲି ବ୍ୟବସାୟୀ ଫାରୁକ୍ ହତ୍ୟା ମାମଲା**



କଟକ ଅଫିସ, ୧୫।୫

କଟକର ବହୁଚର୍ଚ୍ଚିତ ମାଲଗୋଦାମ ଡାଲି ବ୍ୟବସାୟୀ ସେକ୍ ଫାରୁକ ଖାନ୍ ହତ୍ୟା ମାମଲାରେ ଧଳସାମନ୍ତ ଭ୍ରାତା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ଓ ସୁଶିଲ ଧଳସାମନ୍ତ ଏବଂ ସେମାନଙ୍କ ସହଯୋଗୀ ଆରିଫ ଖାଁଙ୍କୁ ସୋମବାର କଟକ ଜିଲା ଓ ଦୌରା ଜଜ୍ ଆବଶ୍ୟକ ତଥ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୪ ନଭେମ୍ବର ୧୧ରେ ସଂଘଟିତ ମାଲଗୋଦାମ ହୋଲସେଲ୍ ଡାଲି ବ୍ୟବସାୟୀ ଫାରୁକ ଖାନ୍ ହତ୍ୟା ମାମଲାରେ ପୋଲିସ ୮ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଧଳସାମନ୍ତ ଭ୍ରାତାଙ୍କ ୪ ଜଣ ସହଯୋଗୀ ପ୍ରମାଣ ଅଭାବରୁ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହୋଇସାରିଛନ୍ତି। ସେମାନେ ହେଲେ ଗ୍ୟାଙ୍ଗଷ୍ଟର ମହମ୍ମଦ ସକିଲ, ସେକ୍ ସୋନା, ସେକ୍ ବାବୁ, ଜଗତ୍‌ସିଂହପୁରର ଅସିତ୍ ଦାସ। ତେବେ ସୁଶାନ୍ତ ଓ ସୁଶିଲ ଧଳସାମନ୍ତ ଏବଂ ଆରିଫ ଏହି ମାମଲାରେ ଜେଲରେ ଅଛନ୍ତି। ସ୍ପଷ୍ଟ ଦିବାଲୋକରେ ଡାଲି ବ୍ୟବସାୟୀ ଫାରୁକ୍‌ଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଦୁର୍ବୃତ୍ତମାନେ ମୋଟର ସାଇକେଲରେ ଆସି ଫାରୁକ୍‌ଙ୍କ ଉପରକୁ ୫ ରାଉଣ୍ଡ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ଫାରୁକଙ୍କ ମୃତ୍ୟୁ ଘଟିଥିଲା। ମାଲଗୋଦାମ ଥାନା ପୋଲିସ ୨୦୧୮ରେ ଏହି ହତ୍ୟାକାଣ୍ଡର ପ୍ରାଥମିକ ଚାର୍ଜସିଟ କୋର୍ଟରେ ଦାଖଲ କରିଥିଲା। ପୁଣି ୨୦୨୧ ଡିସେମ୍ବର ୨୭ରେ ଧଳସାମନ୍ତଙ୍କ ୪ଜଣ ସହଯୋଗୀ ମାଛୁଆ ବଜାରର ଚନ୍ଦନ ବେହେରା, ସିଡିଏ ସେକ୍ଟର ୭ ଅଞ୍ଚଳର ଲଲନ ଗୁପ୍ତା, ରାଣୀହାଟ ଗୋପାଳ ସାହିର ଶଙ୍କର ଓରଫ ଦୀପକ କୁମାର ନାୟକ ଏବଂ ଲାଲବାଗ ଅଲିଶା ବଜାରର ରଞ୍ଜନ ବେହେରା ଓରଫ ରାଜାଙ୍କ ବିରୋଧରେ ପୋଲିସ ଜେଏମ୍‌ଏଫ୍‌ସି ସିଟି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା। ସେବେଠାରୁ ବିଭିନ୍ନ ସମୟରେ ମାମଲାର ଶୁଣାଣି ହୋଇ ବିଚାର ପ୍ରକ୍ରିୟା ଚାଲିଥିଲା।

# କମ୍ପାନୀ ପରିସରରୁ ଶ୍ରମିକଙ୍କ ମୃତଦେହ ଜବତ

ବାରଙ୍ଗ, ୧୫।୫(ଡି.ଏନ୍.ଏ.): ବାରଙ୍ଗ ଥାନା ରାମଦାସପୁରର ଇଡ୍‌କୋ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ଥିବା ଏକ କମ୍ପାନୀ ପରିସରରୁ ଝୁଲନ୍ତା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଗୋଡିସାହି ଫାଣ୍ଡି ପୋଲିସ ସୋମବାର ଜବତ କରିଛି। ମୃତକ ହେଲେ ପଶ୍ଚିମବଙ୍ଗ ଦକ୍ଷିଣ ଚବିଶ ପ୍ରଗଣା ଜିଲା ରାମନଗର ଥାନା ଅଞ୍ଚଳ ବିଶ୍ରା ଗ୍ରାମର ଗୋପାଳ ମୋହରା(୪୨)। ଗୋପାଳ ରାମଦାସପୁରର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ଥିବା ତାରିଣୀ ପ୍ୟାକିଂ ଆଣ୍ଡ ଗ୍ରାଫିକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରିବା ସହ ସାନଭାଇ ଓ ନିଜ ସମ୍ପର୍କୀୟ ଭାଇ ସହିତ କମ୍ପାନୀ ପକ୍ଷରୁ ମିଳିଥିବା ଘରେ ରହୁଥିଲେ। ସୋମବାର ସକାଳେ କମ୍ପାନୀ ଭିତରେ ଗାମୁଛା ଲଗାଇ ଗୋପାଳ ଝୁଲୁଥିବାର କମ୍ପାନୀର କିଛି କର୍ମଚାରୀ ଦେଖି ତାଙ୍କ ସାନଭାଇ ଓ ସମ୍ପର୍କୀୟ ଭାଇଙ୍କୁ ଖବର ଦେଇଥିଲେ। ଗୋଡିସାହି ଫାଣ୍ଡି ପୋଲିସ ସେଠାରେ ପହଞ୍ଚି ତଦନ୍ତ କରିଥିଲା। ଏନେଇ ୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ଏହା ଆତ୍ମହତ୍ୟା କି ହତ୍ୟା ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ ବୋଲି ପୋଲିସ କହିଛି।




ଭୁବନେଶ୍ୱର କଳାଭୂମିଠାରେ ‘ସଷ୍ଟେନ୍: ଦ କ୍ରାଫ୍ଟ ଇଡିୟମ୍’ ପ୍ରଦର୍ଶନୀକୁ ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷନ ରେଡ୍ଡୀ ଏବଂ ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହାର ଲୋଗୋ ଉନ୍ମୋଚନ କରୁଛନ୍ତି।

# ‘ସଷ୍ଟେନ୍: ଦ କ୍ରାଫ୍ଟ ଇଡିୟମ୍’ ପ୍ରଦର୍ଶନୀ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୫ (ବ୍ୟୁରୋ)

ଭୁବନେଶ୍ୱରରେ ଜି-୨୦ ସଂସ୍କୃତି କାର୍ଯ୍ୟଗୋଷ୍ଠୀ ବୈଠକ ଅବସରରେ ‘ସଷ୍ଟେନ୍: ଦ କ୍ରାଫ୍ଟ ଇଡିୟମ୍’ ଶୀର୍ଷକ ପ୍ରଦର୍ଶନୀ କଳାଭୂମିଠାରେ ଆରମ୍ଭ ହୋଇଛି। ଏହି ପ୍ରଦର୍ଶନୀକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷନ ରେଡ୍ଡୀ ଏବଂ ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଉପସ୍ଥିତ ଥିଲେ। ‘ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ଜୀବନ୍ତ ଐତିହ୍ୟର ଉପଯୋଗ’ ବିଷୟବସ୍ତୁକୁ ଆଧାର କରି ଏହି ପ୍ରଦର୍ଶନୀ ଆୟୋଜନ କରାଯାଉଛି। ମଙ୍ଗଳବାରଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ। ଉଦ୍‌ଘାଟନ ପରେ ଜି-୨୦ ସଦସ୍ୟ ରାଷ୍ଟ୍ର, ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ପ୍ରଦର୍ଶନକୁ ବୁଲି ଦେଖିଥିଲେ। ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଶିଳ୍ପୀଙ୍କ ସହ ମତ ବିନିମୟ କରିବା ପୂର୍ବକ କାରିଗରଙ୍କଠାରୁ ବିଭିନ୍ନ ହସ୍ତକଳାର ତିଆରି ପଦ୍ଧତି ପ୍ରତ୍ୟକ୍ଷ ଭାବେ ଦେଖିଥିଲେ।

# ଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର, ୧୫।୫ (ବ୍ୟୁରୋ)



**ଶୋକବ୍ୟକ୍ତ କଲେ ସଂସ୍କୃତି ମନ୍ତ୍ରୀ**

ଧର୍ମପଦ ପୁରସ୍କାରପ୍ରାପ୍ତ ଡିଜାଇନର ତଥା ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକଙ୍କ ସୋମବାର ଅପରାହ୍ନ ୩ଟା ୫୦ରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଲିଭର ରୋଗରେ ପୀଡିତ ଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ମେ’ ୧ରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଲଲାଟ ମୋହନ ୧୯୪୮ ଏପ୍ରିଲ ୩ରେ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକର ହରିପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ପିଲାଦିନେ ଚିତା, ମୁରୁଜ ଦେଖି ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ବୁଣାକାରମାନଙ୍କୁ ନୂତନ ପଦ୍ଧତି, ନୂଆ ରଙ୍ଗ, ନୂଆ ନକ୍ସାର ପ୍ରୟୋଗ ମାଧ୍ୟମରେ ହସ୍ତଶିଳ୍ପର ଉନ୍ନତିକରଣ ସହ ଆଧୁନିକ କୌଶଳ ପ୍ରୟୋଗର ମାର୍ଗଦର୍ଶନ କରାଇଥିଲେ। ନିଜର ସୃଜନଶୀଳ କଳାର ସାଧନା ପାଇଁ ୨୦୨୧ରେ ଓଡ଼ିଶା ଲଳିତ କଳା ଏକାଡେମୀର ସର୍ବୋଚ୍ଚ ସମ୍ମାନ ‘ଧର୍ମପଦ ପୁରସ୍କାର’ରେ ସମ୍ମାନିତ ହୋଇଥିଲେ। ଏହାବ୍ୟତୀତ ସେ ୧୯୭୫ରେ ଓଡ଼ିଶା ଲଳିତକଳା ଏକାଡେମୀ ପୁରସ୍କାର, ୨୦୧୯ରେ ଇଲାପଣ୍ଡା ଚିତ୍ରକଳା ସମ୍ମାନ ଓ ଶାରଳା ସମ୍ମାନ, ୨୦୧୮ରେ ବୟନ ବିଭବ ସମ୍ମାନ ପାଇଥିଲେ।

ମୃତ୍ୟୁ ସମୟରେ ତାଙ୍କ ଧର୍ମପତ୍ନୀ ନମିତା ପଟ୍ଟନାୟକ, ୨ ଝିଅ ଲୋପାମୁଦ୍ରା ଓ ଲୋରା ପଟ୍ଟନାୟକ, ପୁଅ ଲୋକେଶ ପଟ୍ଟନାୟକ ଏବଂ ବୋହୂ ସ୍ୱର୍ଣ୍ଣା ପଟ୍ଟନାୟକ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ତାଙ୍କ ମୃତଦେହ ଓଡ଼ିଶା ଲଳିତ କଳା ଏକାଡେମୀ ପରିସରକୁ ଅଣାଯାଇଥିଲା। ସେଠାରେ ଏକାଡେମୀ ସଚିବ ପଞ୍ଚାନନ ସାମଲ, ଡା. ଅଲେଖ ଚନ୍ଦ୍ର ସାହୁ, ଜୟନ୍ତ କୁମାର ଦାସ, ଚିନ୍ତାମଣି ବିଶ୍ୱାଳ ପ୍ରମୁଖ ବହୁ ଶିଳ୍ପୀ, ବୁଦ୍ଧିଜୀବୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ତାଙ୍କ ପରଲୋକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଗଭୀର ଶୋକବ୍ୟକ୍ତ କରିଛନ୍ତି। ଓଡ଼ିଶାର ଚିତ୍ରକଳା କ୍ଷେତ୍ରରେ ଧର୍ମପଦ ପୁରସ୍କାରପ୍ରାପ୍ତ ତଥା ଚିତ୍ରକର ଲଲାଟ ମୋହନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ। କଳାକ୍ଷେତ୍ରରେ ତାଙ୍କର ଯଶକୀର୍ତ୍ତି ସର୍ବଭାରତୀୟସ୍ତରରେ ପ୍ରଶଂସିତ ହେବା ସହ ସେ ସର୍ବଦା ଶିଳ୍ପୀକୂଳର ପ୍ରେରଣାର ପ୍ରତୀକ ଓ ଉତ୍ସାହର ଉତ୍ସ ହୋଇ ରହିବେ ବୋଲି ମନ୍ତ୍ରୀ କହିଛନ୍ତି।

# ହାଇକୋର୍ଟରେ ଅନୁସୂଚିତ ଜାତି ମହିଳାଙ୍କ ଘର ଭାଙ୍ଗିଦେବା ମାମଲା | ଗଣିଆ ଥାନା ଆଇଆଇସି ଆଇନାନୁଯାୟୀ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ

କଟକ ଅଫିସ, ୧୫।୫

ସରକାରୀ ଜାଗା ଜବରଦଖଲ କରି ଘର କରିଥିବା ଜଣେ ଅନୁସୂଚିତ ଜାତି ମହିଳାଙ୍କ ଘର ସ୍ଥାନୀୟ ତହସିଲଦାର ଭାଙ୍ଗିବା ମାମଲାର ସୋମବାର ହାଇକୋର୍ଟରେ ଶୁଣାଣି ହୋଇଛି। ବିଚାରପତି ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣି କରି ନୟାଗଡ଼ ଜିଲା ଗଣିଆ ଥାନା ଆଇଆଇସିଙ୍କୁ ଆଇନ ଅନୁଯାୟୀ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆବେଦନକାରିଣୀ ନୟାଗଡ଼ ଜିଲା ଗଣିଆ ଥାନା ଅନ୍ତର୍ଗତ ପତଣ୍ଡା ଗ୍ରାମର ବିଳାସିନୀ ନାଏକଙ୍କୁ ୭ଦିନ ମଧ୍ୟରେ ଗଣିଆ ଥାନା ଆଇଆଇସିଙ୍କୁ ଏକ ସଦ୍ୟ ଆବେଦନପତ୍ର ସହ ହାଇକୋର୍ଟଙ୍କ ଅର୍ଡର କପି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରିଣୀ ଜଣେ ଅନୁସୂଚିତ ବର୍ଗ ମହିଳା ହୋଇଥିବା ବେଳେ ତାଙ୍କର କୌଣସି ବାସଗୃହ ନାହିଁ। ସେ ସରକାରୀ ଜାଗା ଜବରଦଖଲ କରି ୨୫ ବର୍ଷ ହେବ ଚାଳଘରଟିଏ ତିଆରି କରି ପରିବାର ସହ ରହିଆସୁଥିଲେ। ସରକାରୀ ଜାଗା ଜବରଦଖଲ କରିଥିବା ହେତୁ ତାଙ୍କ ନାମରେ ଏନ୍‌କ୍ରୋଚମେଣ୍ଟ କେସ୍ କରାଯାଇ ଜରିମାନା ଆଦାୟ ହୋଇଛି। ହେଲେ ସ୍ଥାନୀୟ ତହସିଲଦାର ତାଙ୍କୁ କୌଣସି ନୋଟିସ ନଦେଇ ଗତ ଏପ୍ରିଲ ୧୭ରେ ସରକାରୀ ଜାଗାରେ ଥିବା ବିଳାସିନୀଙ୍କ ଘରଟିକୁ ଜେସିବି ଲଗାଇ ଭାଙ୍ଗି ଦେଇଛନ୍ତି। ଯଦ୍ୱାରା ତାଙ୍କ ପରିବାର ଏକ ଗଛ ମୂଳେ ପାଲ ଟାଣି ଆଶ୍ରୟ ନେଇଛନ୍ତି। ତହସିଲଦାର ପୁଣି ସେଠାରେ ପହଞ୍ଚି ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ସେ ଏ ସମ୍ପର୍କରେ ଆଇଆଇସି ଓ ଏସ୍‌ପିଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିବା ବେଳେ ପୋଲିସ କୌଣସି ପଦକ୍ଷେପ ନେଇ ନଥିଲା। ଫଳରେ ଆବେଦନକାରିଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ପାଇଖାନା ଘରେ ମହିଳାଙ୍କ ଆତ୍ମହତ୍ୟା

ଭୁବନେଶ୍ୱର, ୧୫।୫ (ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ହେଲେ ନୟାଗଡ଼ ଜିଲାର ରଶ୍ମି ନାଏକ (୩୮)। ପ୍ରାଥମିକ ତଦନ୍ତରୁ ପାରିବାରିକ କଳହ ପାଇଁ ମହିଳା ଜଣକ ଏଭଳି ଚରମ ପଦକ୍ଷେପ ନେଇଥିବା ପୋଲିସ ସନ୍ଦେହ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଘଟଣାର ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

ସୂଚନା ଅନୁସାରେ, ରଶ୍ମି ପୂର୍ବରୁ ବିବାହିତା ଥିବାବେଳେ ଗତ କିଛି ମାସ ହେବ ସେ ଗୌରାଙ୍ଗ ନାଏକ ନାମକ ଜଣେ ବ୍ୟକ୍ତିଙ୍କୁ ଦ୍ୱିତୀୟ ବିବାହ କରି ଜାଗମରା ଅଞ୍ଚଳରେ ଭଡ଼ାରେ ରହୁଥିଲେ। ରବିବାର ରାତିରେ ଉଭୟେ ଖାଇ ପିଇ ଶୋଇଥିଲେ। ହେଲେ ରଶ୍ମି ରାତିରେ ଉଠି ପାଇଖାନା ଘରର ଆଜ୍‌ବେଷ୍ଟସ ଛପର କଡିରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ସକାଳୁ ସ୍ୱାମୀ ଗୌରାଙ୍ଗ ସ୍କାଇ ଲାଇଟ୍ ବାଟେ ରଶ୍ମି ବେକରେ ଗାମୁଛା ବାନ୍ଧି ଝୁଲି ପଡିଥିବା ଦେଖିଥିଲେ।

# ପୁରୀ ଜିଲାପାଳ, ରାଜସ୍ୱ ଅତିରିକ୍ତ ସଚିବଙ୍କ ସତ୍ୟପାଠ ଦାଖଲ

- ଚିଲିକାରୁ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ମାମଲା
- ଅଗଷ୍ଟ ୩ରେ ପରବର୍ତ୍ତି ଶୁଣାଣି

କଟକ ଅଫିସ, ୧୫।୫



ଆର୍ଦ୍ର ସୁରକ୍ଷା ପ୍ରସଙ୍ଗ ଅନ୍ତର୍ଗତ ଚିଲିକାରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ମାମଲାରେ ପୁରୀ ଜିଲାପାଳ ଓ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀ ଏହି ମାମଲାର ସୋମବାର ଶୁଣାଣି କରି ଅଗଷ୍ଟ ୩ରେ ପରବର୍ତ୍ତୀ ଶୁଣାଣି ନିମନ୍ତେ ଦିନ ଧାର୍ଯ୍ୟ କରିଛନ୍ତି।

ପ୍ରକାଶ ଯେ, ଓଡ଼ିଶା ହାଇକୋର୍ଟ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆର୍ଦ୍ରଭୂମି ସୁରକ୍ଷା ପ୍ରସଙ୍ଗରେ ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ। ଚିଲିକାରେ କେତେ ଚିଙ୍ଗୁଡ଼ି ଘେରି ଓ ମାଟି ଘେରି ବନ୍ଧ ରହିଛି, ବେଆଇନ ଘେରି ଉଚ୍ଛେଦ ପାଇଁ କି’ ବ୍ୟବସ୍ଥା ଗ୍ରହଣ କରାଯାଉଛି ଏନେଇ ରିପୋର୍ଟ ପ୍ରଦାନ କରିବାକୁ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପୁରୀ ଜିଲାପାଳଙ୍କ ଅଧୀନ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ତହସିଲ ଅଞ୍ଚଳରେ ଚିଲିକା ଅନ୍ତର୍ଭୁକ୍ତ ରହିଛି। ପୁରୀ ଜିଲାପାଳଙ୍କ ସତ୍ୟପାଠ ଅନୁଯାୟୀ, ଚିଲିକାରେ ଘେରି ଉଚ୍ଛେଦ ଲାଗି ୨୯କୋଟି ୧୫ଲକ୍ଷ ୭୨ହଜାର ୭୨୦ ଟଙ୍କା ଖର୍ଚ୍ଚ ହେବ। ଏସ୍କାଭେଟର ଦ୍ୱାରା ଉଚ୍ଛେଦ କରାଗଲେ ୬ କୋଟି ୯୯ଲକ୍ଷ ୭୭ହଜାର ୪୫୨ ଟଙ୍କା ଖର୍ଚ୍ଚ ହେବ। ମାତ୍ର ଏଥିପାଇଁ ବିଭିନ୍ନ ସମସ୍ୟା ଥିବାରୁ ୪୦% ଶ୍ରମିକଙ୍କ ଦ୍ୱାରା ଓ ୬୦% ଏସ୍କାଭେଟର ଦ୍ୱାରା ଉଚ୍ଛେଦ ସମ୍ଭବପର ହୋଇପାରିବ। ଏ ବାବଦରେ ପ୍ରାୟ ୧୫କୋଟି ୮୬ଲକ୍ଷ ୧୫ହଜାର ୮୮୮ ଟଙ୍କା ଖର୍ଚ୍ଚ ହେବ। ଚିଲିକାର ବିକାଶ ନିମନ୍ତେ ‘ଚିଲିକା ପଲିସି’ କାର୍ଯ୍ୟକ୍ଷମ ହେବା ନେଇ ଯୋଜନା ରହିଥିଲା। ଏହାକୁ କାର୍ଯ୍ୟକାରୀ କରିବା ଲାଗି ବିଳମ୍ବ ହେଉଛି। ଏଥିଲାଗି ରାଜ୍ୟ ସରକାର ହାଇକୋର୍ଟରୁ ସମୟ ନେଇଥିବା ଜଣାଯାଇଛି।

# ୧୮ରୁ ଗଡ଼ିବ ବନ୍ଦେ ଭାରତ ଏକ୍ସପ୍ରେସ୍

ଭୁବନେଶ୍ୱର, ୧୫।୫(ବ୍ୟୁରୋ)



ଆସନ୍ତା ୧୮ ତାରିଖରେ ରାଜ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଗଡ଼ିବ। ପୁରୀ ଓ ହାୱଡା ମଧ୍ୟରେ ଏହି ସେମି ହାଇସ୍ପିଡ୍ ଟ୍ରେନ୍ ଚଳାଚଳ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସ ଜରିଆରେ ଏହାର ଶୁଭାରମ୍ଭ କରିବେ। ସେଥିଲାଗି ପୁରୀ ରେଳ ଷ୍ଟେଶନରେ ପ୍ରସ୍ତୁତି ଜୋର ଧରିଛି। ଷ୍ଟେଶନ୍ ସଜାଯାଉଛି। ରେଳ ଟ୍ରାକକୁ ରଙ୍ଗ କରାଯାଉଛି। ବନ୍ଦେ ଭାରତ ଶୁଭାରମ୍ଭ ଉତ୍ସବରେ ପୁରୀ ଷ୍ଟେଶନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ଓଡ଼ିଶାର ଅନ୍ୟ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ପୂର୍ବତଟ ରେଳପଥ ପକ୍ଷରୁ ରେଳୱେ ବୋର୍ଡକୁ ଦିଆଯାଇଥିବା ପ୍ରସ୍ତାବ ଅନୁସାରେ, ପ୍ରତିଦିନ ଚାଲିବାକୁ ଥିବା ବନ୍ଦେ ଭାରତ ଏକ୍ସପ୍ରେସ ସକାଳ ୬ଟା ୧୦ରେ ହାୱଡା ଷ୍ଟେଶନରୁ ବାହାରି ୧୨ଟା ୨୫ରେ ପୁରୀରେ ପହଞ୍ଚିବ। ସେହିପରି ଅପରାହ୍ନ ୧ଟା ୫୦ ମିନିଟରେ ପୁରୀ ଷ୍ଟେଶନ ଛାଡ଼ିବ ଓ ସନ୍ଧ୍ୟା ୮ଟାରେ ହାୱଡାରେ ପହଞ୍ଚିବ। ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର ରୋଡ୍, ଭଦ୍ରକ, ବାଲେଶ୍ୱର, ଖଡ଼ଗପୁର ଷ୍ଟେଶନରେ ୨ ମିନିଟ ଲେଖାଏ ଏହି ଟ୍ରେନ୍ ରହିବ। ଚେନ୍ନାଇ ପେରାମ୍ବୁର ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରିରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ବନ୍ଦେ ଭାରତ ଏକ୍ସପ୍ରେସରେ ୧୬ଟି କୋଚ୍ ରହିଛି। ଏହା ଘଣ୍ଟାପ୍ରତି ୧୮୦ କିମି ବେଗରେ ଗତି କରିପାରିବ। ଫଳରେ ହାୱଡାରୁ ପୁରୀ ଯାତ୍ରା ସମୟ ୨ ଘଣ୍ଟା କମିଯିବ। ଟ୍ରେନ୍ ଚାଲୁଥିବା ଯାଏ ଡୋର୍ ଖୋଲିବ ନାହିଁ କିମ୍ବା ବନ୍ଦ ନ ହେବା ପର୍ଯ୍ୟନ୍ତ ଚାଲିବ ନାହିଁ। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏଥିରେ ଅଟୋମେଟେଡ୍ କ୍ଲୋଜିଂ ଡୋର୍ ଲାଗିଛି। ପ୍ରତି କୋଚ୍‌ରେ ୪ଟି ଲେଖାଏ ଏମର୍ଜେନ୍ସି ୱିଣ୍ଡୋ ଓ ୪ଟି ଲେଖା ସିସିଟିଭି କ୍ୟାମେରା ଖଞ୍ଜାଯାଇଛି। ସବୁ ଶ୍ରେଣୀର ଯାତ୍ରୀଙ୍କ ପାଇଁ ରିକ୍ଲାଇନର ସିଟ୍ ବ୍ୟବସ୍ଥା ଥିବା ବେଳେ ଏକ୍ଜିକ୍ୟୁଟିଭ୍ ଶ୍ରେଣୀ ପାଇଁ ୧୮୦ ଡିଗ୍ରୀ ବୁଲିପାରୁଥିବା ସିଟ୍ ରହିଛି। ଏହାସହ ଟ୍ରେନରେ ବାୟୋ ଭାକ୍ୟୁମ୍ ଟଏଲେଟ୍ ରହିଛି। ବନ୍ଦେ ଭାରତ ଏକ୍ସପ୍ରେସର ଜନକ ସୁଧାଂଶୁ ମଣି ସାକ୍ଷାତକାରରେ କହିଛନ୍ତି, ଏହି ଟ୍ରେନର ଅନେକ ନୂଆ ବୈଶିଷ୍ଟ୍ୟ ରହିଛି। ଗତ ଏପ୍ରିଲ ୨୮ ଓ ମେ’ ୭ ତାରିଖରେ ପୁରୀ-ହାୱଡା ବନ୍ଦେ ଭାରତ ଏକ୍ସପ୍ରେସର ଦୁଇ ଦୁଇ ଥର ସଫଳ ଟ୍ରାଏଲ ରନ୍ ହୋଇସାରିଛି।

# ଶ୍ରୀମନ୍ଦିରରେ ସେବାୟତଙ୍କ ମଧ୍ୟରେ ବିବାଦ

**ନୀତି ବିଳମ୍ବ**

ପୁରୀ ଅଫିସ, ୧୫।୫

ଶ୍ରୀମନ୍ଦିର ପରିସରରେ ସୋମବାର ଦୁଇ ସେବାୟତ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିଛି। ଭୋଗ ତୋଳାକୁ ନେଇ ଏହି ବିବାଦ ହୋଇଥିବାବେଳେ ଉଭୟ ସେବାୟତ ଗୋଷ୍ଠୀ ପରସ୍ପର ବିରୋଧରେ ଶ୍ରୀମନ୍ଦିର ଗାରଦରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଜଳକ୍ରୀଡ଼ା ଏକାଦଶୀ ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ଓ ଦ୍ୱିପ୍ରହର ଧୂପ ପରେ ଦ୍ୱିତୀୟ ଭୋଗ ମଣ୍ଡପ ଅନୁଷ୍ଠିତ ହୋଇଥାଏ। ସୋମବାର ଜଳକ୍ରୀଡ଼ା ଏକାଦଶୀ ଅବସରରେ ମହାପ୍ରଭୁଙ୍କ ପ୍ରଥମ ଭୋଗ ମଣ୍ଡପ ସମୟରେ ସୁଆର ସେବାୟତମାନେ ମହାପ୍ରସାଦ ତୋଳିଥିଲେ ଅର୍ଥାତ ରୋଷଘରୁ ଭୋଗମଣ୍ଡପକୁ ନେଇଥିଲେ। ଅପରପକ୍ଷରେ ପୂଜାପଣ୍ଡା ସାମନ୍ତ ଭୋଗ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ। ତେବେ ଭୋଗ ତୋଳା ବିଳମ୍ବ ହେବାରୁ ପୂଜାପଣ୍ଡା ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦ୍ୱିତୀୟ ଭୋଗ ମଣ୍ଡପ ବିଳମ୍ବ ହେବାକୁ ଥିବାରୁ ସୁଆର ସେବକମାନେ ପ୍ରଥମ ଭୋଗ ମଣ୍ଡପରେ ଅଧିକ ବରାଦି ରଖିଥିବାରୁ ମହାପ୍ରସାଦ ତୋଳିବା ପାଇଁ ଅଧିକ ସମୟ ମାଗିଥିଲେ। ମାତ୍ର ଜଳକ୍ରୀଡ଼ା ନୀତି ଥିବାରୁ ମହାପ୍ରଭୁଙ୍କ ନୀତି ବିଳମ୍ବ ହେବା ଦର୍ଶାଇ ପୂଜା କରିବା ପାଇଁ ପୂଜାପଣ୍ଡା କହିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ କଥା କଟାକଟି ଓ ପରେ ବଚସା ହୋଇଥିଲା। ଫଳରେ କିଛି ସମୟ ଧରି ନୀତି ଅଟକି ରହିଥିଲା। ତେଣୁ ମହାପ୍ରଭୁଙ୍କ ନୀତିରେ ବିଳମ୍ବ ଘଟିଥିଲା। ତେବେ ଉକ୍ତ ଘଟଣାକୁ ନେଇ ଉଭୟ ପକ୍ଷରୁ ଶ୍ରୀମନ୍ଦିର ଗାରଦରେ ଲିଖିତ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଉଭୟ ପକ୍ଷ କିମ୍ବା ଶ୍ରୀମନ୍ଦିର ପ୍ରଶାସନର ପ୍ରତିକ୍ରିୟା ମିଳିପାରିନାହିଁ।

# ଉତ୍କଟ ହେଉଛି ଖାଦ୍ୟ, ପାନୀୟଜଳ ସଙ୍କଟ

## ଚନ୍ଦ୍ରଭାଗା ବାଲୁଖଣ୍ଡ ଅଭୟାରଣ୍ୟ

- ପାଣି ପିଇବାକୁ ଆସି ସମୁଦ୍ରରେ ଭାସି ହରିଣ ମୃତ
- ବନ୍ୟଜନ୍ତୁ ଅପେକ୍ଷା କମ୍ ରହିଛି ଘାସ ଗାଲିଚା

**କୋଣାର୍କ, ୧୫।୫(ଡି.ଏନ୍.ଏ.)**

କୋଣାର୍କସ୍ଥିତ ଚନ୍ଦ୍ରଭାଗା ବାଲୁଖଣ୍ଡ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ଖାଦ୍ୟ ଓ ପାନୀୟଜଳର ଘୋର ଅଭାବ ରହୁଥିବାରୁ ଧୀରେ ଧୀରେ ଉତ୍କଟ ରୂପ ନେବାରେ ଲାଗିଛି। ବନ ବିଭାଗ ପକ୍ଷରୁ ଏହାର କୌଣସି ବ୍ୟବସ୍ଥା କରାଯାଉ ନ ଥିବାରୁ ବିଗତ ଦିନରେ ହରିଣ ଗାଁମୁହାଁ ହୋଇ ବୁଲା କୁକୁର ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟିରେ ପଡି ବହୁ ସଂଖ୍ୟାରେ ମୃତ୍ୟୁବରଣ କରୁଛନ୍ତି। ଯାହା ପରିବେଶ ପ୍ରେମୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସେହିଭଳି ସୋମବାର ଅପରାହ୍ନରେ ଚନ୍ଦ୍ରଭାଗା ସମୁଦ୍ରକୂଳ ମହାବୀର ମନ୍ଦିର ପଛପଟେ ଏକ ହରିଣ ପାଣି ପିଇବାକୁ ଆସି ସମୁଦ୍ରରେ ଭାସିଯାଇ ମୃତ୍ୟୁ ପରେ କୂଳରେ ଲାଗିଥିବା ଦେଖିବାକୁ ମିଳିଥିଲା। ଯାହାର ବୟସ ପ୍ରାୟ ଅଢ଼େଇ ବର୍ଷ ହେବ। ବନ ବିଭାଗର ଅବହେଳା ଯୋଗୁ ଏପରି ହୋଇଥିବା ପଶୁ ପ୍ରେମୀମାନେ ଅଭିଯୋଗ କରିଛନ୍ତି।

ଗତ ମାର୍ଚ୍ଚ ୧୭ରେ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର କୁଞ୍ଜମଠ ସଂରକ୍ଷିତ ଜଙ୍ଗଲ ଅଞ୍ଚଳର କୋଣାର୍କ - କାକଟପୁର ରାସ୍ତାର ବଢେଇ ଛକରେ ଏକ ହରିଣର ମୁଣ୍ଡ କୁକୁର ଖାଉଥିବା ବେଳେ ଜୁନେଇ ହାଟ ନିକଟ ଜଙ୍ଗଲରେ ଏକ ହରିଣର ମୁଣ୍ଡ ଓ ଗୋଡ ପଡିଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ବାଲୁଖଣ୍ଡ ଅଭୟାରଣ୍ୟରେ ହରିଣ ସମେତ ଅନ୍ୟ ବନ୍ୟଜନ୍ତୁଙ୍କ ଆଶାତୀତ ଭାବେ ସଂଖ୍ୟା ବୃଦ୍ଧି ତୁଳନାରେ ବନ ବିଭାଗ ପକ୍ଷରୁ ସେ ହିସାବରେ ଖାଦ୍ୟ ଓ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯାଉନାହିଁ। ଫଳରେ ହରିଣ ସମେତ ଅନ୍ୟ ବନ୍ୟଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହୋଇ ବୁଲା କୁକୁରଙ୍କ ଆକ୍ରମଣରେ ମୃତ୍ୟୁର ଶିକାର ହେଉଛନ୍ତି। ବନ ବିଭାଗ ପକ୍ଷରୁ ବନ୍ୟଜନ୍ତୁଙ୍କ ସୁରକ୍ଷା, ଖାଦ୍ୟ ଓ ପାନୀୟ ଜଳଯୋଗାଣ ବ୍ୟବସ୍ଥା ନିମନ୍ତେ ଜଙ୍ଗଲରେ ଘାସ ଚାଷ ଓ ପୁଷ୍କରିଣୀ ଖନନ ପାଇଁ ଆର୍ଥିକ ସହାୟତା ମିଳୁଥିବା ବେଳେ ତାହାର ସଫଳ କାର୍ଯ୍ୟକାରିତା ନ ହେବା ଦ୍ୱାରା ହରିଣ ଜଙ୍ଗଲ ସୀମା ଗାଁମୁହାଁ ହେଉଛନ୍ତି। ଗତ ମାର୍ଚ୍ଚ ୧୭ ଓ ୨୮ ତାରିଖ କୁଞ୍ଜମଠ ଓ ଜୁଣେଇ ହାଟରେ ୨ ଦୁଇଟି


ଚନ୍ଦ୍ରଭାଗା ସମୁଦ୍ରକୂଳରେ ମରିପଡ଼ିଥିବା ହରିଣ।

ହରିଣ ମୁଣ୍ଡ ମିଳିବା ପରେ ସୋମବାର ପୁଣି ଏକ ହରିଣ ସମୁଦ୍ରକୁ ପାଣି ପିଇବାକୁ ଆସି ମରିବା ଘଟଣା ବନ ବିଭାଗର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠୁଛି। ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ହରିଣ ଓ ବନ୍ୟଜନ୍ତୁଙ୍କ ନିମନ୍ତେ ଘାସ ଚାଷ ଓ ପୋଖରୀ ଖନନ ପ୍ରତି ତ୍ୱରିତ ପଦକ୍ଷେପ ନେବା ପାଇଁ ପରିବେଶବିତ ମହଲରେ ଦାବି କରାଯାଇଛି।

ଗତବର୍ଷ ପୁରୀଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ୧୮ଟି ଘାସ ଗାଲିଚା ନିମନ୍ତେ ମାଟିରେ ନିର୍ମିତ ପ୍ୟାଡ ତିଆରି କରାଯାଇଥିଲା। ଏବେ ଘାସ ଗାଲିଚା ତ ଦୂରର କଥା, ମାଟିରେ ନିର୍ମିତ ପ୍ୟାଡ ଆଉ ଦେଖିବାକୁ ମିଳୁନି। ପ୍ରତିବର୍ଷ ବନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଶତାଧିକ ଗାଡ଼ିଆ ଖୋଳା ଯାଉଥିଲା ବେଳେ ଏହା ଆବଶ୍ୟକ ମୁତାବକ ଖୋଳା ନ ଯାଇ ମନମୁଖି ଭାବେ ନିମ୍ନମାନର କାର୍ଯ୍ୟ ହେତୁ ତାହା ପୋତି ହୋଇଯାଉଛି। ଫଳରେ ଖନନ ନାମରେ ପ୍ରତି ବର୍ଷ ଲକ୍ଷାଧିକ ଟଙ୍କା ବାଟମାରଣା ହେଉଛି ବୋଲି ପରିବେଶ ପ୍ରେମୀମାନେ ମତପ୍ରକାଶ କରିଛନ୍ତି। ଏ ନେଇ କୋଣାର୍କ ବନଖଣ୍ଡ ଅଧିକାରୀ ବେଣୁଧର ବେହେରା କୁହନ୍ତି, ହରିଣ ଓ ବନ୍ୟଜନ୍ତୁଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଜଙ୍ଗଲ ମଧ୍ୟରେ ସୃଷ୍ଟି କରାଯାଇଥିବା ଗଡ଼ିଆ ବା ଘାସ ଗାଲିଚା ଆବଶ୍ୟକଠାରୁ କମ୍ ଅଛି। ତେଣୁ ହରିଣ ଗାଁକୁ ଯାଉଛନ୍ତି। ସେଥିପାଇଁ ବନ ବିଭାଗ ପକ୍ଷରୁ ଅଧିକ ଗଡ଼ିଆ ଓ ଘାସ ଗାଲିଚା ପ୍ରସ୍ତୁତ ଲାଗି ଉଦ୍ୟମ ଚଳାଇଛୁ।


ଓଡ଼ିଶା ଗସ୍ତରେ ଆସିଥିବା ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟିର ସଦସ୍ୟା ସଦସ୍ୟ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

## ସଂକ୍ଷେପରେ

### ଦୁବାଇ ଗଲେ ବଣ୍ଡା ଛାତ୍ରୀ

**ମାଲକାନଗିରି, ୧୫।୫(ଡି.ଏନ୍.ଏ.):** ମାଲକାନଗିରି ଜିଲାର ଆଦିମ ବଣ୍ଡା



ଜନଜାତିର ଆଇଟିଆଇ ଛାତ୍ରୀ ବୁଦ୍ରି କିର୍ସାନୀ ସୋମବାର ଭୁବନେଶର ଅନ୍ତର୍ଜାତୀୟ ବିମାନବନ୍ଦରୁ ଦୁବାଇ ଯାଇଛନ୍ତି। ସେଠାରେ ସେ ଶିଳ୍ପ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ଦେଖିବା ସହ କିଛି ଶିକ୍ଷା ଗ୍ରହଣ କରି ଦୁଇଦିନ ପରେ ଫେରିବେ। ଦୁବାଇ ଯିବା ପାଇଁ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ବଣ୍ଡା ଘାଟିର ଝିଅ ବୁଦ୍ରିଙ୍କ ସମେତ ୫ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଥିଲେ। ବୁଦ୍ରି ରବିବାର ମାଲକାନଗିରିରୁ ବସ୍‌ରେ ଭୁବନେଶ୍ୱର ଅଭିମୁଖେ ଆସିଥିଲେ। ସୋମବାର ସେ ଅନ୍ୟ ଛାତ୍ରୀଛାତ୍ରଙ୍କ ସହ ଦୁବାଇ ଯାଇଛନ୍ତି। ଏହା ଜିଲା ପାଇଁ ଏକ ଗୌରବର ବିଷୟ ହୋଇଛି।

### ସହକାରୀ ଯନ୍ତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

**ବାଲେଶ୍ୱର ଅଫିସ/ସୋର, ୧୫।୫ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ବସନ୍ତ ଜେନା ସୋମବାର ସନ୍ଧ୍ୟାରେ ସୋରସ୍ଥିତ ତାଙ୍କ ସରକାରୀ ବାସଭବନରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପାରିବାରିକ କଳହରୁ ସେ ତାଙ୍କ ହାତ କାଟିଦେବା ସହ ବିଷ ପିଇଦେଇଥିବା ଜଣାପଡିଛି। ସେ ଘର ଭିତରପଟୁ କବାଟ ବନ୍ଦ କରିଦେଇଥିବା ବେଳେ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିଥିଲେ। ସୋର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଶିକ୍ଷକଙ୍କୁ ୨୦ ବର୍ଷ ଜେଲ

#### ନାବାଳିକା ବଳାତ୍କାର ମାମଲା

**ବାଲେଶ୍ୱର ଅଫିସ, ୧୫।୫:** ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ସୋମବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତ ଏକ ସରକାରୀ ସ୍କୁଲର ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ୨୦୧୯ ନଭେମ୍ବର ୧୨ରେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳରେ ପରିବାରରେ କେହି ନ ଥିବା ବେଳେ ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ସ୍ଥାନୀୟ ରାମପୁରର ଶିକ୍ଷକ ବସନ୍ତ ଦାସ (୫୯) ଚକୋଲେଟ୍ ଦେବାର ଲୋଭ ଦେଖାଇ ଘରକୁ ଡାକି ନେଇ ସେଠାରେ ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକା ଜଣକ ଘରେ ଜଣାଇବା ପରେ ତାଙ୍କ ମା' ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ମାମଲା (ନଂ. ୩୨୧/୧୯) ରୁଜୁ କରାଯାଇଥିଲା। ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ୧୫ ସାକ୍ଷ୍ୟ ଓ ୧୮ ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି।

# ସ୍ତ୍ରୀଙ୍କ ଆତ୍ମହତ୍ୟା ପରେ ଜୀବନ ହାରିଲେ ସ୍ୱାମୀ

**କଣ୍ଟାବାଞ୍ଜି, ୧୫।୫(ଡି.ଏନ.ଏ.)**

### ରକ୍ତହୀନତା ରୋଗରେ ପୀଡ଼ିତ ଥିଲେ ସ୍ତ୍ରୀ

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଦାବିରି ଗାଁରେ ଘଟିଛି ଏକ ଦୁଃଖଦ ଘଟଣା। ରବିବାର ରାତିରେ ବେକରେ ରଶିବାନ୍ଧି ସ୍ତ୍ରୀ ଚନ୍ଦ୍ରକଳା (୪୦) ଆତ୍ମହତ୍ୟା କରିଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ସ୍ୱାମୀ ଗୋଧନ ମଲ୍ଲିକ(୪୫) ଘରୁ କୁଆଡ଼େ ଚାଲି ଯାଇଥିଲେ। ସୋମବାର ସକାଳେ ଗାଁ ନିକଟ ଏକ କ୍ଷେତରେ ଥିବା ଗଛରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଜବତ କରାଯାଇଛି। ବଲାଙ୍ଗୀରରୁ ଆସିଥିବା ସାଇଣ୍ଟିଫିକ ଟିମ୍ ତଦନ୍ତ ଜାରି ରଖିଛି। ପୋଲିସ ଉଭୟ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନା ଅନୁଯାୟୀ, ଗୋଧନ ପୂର୍ବରୁ ବିବାହ କରିଥିଲେ। ହେଲେ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଚନ୍ଦ୍ରକଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଚନ୍ଦ୍ରକଳା ରକ୍ତହୀନତା ରୋଗରେ ପୀଡ଼ିତ ଥିଲେ। ପ୍ରତିଥର ଚିକିତ୍ସା ପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ମୂଲମଜୁରି ଲାଗି ପେଟ ପୋଷୁଥିବା ଗୋଧନଙ୍କ ପକ୍ଷେ ଚନ୍ଦ୍ରକଳାଙ୍କ ଚିକିତ୍ସା କରାଇବା ସମ୍ଭବ ହେଉ ନ ଥିଲା। ବିଜୁ ସ୍ୱାସ୍ଥ୍ୟକାର୍ଡ ଥିଲେ ବି ସେ ତା'ର ଉପଯୋଗ କରି ପାରି ନ ଥିଲେ। ଯନ୍ତ୍ରଣାରେ ଛଟପଟ ହେଉଥିବା ଚନ୍ଦ୍ରକଳା ଶେଷରେ ଚରମ ନିଷ୍ପତ୍ତି ନେଇ ରବିବାର ରାତିରେ ନିଜ ଘରେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ। କାମ ସାରି ଘରକୁ ଫେରିବା ପରେ ଗୋଧନ ଏକଥା ଶୁଣି ହତବାକ୍ ହୋଇପଡିଥିଲେ। ଚନ୍ଦ୍ରକଳାଙ୍କ ଆତ୍ମହତ୍ୟାରେ ସେ ସମ୍ପୂର୍ଣ୍ଣ ଭାଙ୍ଗିପଡିଥିଲେ। ନିଜ ମାନସିକ ଭାରସାମ୍ୟ ହରାଇ ଘରକୁ କୁଆଡ଼େ ଚାଲି ଯାଇଥିଲେ। ଶେଷରେ ସେ ବି ଏକ ଗଛରେ ଝୁଲି ଆତ୍ମହତ୍ୟା କରିଥିଲେ। ସ୍ତ୍ରୀ ତ ଗଲା ଆଉ କାହିଁକି ବଞ୍ଚିବି କହି ପୁଅ ଘରୁ କୁଆଡ଼େ ଚାଲିଯାଇଥିଲା ବୋଲି ଗୋଧନଙ୍କ ମା' ଚାଖାଇ ମଲ୍ଲିକ କହିଛନ୍ତି। ସୋମବାର ସକାଳେ ଗାଁ ନିକଟ ପୁସ୍ତମ ମଲ୍ଲିକଙ୍କ ଚାଷଜମିରେ ଥିବା ଏକ ଗଛରେ ଗୋଧନଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପୁସ୍ତମଙ୍କ ଏତଲା ଆଧାରରେ କଣ୍ଟାବାଞ୍ଜି ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ଏ ନେଇ କଣ୍ଟାବାଞ୍ଜି ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି।

# ବନ୍ଧୁକ, ଭୁଜାଲିରେ ଆକ୍ରମଣ କରି ଜନସେବା କେନ୍ଦ୍ରରୁ ଲୁଟ

### ମାଲିକ ଗୁରୁତର, ସ୍ତ୍ରୀ ଆହତ

**ସୁନ୍ଦରଗଡ଼, ୧୫।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କିଞ୍ଜିରିକେଲା ଥାନା ଅନ୍ତର୍ଗତ ଓଡ଼ିଶା-ଛତିଶଗଡ଼ ସୀମାନ୍ତବର୍ତ୍ତୀ ହୁର୍ମେଇ ଗ୍ରାମରେ ଥିବା ଏକ ଜନସେବା କେନ୍ଦ୍ରରୁ ସୋମବାର ପୂର୍ବାହ୍ନରେ ଲୁଟ ହୋଇଛି। ୩ଜଣ ଦୁର୍ବୃତ୍ତ ଫଟୋ ଉଠାଇବା ବାହାନାରେ ଆସି ଜନସେବା କେନ୍ଦ୍ର ମାଲିକଙ୍କୁ ବନ୍ଧୁକ ଓ ଭୁଜାଲିରେ ଆକ୍ରମଣ କରି ଅଢ଼େଇ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଜନସେବା କେନ୍ଦ୍ର ମାଲିକ ବସନ୍ତ ବାଡ଼ା (୨୮) ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ତ୍ରୀ ମଧ୍ୟ ଆହତ ହୋଇଛନ୍ତି। ଖବରପାଇ କିଞ୍ଜିରିକେଲା ଥାନା ଆଇଆଇସି ଜଗଦୀଶ ବାଡ଼ା ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପୋଲିସ ଏକ ଖୋକା ଜବତ କରିଛି। ଏହି ଘଟଣା ପଛର କାରଣ କ'ଣ ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ।

ଜନସେବା କେନ୍ଦ୍ର ମାଲିକ ବସନ୍ତ ପୋଲିସ ନିକଟରେ ଦେଇଥିବା ବୟାନ ଅନୁସାରେ ପୂର୍ବାହ୍ନ ସାଢେ ୧୧ଟାରେ ବାଇକ୍‌ରେ ୩ଜଣ ଯୁବକ ଆସି ତାଙ୍କୁ


ଗୁରୁତର ହୋଇଥିବା ଜନସେବା କେନ୍ଦ୍ରର ମାଲିକ। ଜବତ ଖୋକା(ଇନ୍ ସେଟ୍)।

ଫଟୋ ଉଠାଇବାକୁ କହିଥିଲେ। ଜଣଙ୍କ ଫଟୋ ଉଠାଇ ସାରିଲା ପରେ ସେମାନଙ୍କ ମଧ୍ୟରୁ ଅନ୍ୟ ଜଣେ ହଠାତ ଏକ ରିଭଲଭର ଦେଖାଇ ଟଙ୍କା ଦେବାକୁ କହି ତାଙ୍କ ଉପରକୁ ଗୁଳି ମାରିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ପାଟି ଶୁଣି ବସନ୍ତଙ୍କ ସ୍ତ୍ରୀ ଦୁର୍ବୃତ୍ତଙ୍କ ହାତକୁ ଉପରକୁ କରି ଦେବାରୁ ୨ରାଉଣ୍ଡ ଗୁଳି ବସନ୍ତଙ୍କ ଦେହରେ ବାଜି ନ ଥିଲା। ଏହା ପରେ ଦୁର୍ବୃତ୍ତମାନେ ଭୁଜାଲିରେ ତାଙ୍କ ହାତ, ପିଠିକୁ ହାଣିଥିଲେ। ବସନ୍ତ ନିଜକୁ ବଞ୍ଚାଇବା ପାଇଁ ଜଣକୁ ପଥରରେ ଛେଚିବା ପରେ ସେମାନେ ସେଠାରୁ ଟଙ୍କା ଓ ତାଙ୍କ ମୋବାଇଲ ଫୋନ ଧରି ଫେରାର୍ ହୋଇଯାଇଥିଲେ। ଦୁର୍ବୃତ୍ତମାନେ ଛତିଶଗଡ଼ି ଭାଷାରେ କଥା ହେଉଥିଲେ। ଜନସେବା କେନ୍ଦ୍ରରୁ ଟଙ୍କା ଲୁଟ ଉଦ୍ଦେଶ୍ୟରେ ସେମାନେ ଆସିଥିଲେ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଦିବାକର ମହାନ୍ତି, ନନ୍ଦକିଶୋର ସିଂହ ପାଇବେ ଭଜନସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ

**କଟକ ଅଫିସ, ୧୫।୫**

ସଙ୍ଗୀତଜ୍ଞ ଦିବାକର ମହାନ୍ତି ଓ ଗୀତିକାର ନନ୍ଦକିଶୋର ସିଂହ ଭଜନସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ-୨୦୨୩ ପାଇବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶାର ଲବ୍ଧପ୍ରତିଷ୍ଠ କଣ୍ଠଶିଳ୍ପୀ ଭଜନସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ ଉତ୍ସବ ଆସନ୍ତା ୨୫ ତାରିଖରେ କଟକ ଶତାବ୍ଦୀଭବନରେ ପାଳନ କରାଯିବ। ଉକ୍ତ ଉତ୍ସବରେ ଜୀବନବ୍ୟାପୀ ସାଧନା ପାଇଁ ସଙ୍ଗୀତଜ୍ଞ ମହାନ୍ତି ଓ ଗୀତିକାର ସିଂହଙ୍କୁ ଭଜନସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ସଙ୍ଗୀତଜ୍ଞ ମହାନ୍ତି ୧୯୭୧ ମସିହାରୁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଳାକାର ମାନ୍ୟତା ପାଇଛନ୍ତି। ତାଙ୍କ କଣ୍ଠରୁ 'ବନ୍ଦଇଶ୍ରୀ ବଳଦେବ ରୋହିଣୀ ନନ୍ଦନ...', 'ବଡ଼ଦାଣ୍ଡେ ଚାଲେ ତୁମ ନନ୍ଦିଘୋଷ ରଥ...' ପ୍ରଭୃତି ଗୀତ ଲୋକପ୍ରିୟ ହୋଇପାରିଛି। ସେହିପରି ଗୀତିକାର ସିଂହ ୧୯୬୩ ମସିହାରୁ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର। ତାଙ୍କ ଲିଖିତ ଓ ଭିକାରୀ ବଳଙ୍କ କଣ୍ଠରେ


ଦିବାକର ମହାନ୍ତି


ନନ୍ଦକିଶୋର ସିଂହ

ଗାୟନ କରାଯାଇଥିବା ଆଧୁନିକ ଗୀତ 'ବସନ୍ତ ଲେଖିଛି ଚିଠି ଗୋଲାପି ଗୋଲାପି...', 'ସଞ୍ଜସକାଳର ଶେଫାଳି ଗୋ ତୁମେ ରାତ୍ରିର ରଜନୀଗନ୍ଧା...' ପ୍ରଭୃତି ବେଶ୍ ଆଦୃତି ଲାଭ କରିଛି। ଭିକାରୀ ବଳଙ୍କ ଜୟନ୍ତୀ ଉତ୍ସବରେ ଉଭୟଙ୍କୁ ଅଙ୍ଗବସ୍ତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭକ୍ତିସଙ୍ଗୀତ ପରିବେଷଣ କରାଯିବ ବୋଲି ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦର ସମ୍ପାଦକ ଡ. ସୁନାମଣି ରାଉତ ସୋମବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ବାକି ପଡ଼ିଛି ୬ ହଜାର କୋଟି

## ୨୦୦୯-୧୦ ଖଣି ଦୁର୍ନୀତି ପ୍ରସଙ୍ଗ

- ଜରିମାନା ଅର୍ଥ ପୈଠ କରୁନାହାନ୍ତି ଲିଜ୍‌ଧାରୀ
- ଖଣି ପ୍ରଭାବିତ ଅଞ୍ଚଳ ବିକାଶରେ ବାଧା

**ଯୋଡ଼ା, ୧୫।୫(ଡି.ଏନ୍.ଏ.)**

ଓଡ଼ିଶାର ଖଣି ବହୁଳ କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଖଣି ଦୁର୍ନୀତିକୁ ନେଇ ୨୦୦୯- ୧୦ରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଦୁର୍ନୀତିର ତଦନ୍ତ କରିବା ପାଇଁ ଜଷ୍ଟିସ ଏମ୍.ବି. ଶାହା କମିଶନ ଏବଂ ପରେ ସୁପ୍ରିମ କୋର୍ଟଙ୍କ ଦ୍ୱାରା ଗଠିତ ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି (ସିଇସି)ଯାଞ୍ଚକରି ସୁପ୍ରିମକୋର୍ଟଙ୍କୁ ରିପୋର୍ଟ ଦେଇଥିଲେ। ଉକ୍ତ ମଣ୍ଡଳରେ ଖଣି ଉପରେ ଖଣି ଖନନରେ ଅନିୟମିତତା ଥିବା ହେତୁ କୋର୍ଟ ଜରିମାନା କରିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ଲିଜ୍‌ଧାରୀମାନେ ୬ ହଜାର କୋଟିରୁ ଊର୍ଦ୍ଧ୍ୱ ଜରିମାନା ଟଙ୍କା ପଇଠ କରିନାହାନ୍ତି। ଫଳରେ ଓଡ଼ିଶା ମାଇନିଂ ବିୟରିଂ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ଅର୍ଥରେ ହେଉଥିବା ଖଣି ପ୍ରଭାବିତ ଅଞ୍ଚଳର ବିକାଶରେ ବାଧା ଉପୁଜୁଛି।


ଯୋଡ଼ା ଖଣି ମଣ୍ଡଳରେ ଥିବା ଏକ ଖଣି।

ଖଣି ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏନ୍‌ଭାଇରନମେଣ୍ଟ କ୍ଲିୟରାନ୍ସରେ ଅନିୟମିତତା କରିଥିବା ୬୮ ଖଣିକୁ ପ୍ରାୟ ୧୯,୨୯୦ କୋଟି ୮୧ ଲକ୍ଷ ୭୩ ହଜାର ୪୨୩ ଟଙ୍କା କ୍ଷତି ଭରଣା କରିବାକୁ ନିର୍ଦ୍ଦେଶ ହୋଇଥିଲା। ସେଥିମଧ୍ୟରୁ ୧୪, ୭୯୩ କୋଟି ୭୧ ଲକ୍ଷ ୮୯ ହଜାର ୭୧୩ ଟଙ୍କା ଆଦାୟ ହୋଇଥିବା ବେଳେ ପ୍ରାୟ ୪୪୯୭ କୋଟି ୦୯ ଲକ୍ଷ ୮୩ ହଜାର ୭୧୦ଟଙ୍କା ବକେୟା ଅର୍ଥ କେତେଜଣ ଖଣି ଲିଜ୍‌ଧାରୀଙ୍କ ପାଖରେ ଅନାଦେୟ ହୋଇରହିଛି। ସେହିପରି ଫରେଷ୍ଟ କଞ୍ଜର୍ଭେଶନ ଆକ୍ଟରେ ୯ ଲିଜ୍‌ଧାରୀ ଖିଲାପକାରୀଙ୍କ ବିରୋଧରେ ପ୍ରାୟ ୧୭୨୬ କୋଟି ୧୦ ଲକ୍ଷ ୯୧ ହଜାର ୯୩୪ ଟଙ୍କା କ୍ଷତି ଭରଣା ପୈଠ କରିବାକୁ ନିର୍ଦ୍ଦେଶ ହୋଇଥିଲା। ସେଥିମଧ୍ୟରୁ ପ୍ରାୟ ୧୭୨୫ କୋଟି ୭୭ ଲକ୍ଷ ୩୯ ହଜାର ୫୧୯ ଟଙ୍କା ଆଦାୟ ହୋଇଥିବା ବେଳେ ପ୍ରାୟ ୩୩ ଲକ୍ଷ ୫୨ହଜାର ୪୧୫ଟଙ୍କା ବକେୟା ରହିଛି। ମାଇନିଂ ପ୍ଲାନ୍ ଓ କନ୍‌ସେଣ୍ଟ ଟୁ ଅପରେଟ ଖିଲାପକାରୀ ୫୭ ଲିଜ୍‌ଧାରୀଙ୍କ ବିରୋଧରେ ପ୍ରାୟ ୨୧୩୯ କୋଟି ୪୯ ଲକ୍ଷ ୮୧ ହଜାର ୧୭୦ ଟଙ୍କା କ୍ଷତି ଭରଣା ନିର୍ଦ୍ଦେଶ ହୋଇଥିଲା। ସେଥିମଧ୍ୟରୁ ୮୬୫ କୋଟି ୬୩ ଲକ୍ଷ ୬୦ ହଜାର ୩୮୭ ଟଙ୍କା ଆଦାୟ ହୋଇଥିବା ବେଳେ ପ୍ରାୟ ୧୨୭୩ କୋଟି ୮୬ ଲକ୍ଷ ୨୦ ହଜାର ୭୮୩ ଟଙ୍କା ବକେୟା ରହିଛି।

ପ୍ରକାଶଯୋଗ୍ୟ, ମାଇନିଂ କଞ୍ଜର୍ଭେଶନ ନିୟମର ୨୧(୫)ଧାରା ଅନୁଯାୟୀ, ନିୟମ ଖିଲାପକାରୀଙ୍କ ବିରୋଧରେ ୨୮ ଅଗଷ୍ଟ ୨୦୧୭ରେ କୋର୍ଟ ଜରିମାନା ଧାର୍ଯ୍ୟ କରିଥିଲେ। ଏନ୍‌ଭାଇରନମେଣ୍ଟ କ୍ଲିୟରାନ୍ସ, ଫରେଷ୍ଟ କଞ୍ଜର୍ଭେଶନ ନିୟମ, କନ୍‌ସେଣ୍ଟ ଟୁ ଅପରେଟ, ମାଇନିଂ ପ୍ଲାନ୍ ପ୍ରଭୃତିରେ ଖିଲାପକରି ଅନିୟମିତତା କରିଥିବା ହେତୁ ଅନେକ ହଜାର କୋଟି ଟଙ୍କା କ୍ଷତିଭରଣା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ଷତି ଭରଣା ଅର୍ଥ ଓଏମ୍‌ବିଏଡିସିରେ ଜମାହୋଇ ଅଞ୍ଚଳର ବିକାଶମୂଳକ କାର୍ଯ୍ୟରେ ଖର୍ଚ୍ଚ ହୋଇଥାଏ। କ୍ଷତିଭରଣା ଦେବାରେ ଅସମର୍ଥ ଖଣି ଲିଜ୍‌ଧାରୀଙ୍କ ବିରୋଧରେ ଓଡ଼ିଶା ସରକାର ସାର୍ଟିଫିକେଟ କେସ୍ ମଧ୍ୟ ରୁଜୁକରିଛନ୍ତି। ଏହାକୁ ରାଜସ୍ୱ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ତଦାରଖ କରାଯାଉଛି।

# ମାଓବାଦୀଙ୍କ ବନ୍ଦ ଡାକରା

- ଖଞ୍ଜିଥିଲେ ଡିଟୋନେଟର
- ଗଛ ପକାଇ ରାସ୍ତା ଅବରୋଧ

**ଭବାନୀପାଟଣା, ୧୫।୫(ସ୍ୱ.ପ୍ର.)**

୧୨ ଦଫା ଦାବି ନେଇ କଳାହାଣ୍ଡି ଜିଲା ସମେତ ୬ ଜିଲାରେ ସୋମବାର ମାଓବାଦୀ ବନ୍ଦ ଡ଼ାକରା ଦେଇଛନ୍ତି। କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ସିର୍ଲିଗୁଡା ଓ କିଟପଦର ନୀଳଗିରି ବଗିଚା ନିକଟରେ ମାଓବାଦୀମାନେ ଡିଟୋନେଟର ଲଗାଇବା ସହ ରାସ୍ତାରେ ଗଛ ପକାଇ ରାସ୍ତା ଅବରୋଧ କରିଥିଲେ। ଏଥିସହ ବ୍ୟାନର ଓ ପୋଷ୍ଟର ମାରି ସରକାରଙ୍କୁ ବିଭିନ୍ନ ଦାବି ପୂରଣ ନେଇ ଧମକ ଦେଇଛନ୍ତି। ଏହା ପରେ ପୋଲିସ ଓ ବମ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇ ଡିଟୋନେଟର ଅକାମୀ କରିବା ସହ ରାସ୍ତାରେ ପଡିଥିବା ଗଛକୁ ହଟାଇଥିଲେ। ଏହାପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଜିଲା ଏମ୍.ରାମପୁର ତାପରଙ୍ଗ ସଂରକ୍ଷିତ ଜଙ୍ଗଲରେ ଗତ ୯ ତାରିଖରେ ପୋଲିସ ଓ ମାଓବାଦୀ ଗୁଳି ବିନିମୟରେ ମାଓବାଦୀ କମାଣ୍ଡର ଲଳିତଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାର ପ୍ରତିବାଦ କରିଛି ସିପିଆଇ ମାଓବାଦୀ ସଙ୍ଗଠନ। ଦୃଢ଼ ଜବାବ ଦେବାକୁ ମାଓବାଦୀ ସଙ୍ଗଠନ ଏକ ଅଡିଓ ଟେପ୍ ଜାରି କରି ୧୨ ଦଫା ଦାବି ନେଇ କଳାହାଣ୍ଡି ଜିଲା ସମେତ ୬ ଜିଲାରେ ସୋମବାର ବନ୍ଦ ଡାକରା ଦିଆଯାଇଥିଲା। ଗତ କିଛି ଦିନ ତଳେ ସିପିଆଇ ମାଓବାଦୀ ପ୍ରବକ୍ତା ଚକରା ବିଶୋଇଙ୍କ ଏକ ଅଡିଓ ବାର୍ତ୍ତା ଆସିଥିଲା।

# ଗଛକାଟି ରାସ୍ତା ଅବରୋଧ କଲେ ମାଓବାଦୀ

### ବନ୍ଦ ସମର୍ଥନ କରିବାକୁ ବ୍ୟାନର, ପୋଷ୍ଟର

**ରାୟଗଡ଼ା/ଚନ୍ଦ୍ରପୁର, ୧୫।୫(ସ୍ୱ.ପ୍ର./ଡି.ଏନ.ଏ.)**

ମାଓବାଦୀ ସଙ୍ଗଠନ ପକ୍ଷରୁ ୧୨ ଦଫା ଦାବି ନେଇ ମେ ୧୫ରେ ଓଡ଼ିଶାର ୭ ଜିଲାରେ ବନ୍ଦ ପାଳନ କରିବାକୁ କିଛିଦିନ ତଳେ ଅଡିଓ ଟେପ୍ ଜାରି କରାଯାଇଥିଲା। ଏହି କ୍ରମରେ ସୋମବାର ମାଓବାଦୀ ବିଭିନ୍ନ ସ୍ଥାନରେ ଗଛ କାଟି ରାସ୍ତା ଅବରୋଧ କରିବା ସହ ଦାବି ପୂରଣ ପାଇଁ ପୋଷ୍ଟର, ବ୍ୟାନର ମାରିଛନ୍ତି।

ମାଓବାଦୀ ସଙ୍ଗଠନର ପ୍ରବକ୍ତା ଚକରା ବିଷୋୟୀ ରାଜ୍ୟର ୭ ଜିଲା ରାୟଗଡ଼ା, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ଗଜପତି ଓ ନୟାଗଡ଼ରେ ୨୪ଘଣ୍ଟିଆ ବନ୍ଦ ଡାକରା ଦେଇଥିଲେ। ଏହି କ୍ରମରେ ରାୟଗଡ଼ା ଜିଲାରେ ମାଓବାଦୀଙ୍କ ତରଫରୁ ଗଛକାଟି ରାସ୍ତା ଅବରୋଧ କରାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ବ୍ୟାନର ଓ ପୋଷ୍ଟର ଲଗାଇଛନ୍ତି। ଜିଲାର ଦୁର୍ଗମ ଅଞ୍ଚଳ ଚନ୍ଦ୍ରପୁର ବ୍ଲକ ପୂର୍ବରୁ ମାଓବାଦୀଙ୍କ ଆଜ୍ଞା ପାଳିଥିଲା। ତେବେ ଦୀର୍ଘଦିନର ବ୍ୟବଧାନ ପରେ ପୁଣି ସେଠାରେ ମାଓବାଦୀ ସକ୍ରିୟ ହୋଇଛନ୍ତି। କନ୍ଧମାଳ, ଗଜପତି ଓ ରାୟଗଡା ଜିଲାର ଏହା କେନ୍ଦ୍ରସ୍ଥଳ ହୋଇଥିବାରୁ ଘଞ୍ଚ ଜଙ୍ଗଲରେ ସେମାନେ ଆଶ୍ରୟ ନେଉଛନ୍ତି। ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ପଙ୍କାଲଗୁଡି ନିକଟରେ ଗଛକାଟି ରାସ୍ତା ଅବରୋଧ କରାଯାଇଥିଲା। ସେଠାରେ ମଧ୍ୟ ବ୍ୟାନର ଓ ପୋଷ୍ଟର ଲାଗିଥିଲା। ରାସ୍ତା ଅବରୋଧ



ମାଓବାଦୀମାନେ ରାସ୍ତା ଅବରୋଧ କରି ବ୍ୟାନର ଲଗାଇଛନ୍ତି।

ଯୋଗୁ ଚନ୍ଦ୍ରପୁର ଓ ମୁନିଗୁଡା ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିଲା। ଖବରପାଇ ସିଆର୍‌ପିଏଫ୍ ଯବାନ ପହଞ୍ଚି ଗଛକୁ ହଟାଇବା ସହ ବ୍ୟାନର ଓ ପୋଷ୍ଟର ଜବତ କରିଥିଲେ। ମାଓବାଦୀଙ୍କ ବନ୍ଦ ପାଳନ ଯୋଗୁ ଜିଲାରେ ସରକାରୀ ବସ୍ ଚଳାଚଳ ବନ୍ଦ ଥିଲା। ସେହିଭଳି କେତେକ ଅଞ୍ଚଳକୁ ଘରୋଇ ବସ୍ ମଧ୍ୟ ଚଳାଚଳ କରି ନ ଥିଲା। ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ପୋଲିସ ତରଫରୁ ଜିଲାର ବିଭିନ୍ନ ସ୍ଥାନରେ କୋମ୍ବିଂ ଅପରେଶନ ଜୋରଦାର କରାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ଯବାନଙ୍କ ତରଫରୁ କଡ଼ା ଚେକିଂ କରାଯାଇଛି। ସୂଚନାଯୋଗ୍ୟ, ମାଓବାଦୀଙ୍କ ବ୍ୟାନରରେ ଉଲ୍ଲେଖ ଥିବା ଦାବି ମଧ୍ୟରେ ସରକାର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ଆଦର୍ଶ ବିଦ୍ୟାଳୟ ଓ ମେଡିକାଲ ପ୍ରତିଷ୍ଠା, ବାର୍ଦ୍ଧକ୍ୟ, ବେକାରି ଓ ଗରିବମାନଙ୍କ ପାଇଁ ମାସିକ ୩ ହଜାର ଟଙ୍କା ଷ୍ଟାଇପେଣ୍ଡ ବ୍ୟବସ୍ଥା କରିବା, ଆଦିବାସୀ ଅଞ୍ଚଳରେ ପେସା ଆଇନ ଲାଗୁ କରିବା ସହ ପ୍ରତି ପରିବାରକୁ ୧୫ ଏକର ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଅଙ୍ଗନୱାଡି କର୍ମୀ ଓ ଶିକ୍ଷକଙ୍କ ଦାବି ଗ୍ରହଣ, ବିସ୍ଥାପନ ବନ୍ଦ କରି ଜଳ, ଜଙ୍ଗଲ ଓ ଜମି ଉପରେ ଅଧିକାର ଦେବା ଆଦି ରହିଛି।



ତେଲଙ୍ଗାନାର ପ୍ରତିଷ୍ଠା ଦିବସ ଏବଂ ୧୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୧ ଦିନିଆ ଏକ ବିଶାଳ ମହୋତ୍ସବ ଜୁନ୍ ୨ରୁ ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ତେଲଙ୍ଗାନାର ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ବହୁ ବରିଷ୍ଠ ମନ୍ତ୍ରୀ, ବିଧାୟକ, ଅଧିକାରୀ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଅଛନ୍ତି।

# ସାଇ ସମ୍ଭବ ଓ ଦିବ୍ୟାଂଶା ହେଲେ ଜୁନିୟର ଉତ୍କଳ

**ଭୁବନେଶ୍ୱର,୧୫।୫**

ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ମିଷ୍ଟର ଆଣ୍ଡ୍ ମିସ୍ ଉତ୍କଳ ପିଜାଣ୍ଟ ଶୋ–୨୦୨୩ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ସ୍ଥାନୀୟ କଳ୍ପନାଛକ ସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ର ଅଭିନବ କାର୍ଯ୍ୟକ୍ରମ 'ମିଷ୍ଟର ଆଣ୍ଡ୍ ମିସ୍ ଉତ୍କଳ ପିଜାଣ୍ଟ ଶୋ–୨୦୨୩'ର ୩ୟ ସଂସ୍କରଣ ଆୟୋଜିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଚଳିତ ବର୍ଷ ପ୍ରତିଯୋଗିତା ପାଇଁ ୪ଟି ବର୍ଗ ରଖାଯାଇଥିଲା। ଏପରିକି ମିଷ୍ଟର ଏବଂ ମିସ୍ ଜୁନିୟର, ମିଷ୍ଟର ଏବଂ ମିସ୍ ସିନିୟର ସହ ରନର୍ସ ଅପ୍ ମିଷ୍ଟର ଏବଂ ମିସ୍ ଜୁନିୟର ଓ ମିଷ୍ଟର ଏବଂ ମିସ୍ ସିନିୟର୍ ଇତ୍ୟାଦି। ଏହି ପରିପ୍ରେକ୍ଷୀରେ ସିନିୟର ପୁରୁଷ ବର୍ଗରେ ଯୁବରାଜ ସିଂ ଟାଇଟଲ ଜିତିଥିବା ବେଳେ ଅମିତ ମେହେର ରନର୍ସ ଅପ ହୋଇଥିଲେ। ସିନିୟର ମହିଳା ବର୍ଗରେ ସୋନମ ଆଚାର୍ଯ୍ୟ ୱିନର ହୋଇଥିବା ବେଳେ ମିନୁ ଭୋଇ ରନର୍ସ ଅପ ହୋଇଥିଲେ। ସେହିପରି ଜୁନିୟର ମିଷ୍ଟର ବର୍ଗରେ ଯସ ରାଜ୍ ୱିନ୍‌ର ହୋଇଥିବା ବେଳେ ସାଇ ସମ୍ଭବ ରନର୍ସ ଅପ୍ ହୋଇଥିଲେ। ଜୁନିୟର ମିସ୍ ବର୍ଗରେ ଦିବ୍ୟାଂଶା ପଣ୍ଡା ୱିନର ହୋଇଥିବା ବେଳେ ଆୟୁଷୀ ପୂର୍ଣ୍ଣବୀ ରନର୍ସ ଅପ ହୋଇଥିଲେ। ଅପରପକ୍ଷରେ ମିସେସ୍ ଇଣ୍ଡିଆ ୱାର୍ଲ୍ଡ–୨୦୨୧ର ବିଜେତା କୋମଲ୍ ନବଦୀପ କୌରଙ୍କ ସମେତ ମଲର ନିର୍ଦ୍ଦେଶିକା ପୂର୍ଣ୍ଣିମା ବୈଦ, ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ, ଅମିତ ବୈଦ, ନିର୍ଦ୍ଦେଶକ ପ୍ରକାଶ ଭୂରା, ପ୍ରତିଷ୍ଠାତା ଭଓ୍ୱଁରଲାଲ ବୈଦ ପ୍ରମୁଖ ବିଜେତା ଏବଂ ଉପବିଜେତାମାନଙ୍କୁ ନଗଦ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ କୋରିଓଗ୍ରାଫର ପ୍ରଶାନ୍ତ ଦାସଙ୍କ ନିର୍ଦ୍ଦେଶନାରେ ଉକ୍ତ ଫ୍ୟାଶନ ଶୋ'ର ଆୟୋଜନ ହୋଇଥିବା ବେଳେ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲରେ ଓଲିଉଡ୍ ଅଭିନେତ୍ରୀ ଶୀତଲ୍ ପାତ୍ର, ସୂର୍ଯ୍ୟମୟୀ ମହାପାତ୍ର, ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ, ଫ୍ୟାଶନ ଡିଜାଇନର୍ ତେଜସ ଗାନ୍ଧୀ, ସୋନାଲୀ ମିଶ୍ର ପ୍ରମୁଖ ବିଚାରକ ଭାବେ ଉପସ୍ଥିତ ଥିଲେ। ପରିଶେଷରେ ମଲର ଡିଜିଏମ୍ (ମାର୍କେଟିଂ) ଦୁଲାଲ ଚନ୍ଦ୍ର ସାହୁ ଓ ଜେନେରାଲ ମ୍ୟାନେଜର କ୍ରିଷ୍ଣେନ୍ଦୁ ପଣ୍ଡିତ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିବା ସମସ୍ତ ସଂସ୍ଥା ଓ ପ୍ରତିଯୋଗୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନେକ କ୍ରୀଡ଼ାବିତ୍, ସମାଜସେବୀ, କଳାକାର ଓ ଅନ୍ୟମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ପ୍ରତିଯୋଗିତାର ସମସ୍ତ ବିଜେତାମାନଙ୍କୁ ଆଗାମୀ ଦିନରେ ମଲ୍‌ର ବିଭିନ୍ନ କଣ୍ଟ୍ରାକ୍ଟରେ ରଖାଯିବ ବୋଲି ମଲ୍ ପକ୍ଷରୁ ସୂଚନା ଦିଆଯାଇଛି। ମଲ୍ ପକ୍ଷରୁ ଆୟୋଜିତ ଫ୍ୟାଶନ ଶୋ'ରେ ଅଂଶ ଗ୍ରହଣ କରି ପ୍ରତିଯୋଗୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏପରିକି ଚଳିତ ବର୍ଷର ଫ୍ୟାଶନ ଶୋ'ରେ ବରିଷ୍ଠ ନାଗରିକମାନଙ୍କୁ ମଧ୍ୟ ସାମିଲ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକମାନେ ରାମ୍ପ ଶୋ'ରେ ଅଂଶଗ୍ରହଣ କରି ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ, ଯାହା ଉପସ୍ଥିତ ଦର୍ଶକ ଓ ପ୍ରତିଯୋଗୀମାନଙ୍କୁ ବେଶ୍ ଉତ୍ସାହିତ କରିଥିଲା। ବିଶେଷ କରି ଅଡ଼ିଶନ ପର୍ଯ୍ୟାୟରେ ଶତାଧିକ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ମୋଟ୍ ୬୦ଜଣ ପ୍ରତିଯୋଗୀଙ୍କୁ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଚୟନ କରାଯାଇଥିଲା। ଏପରିକି ପୁରୁଷ ବର୍ଗରେ ୧୫, ମହିଳା ୧୫ ଏବଂ ଜୁନିୟର ବର୍ଗରେ ୧୫ ଓ ସିନିୟର ୧୫ ଜଣ ଲେଖାଏ ଚୟନ ହୋଇଥିଲେ।




# ନାବାଳିକାଙ୍କୁ ବଳାତ୍କାର, ଶିକ୍ଷକ ଗିରଫ

**ପାଟଣା,୧୫।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଶିକ୍ଷକଙ୍କୁ ଗିରଫ କରିଛି। ଗିରଫ ଶିକ୍ଷକ ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଅଞ୍ଚଳ ବାରକୁଳି ଗାଁର ଶୁଭେନ୍ଦୁ ପ୍ରଧାନ(୩୫)। ଅଭିଯୁକ୍ତ ପଟଣା ବ୍ଲକ୍ ଟାଙ୍ଗରପଡ଼ା ଉଚ୍ଚ ବିଦ୍ୟାଳୟର ଭୋକେସନାଲ ଶିକ୍ଷକ ଭାବେ ନିଯୁକ୍ତ ଥିଲେ। ନାବାଳିକା ଜଣକ ପାଟଣା ଅଞ୍ଚଳର ଏକ ମହାବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷରେ ପଢୁଥିଲେ। ଗତ ଏପ୍ରିଲ ୧୧ରେ କଲେଜ ଯାଇ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ପରିବାର ପକ୍ଷରୁ ପାଟଣା ଥାନାରେ ଅପହରଣ ଅଭିଯୋଗ ହୋଇଥିଲା। ପାଟଣା ଥାନାରେ (ନଂ.୬୨/୨୩) ଏକ ମାମଲା ରୁଜୁ ହୋଇଥିଲା। କିଛିଦିନ ପରେ ସମ୍ପୃକ୍ତ ନାବାଳିକା ଇନଷ୍ଟାଗ୍ରାମ ମାଧ୍ୟମରେ ପରିବାର ଲୋକଙ୍କୁ କଲ କରି ଶିକ୍ଷକ ଜଣକ ଏକ ଘରେ ତାଙ୍କୁ ବନ୍ଦୀ ଭଳି ରଖିଥିବା କହିଥିଲେ। ଉକ୍ତ ଘରର ଲୋକେସନ ପଠାଇଥିଲେ। ପରିବାର ଲୋକେ ପାଟଣା ପୋଲିସ ସହାୟତାରେ ବେଙ୍ଗାଲୁରୁ ମାଜିଷ୍ଟିଟ ଟାଉନର ଏକ ଘରୁ ଗୁରୁବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ଶୁଭେନ୍ଦୁଙ୍କୁ ଗିରଫ କରିଥିଲା। ରବିବାର ଉଭୟଙ୍କ ଡାକ୍ତରୀ ପରୀକ୍ଷା ପରେ ଅଭିଯୁକ୍ତ ଶିକ୍ଷକଙ୍କୁ କୋର୍ଟଚାଲାଣ କରାଯାଇଛି।

# ଲୁଟେରାଙ୍କୁ କାବୁ କରିବାକୁ ଯାଇ ଗୁଳି ଖାଇଲେ

**ରାଇରଙ୍ଗପୁର,୧୫।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବହଳଦା ଥାନା ବହଳଦା ଛକ ନିକଟରେ ସୋମବାର ରାତିରେ ଗୁଳିକାଣ୍ଡ ଘଟିଛି। ଲୁଟେରାଙ୍କୁ କାବୁ କରିବାକୁ ଯାଇ ଜଣେ ବ୍ୟକ୍ତି ଗୁଳିମାଡ଼ରେ ଗୁରୁତର ହୋଇଛନ୍ତି। ତାଙ୍କୁ ଜାମସେଦପୁରସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ପଠାଯାଇଛି। ଗୁରୁତର ବ୍ୟକ୍ତି ଜଣକ ହେଲେ ସ୍ଥାନୀୟ ଅଞ୍ଚଳର ଗୌରବ ଦାସ। ସେହିପରି ଉତ୍ତ୍ୟକ୍ତ ଲୋକଙ୍କ ମାଡ଼ରେ ଜଣେ ଲୁଟେରା ଆହତ ହୋଇ ପ୍ରଥମେ ରାଇରଙ୍ଗପୁର ଓ ପରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅନ୍ୟ ୨ ଲୁଟେରା ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ରାତି ୯ଟାରେ ବହଳଦା ଛକ ନିକଟରେ ୩ଲୁଟେରା କାର୍ତ୍ତିକ ସ୍ୱାଇଁ ନାମକ ଜଣେ ବ୍ୟବସାୟୀଙ୍କୁ ଅଟକାଇ ଲୁଟ ଉଦ୍ୟମ କରୁଥିଲେ। ବ୍ୟବସାୟୀଙ୍କ ପାଟିଶୁଣି ସ୍ଥାନୀୟ ଅଞ୍ଚଳର ଲୋକେ ପହଞ୍ଚି ଲୁଟେରାଙ୍କୁ କାବୁ କରିବା ପାଇଁ ଚେଷ୍ଟା କରିଥିଲେ। ଏହି ସମୟରେ ଜଣେ ଲୁଟେରା ଗୁଳିଚାଳନା କରିଥିଲେ। ଗୁଳିଟି ଗୌରବଙ୍କ ପେଟରେ ବାଜିବାରୁ ସେ ଗୁରୁତର ହୋଇଥିଲେ। ପରେ ଗୁଳି ଚଳାଇଥିବା ଲୁଟେରାଙ୍କୁ ଲୋକେ କାବୁ କରି ନିସ୍ତୁକ ମାଡ଼ ମାରିବାରୁ ସେ ଆହତ ହୋଇଥିଲେ। ପୋଲିସ ପହଞ୍ଚି ଗୋଟିଏ ବନ୍ଧୁକ ଓ ୬ ରାଉଣ୍ଡ ଅଫୁଟା ଗୁଳି ଜବତ କରିଛି।

# ଛାତ ଉପରେ ନାବାଳକଙ୍କ ମୃତଦେହ: ହତ୍ୟା ସନ୍ଦେହ

**ବ୍ରହ୍ମପୁର ଅଫିସ,୧୫।୫:** ବ୍ରହ୍ମପୁର ନିମଖଣ୍ଡି ଥାନା ଜଗଦଳପୁର ବାଉରି କମାପଲ୍ଲୀ ଗ୍ରାମର ସୀମାଞ୍ଚଳ ଦାସଙ୍କ ପୁଅ ଶିବ(୭)ଙ୍କ ମୃତଦେହ ତାଙ୍କ ଘର ଛାତ ଉପରୁ ମିଳିଛି। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ମୃତଦେହ ପଞ୍ଚନାମା ବେଳେ ଶିବଙ୍କ ବେକରେ ଏକ କଳା ଦାଗ ରହିଥିବା ପୋଲିସ ଜାଣିବାକୁ ପାଇଛି। ସୋମବାର ପୋଲିସ ମୃତଦେହ ଜବତ କରି ୧୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ଭାବାନନ୍ଦ ପ୍ରଧାନ କହିଛନ୍ତି। ରବିବାର ଅପରାହ୍ଣ ୫ଟାରେ ଶିବ ଅଚେତ ହୋଇ ଛାତ ଉପରେ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ତୁରନ୍ତ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ।

## OFFICE OF THE GENERAL MANAGER, WATCO PROJECT DIVISION SAMBALPUR, ODISHA-768005

No.C-313:
E-mail:gmprojectsbp@gmail.com

**NATIONAL COMPETITIVE BIDDING THROUGH e-Procurement**
**Invitation for Bids (IFB)**
**Bid Identification No.03/Project/WATCO/SBP/2023-24, Dated 11.05.2023**

| Sl. No. | Name of Work | Appx. Estimated Cost (Rs. in Lakh) | Period of Completion | Availability of Bid Document for Online Bidding From | To | Class of the Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Laying of 500 mm dia RCC NP3 Sewer and Construction of 1500 mm dia manhole chambers from MH- 3978 to MH-4011 along Zilla School chowk - Senpark road in Catchment-3 in part commissioning area of Sambalpur Sewerage System. | 39.10 | 03 (Three) Months | 11.00 Hrs. of 18.05.2023 | 17.00 Hrs. of 28.05.2023 | C &B |
| 2 | Laying of 500 mm dia RCC NP3 Sewer and Construction of 1500 mm dia manhole chambers from MH-4011 to MH 4030 along Zilla School chowk - Senpark road in Catchment-3 in part commissioning area of Sambalpur Sewerage System. | 30.45 | 03 (Three) Months | 11.00 Hrs. of 18.05.2023 | 17.00 Hrs. of 28.05.2023 | C & B |
| 3 | Laying of 500 mm dia RCC NP3 Sewer and Construction of 1500 mm dia manhole chambers from MH-4030 to MH 4088 along Zilla School chowk - Senpark road in Catchment-3 in part commissioning area of Sambalpur Sewerage System. | 30.70 | 03 (Three) Months | 11.00 Hrs. of 18.05.2023 | 17.00 Hrs. of 28.05.2023 | C & B |

Further details can be seen from the e-Procurement portal "https://www.tendersodisha.gov.in"
Name and address of Officer Inviting Bid: The General Manager, O/o The General Manager, WATCO Project Division,Sambalpur,768005, Tel-0663-2411921

Sd/- General Manager
WATCO Project Division, Sambalpur

OIPR-13236/11/0003/2324

## OFFICE OF THE EXECUTIVE ENGINEER (AGRIL.), KANDHAMAL DIVISION, PHULBANI

PHONE NO. 06842-53857, Email Id: aaekandhamal.dag@nic.in

**INVITATIONS FOR BIDS THROUGH e-Procurement**

No- 536 Date-12/05/2023

**Bid Identification No/e-Procurement Notice No. -E.E (A)-KANDHAMAL Division -01/2023-24**

**No.L-29:**1. The Executive Engineer (Agril.), Kandhamal Division, Phulbani, Odisha on behalf of Governor of Odisha invites Percentage Rate Bids in Single cover system for the works as detailed in table below.

| SL. No. | Name of the Work | Approximate Estimated Cost put to tender (Excluding G.S.T.) (Rs.) | Cost of Bid Documents (in Rs.) | Cost of EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Extension of first floor of FIAC building, Kantamal | 20,83,690/- | 6.000/- | 20,900/- | C&D | 150 Days |
| 2 | Extension of first floor of FIAC building, Boudh | 20,83,620/- | 6.000/- | 20,900/- | C&D | 150 Days |
| 3 | Extension of FIAC building Harabhanga | 18,08,860/- | 6.000/- | 18,100/- | C&D | 150 Days |

The bidders have to participate in ONLINE bidding only. The web-site for **"ONLINE BIDDING"** is http://tendersorissa.gov.in. Bid documents will be available in above Website from Dt 15.05.2023 at 10.30 AM up to 5.30 PM of Dt.26.05.2023 for "ONLINE BIDDING". Date of original bid documents submission Dt 16.05.2023 at 07.30 AM to Dt 30.05.2023 upto 1.00 PM (Except Holidays) through Government Speed Post/ Registered Post only. Personal submission/ Private Courier service is not allowed.Online bids shall be opened at 10.00 AM & onwards on Dt. 31.05.2023. If more than one bid quoted at 14.99% (Decimal up to two numbers will be taken for all practical purposes) less than the estimated cost, the tender accepting authority will finalize the tender through a transparent lottery system on dated 05.06.2023 at 11.00 AM in presence all bidders/ their authorized representatives in the office of the undersigned, if the office happens to be closed on the scheduled date of lottery, then the lottery shall be conducted on the next working day at the same time and venue. No further correspondence shall be made in this regard. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e- Procurement website www.tendersorissa.gov.in.
N.B: Subsequent corrigendum / addendum if required shall be available in the website as indicated above.

Sd./- Er. Rabindra Sahoo
Executive Engineer (Agril.), Kandhamal Division, Phulbani
OIPR-01468/11/0003/2324

## OFFICE OF THE COLLECTOR & DISTRICT MAGISTRATE, BALASORE

**TENDER CALL NOTICE**

**TENDER CALL NOTICE FOR PROVIDING OUTSOURCING SERVICES OF GROUP-D PERSONNEL UNDER THE ADMINISTRATIVE CONTROL OF COLLECTOR, BALASORE THROUGH MANPOWER SERVICE PROVIDER AGENCY**

**Notice No. IVA-03/2023/5057/Estt. Dt. 10.05.2023**

No. F-53: Sealed tenders are invited in the precribed froamt from Outsourcing Service Provider Agencies for providing outsourcing services of 89 (Eighty Nine) numbers of different Group-D personnel under the Administrative Control (Under Revenue Hierarchy) of Collector, Balasore for a period of one year from the date of commencing of the contract.
The detail of tender paper along with Terms and Conditions is available in hte officila website of Balasore district: **https://baleswar.nic.in**. The tender documents complete in all respect should reach to office of the Collector, Balasore latest by 24.05.2023 through Speed/Registered Post only.

Sd./- Collector & Distirct Magistrate, Balasore
OIPR-24242/11/0002/2324

## OFFICE OF THE MUNICIPALITY, NABARANGPUR

No. 1830 Dt. 12.05.23

**E-Procurement Notice**
**Bid Identification No. MUN-NAB-SAN NO. 002/2023-24**

No.C-320:- Name of the work for which e-Tender invited - Supply of labour, Vehicles, machineries & equipments for Sanitation Works including collection of solid waste from Door to Door, Road sweeping, Drain Cleaning, Bush Cutting, Bed level desilting from Ward No. 6, 7, 8, 12, 13, 14, 15 & 16 of Nabarangpur Municipality area for the F.Y. 2023-24.

1. Estimated cost of work (Annually) - **Rs. 1,17,44,000/-**
2. Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.Os having similar nature of work experience of at least Five years and fulfilling the other criteria as given in the D.T.C.N.
3. The Bid documents will be available in the web-site i.e http://www.tendersodisha.gov.in from **15.05.2023 to 26.05.2023** for online bidding.
4. Bid identification No.**01/NAB-MUN/2023-24.**
5. Last date & time of receipt of Bid through online: **26.05.2023**.
6. Deposit original financial documents offline : **26.05.2023**.
7. Opening of Bid on **29.05.2023 at 11:00 Hrs**.
8. The bidder has to participate in online bidding only. For further detail information any one can visit the procurement portal of the Govt. of Odisha i.e. http://www.tendersodisha.gov.in/www.nabarangpur.nic.in/nawarangpuram.in

Sd./- Executive Officer,
Nabarangpur Municipality
OIPR-13230/11/0008/2324

## OFFICE OF THE SUPERINTENDING ENGINEER LOWER INDRA CANAL DIVISION, KHARIAR, DIST.: NUAPADA

Email: eelicd.khr@gmail.com

**TENDER CALL NOTICE No. SELICD-01/2023-24 Dated: 12.05.2023**

No. A-137: Sealed Bids in conformity with terms and conditions in the prescribed form are invited from reputed and experienced manpower service provider for providing Outsourcing Personnel in Dam site, Tikhali under office of the Superintending Engineer, Lower Indra Canal Division, Khariar.
The details of the Tender Call Notice and Document are available in the website **https://nuapada.nic.in & https://dowrodisha.gov.in**. The date & time of sale of Bid document is from 16.05.2023 (10.00 A.M.) to 25.05.2023 (01.00 P.M.). The last date & time of receipt of Bid at Office of the Superintending Engineer, Lower Indra Canal Division, Khariar is 29.05.2023 upto 01.00 P.M. and will be opened on 30.05.2023 at 11.00 A.M.

Sd./- Superintending Engineer
OIPR-32206/11/0002/2324

## GOVERNMENT OF ODISHA
**"e" PROCUREMENT NOTICE**
## Rajgangpur Municipality

**Bid Identification No. - EO/RGP/01 of 2023-24**
**e-mail ID- rajgangpurmunicipality@gmail.com**
No.C-315:- **No. 1546, Dated 15.05.2023**

| | | |
|---|---|---|
| 1) | Total Number of Work | : 67 (Sixty Seven) Nos. Imp. of B.T. Road, Paver Block Road, Drain with Cover slab & C.C. Road etc. |
| 2) | Approximate Estimated Cost | : 3.00 Lakhs to 19.90 Lakhs |
| 3) | Period of Completion | : 120 Days |
| 4) | Date & time of availability of the bid documents in the portal | : 17.05.2023 at 11.00 A.M. to 28.05.2023 up to 5.00 P.M. |
| 5) | Last date of receipt of Bids in the portal | 28.05.2023 up to 5.00 P.M. (On line) |
| 6) | Bids Receipt online shall be opened on | 29.05.2023 at 10.00 A.M. (On Line) |
| 7) | Name & address of the Officer Inviting Bid | Executive Officer, Rajgangpur Municipality |
| 8) | The Bidders have to participate in ONLINE bidding only; further details can be seen from the e-procurement portal. http://tendersodisha.gov.in | |

Sd./- Gobinda Dansena
Executive Officer, Rajgangpur Municipality
OIPR-13094/11/0003/2324

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**Tender Call Notice No.**
**BBSR/ELECT-II/E-114/22-23 1492, Dt.11.05.23**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**No.CAD-569:**Name of the Work: Construction of 11/0.4 KV, 500 KVA Substation alongwith 11KV line towards Power Supply to Sports Complex at Burla, Sambalpur.

| Procurement Officer | Bid Identification No. | Availability of Tender Online for Bidding From | To |
|---|---|---|---|
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT-II/ e-04/23-24 | 18.05.2023 at 12.00 Hrs. | 26.05.2023 at 17.00 Hrs. |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-Procurement portal as well as in IDCO Website.

Sd./- Divisional Head (Elect-II)
IDCO, Bhubaneswar
OIPR-14003/11/0046/2324

## LEVEL-II TRANSPORT CONTRACTOR 2023-25

**NOTICE INVITING TENDER**

## Office of the District Manager, Odisha State Civil Supplies Corporation Ltd., Nayagarh

Phone No.:- 06753-253942,
District Website:- www.nayagarh.nic.in
Tender No.1954,1955,1956,1957,1958,1959,1960 & 1961/Dt. 12.05.2023

**No.CAD-573:**District Manager, Odisha State Civil Supplies Corporation Ltd., Nayagarh invites tenders in Double Cover System through ONLINE MODE ONLY for the work below.

| | | |
|---|---|---|
| 1 | Name of the Work | Selection and appointment of Transport Contractor Level-II for transportation of foodgrains from (RRC-cum-DSCs) to F.P.S/ Retailer Point in the district Nayagarh of the State of Odisha. |
| 2 | Availability of bid document in the portal | From 15.05.2023 |
| 3 | Last Date/Time for receipt of bids in the portal | 05.06.2023 upto 5.00 PM |
| 4 | Date/Time of Opening of Technical Bid | 06.06.2023 at 11.00 AM onwards |
| 5 | Name and address of the Officer inviting Tender | CSO-cum-District Manager, O.S.C.S.C Ltd., Nayagarh |

Tender Documents and other details can be seen from the e-procurement portal www.oscsc.in, www.foododisha.in & www.tenderodisha.gov.in along with district website.Amendments/corrigendum/cancellation/retenders etc. if any shall be published only in above websites.

Sd./- District Manager
O.S.C.S.C. Ltd., Nayagarh
OIPR-07057/11/0003/2324

## OFFICE OF THE PRINCIPAL SADHU CHARANA GOVERNMENT UPGRADED HIGHER SECONDARY SCHOOL, BIRANARASINGHPUR

At/Post: Biranarasinghpur, Block: Harabhanga,
District: Boudh, PIN - 762024
Email: schighschoolbeeranarasinghpur@gmail.com
Contact No.: 9437412715 & 9937884449

**WALK-IN-INTERVIEW FOR ENGAGEMENT OF GUEST FACULTIES**

**Advt. No. 01 Dt.13.05.2023**

No. n -45: A Walk-in-Interview for engagement and empanelment of Guest Faculties for Higher Secondary Classes (+2) in Subjects (English, Odia, Political Science, History, Economics, Sociology) will be held in the School premises for the Session 2023-24. or till the vacancies are filled up whichever is earlier Retired Govt./Non-Govt. Aided teachers below 65 years of age/fresh candidates who have secured minimum 50% marks in PG in respective subject may attend the interview between 7.00 A.M. to 1.00 P.M. as per the schedule given below with their complete Bio-data, two passport size photographs and all certificates and mark sheets from HSC to PG in original along with one set of self attested photo copies. The candidate must report before 7.00 A.M. on the scheduled date.
No TA/DA is admissible for attending the interview. The candidates having B.Ed. Degree (Except in Logic/Philosophy, Sociology subjects) and PGDCA will be given weightage. The remuneration is @ Rs.400 per class subejct to a maximum of 50 classes in a month. The Principal reserves right to cancel part or whole of the above Walk-in-Interview without assigning any reason thereof.

| Date | Timing | Subjects |
|---|---|---|
| 29.05.2023 (Monday) | 7 A.M. to 10 A.M. | Odia |
| | 10 A.M. to 1.00 P.M. | Economics |
| 30.05.2023 (Tuesday) | 7 A.M. to 10 A.M. | English |
| | 10 A.M. to 1.00 P.M. | Political Science |
| 31.05.2023 (Wednesday) | 7 A.M. to 10 A.M. | History |
| | 10 A.M. to 1.00 P.M. | Sociology |

**N.B.:** Candidates may send their C.V. for registration in Mail ID: **schighschoolbeeranarasinghpur@gmail.com**.

Sd./- Principal
Sadhu Charana Government Upgraded
Higher Secondary School, Biranarasinghpur
OIPR-11079/11/0001/2324

## GOVERNMENT OF ODISHA DEPARTMENT OF WATER RESOURCES OFFICE OF THE SUPERINTENDING ENGINEER, SAMBALPUR IRRIGATION DIVISION, SAMBALPUR

E-mail id-sidsambalpur@gmail.com

**e-Procurement Notice No. SESID-01/2023-24,**
**Bid Identification No.SESID-01 (01-13)/ 2023-24**

No.1708 Date:10.05.23

**No.A-143:**Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | |
|---|---|---|
| 1. | Nature of Works | : Canal Works |
| 2. | Nos. of works | : 13 Nos |
| 3. | Bid Identification No. | : SESID-01(01-13)/2023-24 |
| 4. | Estimated Cost | : 5.04 - 9.97 Lakhs |
| 5. | Earnest Money Deposit | : Referred to DTCN |
| 6. | Cost of Tender Paper | : Referred to DTCN |
| 7. | Period of Completion | : Referred to DTCN |
| 8. | Date and Time of availability of Bid Document in the Portal | : Dt. 17.05.2023 at 11.00 AM to Dt: 30.05.2023 up to 17.00PM |
| 9. | Last Date / Time for receipt of Bids in the Portal | : Dt: 30.05.2023 up to 17.00 PM. |
| 10. | Date of Bid Opening | : Dt: 31.05.2023 at 11.00 AM. |
| 11. | Clarification seeking date | : Dt: 17.05.2023 at 11.00 AM to Dt 30.05.2023 upto 17.00 PM |
| 12. | Date of Lottery (if required) | : Dt: 03.06.2023 at 11.00 hours in the O/o Superintending Engineer, Sambalpur Irrigation Division, Sambalpur |
| 13. | Name and Address of the Officer Inviting Bid | : Superintending Engineer, Sambalpur Irrigation Division, Sambalpur At/Po- Khetrajpur - 768003, Dist-Sambalpur, Email id: sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/ corrigendum/ cancellation of tender can also be seen in said website.

Sd./- Superintending Engineer
Sambalpur Irrigation Division, Sambalpur
OIPR-32129/11/0003/2324



ହାଇଦ୍ରାବାଦର ହାଇଟେକ୍ସ ପ୍ରଦର୍ଶନୀ କେନ୍ଦ୍ରଠାରେ 'ଇଣ୍ଡୋମାକ ଇଣ୍ଡଷ୍ଟ୍ରିଆଲ ଆଣ୍ଡ ମେଶିନାରି ଏକ୍ସପୋ-୨୦୨୩' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟାପାରିଆ ଟୁଲ୍ସର ଏକ ସ୍ୱତନ୍ତ୍ର ଷ୍ଟଲ୍ ସହ ବ୍ରାଣ୍ଡର ସମସ୍ତ ଯନ୍ତ୍ରପାତି ଓ ଉତ୍ପାଦ ପ୍ରଦର୍ଶିତ ହୋଇଛି।

## ଆଇପିଓ ଜରିଆରେ ୬୨୫ କୋଟି ହାସଲ ଲକ୍ଷ୍ୟ

ନୂଆଦିଲ୍ଲୀ,୧୫।୫

ଫିନ୍‌କେୟାର ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଇନିସିଆଲ୍ ପବ୍ଲିକ୍ ଅଫରିଂ (ଆଇପିଓ) ଅଣାଯିବ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ମଧ୍ୟ ଆଇପିଓ ସଂକ୍ରାନ୍ତୀୟ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଏଚ୍‌ଆର୍‌ପି) ଦାଖଲ କରାଯାଇଛି। ବିଶେଷ କରି ଇକ୍ୱିଟି ସେୟାର ଜାରି କରି ବ୍ୟାଙ୍କ୍ ଆଇପିଓ ଜରିଆରେ ୬୨୫ କୋଟି ଟଙ୍କା ହାସଲ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଅଫର୍ ଫର୍ ସେଲ୍ ଜରିଆରେ ବ୍ୟାଙ୍କ ତା'ର ପ୍ରତିଷ୍ଠାତା ଓ ନିବେଶକମାନଙ୍କ ୧୭,୦୦୦,୦୦୦ ଇକ୍ୱିଟି ସେୟାର ଉପଲବ୍ଧ କରିବ। ଏଥିରୁ ଯେଉଁ ପାଣ୍ଠି ମିଳିବ ତାହାକୁ ବ୍ୟାଙ୍କର ଭବିଷ୍ୟତ ପୁଞ୍ଜି ଆବଶ୍ୟକତା ପୂରଣ କରିବା ସହ ବ୍ୟାଙ୍କର ଟାୟାର-୧ ପୁଞ୍ଜିରେ ଉନ୍ନତି ଆଣିବା ଦିଗରେ ବ୍ୟବହାର କରାଯିବ।

## ହୋଣ୍ଡା ସାଇନ୍ ୧୦୦ ସିସିର ଡେଲିଭରି

ନୂଆଦିଲ୍ଲୀ,୧୫।୫





ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ହୋଣ୍ଡା ସାଇନ୍ ୧୦୦ ସିସିର ଗ୍ରାହକ ଡେଲିଭରି କାର୍ଯ୍ୟକ୍ରମର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। କର୍ଣ୍ଣାଟକର ନର୍ସାପୁରାଠାରେ ଥିବା କମ୍ପାନୀର ୩ୟ କାରଖାନାରୁ ହୋଣ୍ଡା ସାଇନ୍ ୧୦୦ ସିସିର ପ୍ରେରଣ ଆରମ୍ଭ କରାଯାଇଛି। କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା, ଯେଉଁଥିରେ କମ୍ପାନୀର ସଭାପତି, ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ସୁସୁମୁ ଓଟାନି, ବରିଷ୍ଠ ନିର୍ଦ୍ଦେଶକ (ମାନବ ସମ୍ବଳ ଓ ପ୍ରଶାସନ) ବିଜୟ ଧିଙ୍ଗରା, ନିର୍ଦ୍ଦେଶକ (ଉତ୍ପାଦନ) ନବୀନ ଅୱଲ ଓ ଏଚ୍‌ଏମ୍‌ଏସ୍‌ଆଇର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ୨୦୨୩ ମାର୍ଚ୍ଚରେ କମ୍ପାନୀ ପକ୍ଷରୁ ଓବିଡି-୨ ନିୟମ ପାଳନ କରୁଥିବା ୧୦୦ ସିସି ହୋଣ୍ଡା ସାଇନ୍‌କୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରାଯାଇଥିଲା, ଯେଉଁଥିରେ ଇଏସ୍‌ପି ଇଞ୍ଜିନର ଶକ୍ତି ଏବଂ ୧୨ ନୂଆ ପେଟେଣ୍ଟ୍‌କୁ ବ୍ୟବହାର କରିଛି।

## ଓରିଏଣ୍ଟ ଇଲେକ୍‌ଟ୍ରିକ୍‌ର ନୂତନ ଉତ୍ପାଦ ଉନ୍ମୋଚିତ



ନୂଆଦିଲ୍ଲୀ,୧୫।୫

ଓରିଏଣ୍ଟ ଇଲେକ୍‌ଟ୍ରିକ୍ ଲିମିଟେଡ୍‌ର ନୂତନ ଉତ୍ପାଦ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି କମ୍ପାନୀର ବହୁ ପ୍ରତୀକ୍ଷିତ ତଥା ବିଏଲ୍‌ଡିସି ଟେକ୍ନୋଲୋଜିରେ ନିର୍ମିତ ଫ୍ୟାନ୍‌ଗୁଡ଼ିକର ଏକ ବ୍ୟାପକ ରେଞ୍ଜର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ସାଧାରଣ ଫ୍ୟାନ୍ ତୁଳନାରେ ଓରିଏଣ୍ଟର ୫-ଷ୍ଟାର୍ ରେଟେଡ୍ ବିଏଲ୍‌ଡିସି ଫ୍ୟାନ୍ ୫୦% ପର୍ଯ୍ୟନ୍ତ କମ୍ ଶକ୍ତି ବ୍ୟବହାର କରିଥାଏ।

ଏ ସମ୍ପର୍କରେ ଓରିଏଣ୍ଟ ଇଲେକ୍‌ଟ୍ରିକ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ରାଜନ ଗୁପ୍ତା କହିଛନ୍ତି, ଭାରତୀୟ ଉପଭୋକ୍ତାଙ୍କ ପାଇଁ ଶକ୍ତି ଦକ୍ଷ ଓ ସୁଲଭ ମୂଲ୍ୟର ସମାଧାନ ଆଣିବା ଲାଗି ବିଇଇ, ଇଇଏସ୍‌ଏଲ୍ ଭଳି ଅନୁଷ୍ଠାନଗୁଡ଼ିକ ସହ ମିଶି କାର୍ଯ୍ୟ କରୁଛୁ। ଆମର ବିସ୍ତୃତ ରେଞ୍ଜର ବିଏଲ୍‌ଡିସି ଫ୍ୟାନ୍‌ଗୁଡିକ ଉକ୍ତ ଦିଗରେ ଏକ ପଦକ୍ଷେପ ଏବଂ ଆମେ ବିଶ୍ୱାସ କରୁଛୁ ଯେ ଉପଭୋକ୍ତାମାନେ ଏହି ଫ୍ୟାନ୍‌ରୁ ପାଇବାକୁ ଥିବା ମୂଲ୍ୟକୁ ପ୍ରଶଂସା କରିବେ।

## ଏପ୍ରିଲରେ ୧୨,୫୯୦ ୟୁନିଟ୍ ଟ୍ରାକ୍ଟର ବିକ୍ରି

ନୂଆଦିଲ୍ଲୀ,୧୫।୪





ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ ସୋନାଲିକା ୨୦୨୩-୨୪ ଆର୍ଥିକ ବର୍ଷ ଆରମ୍ଭରୁ ନୂତନ ରକର୍ଡ ସହ ପୂର୍ବ ବର୍ଷର ସମାନ ବିକ୍ରୟ ଧାରା ବଜାୟ ରଖିଛି। ଏପରିକି ୨୦୨୩ ଏପ୍ରିଲରେ ସୋନାଲିକା ମୋଟ ୧୨,୫୯୦ ୟୁନିଟ ଟ୍ରାକ୍ଟର ବିକ୍ରି କରିଛି, ଯାହା କୃଷକ ସମୁଦାୟ ମଧ୍ୟରେ ବ୍ରାଣ୍ଡର ଦ୍ରୁତ ବେଗରେ ବଢୁଥିବା ପସନ୍ଦକୁ ସୂଚିତ କରୁଛି। ଏହି ଅସାଧାରଣ ପ୍ରଦର୍ଶନ ଯୋଗୁ କମ୍ପାନୀ ଟ୍ରାକ୍ଟର ଶିଳ୍ପରେ ୧.୯%ର ବଜାର ଅଂଶ ହାସଲ କରିଛି। ବିଶେଷ କରି କୃଷକଙ୍କ ଚାହିଦାକୁ ଗୁରୁତ୍ୱ ଦେବା ଏବଂ ସେହି ଅନୁଯାୟୀ ଅତ୍ୟାଧୁନିକ ଟେକ୍ନୋଲୋଜିର ନିରନ୍ତର ବିକାଶ କରିବା ପ୍ରତି ସୋନାଲିକାର ଆଭିମୁଖ୍ୟ ଏବଂ କମ୍ପାନୀର ଅଭିବୃଦ୍ଧିକୁ ବିସ୍ତାର କରୁଛି। ସେହିଭଳି ଗବେଷଣା ଓ ଉଦ୍ଭାବନ ପ୍ରକ୍ରିୟା ସମେତ କୃଷକଙ୍କ ସହ ତୃଣମୂଳ ସ୍ତରରେ ସଂଯୋଜିତ ହେବା ଉପରେ କମ୍ପାନୀର ଉଦ୍ଦେଶ୍ୟମୂଳକ ଧ୍ୟାନ ଏହାକୁ ବେଶ ଶକ୍ତିଶାଳୀ ଇଞ୍ଜିନ୍ ସହ ବିସ୍ତୃତ ରେଞ୍ଜର ଟ୍ରାକ୍ଟର, ଇଣ୍ଟେଲିଜେଣ୍ଟ ଟ୍ରାନ୍ସମିଶନ ଓ ହାଇଡ୍ରାଓଲିକ୍ସଗୁଡିକୁ ଡିଜାଇନ୍ କରିବାକୁ ସକ୍ଷମ କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ୨୦୨୩ ଏପ୍ରିଲରେ ଆମେ ୧୨,୫୯୦ଟି ଟ୍ରାକ୍ଟର ବିକ୍ରି କରିଛୁ। ଏପରିକି ଏକ ଉତ୍ସାହଜନକ ଆରମ୍ଭ ସହିତ ନୂଆ ଆର୍ଥିକ ବର୍ଷରେ ପ୍ରବେଶ କରିଛୁ। ଫଳରେ ଆମର ମଜଭୁତ ମୂଳଦୁଆ ସହ ଉନ୍ନତ ପ୍ରକ୍ରିୟା ଓ ଉତ୍ପାଦ ପୋର୍ଟଫୋଲିଓ ମାଧ୍ୟମରେ ଅଧିକ ଲାଭ ହାସଲ କରିବାର ଅନୁଭବ ଆନନ୍ଦଦାୟକ ହୋଇପାରିଛି। ସେହିଭଳି ଆମେ ୧.୯%ର ସର୍ବୋଚ୍ଚ ବଜାର ଅଂଶ ସହ ନୂଆ ଆର୍ଥିକ ବର୍ଷକୁ ଟାର୍ଗେଟ କରିବା ଏବଂ ଉତ୍କର୍ଷତାରୁ ଆଗକୁ ବଢିବା ଲାଗି ଏକ ପ୍ରାରମ୍ଭିକ ପଦକ୍ଷେପ ଭାବେ ବେଗ ଧାର୍ଯ୍ୟ କରୁଛୁ। ଉଲ୍ଲେଖଯୋଗ୍ୟ ସୋନାଲିକା ୨୦୨୩-୨୪ ଆର୍ଥିକ ବର୍ଷରେ କୃଷକଙ୍କୁ ଖୁସି କରିବା ପାଇଁ ଉତ୍କୃଷ୍ଟମାନର ଉତ୍ପାଦ ଓ ସେବା ପ୍ରଦାନ କରିବା ଲାଗି ପ୍ରସ୍ତୁତ ରହିଛି।

## ଗୋଷ୍ଠୀ ବିକାଶକୁ ଗୁରୁତ୍ୱାରୋପ

ନୂଆଦିଲ୍ଲୀ,୧୫।୫

ଦେଶର ପ୍ରମୁଖ ଘରୋଇ ଶିଳ୍ପସଂସ୍ଥା ତଥା ବେଦାନ୍ତ ଗ୍ରୁପର ସହଯୋଗୀ କମ୍ପାନୀ ବେଦାନ୍ତ ସେସାଗୋଆର ଆଇରନ ଓର ଓଡ଼ିଶା ପକ୍ଷରୁ ପ୍ରୋଜେକ୍ଟ ନିର୍ମଳ ମାଧ୍ୟମରେ ସୁନ୍ଦରଗଡ ଜିଲା ନାଡିଡିହି ଅଞ୍ଚଳର ୩ଟି ବିଦ୍ୟାଳୟ ଏବଂ ତିନୋଟି ଅଙ୍ଗନୱାଡି କେନ୍ଦ୍ରକୁ ଆରଓ ୱାଟର ପ୍ୟୁରିଫାୟର ପ୍ରଦାନ କରାଯାଇଛି। ବିଶେଷ କରି କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଜରିଆରେ ଉକ୍ତ ସାମଗ୍ରୀ ପ୍ରଦାନ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ବେଦାନ୍ତ ଲିମିଟେଡର ଆଇରନ ଓର ଓଡିଶା ସିଇଓ ଜୋସେଫ କୋଏଲହୋ ଏବଂ ଆଇରନ ଓର ଓଡିଶାର ସିଏସଆର ମୁଖ୍ୟ ପ୍ରିୟଦର୍ଶିନୀ ମାଥ୍ୟୁଙ୍କ ଉପସ୍ଥିତିରେ ଆରଓ ୱାଟର ପ୍ୟୁରିଫାୟରକୁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ହସ୍ତାନ୍ତର କରାଯାଇଥିଲା। କମ୍ପାନୀର ଏଭଳି ପଦକ୍ଷେପକୁ ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା କମିଟି ଏବଂ ବିଦ୍ୟାଳୟ କର୍ମଚାରୀଙ୍କ ଦ୍ୱାରା ପ୍ରଶଂସା କରାଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ (ବେଦାନ୍ତ ସେସାଗୋଆ)ର ଆଇରନ ଓର ଓଡ଼ିଶା ସିଇଓ ଜୋସେଫ କୋଏଲହୋ କହିଥିଲେ, ଆମେ ଆମର ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛୁ। ଏପରିକି ଆମ ଚାରିପାଖ ଗୋଷ୍ଠୀଙ୍କର ସାମଗ୍ରିକ ବିକାଶ ପାଇଁ ମଧ୍ୟ ଆମେ ପ୍ରତିଶ୍ରୁତିବଦ୍ଧ। ବିଶେଷ କରି ସ୍ୱାସ୍ଥ୍ୟ ଏବଂ ଗୋଷ୍ଠୀର ବିକାଶ କାର୍ଯ୍ୟକ୍ରମ ଆମର ଏକ ପ୍ରମୁଖ କ୍ଷେତ୍ର ହୋଇଥିବା ବେଳେ ଏହି ପଦକ୍ଷେପ ଆମ ପ୍ଲାଣ୍ଟ ଅଞ୍ଚଳର ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସୁବିଧା ସୁଦୃଢ଼ କରିବା ଆମର ପ୍ରୟାସରେ ଏକ ପଦକ୍ଷେପ। ସୂଚନାଯୋଗ୍ୟ, ବେଦାନ୍ତ ରିସୋର୍ସ ଲିମିଟେଡର ସହାୟକ କମ୍ପାନୀ ବେଦାନ୍ତ ଲିମିଟେଡ ହେଉଛି ବିଶ୍ୱର ଅଗ୍ରଣୀ ତୈଳ ଏବଂ ଗ୍ୟାସ ଓ ଧାତୁ କମ୍ପାନୀ, ଯାହାକି ତୈଳ ଏବଂ ଗ୍ୟାସ୍, ଜିଙ୍କ, ଲେଡ, ରୁପା, ତମ୍ବା, ଲୁହାପଥର, ଇସ୍ପାତ, ଏବଂ ଆଲୁମିନିୟମ ତଥା ପାୱାର ଆଦି କ୍ଷେତ୍ରରେ ଭାରତ, ଦକ୍ଷିଣ ଆଫ୍ରିକା ଏବଂ ନାମ୍ବିଆରେ କାର୍ଯ୍ୟ ଜାରି ରଖିଛି।

ଫୁର୍‌ସତ୍



## କାନ୍ସର ରେଡ୍ କାର୍ପେଟରେ ଚାଲିବେ ଅନୁଷ୍କା

**ମୁମ୍ବାଇ:** ବିଶ୍ୱର ସବୁଠାରୁ ବଡ଼ ଫିଲ୍ମ ଫେଷ୍ଟିଭାଲ ଭାବେ ପରିଚିତ କାନ୍ସ ଫ୍ରାନ୍ସର ଉପକୂଳବର୍ତ୍ତୀ ଫ୍ରେଞ୍ଚ ରିଭେରାଠାରେ ମେ' ୧୬ରୁ ଆରମ୍ଭ ହେବାକୁ ଯାଉଛି। ଏଥିରେ ବହୁ ନାମୀଦାମୀ କଳାକାର ଯୋଗଦେବେ। ପୂର୍ବରୁ ଏହି କାନ୍ସର ରେଡ୍ କାର୍ପେଟରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ଦୀପିକା ପାଦୁକୋନ ସାମିଲହୋଇ ବଲିଉଡ୍‌କୁ ଗୌରବାନ୍ୱିତ କରିଛନ୍ତି। ତେବେ ଏଥର ଏହି ତାଲିକାରେ ଅନୁଷ୍କା ଶର୍ମା, ମାନୁଷୀ ଛିଲ୍ଲର, ବିଜୟ ବର୍ମା, ଆଦିତି ରାଓ ହାଇଦରି, ସୋନମ କେ, ଅନୁରାଗ କଶ୍ୟପ ଯୋଡି ହୋଇଛନ୍ତି। ଅନୁଷ୍କା ପ୍ରଥମ ଥର ପାଇଁ କାନ୍ସ ଫେଷ୍ଟିଭାଲରେ ଯୋଗଦେବାକୁ ଯାଉଛନ୍ତି। ଏଥିରେ ମହିଳା ଏବଂ ପୁରୁଷଙ୍କ ଡ୍ରେସ୍ କୋଡ୍ ସ୍ଥିର କରାଯାଇଛି। ଏହା କଡ଼ାକଡ଼ି ଭାବେ ପାଳନ କରିବାକୁ ପଡେ। ମହିଳାଙ୍କ ପାଇଁ କକ୍‌ଟେଲ ପୋଷାକ ବ୍ଲାକ୍ ଟପ୍, ବ୍ଲାକ୍ ଟ୍ରାଉଜର ଏବଂ ଡାର୍କ ଟ୍ରାଉଜର କିମ୍ବା ଅନ୍ୟ ଫର୍ମାଲ ପୋଷାକ ବିକଳ୍ପ ରହିଛି। ପୁରୁଷଙ୍କ ପାଇଁ ଡିନର ଜ୍ୟାକେଟ କିମ୍ବା ସୁଟ୍ ସହ ଏଲିଗାଣ୍ଟ ସୁଜ୍ ପିନ୍ଧିବାକୁ ନିୟମ ହୋଇଛି। ସେଲିବ୍ରିଟିଙ୍କ ବ୍ୟତୀତ ଖବରଦାତା ଏବଂ ଚଳଚ୍ଚିତ୍ର ସମାଲୋଚକମାନେ ମଧ୍ୟ ଏହି ଉତ୍ସବରେ ଯୋଗଦେଇପାରିବେ। ଅନୁଷ୍କା ଏ ପର୍ଯ୍ୟନ୍ତ ଅନେକ ହିଟ୍ ମୁଭି ଦର୍ଶକଙ୍କୁ ଭେଟି ଦେଇଥିବାବେଳେ ଶେଷ ଥର ପାଇଁ ତାଙ୍କୁ 'ଚକ୍‌ଦା ଏକ୍ସପ୍ରେସ୍'ରେ ଦେଖିବାକୁ ମିଳିଥିଲା।

## କୋଲ୍ଡ ଡ୍ରିଙ୍କ୍‌ସ ପିଇ ୧୭ ବର୍ଷ

ତେହରାନ: କୁହାଯାଏ କି କୋଲ୍ଡ ଡ୍ରିଙ୍କ୍‌ସ ଅଧିକ ମାତ୍ରାରେ ପିଇବା କଥା ନୁହେଁ। ତାହା ଆମ ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ। ହେଲେ ଲୋକେ ତାଙ୍କୁ ବେଶ୍ ପସନ୍ଦ କରିଥାନ୍ତି। କିନ୍ତୁ କେହି କ'ଣ ତାକୁ ଦୈନନ୍ଦିନ ପିଇବାକୁ ପସନ୍ଦ କରିବେ? ତେବେ ଏପରି ଜଣେ ବ୍ୟକ୍ତି ଅଛନ୍ତି, ଯିଏକି ଦୀର୍ଘ ୧୭ ବର୍ଷ ହେବ କେବଳ କୋଲ୍ଡ ଡ୍ରିଙ୍କ୍‌ସ୍ ପିଉଛନ୍ତି। ତାଙ୍କର କୌଣସି ରୋଗ ମଧ୍ୟ ନାହିଁ। ଇରାନର ବାସିନ୍ଦା ଘୋଲମରେଜା ଆର୍ଡେସିରି ଏପରି କିଛି କରୁଛନ୍ତି। ତାଙ୍କ କହିବା କଥା, ସେ ୧୭ ବର୍ଷ ହେବ ଭାତ ଖାଇନାହାନ୍ତି। ସେ ପୂରା ଦିନ ପେପ୍‌ସି ଏବଂ ସେଭେନ୍ ଅପ୍ ପିଇ ବିତାଇ ଦିଅନ୍ତି। ଏଥିପାଇଁ ସେ ସୁସ୍ଥ ଜୀବନ ବଞ୍ଚିଥିବା କହିଛନ୍ତି। ସେ ଶେଷ ଥର ପାଇଁ ୨୦୦୬ରେ ଭାତ ଖାଇଥିଲେ। ହେଲେ ଖାଇବା ପ୍ରତି ତାଙ୍କର ସେପରି କିଛି ଇଚ୍ଛା ନ ଥିଲା, ସେଥିପାଇଁ ସେ ଖାଦ୍ୟ ବଦଳରେ କୋଲ୍ଡ ଡ୍ରିଙ୍କ୍‌ସ୍ ପିଇବା ଆରମ୍ଭ କଲେ। ଘୋଲମରେଜା ତାଙ୍କର ଏପରି ଜୀବନଶୈଳୀକୁ ଲୋକଙ୍କ ସହ ଶେୟାର କରିଛନ୍ତି। ସେ କହିଛନ୍ତି, କେବଳ କୋଲ୍ଡ ଡ୍ରିଙ୍କ୍‌ସ୍ ପିଇ ସେ ସୁସ୍ଥ ଅଛନ୍ତି। ଯଦି ସେ ଖାଦ୍ୟ ଖାଉଛନ୍ତି ତେବେ ତାଙ୍କର ବାନ୍ତି ହୋଇଯାଏ। ସେ କୌଣସି ପ୍ରକାର ଖାଦ୍ୟ ଖାଇଲେ ତାଙ୍କୁ ଲାଗେ ଯେପରି ତାଙ୍କ ପେଟରେ ଏକ ତ୍ରୁଟି ପଶିଯାଇଛି। ସେ ଏଥିପାଇଁ ଡାକ୍ତରଙ୍କୁ ମଧ୍ୟ ଦେଖାଇଛନ୍ତି। ଏହା ତାଙ୍କର ମନର ଭ୍ରମ ବୋଲି ଡାକ୍ତର କହି ଅନ୍ୟ ଡାକ୍ତରଙ୍କୁ ଦେଖାଇବାକୁ କହିଥାନ୍ତି। ଅନେକ ଥର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ମଧ୍ୟ ତାଙ୍କର କିଛି ରୋଗ ନ ଥିବା ଡାକ୍ତର କହିଛନ୍ତି।



## ସେଫ୍‌ଙ୍କ ୧ ଲକ୍ଷ ୬୦ ହଜାର ଟଙ୍କାର ପିଜା





ନୂଆଦିଲ୍ଲୀ

ବର୍ତ୍ତମାନ ସମୟରେ ସମସ୍ତେ ପିଜା ଖାଇବାକୁ ବେଶ୍ ପସନ୍ଦ କରନ୍ତି, ଯାହା ଆମକୁ ୧୦୦ରୁ ଆରମ୍ଭ କରି ୧୦୦୦ ଟଙ୍କା ଭିତରେ ମିଳିଯାଏ। ହେଲେ ଏଠାରେ ଜଣେ ସେଲିବ୍ରିଟି ସେଫ୍ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ପିଜା ପ୍ରସ୍ତୁତ କରିଛନ୍ତି। ବ୍ରୋକି ବେବସ୍କି ନାମକ ଜଣେ ସେଫ୍ ଜଣେ ସେଲିବ୍ରିଟିଙ୍କ ପାଇଁ ପିଜା ପ୍ରସ୍ତୁତକରି ତାହାର ଭିଡିଓ ଶେୟାର କରିଛନ୍ତି। ସେ ଲେଖିଛନ୍ତି, ଚାଲ ଜଣେ ସେଲିବ୍ରିଟିଙ୍କ ପାଇଁ ୨୦୦୦ ଡଲାର ଅର୍ଥାତ୍ ୧ଲକ୍ଷ ୬୪ ହଜାର ଟଙ୍କାର ପିଜା ବନେଇବା। ସେଥିପାଇଁ ସେ ବଜାରରୁ ମସ୍‌ରୁମ୍ ପାଉଡର, ବିନା ଗ୍ଲୁଟନ ଯୁକ୍ତ ଅଟା, ବାଦାମ ଏବଂ ଅନ୍ୟ କିଛି ଜିନିଷ କିଣିଲେ। ତା' ପରେ ସେ ପିଜା ପ୍ରସ୍ତୁତ ସମ୍ପୂର୍ଣ୍ଣ ପ୍ରଣାଳୀର ଭିଡିଓ ଶେୟାର କରିଛନ୍ତି। ସେ ପିଜାର ଡୋ ପ୍ରସ୍ତୁତ କରିବା ପରେ ସେଥିରେ ବଜାରରୁ ଆଣିଥିବା ବିଭିନ୍ନ ସାମଗ୍ରୀ ପକାଇଥିଲେ। ଏହା ପରେ ସେ ପିଜାକୁ ସେକିବାକୁ ନେଲେ।

## ସଚେତନତାକୁ ଗୁରୁତ୍ୱ

### ଜାତୀୟ ଡେଙ୍ଗୁ ଦିବସ



ପ୍ରତିବର୍ଷ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମେ' ୧୬ରେ ଭାରତୀୟ ଜାତୀୟ ଡେଙ୍ଗୁ ଦିବସ ପାଳନ କରାଯାଇଥାଏ। ଡେଙ୍ଗୁ ଜ୍ୱର ସମ୍ପର୍କରେ ସଚେତନତା ସୃଷ୍ଟି ଏହି ଦିବସର ମୁଖ୍ୟଲକ୍ଷ୍ୟ। ଏଡିସ୍ ପ୍ରଜାତିର ମଶା ଏଡିସ ଏଜିପ୍ଟ ଦ୍ୱାରା ଡେଙ୍ଗୁ ବ୍ୟାପିଥାଏ। ଶରୀରରେ ଡେଙ୍ଗୁ ଭୂତାଣୁ ପ୍ରବେଶ କରିବାର ୩ ରୁ ୧୪ ଦିନ ମଧ୍ୟରେ ଲକ୍ଷଣ ପ୍ରକାଶ ପାଏ। ଜ୍ୱର ମୁଣ୍ଡବିନ୍ଧା, ବାନ୍ତି ସହିତ ମାଂସପେଶୀ ଏବଂ ଅଣ୍ଠୁଗଣ୍ଠିରେ ପ୍ରବଳ ଯନ୍ତ୍ରଣା ହୁଏ। ଏହାର ଉପଯୁକ୍ତ ଚିକିତ୍ସା ନ କଲେ ଶେଷରେ ରୋଗୀର ମୃତ୍ୟୁ ଘଟିଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଡେଙ୍ଗୁ ପୃଥିବୀର ୧୨୦ରୁ ଅଧିକ ଦେଶରେ ମହାମାରୀର ମାନ୍ୟତା ଲାଭ କରିଛି। ୧୬୫୩ରେ ପ୍ରଥମେ ଡେଙ୍ଗୁ ଜ୍ୱର ୱେଷ୍ଟ ଇଣ୍ଡିଜ୍‌ରେ ଦେଖାଦେଇଥିଲା । ୧୭୭୯-୮୦ ରେ ଏହା ଏସିଆ, ଉତ୍ତରଆମେରିକା ଏବଂ ଆଫ୍ରିକାକୁ ବ୍ୟାପିଥିଲା । ୨୪୧ ବର୍ଷ ତଳେ ଡେଙ୍ଗୁ ଜ୍ୱର ସଂକ୍ରମଣ ଭାରତରେ ୧୭୮୦ ମସହିରେ ପ୍ରଥମେ ଚେନ୍ନାଇଠାରେ ଦେଖାଇଥିଲା । ତେବେ ଏହି ରୋଗକୁ ନିୟନ୍ତ୍ରଣକୁ ଆଣିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସଚେତନତାକୁ ଗୁରୁତ୍ୱକୁ ଦିଆଯାଉଛି।

# ବିଶ୍ୱକପ୍ ବର୍ଜନ କରିପାରେ ପାକିସ୍ତାନ

**କରାଚୀ, ୧୫।୫:** ପାକିସ୍ତାନ ଯଦି ଏସିଆ କପ୍ ଆୟୋଜନ ଅଧିକାର ହରାଏ ତେବେ ପାକିସ୍ତାନ ଚଳିତ ବର୍ଷ ଭାରତରେ ହେବାକୁଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍‌କୁ ବର୍ଜନ କରିପାରେ ବୋଲି ଧମକ ଦେଇ କହିଛନ୍ତି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଚେୟାରମ୍ୟାନ ନଜାମ ସେଠୀ। ଭାରତ ଓ ପାକିସ୍ତାନ ମଧ୍ୟରେ ଦଶନ୍ଧିରୁ ଅଧିକ ସମୟ ଧରି ରାଜନୈତିକ ସମ୍ପର୍କ ଭଲ ନାହିଁ। ଏହାଦ୍ୱାରା ଦ୍ୱିପାକ୍ଷିକ କ୍ରିକେଟ ବାଧାପ୍ରାପ୍ତ ହୋଇଛି। ବର୍ତ୍ତମାନ ଭାରତ ଓ ପାକିସ୍ତାନ ଏକାଧିକ ଦଳକୁ ନେଇ ଆୟୋଜିତ ଇଭେଣ୍ଟଗୁଡ଼ିକରେ ସେମାନଙ୍କ ମ୍ୟାଚ୍ ନିରପେକ୍ଷ ଭେନ୍ୟୁରେ ଖେଳୁଛନ୍ତି। ଆସନ୍ତା ସେପ୍ଟେମ୍ବରରେ ଏସିଆ କପ୍ ଖେଳିବା ପାଇଁ ପାକିସ୍ତାନ ଯିବା ଲାଗି ଭାରତ ସୁରକ୍ଷାଗତ କାରଣ ଦର୍ଶାଇ ମନାକରି ଦେଇଛି। ଏ ନେଇ ପିସିବି ଏକ 'ହାଇବ୍ରିଡ୍' ପ୍ରସ୍ତାବ ଦେଇଥିଲା। କେବଳ ଭାରତ-ପାକିସ୍ତାନ ମ୍ୟାଚ୍‌ଗୁଡ଼ିକ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ଏବଂ ଅନ୍ୟଗୁଡ଼ିକ ପାକିସ୍ତାନରେ ଖେଳାଯିବା ଲାଗି ପାକିସ୍ତାନ ପ୍ରସ୍ତାବ ଦେଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) କିନ୍ତୁ ଏ ନେଇ ଆନୁଷ୍ଠାନିକ ଜବାବ ଦେଇନାହିଁ। ସେଠୀ କହିଛନ୍ତି, ଟୁର୍ନାମେଣ୍ଟ ପାକିସ୍ତାନରେ ନ କରି ଅନ୍ୟତ୍ର କରିବା ଲାଗି ଭାରତ ଚାହୁଁଛି।

# ଓଡ଼ିଶାରୁ ରେୟାନ, ଦଣ୍ଡପତି ମନୋନୀତ

**ଭୁବନେଶ୍ୱର, ୧୫।୫ (ସ୍ପୋର୍ଟ୍ସ ବ୍ୟୁରୋ):** ଏସିଆନ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ କ୍ୟାମ୍ପ ୨୦୨୩ ପାଇଁ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଆଥଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରୁ ଦୁଇ ପ୍ରତିଭା ସମ୍ପନ୍ନ ସ୍ପ୍ରିଣ୍ଟର ରେୟାନ ବାଶା ଓ ଦଣ୍ଡପତି ମୃତ୍ୟମ ଜୟରାମ ମନୋନୀତ ହୋଇଛନ୍ତି। ଏହି କ୍ୟାମ୍ପ ବେଙ୍ଗାଲୁରୁସ୍ଥିତ ଏନ୍ଏସ୍ଏସ୍‌ସିଠାରେ ହେବ। ର୍ୟାନ ଓଡ଼ିଶା ୧୮ ବର୍ଷରୁ କମ୍ ବାଳକ ଏବଂ ୧୮ବର୍ଷରୁ କମ୍ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଛନ୍ତି। ଉଡୁପିଠାରେ ଗତ ମାର୍ଚ୍ଚରେ ୧୮ତମ ଜାତୀୟ ୟୁଥ୍ ଆଥଲେଟିକ୍ସ ୧୮ ବର୍ଷରୁ କମ୍ ଚାମ୍ପନଶିପ୍‌ରେ ସେ ୧୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ମିଟର ସ୍ପ୍ରିଣ୍ଟ ଓ ୧୦୦୦ମିଟର ମିଡଲେରେ ଗୋଟିଏ ଲେଖାଏଁ ରୌପ୍ୟ ଜିତିଥିଲେ। ଅନ୍ୟପକ୍ଷରେ ଦଣ୍ଡପତି ମୃତ୍ୟମ ଜୟରାମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ୧୦.୫୩ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।

# ପ୍ରୋ ଲିଗ୍: ଶୀର୍ଷରେ ଭାରତ



୨୦୨୨ ଅକ୍ଟୋବରରୁ ଆରମ୍ଭ ହୋଇଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ସିଜନରେ ଭାରତ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରି ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଦଳ ଏପର୍ଯ୍ୟନ୍ତ ଖେଳିଥିବା ୮ଟି ମ୍ୟାଚରୁ ୫ ବିଜୟ, ୨ ଶୁଟ୍ ଆଉଟ ବିଜୟ ଓ ୧ ପରାଜୟ ସହ ୧୯ ପଏଣ୍ଟ ପାଇଛି। ଦଳ ୩୧ଟି ଗୋଲ ସ୍କୋର କରିଥିବାବେଳେ ୨୩ଟି ବରଣ କରିଛି। ଫଳରେ ଗୋଲ ବ୍ୟବଧାନ ୮ ରହିଛି। ଗ୍ରେଟ ବ୍ରିଟେନ ୮ ମ୍ୟାଚରୁ ସମାନ ସଂଖ୍ୟକ ୧୯ ପଏଣ୍ଟ ପାଇଥିଲେ ହେଁ ୪ ବିଜୟ ଓ ୪ ଡ୍ର (୩ ଶୁଟ୍ ଆଉଟ ବିଜୟ) ଯୋଗୁ ଦ୍ୱିତୀୟ ସ୍ଥାନରେ ରହିଛି। ତେଣୁ ଦୁଇ ସମକକ୍ଷ ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଏ। ଏହି ଦଳ ୨୩ଟି ଗୋଲ ସ୍କୋର କରିଥିବାବେଳେ ମାତ୍ର ୧୧ଟି ବରଣ କରିଛି। ତେଣୁ ଏହାର ରକ୍ଷଣଭାଗ ଭେଦ କରିବାପାଇଁ ଭାରତ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ନିଶ୍ଚିତ ହେବ। ଅନ୍ୟ ଦଳ ଗୁଡ଼ିକ ମଧ୍ୟରେ ସ୍ପେନ୍ ୮ ମ୍ୟାଚରୁ ୧୭, ଅଷ୍ଟ୍ରେଲିଆ ୧୨ ମ୍ୟାଚରୁ ୧୬, ଆର୍ଜେଣ୍ଟିନା ୧୨ ମ୍ୟାଚରୁ ୧୩, ଜର୍ମାନୀ ୮ ମ୍ୟାଚରୁ ୧୧, ବେଲ୍‌ଜିୟମ ୪ ମ୍ୟାଚରୁ ୬, ନେଦରଲାଣ୍ଡ୍ସ ୪ ମ୍ୟାଚରୁ ୫ ଓ ନ୍ୟୁଜିଲାଣ୍ଡ ୮ ମ୍ୟାଚରୁ ମାତ୍ର ୨ ପଏଣ୍ଟ ପାଇ ଟେବୁଲରେ ପଛକୁ ପଛ ରହିଛନ୍ତି।

ଭାରତ ୨୦୨୨ ଅକ୍ଟୋବର ୨୮ରେ ନ୍ୟୁଜିଲାଣ୍ଡକୁ ୪-୩ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ପରେ ସ୍ପେନଠାରୁ ୨-୩ ଗୋଲରେ ହାରିଥିଲେ ହେଁ ପରବର୍ତ୍ତୀ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୭-୪ ଗୋଲରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଶୁଟ୍‌ଆଉଟରେ ନିର୍ଣ୍ଣିତ ହୋଇଥିବା ଏହା ପର ମ୍ୟାଚରେ ଭାରତ ୩-୧ରେ ସ୍ପେନ୍‌କୁ ହରାଇ ଦେଇଥିଲା। ଏହି ୪ଟି ମ୍ୟାଚ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ୨୦୨୩ ମାର୍ଚ୍ଚରେ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଭାରତୀୟ ଦଳ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲା। ମାର୍ଚ୍ଚ ୧୦ରେ ଦଳ ପ୍ରଥମ ମ୍ୟାଚରେ ଜର୍ମାନୀକୁ ୩-୨ରେ ହରାଇଥିବାବେଳେ ୧୨ ତାରିଖରେ ଅଷ୍ଟ୍ରେଲିଆକୁ ୫-୪ ଗୋଲରେ ପରାସ୍ତ କରିଥିଲା। ଏହାପରେ ୧୩ ତାରିଖରେ ଜର୍ମାନୀକୁ ୬-୩ ଓ ୧୫ରେ ଅଷ୍ଟ୍ରେଲିଆକୁ ଶୁଟ୍‌ଆଉଟ ୪-୩ ଗୋଲରେ ପରାସ୍ତ କରିଥିଲା। ଅର୍ଥାତ୍ ସ୍ପେନ୍ ବିପକ୍ଷରେ ଗୋଟିଏ ମ୍ୟାଚକୁ ଛାଡ଼ିଦେଲେ ଭାରତ ଏପର୍ଯ୍ୟନ୍ତ ଅନ୍ୟ କୌଣସି ମ୍ୟାଚ ହାରିନାହିଁ।

ଅମିତ ରୋହିଦାସ



ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ ଚରଣ ପାଇଁ ମନୋନୀତ ଭାରତୀୟ ଦଳ।

## ଭାରତୀୟ ଦଳରେ ଅମିତ୍

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ ଚରଣ ପାଇଁ ସୋମବାର ଭାରତୀୟ ଦଳ ଘୋଷିତ ହୋଇଛି। ୨୪ ଜଣିଆ ଦଳରେ ଓଡ଼ିଶାର ଅମିତ୍ ରୋହିଦାସ ସାମିଲ ହୋଇଛନ୍ତି। ହରମନପ୍ରୀତ ସିଂ ଅଧିନାୟକ ଓ ହାର୍ଦ୍ଦିକ ସିଂ ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ଘରୋଇ ପରିବେଶରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଅପରାଜେୟ ରହିଥିଲା। ୟୁରୋପ ପରିବେଶରେ ମଧ୍ୟ ଦଳ ଅନୁରୂପ ପ୍ରଦର୍ଶନ ନେଇ ଆଶା ରଖିଛି। ଭାରତୀୟ ଦଳ ଲଣ୍ଡନରେ ବେଲ୍‌ଜିୟମ ଓ ଲଣ୍ଡନ ଏବଂ ଇଣ୍ଡୋଭେନଠାରେ ନେଦରଲାଣ୍ଡ୍ସ ଓ ଆର୍ଜେଣ୍ଟିନା ବିପକ୍ଷରେ ମୁକାବିଲା କରିବ। ନୂଆ କୋଚ୍ ଦକ୍ଷିଣ ଆଫ୍ରିକାର କ୍ରେଗ୍ ଫୁଲ୍‌ଟନଙ୍କ ପ୍ରଶିକ୍ଷଣରେ ଭାରତ ପ୍ରଥମଥର ପାଇଁ ମ୍ୟାଚ ଖେଳିବ।

## ଭାରତୀୟ ଦଳ

ଗୋଲକିପର୍ସ: କ୍ରିଷନ ବାହାଦୂର ପାଠକ, ପି.ଆର. ଶ୍ରୀଜେଶ। ଡିଫେଣ୍ଡର୍ସ: ହରମନପ୍ରୀତ ସିଂ (ଅଧିନାୟକ), ଅମିତ ରୋହିଦାସ, ଜରମନପ୍ରୀତ ସିଂ, ମନପ୍ରୀତ ସିଂ, ସୁମିତ, ସଞ୍ଜୟ, ମନଦୀପ ମୋର, ଗୁରିନ୍ଦର ସିଂ। ମିଡ୍‌ଫିଲ୍ଡର୍ସ: ହାର୍ଦ୍ଦିକ ସିଂ (ଉପ-ଅଧିନାୟକ), ଦିଲପ୍ରୀତ ସିଂ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ସମସେର ସିଂ, ଆକାଶଦୀପ ସିଂ, ବିବେକ ସାଗର ପ୍ରସାଦ। ଫରୱାର୍ଡ୍ସ: ଅଭିଷେକ, ଲଳିତ କୁମାର ଉପାଧ୍ୟାୟ, ଏସ. କାର୍ଥୀ, ଗୁରଜନ୍ତ ସିଂ, ସୁଖଜିତ ସିଂ, ରାଜ କୁମାର ପାଲ, ମନଦୀପ ସିଂ, ସିମରନଜିତ ସିଂ।

## ଆମେ ପ୍ରସ୍ତୁତ: ଫୁଲଟନ



"ବେଲ୍‌ଜିୟମ, ନେଦରଲାଣ୍ଡ୍ସ, ଗ୍ରେଟ୍ ବ୍ରିଟେନ ଓ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ୍ ପାଇଁ ଆମେ ଯେଉଁ ଦଳ ଚୟନ କରିଛୁ ସେଥିରେ ମୁଁ ଖୁସି। ବିଶ୍ୱକପ୍ ପରେ ଦଳର କଠିନ ପରିଶ୍ରମ ବିଶ୍ୱ ର୍‍ୟାଙ୍କିଙ୍ଗ୍ (୪ର୍ଥ ସ୍ଥାନ)ରେ ପ୍ରତିଫଳିତ ହୋଇଛି। ଏହି ଲିଗ୍ ଆମକୁ ଶୀର୍ଷ ର୍‍ୟାଙ୍କ୍‌ପ୍ରାପ୍ତ ଦଳ ବିପକ୍ଷରେ ଖେଳିବାର ସୁଯୋଗ ଦେବ। ଫଳରେ ଆମେ ଆମ ଖେଳରେ ଉନ୍ନତି ଆଣିପାରିବୁ। ଆଗାମୀ ଦିନରେ ମିଳିବାକୁଥିବା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଆମେ ପ୍ରସ୍ତୁତ। ଭଲ ପ୍ରଦର୍ଶନ ସହ ପ୍ରୋ-ଲିଗ୍ ଅଭିଯାନ ଶେଷ କରିବା ନେଇ ଆଶାବାଦୀ ଅଛୁ"।

-କ୍ରେଗ୍ ଫୁଲ୍‌ଟନ, ଭାରତୀୟ ଦଳର ମୁଖ୍ୟ କୋଚ୍

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ କାର୍ଯ୍ୟସୂଚୀ

- ମେ ୨୬: ଭାରତ ବନାମ ବେଲ୍‌ଜିୟମ, ସମୟ: ରାତି ୭ଟା
- ମେ ୨୭: ଭାରତ ବନାମ ଗ୍ରେଟ ବ୍ରିଟେନ, ସମୟ: ରାତି ୯ଟା ୩୦
- ଜୁନ ୨: ଭାରତ ବନାମ ବେଲ୍‌ଜିୟମ, ସମୟ: ରାତି ୭ଟା
- ଜୁନ୍ ୩: ଭରୀତ ବନାମ ଗ୍ରେଟ୍ ବ୍ରିଟେନ, ସମୟ: ଅପରାହ୍ଣ ୫ଟା
- ଜୁନ ୭: ଭାରତ ବନାମ ନେଦରଲାଣ୍ଡ୍ସ, ସମୟ: ରାତି ୧୧ଟା
- ଜୁନ ୮: ଭାରତ ବନାମ ଆର୍ଜେଣ୍ଟିନା, ସମୟ: ରାତି ୮ଟା ୩୦
- ଜୁନ ୧୦: ଭାରତ ବନାମ ନେଦରଲାଣ୍ଡ୍ସ, ସମୟ: ରାତି ୯ଟା
- ଜୁନ ୧୧: ଭାରତ ବନାମ ଆର୍ଜେଣ୍ଟିନା, ସମୟ: ରାତି ୯ଟା

# ରିଙ୍କୁଙ୍କୁ ଧୋନୀଙ୍କ ଉପହାର

**ଚେନ୍ନାଇ, ୧୫।୫**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୩ ସିଜନରେ କୋଲକାତା ନାଇଟ ରାଇଡର୍ସ (କେକେଆର) ବ୍ୟାଟର ରିଙ୍କୁ ସିଂ ଦଳ ପାଇଁ ଜଣେ ଫିନିଶର ଭାବେ ଉଭା ହୋଇଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫିନିଶର ଭାବେ ବିବେଚନା କରାଯାଉଥିବା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ରିଙ୍କୁଙ୍କ ପ୍ରତିଭାକୁ ସ୍ୱୀକୃତି ଦେବାକୁ ପଛାଇ ନାହାନ୍ତି। ରବିବାର ରିଙ୍କୁଙ୍କ ଅର୍ଦ୍ଧଶତକ ସହାୟତାରେ କେକେଆର ୬ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରି ଏହାର ପ୍ଲେ-ଅଫ୍ ଆଶାକୁ ଉଜ୍ଜୀବିତ ରଖିଛନ୍ତି। ଆଇପିଏଲ୍ ୨୦୨୩ରେ ରିଙ୍କୁ ହେଉଛନ୍ତି କେକେଆରର ଅଗ୍ରଣୀ ରନ ସଂଗ୍ରହକାରୀ ବ୍ୟାଟର। ସେ ୧୩ଟି ଗେମ୍‌ରେ ୧୪୩ ଷ୍ଟ୍ରାଇରେଟ୍‌ରେ ୪୦୭ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୩ଟି ଅର୍ଦ୍ଧଶତକ ରହିଛି। ଧୋନୀ ରିଙ୍କୁଙ୍କ ସହ ଏକ ଫଟୋ ଉଠାଇଛନ୍ତି। ତାଙ୍କ ମ୍ୟାଚ ଜର୍ସିରେ ସ୍ୱାକ୍ଷର କରିଛନ୍ତି। କେକେଆର ତରଫରୁ ଏହି ଫଟୋକୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରାଯାଇଛି। ତାହାର କ୍ୟାପଶନ ରହିଛି 'ଏ ସ୍ପେସିଆଲ ଗିଫ୍ଟ ଫର ଆୱାର ଫିନିଶର !'।



ମହେନ୍ଦ୍ର ସିଂ ଧୋନୀଙ୍କ ସହ ରିଙ୍କୁ ସିଂ।

# କେନ୍ଦ୍ରାପଡ଼ାରେ ୨ ଚେସ୍ ଇଭେଣ୍ଟ ସହ ପ୍ରଶିକ୍ଷଣ ଶିବିର

**କେନ୍ଦ୍ରାପଡ଼ା ଅଫିସ/ଭୁବନେଶ୍ୱର, ୧୫।୫ (କ୍ରୀଡ଼ା ପ୍ରତିନିଧି)**

କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ୍ (କେଡିସିଏ) ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍(ଏଓସିଏ)ର ମିଳିତ ଆନୁକୂଲ୍ୟରେ ଚଳିତ ମାସ ୨୦ରୁ ୩୦ ମଧ୍ୟରେ କେନ୍ଦ୍ରାପଡ଼ାରେ ୨ଟି ଚେସ୍ ଇଭେଣ୍ଟ ସହ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ୨୦ ଓ ୨୧ରେ ରାଜ୍ୟସ୍ତରୀୟ ମହିଳା ଚେସ୍ ଚାମ୍ପିୟନଶିପ୍ ହେବ। ଏଥିରେ ରାଜ୍ୟ ଓ ଜାତୀୟସ୍ତରର ଅନେକ ଖେଳାଳି ଯୋଗଦେବେ। ତିନିମୁହାଣି ଗୌରିଶଙ୍କର ହୋଟେଲରେ ହେବାକୁଥିବା ଉକ୍ତ ପ୍ରତିଯୋଗିତାର ପ୍ରଥମ ୧୦ ଜଣଙ୍କୁ ଟ୍ରଫି ସହିତ ୨୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। ଏହାସହିତ କେନ୍ଦ୍ରାପଡ଼ା ଜିଲା ଚେସ୍ ଚାମ୍ପିୟନଶିପ ସୁମନ ଦାସ ମେମୋରିଆଲ ଟ୍ରଫି ମଧ୍ୟ ସମାନ ସମୟ ଓ ଭେନ୍ୟୁରେ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରାପଡ଼ା ଜିଲାର ଉଭୟ ପୁରୁଷ ଏବଂ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହି ୨ ଟୁର୍ନାମେଣ୍ଟ ସମ୍ପର୍କରେ ଅଧିକ ବିବରଣୀ ପାଇଁ ପିଙ୍କି ମହାପାତ୍ର, ନାରାୟଣ ଦାସ ଓ ଧରଣୀଧର ସେଠୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଏହା ବ୍ୟତୀତ ଜିଲାରେ ଅଧିକରୁ ଅଧିକ ଖେଳାଳି ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଇଛି। ଆସନ୍ତା ୨୫ରୁ ୩୦ ପର୍ଯ୍ୟନ୍ତ ତିନିମୁହାଣିଠାରେ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହା ପ୍ରତ୍ୟେକ ଦିନ ସକାଳ ୮ରୁ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜିଲା ଚେସ୍ ସଭାପତି ଦେବବ୍ରତ ସ୍ୱାଇଁ, ସମ୍ପାଦକ ଭବେଶ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡ଼ିବନ୍ଧୁ ସିଂ ଏବଂ ଉପସଭାପତି ଲଲାଟ କେଶରୀ ସାମଲ ଜଣାଇଛନ୍ତି।

# ଅଲ୍ ଓଡ଼ିଶା ଓପନ୍ ଚେସ୍: ରାଜେଶ ଚାମ୍ପିୟନ

**ଭୁବନେଶ୍ୱର, ୧୫।୫(କ୍ରୀଡ଼ା ପ୍ରତିନିଧି)**

ଚଣ୍ଡିଖୋଲସ୍ଥିତ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ଖଗେଶ୍ୱର ବେଉରିଆ ସ୍ମାରକୀ ଅଲ୍ ଓଡ଼ିଶା ଓପନ୍ ଚେସ୍ ଟୁର୍ନାମେଣ୍ଟ ଗତ ୧୩ ଓ ୧୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀର କ୍ୟାଣ୍ଡିଡେଟ୍ ମାଷ୍ଟର (ସିଏମ୍) ରାଜେଶ ନାୟକ ଓ କଟକର ହର୍ଷିତ ରଞ୍ଜନ ସାହୁ ୬.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀୟାଂଶ ଦାସ, କୌସ୍ତୁଭ ଦାଶ, ନିଲ୍ସୁ ପଟ୍ଟନାୟକ (ସମସ୍ତେ ୬ ପଏଣ୍ଟ), ଶ୍ରୀହନ ସାବତ, ଫକୀର ମାଝି, ସୂର୍ଯ୍ୟପ୍ରାଞ୍ଜଳ ଇନ୍ଦ୍ରଜିତ ଏସ୍.ପି., ସାଜନ କୁମାର ନାୟକ (ସମସ୍ତେ ୫.୫), ତପନ ବଡ଼ମୁଣ୍ଡି, ଦେବୀପ୍ରସାଦ ନାୟକ, ସୂରଜ କୁମାର ମହାରଣା, ଦାଶରଥି ସାହୁ, ସତ୍ୟମ୍ ସରବ୍‌ଜିତ ମିଶ୍ର, ଲଳିତ ରଞ୍ଜନ ସାହୁ (ସମସ୍ତେ ୫ ପଏଣ୍ଟ) ଟପ୍-୧୫ ଫିନିଶ୍ କରିଛନ୍ତି। ଏହାବ୍ୟତୀତ ଯାଜପୁର ଜିଲାର ଶ୍ରେଷ୍ଠ ୧୦ ପ୍ରଦର୍ଶନକାରୀ, ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବାଳିକା ଓ ବାଳକ ଖେଳାଳି ଏବଂ ପ୍ରଦର୍ଶନ ଭିତ୍ତିରେ ଯାଜପୁର ଜିଲାର ଶ୍ରେଷ୍ଠ ୫ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ମଧ୍ୟରେ ଜୁନୁ ବିରୁଆ ଓ ଶ୍ରେଷ୍ଠ ଭେଟେରାନ୍ ଖେଳାଳିଭାବେ ରବୀନ୍ଦ୍ର ସାହୁ ପୁରସ୍କୃତ ହୋଇଥିଲେ। ନୀହାର ରଞ୍ଜନ ସାସ୍ମଲ ମୁଖ୍ୟ ଆର୍ବିଟର ଦାୟିତ୍ୱ ତୁଲାଇଥିଲେ।

ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥି, ଏସ୍.ଆର. ଚେସ୍ ସେଣ୍ଟର ନିର୍ଦ୍ଦେଶକ ସତ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି, ଗୁରୁକୁଳ ପବ୍ଲିକ ସ୍କୁଲ ସଭାପତି ଅଭୟ କୁମାର ଜେନା ମୁଖ୍ୟ ବକ୍ତା ଏବଂ ସିଇଓ ପ୍ରବୀର କର ଓ ଯାଜପୁର ୟୁନାଇଟେଡ୍ ଚେସ୍ ଆସୋସିଏଶନ ସଭାପତି ଚୈତନ୍ୟ ଚରଣ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲା ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ (ଖୋର୍ଦ୍ଧା), ଭବେଶ ମହାନ୍ତି (କେନ୍ଦ୍ରାପଡ଼ା), ଅମିର ମହାନ୍ତି (କେନ୍ଦୁଝର) ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟକାନ୍ତ ବିଷୋୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚେସ୍ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଯାଜପୁର ଜିଲାର ଖେଳାଳି ମନୀଷ ମିଶ୍ର, ପ୍ରିୟାଂଶ ଦାସ, ଆର୍ଯ୍ୟନ ବେହେରା, ସଞ୍ଜୀବନ ନାୟକ, ଆଶୁତୋଷ ମହାନ୍ତି, ବସନ୍ତ କୁମାର ଦାସ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନୋଜ ପରିଡ଼ା, ଅଶୋକ ସେନାପତି, ନଗେଶ ଜେନା, ଅଶୋକ ସ୍ୱାଇଁ, ନୃସିଂହ ଚରଣ ନାୟକ ଉପସ୍ଥିତ ଥିଲେ। ସୁଧାଂଶୁ ଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




ଚାମ୍ପିୟନ ରାଜେଶ ନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜ୍ ପାଇଁ ଆଫଗାନିସ୍ତାନ ଦଳ

**କାବୁଲ, ୧୫।୫ (ଏପି):** ଆସନ୍ତା ମାସରେ ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ୍ ପାଇଁ ୧୫ ଜଣିଆ ଆଫଗାନିସ୍ତାନ ଦଳ ଘୋଷଣା କରାଯାଇଛି। ୨୧ ବର୍ଷୀୟ ଫାଷ୍ଟ ବୋଲର ଅବ୍‌ଦୁଲ ରହମନଙ୍କୁ ପ୍ରଥମଥର ଦଳରେ ସ୍ଥାନ ମିଳିଛି। ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ହେବାକୁ ଥିବା ବିଶ୍ୱକପ୍ ପାଇଁ ଆଫଗାନିସ୍ତାନ ଯୋଗ୍ୟତା ଅର୍ଜନ କରିସାରିଛି। ଶ୍ରୀଲଙ୍କାକୁ କିନ୍ତୁ କ୍ୱାଲିଫାୟର ଜରିଆରେ ଯିବାକୁ ହେବ। କ୍ୱାଲିଫାୟରରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ରହି ବିଶ୍ୱକପ୍ ପାଇଁ ଦଳ ଯୋଗ୍ୟତା ଅର୍ଜନ କରିବ ବୋଲି ଆଶା କରାଯାଉଛି। ଗତ ନଭେମ୍ବରରେ ଶ୍ରୀଲଙ୍କା ଟୁର୍‌ରେ ଯାଇଥିବା ଶାହିଦୁଲ୍ଲା କମଲ, ୟାମିନ, ଅହମାଦ ଜାଇ, ଜିଆ ଉର୍ ରହମନ ଆକବର ଏବଂ ଗୁଲ୍‌ବଦିନ ନାୟବଙ୍କ ନାମ ରିଜର୍ଭ ଖେଳାଳି ତାଲିକାରେ ସ୍ଥାନ ପାଇଛି। ଦିନିକିଆ ଦଳରେ ରଶିଦ ଖାନ୍, ମହମ୍ମଦ ନବି, ରହମନଉଲ୍ଲା ଗୁର୍‌ବାଜ ଓ ନୁର ଅହମ୍ମଦଙ୍କୁ ସାମିଲ କରାଯାଇଛି। ଏହି ଖେଳାଳିମାନେ ବର୍ତ୍ତମାନ ଆଇପିଏଲ୍ ଖେଳୁଛନ୍ତି। ତିନୋଟି ଯାକ ମ୍ୟାଚ୍ ଜୁନ୍ ୨, ୪ ଓ ୭ରେ ହାମ୍‌ବାନ୍‌ଟୋଟାଠାରେ ଖେଳାଯିବ।

# ଅଭିଷେକଙ୍କ ଶତକ, ସିଦ୍ଧାନ୍ତ,ଭଗୀଶଙ୍କୁ ୫ ଉଇକେଟ



ଅଭିଷେକ ଯାଦବ



ସିଦ୍ଧାନ୍ତ ଜେନା



ଭଗୀଶ ଶର୍ମା

**ଭୁବନେଶ୍ୱର,୧୫।୫ (ସ୍ପୋର୍ଟ୍ସ ବ୍ୟୁରୋ)**

**କଳାହାଣ୍ଡି କପ୍ କ୍ରିକେଟ୍**

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଆନ୍ତଃଜିଲ୍ଲା କଳାହାଣ୍ଡି କପ୍ କ୍ରିକେଟରେ ସୋମବାର କଟକ 'ଏ', ଅବଶିଷ୍ଟ ଓଡ଼ିଶା 'ଏ', ଭୁବନେଶ୍ୱର 'ଏ' ଓ ଅବଶିଷ୍ଟ ଓଡ଼ିଶା 'ବି' ବିଜୟୀ ହୋଇଛନ୍ତି। ଅଭିଷେକ ଯାଦବ ଶତକ ହାସଲ କରିଥିବା ବେଳେ ସିଦ୍ଧାନ୍ତ ଜେନା ଓ ଭଗୀଷ ଶର୍ମାଙ୍କୁ ୫ ଉଇକେଟ ସଫଳତା ମିଳିଛି। ଏମ୍‌ଜିଏମ୍ ଗ୍ରାଉଣ୍ଡ: କଟକର ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଇକୋର୍ସାକୁ ୧୪ ରନ୍‌ରେ ପରାସ୍ତ କରିଛି କଟକ 'ଏ'। ପ୍ରଥମେ ବ୍ୟାଟିଂ କରିଥିବା କଟକ ୫୦ ଓଭରରେ ୬ ଉଇକେଟରେ ୨୩୦ ରନ୍ କରିଥିଲା। ପ୍ରଦୀପ୍ତ ଦାଶ ୭୫ ରନ୍ କରିଥିଲେ। ଜବାବରେ ଅଭିଷେକଙ୍କ ୧୨୨ ରନ୍ ସତ୍ତ୍ୱେ ଇକୋର୍ସା ୪୨ ଓଭରରେ ୨୧୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଡ୍ରିମ୍ସ: ଏଠାରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁରକୁ ୩୨ ରନରେ ହରାଇଛି ଅବଶିଷ୍ଟ ଓଡ଼ିଶା ଏ। ପ୍ରଥମେ ବ୍ୟାଟିଂ କରି ଅବଶିଷ୍ଟ ଓଡ଼ିଶା ୮ ଉଇକେଟରେ ୨୪୮ ରନ୍ କରିଥିଲା। ଜବାବରେ ସମ୍ବଲପୁର ୪୪.୫ ଓଭରରେ ୨୧୬ ରନରେ ଅଲଆଉଟ ହୋଇଥିଲା। ରେଭେନ୍ସା ଗ୍ରାଉଣ୍ଡ-୧: ଏଠାରେ ଝାରସୁଗୁଡାକୁ ୭ ଉଇକେଟରେ ପରାସ୍ତ କରିଛି ଭୁବନେଶ୍ୱର 'ଏ'। ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡା ୩୩.୪ ଓଭରରେ ୧୪୬ ରନ୍‌ରେ ଅଲଆଉଟ ହୋଇଥିଲା। ସିଦ୍ଧାନ୍ତ ଜେନା ୫ ଉଇକେଟ ଅକ୍ତିଆର କରିଥିଲେ। ଭୁବନେଶ୍ୱର ୩ ଉଇକେଟରେ ୧୫୦ ରନ୍ କରି ବିଜୟୀ ହୋଇଥିଲା। ସନ୍‌ସାଇନ୍ ଗ୍ରାଉଣ୍ଡ: ଏଠାରେ ଅବଶିଷ୍ଟ ଓଡ଼ିଶା 'ବି' ୮ ଉଇକେଟରେ ଢେଙ୍କାନାଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଢେଙ୍କାନାଳ ୪୫.୩ ଓଭରରେ ୨୪୩ ରନ୍‌ରେ ଅଲଆଉଟ ହୋଇଥିଲା। ଲକ୍ଷ୍ମୀଧର ସାହୁ ୯୪ ଓ ଅନୀଲ ରାଉତ ୫୦ ରନ୍ କରିଥିଲେ। ଭଗୀଶ ଶର୍ମା ୩୨ ରନ୍‌ରେ ୫ ଉଇକେଟ ନେଇଥିଲେ। ଜବାବରେ ୩୬ ଓଭରରେ ୨ ଉଇକେଟ ହରାଇ ଅବଶିଷ୍ଟ ଓଡ଼ିଶା ବିଜୟୀ ହୋଇଥିଲା। ନିର୍ବିଶଙ୍କର ୯୮ ରନ୍ ସ୍କୋର କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ବାବୁନ୍
ପରିବାରବର୍ଗ


ଯଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଇସିସି ନିୟମରେ ବଡ଼ ପରିବର୍ତ୍ତନ

- ସଫ୍ଟ ସିଗ୍ନାଲ ନିୟମ ହଟାଇଲା ସିଇସି
- ଫ୍ରି ହିଟ୍ ପାଇଁ ନୂତନ ନିୟମ

**ଦୁବାଇ,୧୫।୫(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ୍ (ଆଇସିସି) ପକ୍ଷରୁ ଏହାର କିଛି ନିୟମରେ ପରିବର୍ତ୍ତନ କରାଯାଇଛି। ବିବାଦୀୟ ସଫ୍ଟ ସିଗ୍ନାଲ ନିୟମ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ କୌଣସି କ୍ୟାଚ୍‌ର ନିଷ୍ପତ୍ତି ଟିଭି ଅମ୍ପାୟରଙ୍କୁ ରେଫର କରିବା ପୂର୍ବରୁ ଅନ୍ୟ ଫିଲ୍ଡ ଅମ୍ପାୟର ଆଉଟ ବା ନଟ୍ ଆଉଟର ସଫ୍ଟ ସିଗ୍ନାଲ ଦେଇଥାନ୍ତି। ଯେତେବେଳେ ଫୁଟେଜ୍‌ରେ ସ୍ପଷ୍ଟ ପ୍ରମାଣ ମିଳି ନ ଥାଏ ସେ ସମୟରେ ସଫ୍ଟ ସିଗ୍ନାଲ ଆଧାରରେ ହିଁ ଟିଭି ଅମ୍ପାୟର ନିଷ୍ପତ୍ତି ନେଇଥାନ୍ତି। ଅନେକ ସମୟରେ ଖାଲି ଆଖିରେ ଅମ୍ପାୟରଙ୍କୁ ମଧ୍ୟ ସ୍ପଷ୍ଟ ଜଣା ପଡ଼ି ନ ଥାଏ। ଏପରିକି ଖେଳାଳିମାନେ ଭୁଲ୍‌ରେ ନିଜ ଉଇକେଟ ହରାଉଥିବା କାରଣରୁ ଏହି ନିୟମକୁ କ୍ରିକେଟ ବିଶେଷଜ୍ଞମାନେ ସମାଲୋଚନା କରୁଥିଲେ। ଆଇସିସିର କ୍ରିକେଟ ଏକ୍ଜିକ୍ୟୁଟିଭ୍ କମିଟି(ସିଇସି) ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଅନୁସାରେ ସଫ୍ଟ ସିଗ୍ନାଲକୁ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି। ପୁରୁଷ ଓ ମହିଳା କ୍ରିକେଟ କମିଟି ମୁଖ୍ୟ ସୌରଭ ଗାଙ୍ଗୁଲିଙ୍କ ପରାମର୍ଶକୁ ସିଇସି ପକ୍ଷରୁ ମଞ୍ଜୁରୀ ମିଳିବା ସହିତ ସଫ୍ଟ ସିଗ୍ନାଲ ନିୟମକୁ ହଟାଇ ଦିଆଯାଇଛି। ସଫ୍ଟ ସିଗ୍ନାଲ ହଟିବା ଉପରେ ପ୍ରତିକ୍ରିୟା ରଖିଛନ୍ତି ସୌରଭ ଗାଙ୍ଗୁଲି। ବିଗତ କିଛି ବର୍ଷ ଧରି ଏହି ନିୟମକୁ ହଟାଇବା ପାଇଁ ଆଲୋଚନା ହେଉଥିଲା। ଟିଭି ରିପ୍ଲେରେ ସ୍ପଷ୍ଟ ହେଉ ନ ଥିଲେ ଅମ୍ପାୟରଙ୍କ ସଫ୍ଟ ସିଗ୍ନାଲ ଅନେକ ସମୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ, ତେଣୁ ଏହାକୁ ହଟାଇବାକୁ ନିଷ୍ପତ୍ତି ନେଲୁ ବୋଲି ସେ କହିଛନ୍ତି। ଏହାସହିତ ଖେଳାଳିଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ କିଛି ସ୍ଥାନରେ ହେଲ୍‌ମେଟ୍ ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ଦ୍ରୁତ ବୋଲରଙ୍କୁ ଖେଳୁଥିବା ସମୟରେ ବ୍ୟାଟର, ଉଇକେଟ ପାଖରେ କିପିଂ କରୁଥିବା ଉଇକେଟ୍‌କିପର ଓ ବ୍ୟାଟରଙ୍କ କ୍ଲୋଜ୍ ରେଞ୍ଜ୍‌ରେ ଫିଲ୍ଡିଂ କରୁଥିବା ଖେଳାଳିଙ୍କ ପାଇଁ ହେଲମେଟ୍ ବାଧ୍ୟତାମୂଳକ କରାଯାଇଛି।

**ନୂତନ ଫ୍ରି ହିଟ୍ ନିୟମ:** ଫ୍ରି ହିଟ୍ ନିୟମରେ ମଧ୍ୟ କିଛି ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଫ୍ରି ହିଟ୍ ବଲ୍ ଯଦି ଷ୍ଟମ୍ପରେ ବାଜୁଥିଲା ଏଥିରେ ରନ୍ ସଂଗ୍ରହ କରି ହେଉ ନ ଥିଲା। ତେବେ ଏହି ନିୟମକୁ ପରିବର୍ତ୍ତନ କରାଯାଇଛି। ଏଣିକି ଫ୍ରି ହିଟ୍ ବଲରେ ଖେଳାଳି ବୋଲ୍ଡ ହୋଇଥିଲେ ମଧ୍ୟ ରନ୍ ସଂଗ୍ରହ କରିପାରିବେ। ଜୁନ୍ ୧, ୨୦୨୩ରୁ ଏହି ନୂତନ ନିୟମ ଲାଗୁ କରାଯିବ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ମଧ୍ୟ ଏହି ନିୟମ ଲାଗୁ କରାଯିବ।

# କ୍ୱାଲିଫାୟର-୧ ଖେଳିବ ଗୁଜରାଟ



**ଅହମଦାବାଦ, ୧୫।୫**

ଶୁବମନ ଗିଲ୍‌ଙ୍କ ପ୍ରଥମ ଆଇପିଏଲ୍ ଶତକ ସହିତ ମହମ୍ମଦ ଶାମି ଓ ମୋହିତ ଶର୍ମାଙ୍କ ଘାତକ ବୋଲିଂ ବଳରେ ସନରାଇଜର୍ସ ହାଇଦ୍ରାବାଦକୁ ୩୪ ରନରେ ପରାସ୍ତ କରି କ୍ୱାଲିଫାୟର-୧ ପାଇଁ ଯୋଗ୍ୟତା ଅର୍ଜନ କରିଛି ଗୁଜରାଟ ଟାଇଟନ୍ସ। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୧୮୮ ରନ୍ କରିଥିଲା। ଜବାବରେ ହାଇଦ୍ରାବାଦ ୨୦ ଓଭରରେ ୯ ଉଇକେଟ ହରାଇ ୧୫୪ ରନ୍ କରିଥିଲା। ୧୮ ପଏଣ୍ଟ ହାସଲ କରି ସାରିଥିବା ଗୁଜରାଟ ପ୍ରଥମ ଦୁଇ ସ୍ଥାନରେ ରହିବା ସ୍ପଷ୍ଟ ହୋଇଛି।

**ଗିଲ୍‌ଙ୍କ ଶତକ:** ପ୍ରଥମ ଓଭରରେ ଋଦ୍ଧିମାନ ସାହାଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରିଥିଲେ ଭୁବନେଶ୍ୱର କୁମାର। ତେବେ ଦ୍ୱିତୀୟ ଉଇକେଟରେ ୧୪୭ ରନ୍ ଯୋଡିଥିଲେ ଶୁବମନ ଗିଲ୍ ଓ ସାଇ ସୁଦର୍ଶନ। ସୁଦର୍ଶନ ୩୬ ବଲ ଖେଳି ୬ ଚୌକା ଓ ୧ ଛକା ସହିତ ୪୭ ରନ କରିଥିଲେ। ଗିଲ୍ ନିଜ ଆଇପିଏଲ୍ କ୍ୟାରିୟରର ପ୍ରଥମ ଶତକ ହାସଲ କରିବା ଅବସରରେ ୫୮ ବଲ୍ ଖେଳି ୧୩ ଚୌକା ଓ ୧ ଛକା ସହ ୧୦୧ ରନ୍ କରିଥିଲେ। ଗିଲ୍ ଓ ସୁଦର୍ଶନଙ୍କୁ ଛାଡି ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ବିଶିଷ୍ଟ ସ୍କୋରରେ ପହଞ୍ଚି ପାରି ନ ଥିଲେ।

**ଭୁବନେଶ୍ୱରଙ୍କୁ ୫ ଉଇକେଟ**

ଆଇପିଏଲ୍ କ୍ୟାରିୟରରେ ଭୁବନେଶ୍ୱର କୁମାର ଦ୍ୱିତୀୟ ଥର ପାଇଁ ୫ ଉଇକେଟ ସଫଳତା ହାସଲ କରିଥିଲେ। ୩୦ ରନ୍ ଦେଇ ୫ ଉଇକେଟ ନେଇଥିବା ଭୁବନେଶ୍ୱର ଅନ୍ତିମ ଓଭର ବୋଲିଂ କରି ୫ ବଲ୍‌ରେ ୪ ଜଣ ବ୍ୟାଟରଙ୍କୁ ପ୍ୟାଭିଲିୟନ ରାସ୍ତା ଦେଖାଇଥିଲେ। ଅନ୍ୟ ବୋଲରଙ୍କ ମଧ୍ୟରେ ମାର୍କୋ ଜାନସେନ୍, ଫଜଲ୍ଲହକ୍ ଫାରୁକି ଓ ଟି. ନଟରାଜନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୮୯ ରନ୍ ଲକ୍ଷ୍ୟର ପିଛା କରୁଥିବା ହାଇଦ୍ରାବାଦ ୫୯ ରନ୍ ମଧ୍ୟରେ ୭ ଜଣ ବ୍ୟାଟରଙ୍କୁ ହରାଇଥିଲା। ଶାମି ଓ ମୋହିତ ଶର୍ମା ଏହା ମଧ୍ୟରୁ ୬ ଉଇକେଟ ବାଣ୍ଟି ନେଇଥିଲେ। ପରାଜୟ ଅବଶ୍ୟମ୍ଭାବୀ ଥିବା ବେଳେ ହେନରିଚ୍ କ୍ଲାସେନ୍ ୬୪ ଓ ଭୁବନେଶ୍ୱର କୁମାର ୨୭ ଅଷ୍ଟମ ଉଇକେଟରେ ୬୮ ରନ୍ ଯୋଡି ପରାଜୟ ବ୍ୟବଧାନ କମ୍ କରିଥିଲେ। ଗୁଜରାଟ ପକ୍ଷରୁ ମହମ୍ମଦ ଶାମି ଓ ମୋହିତ ଶର୍ମା ୪ଟି ଲେଖାଏ ଓ ଯଶ ଦୟାଲ ୧ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୮୮/୯(ଶୁବମନ ଗିଲ୍-୧୦୧, ସାଇ ସୁଦର୍ଶନ-୪୭, ଭୁବନେଶ୍ୱର କୁମାର-୫/୩୦, ମାର୍କୋ ଜାନସେନ୍-୧/୩୯, ଫଜଲ୍ଲହକ୍ ଫାରୁକି-୧/୩୧, ଟି. ନଟରାଜନ-୧/୩୯)। ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୫୪/୯(ହେନରିଚ୍ କ୍ଲାସେନ୍-୬୪, ଭୁବନେଶ୍ୱର କୁମାର-୨୭, ମୟଙ୍କ ମାର୍କଣ୍ଡେ-୧୮,ମହମ୍ମଦ ଶାମି-୪/୨୦, ମୋହିତ ଶର୍ମା-୪/୨୮, ଯଶ ଦୟାଲ-୧/୩୧)।

ଶୁବମନ ଗିଲ୍

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୧୮ | +୦.୮୩୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୫ | ୧୫ | +୦.୩୮୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୧୪ | -୦.୧୧୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୫ | ୧୩ | +୦.୩୦୯ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୬ | ୬ | ୧୨ | +୦.୧୬୬ |
| ରାଜସ୍ଥାନ ରୟାଲ୍ସ | ୧୩ | ୬ | ୭ | ୧୨ | +୦.୧୪୦ |
| କୋଲ୍‌କାତା ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | -୦.୨୫୬ |
| ପଞ୍ଜାବ କିଙ୍ଗ୍ସ | ୧୨ | ୬ | ୬ | ୧୨ | -୦.୨୬୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୮ | ୮ | -୦.୫୭୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୪ | ୮ | ୮ | -୦.୬୮୬ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ୍)
**ଲକ୍ଷ୍ନୌ ବନାମ ମୁମ୍ବାଇ**
ସ୍ଥାନ: ଲକ୍ଷ୍ନୌ,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE
For Booking Contact 0674-2580385, 8637280816, 7894447167, 9338226625

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

ଜନ୍ମଦିନ ଶୁଭେଚ୍ଛା

(ବାବୁନ୍)
ଯୋଗେଶ୍ୱର ପ୍ରଧାନ
ହାତୀବାଡ଼ି, ବେମ୍‌ଟା
ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନଙ୍କ କୃପାରୁ ତୋର ଚଳାପଥ କୁସୁମିତ ହେଉ।
ଆଶୀର୍ବାଦ ସହ:
ବାପା, ମାଆ, କ୍ରିଷ୍ଣା।
ଧ-୦୩୬୫

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


# ଟି୨୦ରେ ଯୁବ ଖେଳାଳିଙ୍କୁ ସୁଯୋଗ ମିଳୁ: ଶାସ୍ତ୍ରୀ

**ନୂଆଦିଲ୍ଲୀ, ୧୫।୫ (ପି.ଟି.):** ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଟି ୨୦ ଦଳରେ ଯୁବ ଖେଳାଳିଙ୍କ ସାମିଲ ଉପରେ ଗୁରୁତ୍ୱ ଦେଇଛନ୍ତି। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପରି ଅଭିଜ୍ଞ ଖେଳାଳିଙ୍କୁ ଦିନିକିଆ ଓ ଟେଷ୍ଟ ଟିମ୍‌ରେ ସାମିଲ କରିବା ସହିତ ଆଇପିଏଲରେ ଭଲ ପ୍ରଦର୍ଶନ କରୁଥିବା ଯୁବ ଖେଳାଳିଙ୍କୁ ଟି୨୦ ଦଳରେ ସୁଯୋଗ ଦିଆଯିବା ଉଚିତ ବୋଲି ଶାସ୍ତ୍ରୀ କହିଛନ୍ତି। ଚଳିତ ଆଇପିଏଲରେ ଭଲ ପ୍ରଦର୍ଶନ କରିଥିବା ତିଲକ ବର୍ମା, ଜିତେଶ ଶର୍ମା ଓ ଯଶସ୍ୱୀ ଜୟସ୍ୱାଲଙ୍କୁ ଟି୨୦ ଦଳରେ ସ୍ଥାନ ଦେବା ପାଇଁ ଶାସ୍ତ୍ରୀ ଦାବି କରିଛନ୍ତି। କୋହଲି ଓ ରୋହିତଙ୍କ ପରି ଖେଳାଳିଙ୍କ ନିକଟରେ ବିପୁଳ ଅଭିଜ୍ଞତା ରହିଛି, ଯାହା ଦିନିକିଆ ଓ ଟେଷ୍ଟରେ ଭାରତ ପାଇଁ ବେଶ୍ ସହାୟକ ସାବ୍ୟସ୍ତ ହେବ। ଏହାସହିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଓ ଦିନିକିଆ ବିଶ୍ୱକପ ପାଇଁ ଅଭିଜ୍ଞ ଖେଳାଳିଙ୍କୁ ସତେଜ ରଖିବା ନିହାତି ଆବଶ୍ୟକ। ଅନ୍ୟପକ୍ଷରେ ଚଳିତ ସିଜନର ଆଇପିଏଲରେ ତିଲକ ବର୍ମା, ଜିତେଶ ଶର୍ମା, ଯଶସ୍ୱୀ ଜୟସ୍ୱାଲ ଓ ରିଙ୍କୁ ସିଂଙ୍କ ପରି ଖେଳାଳି ଦମ୍‌ଦାର ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ଏହି ଖେଳାଳିମାନଙ୍କୁ ବିକଶିତ କରିବା ଉପରେ ଚୟନକର୍ତ୍ତାମାନେ ଫୋକସ କରିବା ଉଚିତ ବୋଲି ସେ କହିଛନ୍ତି। ଆଇପିଏଲ ପରେ ହିଁ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ଟି୨୦ ସିରିଜ୍ ଖେଳିବ। ବରିଷ୍ଠ ଖେଳାଳିଙ୍କୁ ବାଦ୍ ଦେଇ ସେମାନଙ୍କ ସ୍ଥାନରେ ଯୁବ ଖେଳାଳିଙ୍କୁ ସାମିଲ କରାଯିବା ଉଚିତ ବୋଲି ସେ ମତ ରଖିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ଦଳରେ ଏହି ଖେଳାଳିମାନଙ୍କୁ ସୁଯୋଗ ମିଳିବା ଉଚିତ୍। ଖେଳାଳିମାନଙ୍କୁ ଅପେକ୍ଷା କରାଇବା ପରିବର୍ତ୍ତେ ସୁଯୋଗ ମିଳିବା ଉଚିତ। ଏକ ବର୍ଷର ସମୟ ଢେର୍ ଅଧିକ ହୋଇଥାଏ। ଏହା ମଧ୍ୟରେ ଖେଳାଳିଙ୍କ ଫର୍ମ ଯିବାର ଆଶଙ୍କା ମଧ୍ୟ ରହିଥାଏ। କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବା ସମୟରେ ହିଁ ଖେଳାଳିମାନଙ୍କୁ ସୁଯୋଗ ମିଳିବା ଉଚିତ୍। ଏହାସହିତ ଖେଳାଳିଙ୍କ ପୋଜିଶନ ପରିବର୍ତ୍ତନ କରିବା ସପକ୍ଷରେ ମଧ୍ୟ ସେ ନ ଥିବା କହିଛନ୍ତି।

# ନୀତୀଶ ରାଣାଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା

**ଚେନ୍ନାଇ, ୧୫।୫ (ପି.ଟି.):** ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ସ୍ଲୋ-ଓଭର ରେଟ୍ ବୋଲିଂ ପାଇଁ କୋଲ୍‌କାତା ନାଇଟ ରାଇଡର୍ସ (କେକେଆର) ଅଧିନାୟକ ନୀତୀଶ ରାଣାଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା ହୋଇଛି। ଚଳିତ ସିଜନରେ କେକେଆର ଦ୍ୱିତୀୟଥର ପାଇଁ ସ୍ଲୋ ଓଭର ରେଟ୍ ପାଇଁ ଦଣ୍ଡିତ ହୋଇଛି। ନୀତୀଶଙ୍କୁ ୨୪ ଲକ୍ଷ ବ୍ୟତୀତ ଇମ୍ପାକ୍ଟ ଖେଳାଳିଙ୍କ ସମେତ ଚୂଡ଼ାନ୍ତ ଏକାଦଶର ସମସ୍ତ ଖେଳାଳିଙ୍କୁ ୬ ଲକ୍ଷ କିମ୍ବା ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା କରାଯାଇଛି। କେକେଆର ଏହି ମ୍ୟାଚ୍ ୬ ଉଇକେଟରେ ଜିତିବା ସହ ଏହାର ପ୍ଲେ-ଅଫ୍ ଆଶା ଉଜ୍ଜୀବିତ କରିଛି। ସିଏସ୍‌କେ ବର୍ତ୍ତମାନ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦଳ ଶ୍ରେଷ୍ଠ ୪ ମଧ୍ୟରେ ରହିବ ବୋଲି ଆଶା କରାଯାଉଛି।


# Classified Everyday
0674-2580101, 2549949


REAL ESTATE

SALE

ଭୁବନେଶ୍ୱର କଳାରାହାଙ୍ଗଠାରେ ୟେଲୋଜୋନ୍ ପ୍ଲଟ୍, ବାଲିଅନ୍ତାରେ ଘରବାରି ପ୍ଲଟ୍, ଧଉଳିଛକ ନିକଟରେ ଓ ଦଧୀଚି କଲେଜ ସାମ୍ନାରେ ଗୃହୋପଯୋଗୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ: 9438620034. D-0346

ଭୁବନେଶ୍ୱର ତ୍ରିଶୁଳିଆରେ Boundary, Road ଥାଇ General plot-1800/-, SC-1350/- 7855818549. D-74861

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ। ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ। ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

Residential plot for sale just 3.5km from KIIT Square, Bhubaneswar, immediate registration/ possession. 8917362239. D-74859


CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-74682

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।




Dubai Family Group Tour package from Bhubaneswar. Duration- 5 nights/ 6days, on 20th September 2023. TourIn Travels. com, Ravi Talkies, Bhubaneswar. Contact No.- 8637265524, 9861484950. D-74705




Newly open health benefits SPA special offer @ 799 Jaydev Vihar. 8018429809. D-75106

Relax, Refresh your body, Mind at Saikrupa Spa with best therapies. 8984068077. D-0282

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74680

All types of professional body massage by professional therapy. Contact: 9556924059, 7077933109. D-0332

Newly open SPA Positively health benefit with expert. Contact: 7749976301. D-74543

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆନ୍ଦୋଳନ ବ୍ୟାପକ କରିବାକୁ ଧମକ

**ଡବ୍ଲ୍ୟୁଏଫ୍‌ଆଇ ଯୌନ ଶୋଷଣ ମାମଲା**

**ନୂଆଦିଲ୍ଲୀ,୧୫।୫(ପି.ଟି.)**

ଭାରତୀୟ ରେସ୍‌ଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ନୂଆଦିଲ୍ଲୀର ଯନ୍ତର ମନ୍ତରଠାରେ ଖେଳାଳିଙ୍କ ଆନ୍ଦୋଳନ ୨୩ ଦିନରେ ପହଞ୍ଚିଛି। ତେବେ ସରକାର ତୁରନ୍ତ ବ୍ରିଜ୍‌ଭୂଷଣଙ୍କୁ ଗିରଫ ନ କଲେ ଏହି ଆନ୍ଦୋଳନକୁ ବିଶ୍ୱବ୍ୟାପୀ କରାଯିବ ବୋଲି ରେସ୍‌ଲର ମାନେ ଧମକ ଦେଇଛନ୍ତି। ଆସନ୍ତା ମେ' ୨୧ ଡେଡ୍‌ଲାଇନ ପ୍ରଦାନ କରାଯାଇଛି। ଏହି ଧାରଣାରେ ସମଗ୍ର ବିଶ୍ୱକୁ ସାମିଲ କରିବା ପାଇଁ ଭିନ୍ନ ଭିନ୍ନ ଦେଶର ଅଲିମ୍ପିଆନ୍ ଓ ଅଲିମ୍ପିକ୍ସ ପଦକ ବିଜେତାଙ୍କୁ ଚିଠି ଲେଖି ଧାରଣାରେ ସାମିଲ ପାଇଁ ଆହ୍ୱାନ ଦିଆଯିବ ବୋଲି ୨୦୧୮ ଜାକର୍ତ୍ତା ଏସିଆନ୍ ଗେମ୍ସ ସ୍ୱର୍ଣ୍ଣପଦକ ବିଜୟିନୀ ଭିନେଶ୍ ଫୋଗତ ସୂଚନା ଦେଇଛନ୍ତି। ଏହି ଧାରଣାକୁ ବିଫଳ କରିବା ପାଇଁ କିଛି ଲୋକ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ନିୟମିତ ଭାବେ ଆମର ପିଛା କରାଯାଉଛି। ଅଜଣା ଲୋକ ଓ ମହିଳାମାନେ ଧାରଣାସ୍ଥଳରେ ଆମର ଫଟୋ ଓ ଭିଡିଓ ଉତ୍ତୋଳନ କରୁଛନ୍ତି। ଏପରିକି ମନା କଲେ ମଧ୍ୟ ସେମାନେ ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ଭିନେଶ୍। ଅନେକ ମହିଳା ଯେଉଁମାନଙ୍କୁ ଆମେ ଜାଣିନାହୁଁ ସେମାନଙ୍କୁ ମଧ୍ୟରାତ୍ରିରେ ଟେଣ୍ଟ ମଧ୍ୟକୁ ପଠାଯାଉଛି। ଧାରଣାସ୍ଥଳରେ ଯାହା ହେବା କଥା ନୁହେଁ ସେମିତି କିଛି ଘଟଣା ଘଟାଇବାକୁ ପ୍ରୟାସ କରାଯାଉଛି ବୋଲି ଭିନେଶ୍ କହିଛନ୍ତି। ଅନ୍ୟାୟ ଓ ଅନୀତି ବିପକ୍ଷ ଏହି ଲଢ଼େଇରେ ଆମ ଛବିକୁ ବଦନାମ୍ କରିବାର ନିଷ୍ଫଳ ପ୍ରୟାସ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଯନ୍ତରମନ୍ତରରେ ଆମ ଆନ୍ଦୋଳନକୁ କୋଣଠେସା କରିବାକୁ ପ୍ରୟାସ କରାଯାଉଛି। ଦେଶର ପ୍ରତ୍ୟେକ ନାଗରିକଙ୍କୁ ଏହି ଆନ୍ଦୋଳନରେ ସାମିଲ କରିବାକୁ ଆମେ ପ୍ରୟାସ କରିବୁ ବୋଲି ଭିନେଶ୍ କହିଛନ୍ତି। ସୋମବାର ରେସ୍‌ଲରମାନେ ଧାରଣାସ୍ଥଳ ଛାଡ଼ି କନ୍ନଟ ପ୍ଲେସ୍ ଯାଇ ସାଧାରଣ ଲୋକଙ୍କୁ ଆନ୍ଦୋଳନରେ ସାମିଲ ହେବାକୁ ବୁଝାଇଥିଲେ। ଏହାସହିତ ମେ' ୨୧ର ଡେଡ୍‌ଲାଇନ୍ ମଧ୍ୟ ପ୍ରସ୍ତୁତ କରାଯାଇଛି।


ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



✓ଦୁର୍ଗା ଚରଣ ନାୟକ

ତିରୋଧାନ: ଜ୍ୟେଷ୍ଠ କୃଷ୍ଣ ଦ୍ୱାଦଶୀ, ୧୫।୦୫।୨୦୦୪

DCN,
You can never be past for me every moment I feel your presence
-(KUNI)-
ଧ-୦୩୬୩


# ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ

**ସୁଝୋ, ୧୫।୫(ପି.ଟି.):** ଭାରତ ସୁଦିରମନ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଗ୍ରୁପ୍ 'ସି'ରେ ମାଲେସିଆ ବିପକ୍ଷ ମ୍ୟାଚ୍ ହାରିଯାଇଛି। ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଏଥିସହ ଭାରତ ଏହି ମିକ୍ସଡ ଟିମ୍ ଚାମ୍ପିୟନଶିପ୍‌ରୁ ନକ୍‌ଆଉଟ ହୋଇଛି। ଦଳ ଏହାର ପ୍ରଥମ ମ୍ୟାଚ୍‌ରେ ଚାଇନିଜ୍ ତାଇପେଠାରୁ ହାରିଯାଇଥିଲା। ଷ୍ଟାର ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ଓ ପି.ଭି. ସିନ୍ଧୁଙ୍କ ଭଲ ଫଳାଫଳ ଆସି ନ ଥିଲା। ପୁରୁଷ ସିଙ୍ଗଲ୍ସ ମୁକାବିଲାରେ ଶ୍ରୀକାନ୍ତଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ସିନ୍ଧୁ ଲଢ଼ୁଆ ପ୍ରଦର୍ଶନ କରି ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ନିର୍ଣ୍ଣାୟକ ଗେମ୍‌ରେ ବିଶ୍ୱର ୩୦ ନମ୍ବର ଖେଳାଳି ଗୋହ ଜିନ୍ ୱିଙ୍କଠାରୁ ୨୧-୧୪, ୧୦-୨୧,୨୦-୨୨ରେ ହାରିଯାଇଥିଲେ। ତ୍ରୁଟିଯୁକ୍ତ ଖେଳ ଯୋଗୁ ବିଶ୍ୱର ୮ ନମ୍ବର ଖେଳାଳି ଲି' ଜି ଜିଆଙ୍କ ବିପକ୍ଷ ମ୍ୟାଚ୍‌ରେ ଶ୍ରୀକାନ୍ତ ୨୧-୧୬, ୨୧-୧୧ରେ ପରାଜିତ ହୋଇଯାଇଥିଲେ। ଅନ୍ୟପକ୍ଷରେ ଭାରତୀୟ ଯୋଡ଼ି ଧ୍ରୁବ କାପିଲା ଓ ଅଶ୍ୱିନ ପୋନାପ୍ପାଙ୍କ ପକ୍ଷେ ବିଶ୍ୱର ୮ ନମ୍ବର ଯୋଡ଼ି ଗୋହ ସୁନ୍ ହୁଆଟ ଏବଂ ଲାଇ ଶେଭନ ଜେମିଙ୍କ ବିପକ୍ଷ ମ୍ୟାଚ କଷ୍ଟସାଧ୍ୟ ଥିଲା। ସେମାନେ ୧୬-୨୧, ୧୭-୨୧ରେ ପରାସ୍ତ ହୋଇଥିଲେ। ଭାରତ ୦-୩ରେ ପଛୁଆ ରହି ଆଗୁଆ ପରାଜିତ ହୋଇଯାଇଥିଲା।

# ସୁପର କୁଲ୍ ଗ୍ୟାଜେଟ୍

**ଛୋଟ ଛୋଟ ଏମିତି କିଛି ଗ୍ୟାଜେଟ୍ ଅଛି, ଯାହା ଗରମରୁ ରକ୍ଷାକରିବା ସହ ଆରାମ ମଧ୍ୟ ପ୍ରଦାନ କରିଥାଏ। ଆପଣଙ୍କ ପସନ୍ଦ ଏବଂ ଆବଶ୍ୟକତାକୁ ଦେଖି ଏହାକୁ ଘରକୁ ନେଇଆସନ୍ତୁ....**

ଖରାଦିନେ ଗରମରୁ ରକ୍ଷା ପାଇବା ପାଇଁ କେତେ କ'ଣ ଉପାୟ ଆପଣାଇବାକୁ ପଡ଼ିଥାଏ। ଅତ୍ୟଧିକ ଗରମ ସ୍ୱାସ୍ଥ୍ୟ ଏବଂ ସ୍କିନ୍ ପାଇଁ ବହୁ ହାନିକାରକ ହୋଇଥାଏ। ଏମିତିରେ ଗରମରୁ ରକ୍ଷା ପାଇବାକୁ ହେଲେ କିଛି ଇନ୍‌ଷ୍ଟାଣ୍ଟ ଉପାୟ ଆପଣାଇବାକୁ ପଡ଼ିଥାଏ। ଝାଳ ବୋହିବା ଏବଂ ଏଥିସହ ଲଗାହୋଇଥିବା ମେକ୍‌ଅପ୍ ଝାଳରେ ବୋହିଯିବା ଆଦି ସମସ୍ୟା ଦେଖାଯାଇଥାଏ। ଏସବୁ ସମସ୍ୟାରୁ ରକ୍ଷା ପାଇବାକୁ ହେଲେ କେତେକ ଗ୍ୟାଜେଟ୍‌କୁ ଆପଣାଇବାକୁ ପଡ଼ିବ, ଯାହା ଆପଣଙ୍କ କାମରେ ଆସିବ।

**କୁଲ୍ ଗ୍ୟାଜେଟ୍:** ଅନ୍‌ଲାଇନ ଶପିଂ ଆପ୍ସରେ ଆପଣଙ୍କୁ କେତେକ ଗ୍ୟାଜେଟ୍ ମିଳିଯିବ। ଯାହା ଆପଣଙ୍କୁ ଗରମକୁ ଥଣ୍ଡା କରିବାରେ ସାହାଯ୍ୟ କରିବ।

**ମିନି ଫ୍ରିଜ୍ ପୋର୍ଟେବଲ:** ଏହି ମିନି ଫ୍ରିଜ୍‌କୁ ଆପଣ ଟ୍ରାଭେଲ କରିବା ସମୟରେ କେଉଁଠିକି ବି ନେଇପାରିବେ। ଆପଣଙ୍କ ମେକ୍‌ଅପ୍ ପ୍ରଡକ୍ଟ ଯେମିତିକି ଲିପ୍‌ଷ୍ଟିକ୍ କିମ୍ବା ଲିପ୍‌ବାମ୍ କିମ୍ବା କୌଣସି ବି ଛୋଟ ପ୍ରଡକ୍ଟ ଯାହାକି ରେଫ୍ରିଜରେଟରରେ ରହୁଥିବା ସାମଗ୍ରୀ ହେଉ ଏଥିରେ ଆପଣ ରଖିପାରିବେ।

**ରିଚାର୍ଜେବଲ୍ ମିନି ଫ୍ୟାନ୍ :** ସ୍ଲୋରୁ ଆରମ୍ଭ କରି ତିନୋଟି ମୋଡ୍‌ରେ ଏହି ଫ୍ୟାନ୍ ଚାଲିଥାଏ। ହ୍ୟାଣ୍ଡସ୍ପ୍ରି ଫାନ୍ ଯାହା ଆପଣଙ୍କୁ ଗରମରୁ ରକ୍ଷା କରିଥାଏ। ଏହାକୁ ଆପଣ ହେଡ଼ଫୋନ୍ ପରି ବେକରେ ପକାଇ କୁଲ୍ ରୁହନ୍ତୁ। ଏହି ଫ୍ୟାନ୍ ଆପଣଙ୍କୁ ଅନ୍‌ଲାଇନ କିମ୍ବା ଅଫ୍‌ଲାଇନରେ ବି ମିଳିଯିବ।

**ହ୍ୟାଣ୍ଡ ଫ୍ୟାନ୍ :** ମିନି ପୋର୍ଟେବଲ ହ୍ୟାଣ୍ଡ ବହୁତ ହାଲ୍‌କା ହୋଇଥାଏ। କିନ୍ତୁ ଭଲ କାମ କରିଥାଏ। ମେକ୍‌ଅପ୍ ସୁଖାଇବାଠୁ ଆରମ୍ଭକରି ଗରମରୁ ମଧ୍ୟ ରକ୍ଷା କରିଥାଏ। ଏହା ୟୁଏସ୍‌ବିରେ ମଧ୍ୟ ଚାର୍ଜ ହୋଇଥାଏ।

**ୟୁଏସ୍‌ବି ଫ୍ୟାନ୍:** ଏହି ପୋର୍ଟେବଲ୍ ଫ୍ୟାନ୍‌କୁ ୟୁଏସ୍‌ବି କୌଣସି ବି ଡିଭାଇସ୍‌ରେ କନେକ୍ଟ ହୋଇଯାଏ। ଯେମିତିକି ଫୋନ୍,ଲାପ୍‌ଟପ୍, ପାୱାର ବ୍ୟାଙ୍କ ଓ ଆଡପ୍ଟର। ଦୁଇଟି ବ୍ଲେଡ୍ ଥିବା ଏହି ଫ୍ୟାନ୍ ବହୁତ ହାଲ୍‌କା ଏବଂ ପୋର୍ଟେବଲ ହୋଇଥିବା କାରଣରୁ ଏହା ନେବା ଆଣିବା ପାଇଁ ସୁବିଧା ହୋଇଥାଏ।



# ଖରାଦିନ ପାଇଁ ଷ୍ଟାଇଲିଷ୍ଟ କୁର୍ତ୍ତି

ଫ୍ୟାଶନ



**ଏମ୍ବ୍ରୋଏଡୋରି କୁର୍ତ୍ତି :** ଏହି କୁର୍ତ୍ତି ଗରମ ଦିନରେ ପିନ୍ଧିବାକୁ କମ୍ଫଟେବଲ୍ ଲାଗିଥାଏ। ଆପଣ ଏହି ହ୍ୱାଇଟ୍ ଏମ୍ବ୍ରୋଏଡୋରି ପ୍ରିଣ୍ଟେଡ୍ କୁର୍ତ୍ତିକୁ ଜିନ୍ସଠୁ ଆରମ୍ଭକରି ଲେଗିନ୍ସ ସହିତ ମଧ୍ୟ ପିନ୍ଧିପାରିବେ। ଏହାକୁ ହୁପ୍ସ ସହିତ ଷ୍ଟାଇଲ୍ କରନ୍ତୁ।

**ପ୍ରିଣ୍ଟେଡ୍ କୁର୍ତ୍ତି :** ଯଦି ଆପଣ ଲାଇଟ୍ ୱେଟ୍ ପିନ୍ଧିବାକୁ ଚାହୁଁଥାନ୍ତି ତେବେ ଏମିତିରେ ପ୍ରିଣ୍ଟେଡ୍ କୁର୍ତ୍ତିକୁ ପିନ୍ଧିପାରିବେ। ବାନ୍ଧେଣି ପ୍ରିଣ୍ଟ କୁର୍ତ୍ତିକୁ ଅକ୍ସିଡାଇଜ୍ଡ ଜୁଏଲେରି ପିନ୍ଧିବା ଦ୍ୱାରା ଏହା ଭଲ ମାନିଥାଏ।

**ସ୍ଲିଟ୍ କୁର୍ତ୍ତି :** ଆପଣ ଯଦି ସ୍କର୍ଟ ପିନ୍ଧୁଥାନ୍ତି ତେବେ ସ୍ଲିଟ୍ କୁର୍ତ୍ତିକୁ ଟ୍ରାଉଜର କିମ୍ବା କୁଲାଉଟ୍ସ ସହିତ ଷ୍ଟାଇଲ୍ କରି ପିନ୍ଧିପାରିବେ।

**ପ୍ଲେନ୍ କୁର୍ତ୍ତି :** ପ୍ଲେନ୍ କୁର୍ତ୍ତିକୁ ଯଦି ଆପଣ ମ୍ୟାଚିଂ ପ୍ଲାଜୋ ସହ କ୍ୟାରି କରିବେ ତେବେ ଆପଣଙ୍କ ଲୁକ୍ ବହୁତ ସୁନ୍ଦର ଲାଗିବ। ଏହା ସହିତ ପ୍ରିଣ୍ଟେଡ୍ ଦୁପଟ୍ଟା କ୍ୟାରି କରି ନିଜ ଷ୍ଟାଇଲ୍‌କୁ ଏନ୍‌ହାନ୍ସ କରନ୍ତୁ।

**ଶର୍ଟ କୁର୍ତ୍ତି :** ଶର୍ଟ କୁର୍ତ୍ତିକୁ ବି ଆପଣ ନିଜର ଷ୍ଟାଇଲିଶ୍ ଲୁକ୍ ପାଇଁ ଚଏସ୍ କରିପାରିବେ। ଆପଣ ଏହି ଶର୍ଟ କୁର୍ତ୍ତିକୁ ପ୍ଲାଜୋ କିମ୍ବା ଜିନ୍ସ ସହ ପେୟାରକରି ପିନ୍ଧିପାରିବେ। ଅଫିସ୍ ଲୁକ୍‌ରେ ଏହି କୁର୍ତ୍ତି ବହୁତ ଭଲ ମାନିଥାଏ।

**ଷ୍ଟ୍ରେଟ୍ କୁର୍ତ୍ତି :** ଏଭଳି କୁର୍ତ୍ତି ପିନ୍ଧିବା ଦ୍ୱାରା ଏହା ଆପଣଙ୍କୁ ସ୍ଲିମ୍ ଲୁକ୍ ଦେଇଥାଏ। ଏଥିରେ ଆପଣ ଫ୍ଲୋରାଲ ପ୍ରିଣ୍ଟ ସହିତ ଷ୍ଟ୍ରେଟ୍ ପ୍ୟାଣ୍ଟ ମଧ୍ୟ ପିନ୍ଧିପାରିବେ।

# ନିରାପଦ ସଞ୍ଚୟ

**ସଞ୍ଚୟ ବା ସେଭିଂ ଏକ ଭଲ ଅଭ୍ୟାସ। ଏଥିଲାଗି ବ୍ୟାଙ୍କ କିମ୍ବା ଡାକଘରରେ ଅନେକ ପ୍ରକାର ସ୍କିମ୍ ରହିଛି ଯାହାକୁ ଆପଣ ଚୟନକରି ନିଜର ବଳକା ଟଙ୍କାକୁ ସଞ୍ଚୟ ଆକାରରେ ରଖନ୍ତୁ, ଯାହା ଉପରେ ଭବିଷ୍ୟତରେ କିଛି ପ୍ରଶ୍ନବାଚୀ ଉଠିବ ନାହିଁ। ଜନସାଧାରଣଙ୍କର ସୁବିଧା ପାଇଁ ସରକାର କେତେକ ସଞ୍ଚୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏ ବିଷୟରେ ବିଶଦ ଭାବରେ ବୁଝିବା ପରେ ହିଁ ସେଥିରେ ସଞ୍ଚୟ କରନ୍ତୁ। କାରଣ କୌଣସି ସ୍ଥାନରେ ସଞ୍ଚୟ କରିବା ପୂର୍ବରୁ ସେ ସମ୍ପର୍କରେ ଭଲ ଭାବରେ ସଞ୍ଚୟକାରୀ ଜାଣିବା ନିହାତି ଦରକାର...**





ସଞ୍ଚୟ କ୍ଷେତ୍ରରେ ମହିଳାମାନେ ପଛରେ ପଡ଼ିନାହାନ୍ତି। ଆଜିକାଲି ସେମାନେ ଆତ୍ମନିର୍ଭରଶୀଳ ହେବା ସହ ନିଜ ଉପାର୍ଜିତ ଟଙ୍କାରୁ କିଛି ସଞ୍ଚୟ କରିବାକୁ ପଛାଉନାହାନ୍ତି। ତେଣୁ ସେମାନେ ଏ ବିଷୟରେ ଭଲ ଭାବରେ ଅବଗତ ହେବା ଆବଶ୍ୟକ। ନିମ୍ନରେ କେତେକ ନିରାପଦ ସଞ୍ଚୟ ଯୋଜନା ବିଷୟରେ ସୂଚନା ଦିଆଯାଉଛି...

**ଫିକ୍ସଡ୍ ଡିପୋଜିଟ୍ ସ୍କିମ୍ :** ଆମ ଦେଶରେ ଫିକ୍ସଡ୍ ଡିପୋଜିଟ୍‌କୁ ସବୁଠାରେ ସୁରକ୍ଷିତ ନିବେଶ ବୋଲି କୁହାଯାଇପାରେ। ଏବେ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ନୂଆ ନୂଆ ସ୍କିମ୍ ଆଣିବାକୁ ଯୋଜନା କରୁଛନ୍ତି। ଯଦି ଆପଣ ନିଜ ଟଙ୍କାକୁ ୫ବର୍ଷ ପର୍ଯ୍ୟନ୍ତ ନିବେଶ କରୁଛନ୍ତି ତେବେ , ୮୦ ସି ଅନୁସାରେ ଆପଣଙ୍କୁ ଟ୍ୟାକ୍ସ ଫ୍ରି ମିଳିଥାଏ।

ଫିକ୍ସ ଡିପୋଜିଟ୍‌ର ମୁଖ୍ୟ କଥା ହେଲା– ସମୟବଦ୍ଧ ପକ୍କା ରିଟର୍ନ ମିଳିବ,ରିସ୍କ ନ ନେବାକୁ ଚାହୁଁ ନ ଥିବା ବ୍ୟକ୍ତିଙ୍କ ପାଇଁ ଭଲ ହେବ, ଭଲ ରିଟର୍ନ ମିଳିବା ସହ ଆବଶ୍ୟକ ପଡ଼ିଲେ ସେହି ଟଙ୍କା ଉପରେ ଲୋନ୍ ନେବାର ସୁବିଧା ରହିଛି।

**ରିକରିଂ ଡିପୋଜିଟ୍:** ଏହାକୁ ଆପଣ ଏଫ୍‌ଡିର ବିକଳ୍ପ ମାନିପାରନ୍ତି। ଏଥରେ ଆପଣଙ୍କୁ ନିୟମିତ ରୂପେ ଏକ ଫିକ୍ସଡ୍ ଆମାଉଣ୍ଟ ଜମା କରିବାକୁ ପଡ଼ିଥାଏ। ଏଫ୍‌ଡି ଭଳି ଏଥିରେ ବି ରେଗୁଲାର ସେଭିଂ ଆକାଉଣ୍ଟ ତୁଳନାରେ ଅଧିକ ରିଟର୍ନ ମିଳିଥାଏ। ଏହାକୁ ଆରମ୍ଭ କରିବାକୁ ହେଲେ ଅଧିକ ଟଙ୍କାର ଆବଶ୍ୟକତା ପଡ଼ି ନ ଥାଏ। ଏଥିରେ ବହୁଦିନ ପର୍ଯ୍ୟନ୍ତ ଟଙ୍କା ଜମା ରଖିବା ଦ୍ୱାରା ଆପଣଙ୍କୁ ଭଲ ରିଟର୍ନ ମିଳିପାରେ। କାରଣ ଏଥିରେ ଜମା ହୋଇଥିବା ରାଶି ଇକ୍ୱାଇଟି ମାର୍କେଟ୍‌ରେ ଇନ୍‌ଭେଷ୍ଟ ହୁଏ ନାହିଁ।

**କିଏ ଅଧିକ ସୁରକ୍ଷିତ : ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍–** ଆପଣ ଏଫ୍‌ଡିକୁ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍ ଯେଉଁଠାରେ ବି ଖୋଲିପାରିବେ। କିନ୍ତୁ ପୋଷ୍ଟ ଅଫିସ୍ ଜମାରାଶି ଅଧିକ ସୁରକ୍ଷିତ ବୋଲି ଅନେକେ ଭାବନ୍ତି। କାରଣ ଏଥିରେ ହେଉଥିବା ନିବେଶ ଉପରେ ଭାରତ ସରକାରଙ୍କ ଗ୍ୟାରେଣ୍ଟି ରହିଥାଏ। ପୋଷ୍ଟ ଅଫିସ୍‌ର ସବୁ ଯୋଜନା ବା ସ୍କିମ୍ ଟ୍ୟାକ୍ସ ଫ୍ରି ମଧ୍ୟ ହୋଇଥାଏ। ବ୍ୟାଙ୍କରେ ଆପଣଙ୍କୁ ନିବେଶର ଅଧିକ ବିକଳ୍ପ ମିଳିଥାଏ। ଯେମିତିରେ କି ପୋଷ୍ଟ ଅଫିସ୍‌ରେ ୧ ବର୍ଷରୁ ୫ ରହିଛି ସେମିତି ବ୍ୟାଙ୍କରେ ୭ଦିନରୁ ଆରମ୍ଭକରି ୧୦ବର୍ଷ ପର୍ଯ୍ୟନ୍ତ ଏଫ୍‌ଡି ରହିଛି। ପୋଷ୍ଟ ଅଫିସ୍‌ରେ ନିଶ୍ଚିତ ରୂପେ ସୁଧ ଟିକେ ଅଧିକ ମିଳେ ଯେତେବେଳେ କି ବ୍ୟାଙ୍କର କୌଣସି ସମାନ ଇଣ୍ଟରେଷ୍ଟ ରେଟ୍ ନାହିଁ।




**ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍):** ଏହା ଏକ ସରକାରୀ ଯୋଜନା, ଯେଉଁଥିରେ ୧୫ ବର୍ଷର ଅବଧି ରହିଥାଏ। ଏହାର ରେଟ୍ ଅଫ୍ ଇଣ୍ଟରେଷ୍ଟ ବି ଏଫ୍‌ଡି ଏବଂ ଆର୍‌ଡି ଭଳି ଭଲ ରହିଥାଏ। କାରଣ ଏଥିରେ ନିବେଶ ହେଉଥିବା ଟଙ୍କା କୌଣସି ମାର୍କେଟ୍ ସହିତ ଲିଙ୍କ୍ ନ ଥାଏ। ଏଥିପାଇଁ ଏହା ନିବେଶର ଭଲ ମାଧ୍ୟମ ବୋଲି କୁହାଯାଇପାରେ। ୧୫ବର୍ଷ ପରେ ଆପଣ ଚାହିଁଲେ ପୂରା ଟଙ୍କା ଉଠାଇପାରିବେ ନ ହେଲେ ଏହାକୁ ପୁନର୍ବାର ୫ ବର୍ଷ ପର୍ଯ୍ୟନ୍ତ ରଖିପାରିବେ।

**ନ୍ୟାଶନାଲ ପେନ୍‌ସନ ସ୍କିମ୍ (ଏନ୍‌ପିଏସ୍):** ଏହା ମଧ୍ୟ ଏକ ସରକାରୀ ଯୋଜନା, ଯାହାକି ସବୁ ପ୍ରକାର ନିବେଶର ମିଶ୍ରଣ। ଏଥିରେ ଆପଣ ନିଜ ଆବଶ୍ୟକତା ଅନୁଯାୟୀ ସ୍କିମ୍ ଚୟନ କରିପାରିବେ। ଏହି ସ୍କିମ୍ ସବୁ ସେକ୍ଟରରେ କାମ କରୁଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ନିବେଶ କରିବା ଦ୍ୱାରା ୨ଲକ୍ଷ ପର୍ଯ୍ୟନ୍ତ ଟ୍ୟାକ୍ସ ଡିଡକ୍ସନ୍ ବି ମିଳିଥାଏ।

**ସୋଭେରେନ୍ ଗୋଲ୍ଡ ବଣ୍ଡ (ଏସ୍‌ଜିବି) :** ସୋଭେରେନ୍ ଗୋଲ୍ଡ ବଣ୍ଡ(ଏସ୍‌ଜିବି ) ରିଜର୍ଭ ବ୍ୟାଙ୍କ ଦ୍ୱାରା ୨୦୧୫ରେ ପ୍ରଥମେ ଆରମ୍ଭ କରାଯାଇଥିଲା। ଯଦି ଆପଣ ଏହି ବଣ୍ଡ ମାଧ୍ୟମରେ ୧ଗ୍ରାମ୍ ସୁନା କିଣୁଛନ୍ତି ୮ବର୍ଷ ପରେ ସୁନାର ଯେତିକି କରେଣ୍ଟ ଭାଲ୍ୟୁ ଥିବ ସେହି ଦାମ୍‌ରେ ଆପଣ ଆର୍‌ବିଆଇକୁ ନିଜ ବଣ୍ଡ ବିକ୍ରି କରିପାରିବେ। ଏଥିରେ ସୁନାର କୌଣସି ଫିଜିକାଲ ନେଣଦେଣ ନ ଥାଏ। ୨୪ କ୍ୟାରେଟ୍ ସୁନାର କରେଣ୍ଟ ଭାଲ୍ୟୁ ଯାହା ଥିବ ସେହି ରେଟ୍‌ରେ ଏକ ବଣ୍ଡ ଇସ୍ୟୁ ହୋଇଥାଏ। ବର୍ଷକୁ ଏଥିରେ ୨.୫ ପ୍ରତିଶତ ସୁଧ ମିଳିଥାଏ। ଏହାର ମାଚୁରିଟି ପିରିୟଡ୍ ୮ବର୍ଷ ପର୍ଯ୍ୟନ୍ତ ରହିଥାଏ। ଯଦି ଆପଣଙ୍କୁ ମଝିରେ ଟଙ୍କା ଆବଶ୍ୟକ ପଡୁଛି ତେବେ ଏହାକୁ ୫ବର୍ଷ ପରେ କେତେବେଳେ ବି ଉଠାଇପାରିବେ। ଏଥିରେ ଅତି କମ୍‌ରେ ୧ଗ୍ରାମ୍‌ରୁ ଆରମ୍ଭ କରି ୪କି.ଗ୍ରା. ପର୍ଯ୍ୟନ୍ତ ଗୋଲ୍ଡ ଇନ୍‌ଭେଷ୍ଟମେଣ୍ଟ କରିପାରିବେ। ଏହାକୁ ଯେକୌଣସି ବ୍ୟକ୍ତି କିଣିପାରିବେ। ଏହାକୁ କୌଣସି କମର୍ସିଆଲ୍ ବ୍ୟାଙ୍କ୍‌ରେ ମଧ୍ୟ ଖୋଲିପାରିବେ।

**ସୁକନ୍ୟା ସମୃଦ୍ଧି ଯୋଜନା:** ଭାରତ ସରକାର ଝିଅମାନଙ୍କ ପାଇଁ ସୁକନ୍ୟା ସମୃଦ୍ଧି ଯୋଜନା ଆରମ୍ଭ କରିଛନ୍ତି; ଯେଉଁଥିରେ ଝିଅ ଜନ୍ମ ହେବାଠୁ ଆରମ୍ଭକରି ୧୦ ବର୍ଷ ପର୍ଯ୍ୟନ୍ତ ଏହି ଯୋଜନା ଅଧୀନରେ ଝିଅ ନାମରେ ଏକ ଖାତା ଖୋଲିପାରିବେ। ଏଥିରେ ଆପଣ ଅତିକମ୍‌ରେ ୨୫୦ଟଙ୍କାରୁ ଆରମ୍ଭ କରି ନିଜ ଇଚ୍ଛା ଅନୁସାରେ ଜମାରାଶି ରଖିପାରିବେ। ବର୍ଷକୁ ଏଥିରେ ୧,୫୦,୦୦୦ଟଙ୍କା ପର୍ଯ୍ୟନ୍ତ ଜମା କରିପାରିବେ। ଏହି ଯୋଜନା ଆପଣ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍‌ରେ ଖୋଲିପାରିବେ।

**ନ୍ୟାଶନାଲ ସେଭିଂ ସାର୍ଟିଫିକେଟ୍ (ଏନ୍‌ଏସ୍ ଏସ୍):** ଏହି ସରକାରୀ ନିବେଶ ଯୋଜନାକୁ ଆପଣ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍‌ରେ କିଣିପାରିବେ। ଏଥିରେ ଆପଣ ଅତିକମ୍‌ରେ ୧୦୦୦ଟଙ୍କା ନିବେଶ କରିପାରିବେ। ନ ହେଲେ ଏକସଙ୍ଗେ କିଛି ଟଙ୍କା ନିବେଶ କରିପାରିବେ। ନ ହେଲେ କିସ୍ତି ଆକାରରେ ବର୍ଷଙ୍କ ପାଇଁ ଟଙ୍କା ଜମା କରିପାରିବେ। ଏହାର ମାଚୁରିଟି ପିରିୟଡ୍ ୫ ବର୍ଷ ପର୍ଯ୍ୟନ୍ତ ରହିଛି। ଅତିବେଶିରେ ଏଥିରେ ବର୍ଷକୁ ଦେଢ଼ଲକ୍ଷ ଟଙ୍କା ନିବେଶ କରିପାରିବେ। ନିର୍ଦ୍ଧାରିତ ହୋଇଥିବା ରିଟର୍ନ ମାଚୁରିଟି ଉପରେ ମିଳିଥାଏ।

**ପୋଷ୍ଟ ଅଫିସ୍ ଇନ୍‌କମ୍ ସ୍କିମ୍ :** ଡାକଘରେ ଏମିତି କିଛି ନିବେଶ ଯୋଜନା ଅଛି, ଯେଉଁଥିରେ କେବଳ ଆପଣଙ୍କ ପଇସା ସୁରକ୍ଷିତ ରହିବ, ବଲ୍‌କି ରିଟର୍ନ ବି ଭଲ ନିୟମିତ ରୂପେ ମିଳିଥାଏ। ଏଥିରେ ନ୍ୟୂନତମ ଜମା ରାଶି ୧୦୦୦ଟଙ୍କା ଅଧିକ ହେଲେ ୪ଲକ୍ଷ ଟଙ୍କା ସିଙ୍ଗଲ ଆକାଉଣ୍ଟ ପାଇଁ ଏବଂ ୯ ଲକ୍ଷ ଜଏଣ୍ଟ ଆକାଉଣ୍ଟ ପାଇଁ ଜମା କରିପାରିବେ।




## ଏମାନେ କ'ଣ କରନ୍ତି



**ଦୀପିକା ଦାଶ,** ମ୍ୟାନେଜର ବ୍ୟାଙ୍କ ଅଫ୍ ବରୋଦା, କୋଲକାତା

ସବୁ ସ୍କିମ୍‌ର ଅଲଗା ଅଲଗା ଫାଇଦା ରହିଛି, ଯିଏ ଯେମିତି ଇନ୍‌ଭେଷ୍ଟ କରିପାରିଲେ। ଯଦି ଆପଣ ସୋଭେରେନ୍ ଗୋଲ୍ଡ ବଣ୍ଡ କିଣୁଛନ୍ତି ଏଥିରେ ସୁନା ଚୋରି ହେବାର ଭୟ ନ ଥାଏ। ଏହାକୁ ରଖିବା ଲାଗି ବ୍ୟାଙ୍କ ଲକରର ମଧ୍ୟ ଆବଶ୍ୟକ ନ ଥାଏ।



**ତରୁଲତା ଦାସ,** ଗୃହିଣୀ, ଆଇଟିଆଇ, ଅଙ୍ଗାରଗାଡ଼ିଆ, ବାଲେଶ୍ୱର

ଆମ ପିଲାର ଭବିଷ୍ୟତର ପାଠପଢ଼ା ପାଇଁ ଆମେ ଏଫ୍‌ଡି ଏବଂ ଆର୍‌ଡି କରିଛୁ। ଦୁଇଟି ଯାକ ଅଲଗା ଅଲଗା ବ୍ୟାଙ୍କରେ କରିଛୁ। ଏଫ୍‌ଡି (ଫିକ୍ସ ଡିପୋଜିଟ୍) କରିବା ପ୍ରାୟ ୪–୫ବର୍ଷ ହୋଇଥିବା ବେଳେ ଆର୍‌ଡି (ରିକରିଂ ଡିପୋଜିଟ୍ ) ୮ବର୍ଷ ହେବ ଖୋଲିଛୁ; ଯେଉଁଥିରେ ଇଣ୍ଟରେଷ୍ଟ ଟିକେ ଅଧିକ ମିଳୁଛି।

ସୌନ୍ଦର୍ଯ୍ୟ

# ଶାମ୍ପୋ କରିବା ସମୟରେ..

**କେଶକୁ ଆହୁରି ଆକର୍ଷଣୀୟ କରିବାରେ ଶାମ୍ପୋ ସାହାଯ୍ୟ କରିଥାଏ। ତେବେ ଏହାକୁ ବ୍ୟବହାର କରିବା ସମୟରେ କେତେକ ଦିଗ ପ୍ରତି ଦୃଷ୍ଟିଦେବାକୁ ପଡ଼ିଥାଏ। ନ ହେଲେ ତାହା କେଶକୁ କ୍ଷତି ପହଞ୍ଚାଇବା ଆଶଙ୍କା ରହିଛି। କେଶକୁ ସୁନ୍ଦର କରିବାକୁ କେତେକ'ଣ ଉପାୟ ପାଳନ କରିଥାଉ, ଯେମିତିକି ହେୟାର ସ୍ପା, ହେୟାର ମସାଜ୍, ହେୟାର ମାସ୍କ ଆଦି କେତେ କ'ଣ ଉପାୟ ଆପଣାଇଥାନ୍ତି। ତେବେ ଶାମ୍ପୋର ବ୍ୟବହାର କିପରି କରିବେ ଜାଣନ୍ତୁ ସେ ସମ୍ପର୍କରେ....**






**ଶାମ୍ପୋ କରିବା ପୂର୍ବରୁ**

କେତେକ ଶାମ୍ପୋକୁ ପାପୁଲିରେ ପକାଇ ତାକୁ ମୁଣ୍ଡରେ ଲଗାଇଲା ପରେ କେଶକୁ ଭଲଭାବେ ରଗଡ଼ି ତାକୁ ଭଲଭାବେ ପାଣିରେ ଧୋଇଥାନ୍ତି। ଶାମ୍ପୋ କରିବା ସମୟରେ ଏହାକୁ ସିଧାସଳଖ କେଶରେ ନ ଲଗାଇ ପାଣିରେ ମିଶାଇ ଲଗାନ୍ତୁ। କିନ୍ତୁ ଏପରି କରିବା ଜମା ବି ଠିକ୍ ନୁହେଁ। କାରଣ ଏହା କେଶକୁ ଡ୍ୟାମେଜ୍ କରିବାଦେବା ଆଶଙ୍କା ରହିଛି।

**ଶାମ୍ପୋ ପୂର୍ବରୁ ନିଶ୍ଚିତ ଲଗାନ୍ତୁ ତେଲ**

ହେୟାର ଏକ୍ସପର୍ଟଙ୍କ ମତରେ କେଶକୁ ଶାମ୍ପୋ କରିବା ପୂର୍ବରୁ ନିହାତି ତେଲ ଲଗାନ୍ତୁ। ଏପରି କରିବା ଦ୍ୱାରା କେଶ ଦୁର୍ବଳ ହେବନାହିଁ ଏବଂ ଷ୍ଟ୍ରଙ୍ଗ୍ ମଧ୍ୟ ରହିବ।

**ଅଏଲ ମସାଜ୍**

କେଶକୁ ଅଏଲ ମସାଜ୍ କରିବା ଦ୍ୱାରା କେଶ ଝଡ଼େନାହିଁ। ଏପରି କରିବା ଦ୍ୱାରା କେଶ କେମିକାଲ ଫ୍ରି ରହିଥାଏ। ଏହାଦ୍ୱାରା କେଶ କେବେ ବି ଡ୍ରାଏ ହୁଏ ନାହିଁ । ଫଳରେ କେଶ ବି ମୁଲାୟମ ରହିଥାଏ।

ଖାଦ୍ୟରୁଚି

# କ୍ରିସ୍ପି ଭେଣ୍ଡି ପପ୍‌କର୍ନ

**ଆବଶ୍ୟକ ସାମଗ୍ରୀ:** ୨୫୦ଗ୍ରାମ୍ ଭେଣ୍ଡି, ୧କପ୍ ମଇଦା, ଅଧା କପ୍ କର୍ନଫ୍ଲୋର, ଅଧାକପ ବ୍ରେଡ୍‌ଗୁଣ୍ଡ, ଅଧା ଚାମଚ ହଳଦୀ ପାଉଡର, ୧ ଚାମଚ କଶ୍ମୀରୀ ମିର୍ଚ୍ଚ ପାଉଡର, ଅଧା ଚାମଚ ଗରମ ମସଲା, ୧ ଚାମଚ ଆମଚୁର ପାଉଡର, ଆବଶ୍ୟକ ପରିମାଣର ତେଲ, ସ୍ୱାଦାନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** କ୍ରିସ୍ପି ଭେଣ୍ଡି ପପ୍‌କର୍ନ କରିବାକୁ ହେଲେ ପ୍ରଥମେ ଭେଣ୍ଡିକୁ ଭଲଭାବେ ଧୋଇଦିଅନ୍ତୁ। ଏହା ପରେ ଧୁଆ ହୋଇଥିବା ଭେଣ୍ଡିକୁ କପଡ଼ା ସାହାଯ୍ୟରେ ଭଲଭାବେ ପୋଛିଦିଅନ୍ତୁ। ଭେଣ୍ଡିକୁ ଛୋଟ ଛୋଟ ଖଣ୍ଡ କରି କାଟିଦିଅନ୍ତୁ। ଏବେ ଏହି କଟାହୋଇଥିବା ଭେଣ୍ଡିକୁ ଅନ୍ୟ ଏକ ବଡ଼ ପାତ୍ରରେ ରଖନ୍ତୁ। ଏହା ପରେ ଏହି କଟା ଭେଣ୍ଡିରେ ହଳଦୀ, କଶ୍ମୀରୀ ମିର୍ଚ୍ଚ ପାଉଡର, ଗରମ ମସଲା ଓ ଆମଚୁର ପାଉଡର ସହିତ ଏଥିରେ ମଧ୍ୟ ୨ ଚାମଚ କର୍ନଫ୍ଲୋର ଓ ଅଳ୍ପ ପରିମାଣର ଲୁଣ ପକାନ୍ତୁ ଏବଂ ଆବଶ୍ୟକ ମୁତାବକ ପାଣି ନିଅନ୍ତୁ। ଭେଣ୍ଡିକୁ ଭଲଭାବେ ଗୋଳାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଭେଣ୍ଡିକୁ ଏବେ ମେରିନେଟ୍ କରି ୧୫ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହା ପରେ ଏହି ମେରିନେଟ୍ ଭେଣ୍ଡିକୁ ମଇଦା, କର୍ନଫ୍ଲୋରରେ ବୁଡ଼ାଇ, ବ୍ରେଡ୍‌ଗୁଣ୍ଡରେ ପକାଇ ଭଲଭାବେ କୋଟ୍ କରି ଦିଅନ୍ତୁ। ଏବେ କଡ଼େଇରେ ତେଲ ଗରମ କରନ୍ତୁ। ଭେଣ୍ଡିକୁ ପକାଇ ଭଲଭାବେ ଫ୍ରାଏ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ଆପଣଙ୍କର କ୍ରିସ୍ପି ଭେଣ୍ଡି ପପ୍‌କର୍ନ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


Symphony®
Thinking of Tomorrow
ମାର୍ଚ୍ଚ
ମେ
ଜୁଲାଇ
ମାସ ବଦଳିବ, କିନ୍ତୁ ଶୀତଳତା ନୁହେଁ ।
ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭାବନ୍ତୁ ଏବଂ ଘରକୁ ସିମ୍ଫୋନୀ କୁଲର୍ ଆଣନ୍ତୁ
ଏହାର CFD ଜ୍ଞାନକୌଶଳ ସାରା ସିଜନ୍ ପାଇଁ ଦିଏ ସମ୍ପୂର୍ଣ୍ଣ କୁଲିଂ ର ପ୍ରତିଶ୍ରୁତି
www.symphonylimited.com
କଷ୍ଟମର କେୟାର
symphonylimited.com/care
Call: 079-35235235 / 9510976161
WhatsApp 'Hi' on: 9510976161
EMI FINANCE
ସହଜିଆ ଫାଇନାନ୍ସ ବିକଳ୍ପ ଉପଲବ୍ଧ
ବଡ଼ା ବଡ଼ା ମଡେଲରେ ବଡ଼ା ବଡ଼ା ସହରରେ
Shop here
Available at all leading outlets &
Symphony e-Shop
shop.symphonylimited.com
PATRA ELECTRONICS
RAJ ELECTRONICS
GUPTA DISTRIBUTORS
Reliance digital
croma A TATA Enterprise
Reliance SMART
For more details, contact : 7227054734, 9337890169